# ଧରିତ୍ରୀ
DHARITRI

ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୪/୨୦୨୫ (୧୪ ପୃଷ୍ଠା) | Bhubaneswar, Thursday, July 24/2025 | Page 14 | ₹ 7.00

୫୧ଶ ଭାଗ ୨୩୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 51 ISSUE 239 | ମୂଲ୍ୟ ₹୭/-




## ଜୟସ୍ୱାଲଙ୍କ ଅର୍ଦ୍ଧଶତକ

ମାଞ୍ଚେଷ୍ଟରଠାରେ ବୁଧବାର ଆରମ୍ଭ ହୋଇଥିବା ଇଂଲଣ୍ଡ ବିପକ୍ଷ ଚତୁର୍ଥ କ୍ରିକେଟ ଟେଷ୍ଟରେ ଅର୍ଦ୍ଧଶତକ ହାସଲ କରିଛନ୍ତି ଭାରତର ଯଶସ୍ୱୀ ଜୟସ୍ୱାଲ।

୧୪

୧୩

## ଭାଗ୍ୟକୁ ଦୋଷ ଦେଲେ ଅନନ୍ୟା

ଚଙ୍କି ତନୟା ଅନନ୍ୟା ପାଣ୍ଡେ ଏବେ ତାଙ୍କର ବଲିଉଡ୍ ଅବସ୍ଥାକୁ ଦେଖି ନିଜ ଭାଗ୍ୟକୁ ହିଁ ଦୋଷ ଦେଉଛନ୍ତି।






(ଫଟୋ -ମନୋରଞ୍ଜନ ମିଶ୍ର)

ଛାତ୍ରୀମାନଙ୍କର ସୁରକ୍ଷାକୁ ସୁନିଶ୍ଚିତ କରିବା ଏବଂ ଶିକ୍ଷାନୁଷ୍ଠାନ ନିକଟରେ ମାଦକ ଦ୍ରବ୍ୟ ବିକ୍ରି ବନ୍ଦ କରିବା ଆଦି ବିଭିନ୍ନ ପ୍ରସଙ୍ଗରେ ଏଆଇଡିଏସ୍‌ଓ ପକ୍ଷରୁ ବୁଧବାର ଭୁବନେଶ୍ୱରରେ ଆୟୋଜିତ ବିକ୍ଷୋଭ ଶୋଭାଯାତ୍ରା।

# ଓଡ଼ିଶାର ୨୮% ଶିଶୁ ଶାରୀରିକ ଅବିକଶିତ

**ଓଡ଼ିଶାର ୬ ବର୍ଷରୁ କମ୍ ପ୍ରାୟ ୨୮ ପ୍ରତିଶତ ଶିଶୁ ଅବିକଶିତ ବା ଶାରୀରିକଭାବେ ଦୁର୍ବଳ ହୋଇଥିବାବେଳେ ୧୨ ପ୍ରତିଶତ କୁପୋଷଣର ଶିକାର। ସେହିପରି ଶୂନରୁ ୫ ବର୍ଷ ବୟସ ମଧ୍ୟରେ ୩.୨୧ ପ୍ରତିଶତ ପିଲା ଉଚ୍ଚତା ତୁଳନାରେ ପତଳା ହୋଇଥିବାବେଳେ ୧୧.୬୩ ପ୍ରତିଶତଙ୍କ ଓଜନ ବହୁତ କମ୍ ବୋଲି କେନ୍ଦ୍ର ସରକାରଙ୍କ ଜୁନ୍ ମାସର ପୋଷଣ ଟ୍ରାକର ତଥ୍ୟରୁ ଜଣାପଡ଼ିଛି, ଯାହାକି ଦୀର୍ଘକାଳୀନ କୁପୋଷଣକୁ ସୂଚିତ କରୁଛି। ତେବେ ରାଜ୍ୟ ତୁଳନାରେ ସାରା ଦେଶର ସ୍ଥିତି ଅଧିକ ଚିନ୍ତାଜନକ ରହିଛି। ଏ କ୍ଷେତ୍ରରେ ସମଗ୍ର ଦେଶର ସ୍ଥିତିକୁ ଦେଖିଲେ ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ନାମ ଲେଖାଇଥିବା ୫ ବର୍ଷରୁ କମ୍ ପିଲାଙ୍କ ମଧ୍ୟରୁ ୩୮.୯% ଶାରୀରିକ ଭାବେ ଦୁର୍ବଳ ଏବଂ ୧୭% କୁପୋଷଣର ଶିକାର। ୫.୨% ପିଲା ଉଚ୍ଚତା ତୁଳନାରେ ପତଳା।**

- **୧୨% କୁପୋଷଣର ଶିକାର**
- **ପୋଷଣ ଟ୍ରାକର ତଥ୍ୟ**

**ନୂଆଦିଲ୍ଲୀ,୨୩।୭**

ପୋଷଣ ଟ୍ରାକର ହେଉଛି ଭାରତ ସରକାରଙ୍କ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା କାର୍ଯ୍ୟକାରୀ ହୋଇଥିବା ଏକ ମୋବାଇଲ ଭିତ୍ତିକ ଆପ୍ଲିକେଶନ। ଏଥିରେ ବ୍ୟବହୃତ ପ୍ରଯୁକ୍ତି ପିଲାମାନଙ୍କ ମଧ୍ୟରେ ଶାରୀରିକ ଦୁର୍ବଳ, କୁପୋଷଣ ଏବଂ କମ୍ ଓଜନ ପିଲାଙ୍କୁ ଚିହ୍ନଟ କରିଥାଏ। ଗର୍ଭବତୀ ମହିଳା, ସ୍ତନ୍ୟପାନ କରାଉଥିବା ମାଆ, ୬ ବର୍ଷ ବୟସ ପର୍ଯ୍ୟନ୍ତ ଶିଶୁ ଏବଂ କୁମାରୀମାନେ ଏହାର ହିତାଧିକାରୀ। ସୁପରଭାଇଜର, ସିଡିପିଓ ଏବଂ ଡିପିଓଙ୍କ ଜରିଆରେ ହିତାଧିକାରୀମାନଙ୍କ ବିକାଶର ପର୍ଯ୍ୟବେକ୍ଷଣ କରାଯିବା ସହ ମାସିକ ରିପୋର୍ଟ ପ୍ରସ୍ତୁତ କରାଯାଇଥାଏ। ପୋଷଣ ଟ୍ରାକରରୁ ଉପଲବ୍ଧ କମ୍ ଓଜନ ଓ ଅତି ଦୁର୍ବଳ ପିଲାମାନଙ୍କ ସ୍ତର ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ, ୨୦୧୯-୨୦ (ଏନ୍‌ଏଫ୍‌ଏଚ୍‌ଏସ୍‌୫)ରେ ପୂର୍ବାନୁମାନ କରାଯାଇଥିବା ସ୍ତରଠାରୁ ଯଥେଷ୍ଟ କମ୍।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଶିଶୁ ଅଭିବୃଦ୍ଧି ମାନକ ଅନୁଯାୟୀ, ବିକାଶ ନ ହେବା ଦ୍ୱାରା ପିଲାର ଶାରୀରିକ ଏବଂ ମାନସିକ କ୍ଷତି ଘଟିଥାଏ। ଜଣେ ଅବିକଶିତ ଶିଶୁର ବୟସ ତୁଳନାରେ ଉଚ୍ଚତା କମ୍ ହୋଇଥାଏ, ଉପଯୁକ୍ତ ବିକାଶିତ ହୋଇ ନ ଥାଏ ଏବଂ ବୃଦ୍ଧିର ଗୁରୁତ୍ୱପୂର୍ଣ୍ଣ ସମୟ ବା ଶୈଶବାବସ୍ଥାରେ ଦୀର୍ଘସମୟ କୁପୋଷଣରେ ରହିଥାଏ ବୋଲି ଶିଶୁରୋଗ ବିଶେଷଜ୍ଞମାନେ କହିଛନ୍ତି। ଅଣ୍ଡରୱେଟ୍ ଶିଶୁମାନଙ୍କ ଉଚ୍ଚତା ତୁଳନାରେ ଓଜନ ବହୁତ କମ୍ ହୋଇଥାଏ। ମୁଖ୍ୟତଃ କୁପୋଷଣ ଏବଂ ଅସ୍ୱାସ୍ଥ୍ୟକର ସ୍ଥିତି ପାଇଁ ୫ ବର୍ଷରୁ କମ୍ ବୟସର ପିଲାଙ୍କଠାରେ ଏହା ଦେଖାଦେଇଥାଏ।

# ରାଜ୍ୟର ସବୁ ବିଦ୍ୟାଳୟରେ ଲାଗିବ ସିସିଟିଭି

**ଭୁବନେଶ୍ୱର,୨୩।୭ (ସୁଚିସ୍ମିତା ସାହୁ)**

ସମ୍ପ୍ରତି ରାଜ୍ୟର ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀଙ୍କ ସୁରକ୍ଷା ଏକ ବଡ଼ ଆହ୍ୱାନ ସୃଷ୍ଟି କରିଛି। ନିକଟରେ ବାଲେଶ୍ୱରର ଏଫ୍.ଏମ୍. କଲେଜ ପରିସରରେ ଜଣେ ଛାତ୍ରୀ ଯୌନ ନିର୍ଯାତନା ପ୍ରତିବାଦରେ ଆତ୍ମାହୁତି ଦେବା ଘଟଣା ପରେ ଶିକ୍ଷା ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ରାଜ୍ୟ ସରକାର ଛାତ୍ରୀମାନଙ୍କ ସୁରକ୍ଷା ଓ କଲ୍ୟାଣ ସୁନିଶ୍ଚିତ କରିବା ଲକ୍ଷ୍ୟରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛନ୍ତି। ଛାତ୍ରୀଙ୍କ ସୁରକ୍ଷା ପାଇଁ ଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟଗୁଡ଼ିକରେ ଇଣ୍ଟରନାଲ କମ୍ପ୍ଲେନ କମିଟି (ଆଇସିସି) ଗଠନ କରାଯିବା ସହ ଛାତ୍ରୀଛାତ୍ରଙ୍କ ପାଇଁ ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି। ବିଦ୍ୟାଳୟ ପରିସରରେ ପିଲାଙ୍କ ସୁରକ୍ଷାକୁ ପ୍ରାଧାନ୍ୟ ଦିଆଯାଉଛି। ଗତ ୨୧ ତାରିଖରେ ସିବିଏସ୍‌ଇ ସବୁ ସ୍କୁଲରେ ଛାତ୍ରୀଛାତ୍ରଙ୍କ ସୁରକ୍ଷା ପାଇଁ ସିସିଟିଭି କ୍ୟାମେରା ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଲିପିର କ୍ରମବିକାଶ**

# ବିଜେଡିକୁ ଅକଳରେ ପକାଇଲା କଂଗ୍ରେସ

## ଅନାସ୍ଥା ଆଣ ନ ହେଲେ ସହଯୋଗ କର: ଭକ୍ତ

**ଭୁବନେଶ୍ୱର,୨୩।୭ (ରବିନାରାୟଣ ଜେନା, ସୁନିତ୍ ମିଶ୍ର)**

ରାଜ୍ୟରେ ଦିନକୁ ଦିନ ବଢ଼ି ଚାଲିଥିବା ନାରୀ ନିର୍ଯାତନା ଘଟଣାକୁ ନେଇ କଂଗ୍ରେସ ଏବେ ସମ୍ମୁଖ ଯୁଦ୍ଧକୁ ବାହାରିଛି। ଗୋଟିଏ ଗୁଳିରେ ଦୁଇଟି ଶିକାର ନ୍ୟାୟରେ ରାଜ୍ୟ ସରକାରଙ୍କ ସହିତ ପ୍ରମୁଖ ବିରୋଧୀ ବିଜେଡିକୁ ଟାର୍ଗେଟ କରିଛି। ବାଲେଶ୍ୱର ଫକୀର ମୋହନ ଛାତ୍ରୀଙ୍କ ଆତ୍ମାହୁତି ଏବଂ ପୁରୀ ଜିଲା ବଳଙ୍ଗାରେ ଛାତ୍ରୀଙ୍କୁ ପୋଡ଼ି ମାରିବା ଘଟଣାକୁ ନେଇ ସୁପ୍ରିମକୋର୍ଟ ଦେଇଥିବା ମନ୍ତବ୍ୟକୁ କଂଗ୍ରେସ ପ୍ରସଙ୍ଗ କରିଛି। ଗୋଟିଏପଟେ ମା'କୁ ସମ୍ମାନର ନାରା ଦେଉଥିବା ବିଜେଡିକୁ ସରକାରଙ୍କ ବିରୋଧରେ ଅନାସ୍ଥା ଆଣିବାକୁ ଆହ୍ୱାନ ଦେଇଥିବାବେଳେ ଅନ୍ୟପକ୍ଷରେ କଂଗ୍ରେସ ଛାତ୍ରନେତା ଉଦିତ ପ୍ରଧାନଙ୍କ ଗିରଫଦାରିରୁ ଦଳକୁ ଯେଉଁ କ୍ଷତି ପହଞ୍ଚିଛି, ସେଥିରୁ ମୁକୁଳିବା ପାଇଁ ରଣନୀତି ଚଳାଇଛି। ଭକ୍ତଙ୍କ ଅନାସ୍ଥା ପ୍ରସଙ୍ଗ ଉପରେ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ରଖି ନ ଥିବାବେଳେ ସରକାରଙ୍କ ପକ୍ଷରୁ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହାର କଡ଼ା ଜବାବ ରଖିଛନ୍ତି । ସେ କହିଛନ୍ତି ଯେ, କଂଗ୍ରେସ ଦିବାସ୍ୱପ୍ନ ଦେଖୁଛି। କଂଗ୍ରେସର ଏଭଳି ଅତର୍କିତ ଆକ୍ରମଣକୁ ନେଇ ରାଜ୍ୟ ରାଜନୀତି ଏବେ ସରଗରମ ହୋଇ ଉଠିଛି।

ବୁଧବାର କଂଗ୍ରେସ ଭବନରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପିସିସି ସଭାପତି ଭକ୍ତ ଚରଣ ଦାସ କହିଛନ୍ତି, ବିଜେଡି ମା'କୁ ସମ୍ମାନର କଥା କହିଆସୁଥିଲା। ହେଲେ ଏବେ ରାଜ୍ୟରେ ପ୍ରତିଦିନ କେଉଁଠି ନା କେଉଁଠି ସଂଖ୍ୟାଧିକ ନାରୀ ନିର୍ଯାତିତ ହେଉଛନ୍ତି। ଏହି ପରିପ୍ରେକ୍ଷୀରେ ଆମେରିକା ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଆଡଭାଇଜରିରେ ନାରୀମାନଙ୍କ ପାଇଁ ଓଡ଼ିଶା ଅସୁରକ୍ଷିତ ସ୍ଥାନ ବୋଲି କୁହାଯାଇ ସାରିଛି। ସେତେବେଳେ ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ଘଟଣା ହୋଇଥିବାବେଳେ ଏବେ ବାଲେଶ୍ୱର ଛାତ୍ରୀଙ୍କ ଆତ୍ମାହୁତି ଏବଂ ବଳଙ୍ଗାରେ ଛାତ୍ରୀଙ୍କୁ ପୋଡ଼ିବା ଭଳି ଘଟଣାକୁ ନେଇ ସୁପ୍ରିମକୋର୍ଟ ନିଜକୁ ଲଜ୍ଜା ଅନୁଭବ ହେଉଛି ବୋଲି ତାଙ୍କ ମନ୍ତବ୍ୟରେ କହିସାରିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କର ଆଉ ତିଳେ ହେଲେ ବି କ୍ଷମତାରେ ରହିବାର ଅଧିକାର ନାହିଁ ବୋଲି ଭକ୍ତ କହିଛନ୍ତି। ସେ କହିଛନ୍ତି ଯେ, ସରକାର ନିଜଆଡୁ ଇସ୍ତଫା ଦିଅନ୍ତୁ, ନଚେତ୍ ଆମେ ବାହାର କରିଦେବୁ। ମହିଳାଙ୍କ ସୁରକ୍ଷା କଥା କହୁଥିବା ବିଜେଡି ଏବେ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ(ନୋ-କନ୍‌ଫିଡେନ୍ସ ମୋଶନ) ଆଣୁ ଆମେ ସମର୍ଥନ ଦେବୁ, ନଚେତ୍ କଂଗ୍ରେସ ବିଧାନସଭାରେ ଅନାସ୍ଥା ପ୍ରସ୍ତାବ ଆଣିବ, ତାକୁ ବିଜେଡି ସମର୍ଥନ ଦେଉ ବୋଲି ସେ ଆହ୍ୱାନ ଦେଇଛନ୍ତି। ୧୩ ମାସ ଧରି ନାରୀକୁ ନ୍ୟାୟ ଦେବା ଲାଗି କଂଗ୍ରେସ ପକ୍ଷରୁ ଯେଉଁ ରଣକୌଶଳ ଆରମ୍ଭ ହୋଇଥିଲା ତାହା ଏବେ ନିର୍ଣ୍ଣାୟକ ମୋଡ଼ ନେଇଛି। ବୁଧବାର ଭକ୍ତଙ୍କ ଏହି ରାଜନୈତିକ ଫାଶ କେବଳ ଯେ ରାଜ୍ୟ ସରକାରଙ୍କ ପାଇଁ ଅଡୁଆ ସୃଷ୍ଟି କରିବ ତାହା ନୁହେଁ, ବିଜେଡି ଲାଗି ଅଧିକ ଆହ୍ୱାନ ରହିବ ଏବଂ ନିଜ ଦଳକୁ ସୁରକ୍ଷିତ ରଖିବ ବୋଲି ରାଜନୈତିକ ☞ପୃଷ୍ଠା-୪

# ଗାଜିଆବାଦରେ ୭ ବର୍ଷ ଧରି ଚାଲିଥିଲା ନକଲି ଦୂତାବାସ

**ଗାଜିଆବାଦ, ୨୩।୭**





ଗିରଫ ହର୍ଷବର୍ଦ୍ଧନ ଜୈନ ଓ ନକଲି ଦୂତାବାସ।

ଉତ୍ତରପ୍ରଦେଶର ଗାଜିଆବାଦରୁ ଏକ ଆଶ୍ଚର୍ଯ୍ୟଜନକ ମାମଲା ସାମ୍ନାକୁ ଆସିଛି। ୟୁପି ପୋଲିସର ସ୍ପେଶାଲ ଟାସ୍କଫୋର୍ସ (ଏସ୍‌ଟିଏଫ୍)ର ନଏଡା ଟିମ୍ ବୁଧବାର ସ୍ଥାନୀୟ କବୀରନଗର ଅଞ୍ଚଳରେ ଦୀର୍ଘ ୭ ବର୍ଷ ଧରି ଚାଲୁଥିବା ଏକ ବେଆଇନ ଦୂତାବାସର ପର୍ଦ୍ଦାଫାଶ କରିଛି। ଏହି ବେଆଇନ ଦୂତାବାସକୁ ସଞ୍ଚାଳିତ କରୁଥିବା ହର୍ଷବର୍ଦ୍ଧନ ଜୈନ ନାମକ ଜଣେ ବ୍ୟକ୍ତିଙ୍କୁ ଏସ୍‌ଟିଏଫ୍ ଟିମ୍ ଗିରଫ କରିଛି। ହର୍ଷବର୍ଦ୍ଧନ ନିଜକୁ ୱେଷ୍ଟ ଆର୍କାଟିକା ନାମକ ଏକ କାଳ୍ପନିକ ଦେଶର କୂଟନୀତିଜ୍ଞ ଭାବେ ପରିଚୟ ଦେଇ ଜନସାଧାରଣଙ୍କୁ ଠକୁଥିଲେ। ତାଙ୍କ ନିକଟରୁ ବିଦେଶୀ କୂଟନୀତିଜ୍ଞଙ୍କ ପାଇଁ ବ୍ୟବହୃତ ଅନେକ ଗାଡ଼ିର ନମ୍ବର ପ୍ଲେଟ୍ ଜବତ କରାଯାଇଛି। ସେହିପରି ତାଙ୍କ ନିକଟରୁ ୪ ବିଳାସପୂର୍ଣ୍ଣ ଗାଡ଼ି, ୧୨ ନକଲି ପାସ୍‌ପୋର୍ଟ, ବହିର୍ବ୍ୟାପାର ମନ୍ତ୍ରଣାଳୟର ମୋହର ଲାଗିଥିବା ନକଲି ଦସ୍ତାବିଜ, ୨ ନକଲି ପାନ୍ କାର୍ଡ, ନଗଦ ୪୪ ଲକ୍ଷ ଟଙ୍କା ଜବତ କରାଯାଇଛି। ସେ ପ୍ରଧାନମନ୍ତ୍ରୀ ଏବଂ ରାଷ୍ଟ୍ରପତିଙ୍କ ଫଟୋ ସହ ନିଜ ଫଟୋକୁ ଏଡିଟ୍ କରି ଲୋକଙ୍କୁ ଦେଖାଇ ସେମାନଙ୍କର ବିଶ୍ୱାସ ଭାଜନ ହୋଇପାରୁଥିଲେ। ହର୍ଷବର୍ଦ୍ଧନ ଜଣେ ଦଲାଲ ଭାବେ କାର୍ଯ୍ୟ କରୁଥିଲେ ଏବଂ ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଓ ବିଦେଶରେ ନିଯୁକ୍ତି ଦେବାର ପ୍ରଲୋଭନ ଦେଇ ଠକୁଥିଲେ ବୋଲି ୟୁପି ଏସ୍‌ଟିଏଫ୍‌ର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି। ସେ କିଛି ସେଲ୍ କମ୍ପାନୀ ସହଯୋଗରେ ହୱାଲା ରାକେଟ ଚଳାଉଥିବା ନେଇ ପୋଲିସ ସନ୍ଦେହ କରୁଛି। ଘଟଣାର ତଦନ୍ତ ଜାରି ରହିଛି। ପୂର୍ବରୁ ୨୦୧୧ରେ ଏକ ସାଟେଲାଇଟ୍ ଫୋନ୍ ଜବତ ମାମଲାରେ ମଧ୍ୟ ହର୍ଷବର୍ଦ୍ଧନ ଗିରଫ ହୋଇଥିଲେ।




**ବେଙ୍ଗାଲୁରୁ ବସ୍‌ଷ୍ଟାଣ୍ଡରେ ବିସ୍ଫୋରକ ସାମଗ୍ରୀ**

ବେଙ୍ଗାଲୁରୁସ୍ଥିତ କାଲ୍‌ସିପାଲ୍ୟା ବିଏମ୍‌ଟିସି ବସ୍‌ଷ୍ଟାଣ୍ଡ ପରିସର ଶୌଚାଳୟ ସମ୍ମୁଖରୁ ବୁଧବାର ୬ ଜିଲେଟିନ୍ ଷ୍ଟିକ୍ ଏବଂ ଡେଟୋନେଟର ଜବତ ହୋଇଛି। ଏନେଇ ବିଏମ୍‌ଟିସି ବସ୍‌ଷ୍ଟାଣ୍ଡରେ ଆତଙ୍କ ଖେଳିଯାଇଥିଲା। କାଲ୍‌ସିପାଲ୍ୟା ଥାନା ପୋଲିସ ଏବଂ ଆଣ୍ଟି ଟେରୋରିଷ୍ଟ ସ୍କ୍ୱାଡ୍ ବସ୍‌ଷ୍ଟାଣ୍ଡରେ ପହଞ୍ଚି ବିସ୍ଫୋରକ ସାମଗ୍ରୀକୁ ଜବତ କରିବା ସହ ସମ୍ପୂର୍ଣ୍ଣ ଅଞ୍ଚଳରେ ସର୍ଚ୍ଚ ଅପରେଶନ କରିଥିଲେ।

# ୨୮ରୁ ଅପରେଶନ ସିନ୍ଦୂର ଉପରେ ବିତର୍କ

## ତୃତୀୟ ଦିନ ପାଇଁ ପାର୍ଲାମେଣ୍ଟ ଅଚଳ

ନୂଆଦିଲ୍ଲୀ, ୨୩।୭


ରାଜ୍ୟ ସଭାରେ ବିରୋଧୀ ସଦସ୍ୟମାନେ ବିହାର ଭୋଟର ତାଲିକା ସଂଶୋଧନକୁ ବିରୋଧ କରି ହଟଗୋଳ କରୁଛନ୍ତି।।

ଅପରେଶନ ସିନ୍ଦୂର ଉପରେ ପାର୍ଲାମେଣ୍ଟରେ ଆଲୋଚନା ପାଇଁ ବିରୋଧୀ ଦଳଗୁଡ଼ିକ ଅଡ଼ିବସିଥିବାବେଳେ ପ୍ରଧାନମନ୍ତ୍ରୀ ଏହି ପ୍ରସଙ୍ଗରେ ଜବାବ ରଖନ୍ତୁ ବୋଲି ଦାବି କରିଥିଲେ। ସରକାର ସେମାନଙ୍କ ଦାବିକୁ ଗ୍ରହଣ କରି ଆସନ୍ତା ୨୮ ତାରିଖରୁ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେଶନ ସିନ୍ଦୂର ଉପରେ ପାର୍ଲାମେଣ୍ଟର ଉଭୟ ସଦନରେ ୧୬ ଘଣ୍ଟା ଲେଖାଏ ବିତର୍କ ପାଇଁ ରାଜି ହୋଇଛନ୍ତି। ଲୋକ ସଭାରେ ୧୬ ଘଣ୍ଟା ଆଲୋଚନା ପାଇଁ ଗତ ୨୧ରେ ଅନୁଷ୍ଠିତ ବିଜ୍‌ନେସ୍ ଆଡଭାଇଜରି କମିଟି ବୈଠକରେ ସରକାର ନିଷ୍ପତ୍ତି ନେଇଥିଲେ। ବୁଧବାର ରାଜ୍ୟ ସଭା ଆଡଭାଇଜରି କମିଟିରେ ମଧ୍ୟ ଅନୁରୂପ ନିଷ୍ପତ୍ତି ନିଆଯାଇଛି। ଯଦି କୌଣସି ବିଶୃଙ୍ଖଳା ନ ହୁଏ, ତେବେ ଲୋକ ସଭାରେ ୨୮ରୁ ଏବଂ ରାଜ୍ୟ ସଭାରେ ତା' ପରଦିନରୁ ଉପରୋକ୍ତ ପ୍ରସଙ୍ଗରେ ଆଲୋଚନା ହେବ।

ପହଲଗାମ୍ ଆକ୍ରମଣ, ଅପରେଶନ ସିନ୍ଦୂର, ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରାଇଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦାବି, ନିର୍ବାଚନ ହେବାକୁ ଥିବା ବିହାରରେ ଭୋଟର ତାଲିକାର ସ୍ପେଶାଲ ଇଣ୍ଟେନ୍‌ସିଭ୍ ରିଭିଜନ(ଏସ୍‌ଆଇଆର୍) ଆଦି ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଉତ୍ତର ରଖିବା ଦାବିରେ ବିରୋଧୀ ଅଟଳ ରହିଥିବାରୁ ସୋମବାର ମୌସୁମୀ ଅଧିବେଶନ ଆରମ୍ଭ ଦିନରୁ ଉଭୟ ଗୃହରେ ଅଚଳାବସ୍ଥା ଲାଗିରହିଛି। ତେବେ ପ୍ରଧାନମନ୍ତ୍ରୀ ପାର୍ଲାମେଣ୍ଟରେ ଜବାବ ରଖିବା ନେଇ ସରକାରଙ୍କ ପକ୍ଷରୁ କୌଣସି ପ୍ରତିଶ୍ରୁତି ଦିଆଯାଇ ନାହିଁ। ୪ଦିନିଆ ବିଦେଶ ଗସ୍ତ ସାରି ପ୍ରଧାନମନ୍ତ୍ରୀ ଫେରୁଥିବାରୁ ସେ ଆଲୋଚନା ସମୟରେ ଉପସ୍ଥିତ ରହିବା ଆଶା କରାଯାଉଛି।

ବୁଧବାର ରାଜ୍ୟ ସଭାରେ ବିରୋଧୀ ସଦସ୍ୟମାନେ ବିହାର ଏସ୍‌ଆଇଆର୍ ଦାବିରେ ହଟ୍ଟଗୋଳ ଜାରି ରଖିବାରୁ ଗୃହକୁ ଦିନକ ପାଇଁ ମୁଲତବୀ ଘୋଷଣା କରାଯାଇଛି। ପ୍ରଥମେ ପୂର୍ବାହ୍ନ ୧୧ଟାରେ ଗୃହ ମୁଲତବୀ ହୋଇଥିବାବେଳେ ମଧ୍ୟାହ୍ନ ସମୟରେ ଦ୍ୱିତୀୟ ମୁଲତବୀ ହୋଇଥିଲା। ଅପରାହ୍ନ ୨ଟାରେ ଗୃହକାର୍ଯ୍ୟ ଆରମ୍ଭ ହେବାମାତ୍ରେ ବିରୋଧୀ ପୁନର୍ବାର ବିରୋଧ ଜାରି ରଖିବାରୁ ଦିନକ ପାଇଁ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା। ବିହାର ଭୋଟର ତାଲିକା ସଂଶୋଧନ ପ୍ରସଙ୍ଗକୁ ନେଇ ବିରୋଧୀଙ୍କ ହଟ୍ଟଗୋଳ ଯୋଗୁ ଲୋକ ସଭା ବୁଧବାର ଅପରାହ୍ନ ୨ଟାରୁ ଦିନକ ପାଇଁ ମୁଲତବୀ ରଖାଯାଇଛି। ଫଳରେ ମୌସୁମୀ ଅଧିବେଶନ କ୍ରମାଗତ ୩ ଦିନ ହେଲା ଧୋଇଯାଇଛି। ପାର୍ଲାମେଣ୍ଟ ଅଧିବେଶନ ଚାଲିଥିବା ବେଳେ ପ୍ରତି ମିନିଟ୍ ପାଇଁ ୨.୫ ଲକ୍ଷ ଖର୍ଚ୍ଚ ହୋଇଥାଏ। ତଦନୁଯାୟୀ ଦେଖିଲେ ୩ ଦିନ ହେଲା ଉଭୟ ଗୃହରେ ଅଚଳାବସ୍ଥା ଲାଗି ରହିଥିବାରୁ ୨୩ କୋଟି ଟଙ୍କା ବରବାଦ ହେଲାଣି।



ବିହାର ଭୋଟର ତାଲିକାରେ ସ୍ୱତନ୍ତ୍ର ସଂଶୋଧନକୁ ବିରୋଧ କରି କଂଗ୍ରେସ ଏମ୍‌ପି ପ୍ରିୟଙ୍କା ଗାନ୍ଧୀ ଭଦ୍ରା, ସମାଜବାଦୀ ପାର୍ଟି ଏମ୍‌ପି ଜୟା ବଚ୍ଚନ, ଡିଏମ୍‌କେର କାନିମୋଝି ପ୍ରମୁଖ ଇଣ୍ଡିଆ ବ୍ଲକ ସଦସ୍ୟମାନେ ପାର୍ଲାମେଣ୍ଟ ପରିସରରେ ବିକ୍ଷୋଭ କରୁଛନ୍ତି।

## ସଂକ୍ଷେପରେ

### ଜଷ୍ଟିସ୍ ବର୍ମାଙ୍କ ପିଟିଶନ ଶୁଣାଣି ପାଇଁ ଗ୍ରହଣ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୩।୭(ପି.ଟି.)

ସରକାରୀ ବାସଭବନ ପରିସରରୁ ବିପୁଳ ଟଙ୍କା ଜବତ ହେବା ଘଟଣାରେ ପାର୍ଲାମେଣ୍ଟରେ ମହାଭିଯୋଗର ସମ୍ମୁଖୀନ ହେବାକୁ ଯାଉଥିବା ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ଯଶଓ୍ୱନ୍ତ ବର୍ମାଙ୍କ ଆବେଦନର ଶୁଣାଣି କରିବା ପାଇଁ ସୁପ୍ରିମକୋର୍ଟ ଖଣ୍ଡପୀଠ ଗଢ଼ିବେ ବୋଲି ବୁଧବାର କହିଛନ୍ତି। ଟଙ୍କା ଜବତ ଘଟଣାରେ ତତ୍କାଳୀନ ସିଜେଆଇ ସଞ୍ଜୀବ ଖାନ୍ନାଙ୍କ ଦ୍ୱାରା ଗଠିତ ତଦନ୍ତ କମିଟି ରିପୋର୍ଟରେ ଜଷ୍ଟିସ୍ ବର୍ମାଙ୍କୁ ଦୋଷୀ ବୋଲି ଦର୍ଶାଯାଇଥିଲା। ଉକ୍ତ ରିପୋର୍ଟକୁ ରଦ୍ଦ କରିବା ପାଇଁ ଜଷ୍ଟିସ୍ ବର୍ମା ସୁପ୍ରିମକୋର୍ଟରେ ପିଟିଶନ ଦାଏର କରିଥିଲେ। ଏଥିସହିତ ବର୍ମାଙ୍କ ବିରୋଧରେ ମହାଭିଯୋଗ ଆଣିବା ପାଇଁ ତତ୍କାଳୀନ ସିଜେଆଇ ସୁପାରିସ୍ କରିଥିବାବେଳେ ଏହାକୁ ରଦ୍ଦ କରିବା ନିମନ୍ତେ ମଧ୍ୟ ସେ ଆବେଦନ କରିଛନ୍ତି। ପ୍ରଧାନ ବିଚାରପତି ବି.ଆର୍. ଗଭାଇ, ଜଷ୍ଟିସ୍ କେ. ବିନୋଦ ଚନ୍ଦ୍ରନ ଏବଂ ଜୟମାଲ୍ୟ ବାଗ୍‌ଚୀଙ୍କ ଖଣ୍ଡପୀଠରେ ପିଟିଶନ୍‌ର ଜରୁରୀ ଶୁଣାଣି ପାଇଁ ଏହାକୁ ତାଲିକାଭୁକ୍ତ କରାଯାଇଛି।

### ମିନ୍ତ୍ରା ବିରୋଧରେ ଇଡି ମାମଲା

ବେଙ୍ଗାଲୁରୁ, ୨୩।୭

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) ବୁଧବାର ଇ-କମର୍ସ ପ୍ଲାଟଫର୍ମ ମିନ୍ତ୍ରା ଏବଂ ଏହାସହ ସମ୍ବନ୍ଧିତ କମ୍ପାନୀ ଏବଂ ସେମାନଙ୍କର ନିର୍ଦ୍ଦେଶକଙ୍କ ବିରୋଧରେ ବିଦେଶୀ ମୁଦ୍ରା ପରିଚାଳନା ଆଇନ, ୧୯୯୯ (ଫେମା)ର ଧାରା ୧୬(୩) ଅନୁଯାୟୀ ମାମଲା ରୁଜୁ କରିଛି। ୧,୬୫୪ କୋଟି ଟଙ୍କାରୁ ଅଧିକ ଏଫ୍‌ଡିଆଇ ଉଲ୍ଲଂଘନ ଅଭିଯୋଗରେ ଇଡି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ମିନ୍ତ୍ରା ଏବଂ ଏହାସହ ଜଡ଼ିତ କମ୍ପାନୀଗୁଡ଼ିକ ଏଫ୍‌ଡିଆଇ ନୀତିକୁ ଉଲ୍ଲଂଘନ କରିବା ସହ ହୋଲ୍‌ସେଲ କ୍ୟାଶ୍ ଆଣ୍ଡ କ୍ୟାରି ଆଳରେ ମଲ୍ଟି ବ୍ରାଣ୍ଡ ରିଟେଲ ଟ୍ରେଡ୍ କରୁଥିଲେ ବୋଲି କେନ୍ଦ୍ରୀୟ ଏଜେନ୍ସି ପ୍ରକାଶ କରିଛି।

### ଜାତୀୟ ରାଜପଥ ଦୁର୍ଘଟଣା: ୬ ମାସରେ ୨୬,୭୭୦ ମୃତ

ନୂଆଦିଲ୍ଲୀ, ୨୩।୭

ଚଳିତ ବର୍ଷର ପ୍ରଥମ ୬ ମାସରେ ଜାତୀୟ ରାଜପଥରେ ଘଟିଥିବା ଦୁର୍ଘଟଣାରେ ମୋଟ ୨୬,୭୭୦ ଜଣଙ୍କ ମୃତ୍ୟୁ ହୋଇଛି। କେନ୍ଦ୍ରମନ୍ତ୍ରୀ ନୀତିନ ଗଡ଼କରୀ ବୁଧବାର ପାର୍ଲାମେଣ୍ଟକୁ ଏହା ଜଣାଇଛନ୍ତି। ଏନ୍‌ଏଚ୍‌ଏଆଇ ଜାତୀୟ ରାଜପଥ ଏବଂ ଏକ୍ସପ୍ରେସ୍‌ୱେର ବିଭିନ୍ନ ସ୍ଥାନରେ ଅତ୍ୟାଧୁନିକ ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା (ଏଟିଏମ୍‌ଏସ୍) ଲଗାଇଛନ୍ତି। ଏହା ଗାଡ଼ିଗୁଡ଼ିକର ବେଗ ଜାଣିବା ସହ ହାଇୱେରେ ଗାଡ଼ି ଚଳାଚଳ ଉପରେ ନଜର ରଖିଥାଏ। ଫଳରେ ଦୁର୍ଘଟଣା ସ୍ଥଳରେ ତୁରନ୍ତ ସହାୟତା ପହଞ୍ଚିପାରୁଥିବା ଗଡ଼କରୀ କହିଛନ୍ତି।

## ଶ୍ୱଶୁରଙ୍କ ବିରୋଧରେ ଯୌନ ନିର୍ଯାତନା ଅଭିଯୋଗ ଆଣି ମହିଳାଙ୍କ ଆତ୍ମହତ୍ୟା

ନୂଆଦିଲ୍ଲୀ, ୨୩।୭

ତାମିଲନାଡୁର ରାମନାଥପୁରମ୍ ଜିଲାରେ ଜଣେ ୩୨ ବର୍ଷୀୟା ମହିଳା ତାଙ୍କ ଶ୍ୱଶୁରଙ୍କ ନାଁରେ ଯୌନ ନିର୍ଯାତନା ଏବଂ ଶାଶୁଘର ଲୋକଙ୍କ ନାଁରେ ଯୌତୁକ ନିର୍ଯାତନା ଅଭିଯୋଗ ଆଣି ନିଜ ଦେହରେ ନିଆଁ ଲଗାଇ ଦେଇଥିଲେ। ରଞ୍ଜିତା ନାମ୍ନୀ ଉକ୍ତ ମହିଳାଙ୍କ ଶରୀରର ୭୦ ଭାଗ ପୋଡ଼ିଯାଇଥିବାବେଳେ ତାଙ୍କୁ ମଦୁରାଇର ରାଜାଜୀ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତରମାନଙ୍କ ସମସ୍ତ ଉଦ୍ୟମ ସତ୍ତ୍ୱେ ତାଙ୍କର ମୃତ୍ୟୁ ଘଟିଛି। ମୃତ୍ୟୁ ପୂର୍ବରୁ ସେ ଦେଇଥିବା ବୟାନର ରେକର୍ଡ କରାଯାଇଛି। ଶ୍ୱଶୁର ମୋତେ କୁଣ୍ଢାଇବାରୁ ଏହା ସହ୍ୟ କରି ନ ପାରି ଆତ୍ମଦାହ କଲି ବୋଲି ସେ ଉକ୍ତ ଭିଡିଓରେ କହିଥିବା ଶୁଣାଯାଇଛି। ଅନ୍ୟ ଏକ ଭିଡିଓରେ ମହିଳାଙ୍କ ୭ମ ଶ୍ରେଣୀରେ ପଢୁଥିବା ପୁଅ ମଧ୍ୟ ଅନୁରୂପ ଅଭିଯୋଗ କରିଛନ୍ତି। ନିର୍ଯାତନା କେବଳ ଶ୍ୱଶୁରଙ୍କ ଅସଦାଚରଣରେ ସୀମିତ ନୁହେଁ, ସ୍ୱାମୀ ଓ ଶାଶୁଘରର ଅନ୍ୟମାନେ ଯୌତୁକ ପାଇଁ ୧୩ ବର୍ଷ ହେଲା ଅତ୍ୟାଚାର କରିଆସୁଥିଲେ ବୋଲି ମହିଳାଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି।

## ବ୍ରିଟିଶ୍ ସଙ୍ଗୀତଜ୍ଞ ଓଜି ଓସ୍‌ବର୍ନଙ୍କ ଦେହାନ୍ତ

ବର୍ମିଂହାମ, ୨୩।୭



ପ୍ରଖ୍ୟାତ ବ୍ରିଟିଶ୍ ସଙ୍ଗୀତଜ୍ଞ ତଥା ରିୟଲିଟି ଟିଭି ଷ୍ଟାର୍ ଓଜି ଓସ୍‌ବର୍ନଙ୍କର ବୁଧବାର ୭୬ ବର୍ଷ ବୟସରେ ପରଲୋକ ହୋଇଯାଇଛି। ଓସ୍‌ବର୍ନଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ସେ ଲୋକପ୍ରିୟ ହେଭି ମେଟାଲ ବ୍ୟାଣ୍ଡ ବ୍ଲାକ୍ ସବାଥର ସହ ପ୍ରତିଷ୍ଠାତା ଥିଲେ। ପ୍ରିନ୍ସ ଅଫ୍ ଡାର୍କନେସ୍ ଏବଂ ଗଡଫାଦର ଅଫ୍ ହେଭି ମେଟାଲ ନାମରେ ଓସ୍‌ବର୍ନ ବହୁଳ ଭାବେ ଲୋକପ୍ରିୟ ଥିଲେ। ୭୦ ଦଶକରେ ବ୍ଲାକ୍ ସବାଥ ବ୍ୟାଣ୍ଡର ସଙ୍ଗୀତଜ୍ଞ ଭାବେ ସେ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ୨୦୦୨ରେ ଆମେରିକୀୟ ଟିଭି ରିୟଲିଟି ଶୋ' 'ଦି ଓସ୍‌ବର୍ନସ୍'ରେ ଅଭିନୟ ତାଙ୍କୁ ପ୍ରସିଦ୍ଧି ଦେଇଥିଲା। ସେ ୨୦୨୦ରେ ପାର୍କିନସନ୍ସ ରୋଗରେ ପୀଡ଼ିତ ହୋଇଥିଲେ। ଏହା ପରେ ବିଭିନ୍ନ କନସର୍ଟରେ ତାଙ୍କୁ ଖୁବ୍ କମ୍ ଦେଖିବାକୁ ମିଳିଥିଲା। ଗତ ଜୁଲାଇ ୫ରେ ନିଜ ସହର ବର୍ମିଂହାମରେ ବ୍ଲାକ୍ ସବାଥ ପାଇଁ ସେ ନିଜ ଶେଷ କନ୍‌ସର୍ଟରେ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କ ମୃତ୍ୟୁରେ ହେଭି ମେଟାଲ ବ୍ୟାଣ୍ଡ ବ୍ଲାକ୍ ସବାଥ ପକ୍ଷରୁ ଶୋକ ପ୍ରକଟ କରାଯାଇଛି।

## ଗୁଜରାଟରୁ ୪ ଅଲ୍-କାଏଦା ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ, ୨୩।୭

ଗୁଜରାଟ ଆଣ୍ଟି-ଟେରୋରିଷ୍ଟ ସ୍କ୍ୱାଡ୍ (ଏଟିଏସ୍) ଅଲ୍-କାଏଦା ସଂଗଠନ ସହ ସମ୍ପୃକ୍ତ ୪ ଆତଙ୍କବାଦୀଙ୍କୁ ଗିରଫ କରିଛି। ସେମାନେ ଜାଲ୍ ନୋଟ୍ ର୍‍ୟାକେଟ୍ ଚଳାଇବା ସହ ଅଲ୍-କାଏଦା ବିଚାରଧାରାର ପ୍ରସାର ଚଳାଇଥିଲେ। ଅଭିଯୁକ୍ତମାନେ ହେଲେ ମହମ୍ମଦ ଫୈକ୍, ମହମ୍ମଦ ଫରଦିନ୍, ଓସୁଲ୍ଲା କୁରେଶୀ ଏବଂ ଜିଶନ ଅଲି। ଅଲ୍-କାଏଦା ବିଚାରଧାରାର ପ୍ରଚାର ପ୍ରସାର ପାଇଁ ସେମାନେ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମ ଏବଂ ସନ୍ଦିଗ୍ଧ ଆପ୍ ବ୍ୟବହାର କରୁଥିଲେ।

## ଇଞ୍ଜିନରେ ନିଆଁ: ଇଣ୍ଡିଗୋ ବିମାନ ଉଡ଼ାଣ ବାତିଲ

ନୂଆଦିଲ୍ଲୀ, ୨୩।୭

ଇଣ୍ଡିଗୋ ଏୟାରଲାଇନ୍ସର ଏଟିଆର୍‌୭୬ ବିମାନ ବୁଧବାର ପୂର୍ବାହ୍ନ ୧୧ଟାରେ ଅହମଦାବାଦ ବିମାନବନ୍ଦରରୁ ଡିଉ ଅଭିମୁଖେ ଯିବାକୁ ଥିବାବେଳେ ଗୋଟିଏ ଇଞ୍ଜିନ୍‌ରେ ନିଆଁ ଲାଗିଯିବାରୁ ଏହାର ଉଡ଼ାଣକୁ ରଦ୍ଦ କରାଯାଇଛି। ବିମାନରେ ୬୦ ଯାତ୍ରୀ ଥିଲେ। ଉଡ଼ାଣ ପାଇଁ ପାଇଲଟ୍ ପ୍ରସ୍ତୁତି ଆରମ୍ଭ କରିଥିଲେ। ତେବେ ଇଞ୍ଜିନ୍‌ରେ ନିଆଁ ଲାଗିଥିବା ଜଣାପଡ଼ିଯିବାରୁ ସେ ଏୟାର ଟ୍ରାଫିକ୍ କଣ୍ଟ୍ରୋଲକୁ 'ମେଡେ' କଲ୍ ପଠାଇଥିଲେ। ଠିକ୍ ସମୟରେ ନିଆଁ ଚିହ୍ନଟ ହେବାରୁ ଏକ ବଡ଼ ଧରଣର ବିପଦ ଟଳିଯାଇଛି। ତୁରନ୍ତ ଯାତ୍ରୀମାନଙ୍କୁ ଖାଲି କରାଯାଇଥିଲା। ପୁନର୍ବାର ଉଡ଼ାଣ ପୂର୍ବରୁ ବିମାନର ଆବଶ୍ୟକ ଯାଞ୍ଚ ଓ ମେଣ୍ଟେନାନ୍ସ କରାଯିବ ବୋଲି ଇଣ୍ଡିଗୋ ମୁଖପାତ୍ର କହିଛନ୍ତି। ଯାତ୍ରୀମାନଙ୍କ ଅସୁବିଧା ପାଇଁ ଏୟାରଲାଇନ୍ସ ଦୁଃଖପ୍ରକାଶ କରିଛି। ପରବର୍ତ୍ତୀ ଉଡ଼ାଣ ପର୍ଯ୍ୟନ୍ତ ସେମାନଙ୍କୁ ରହିବା ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯିବ କିମ୍ବା ଉଡ଼ାଣ ବାତିଲ ପାଇଁ ଅର୍ଥ ସମ୍ପୂର୍ଣ୍ଣ ଫେରସ୍ତ ହେବ ବୋଲି ଏୟାରଲାଇନ୍ସ ପକ୍ଷରୁ କୁହାଯାଇଛି।




## ଭୁଲ୍ ମୃତଦେହ ପାଇଥିବା ୨ ବ୍ରିଟିଶ୍ ପରିବାରର ଅଭିଯୋଗ

### ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା

ନୂଆଦିଲ୍ଲୀ, ୨୩।୭



ଅହମଦାବାଦରେ ଜୁନ୍ ୧୨ରେ ଘଟିଥିବା ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣାରେ ୨୬୧ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଡିଏନ୍‌ଏ ମେଳ କରାଯାଇ ମୃତଦେହଗୁଡ଼ିକୁ ସେମାନଙ୍କ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ତେବେ ବ୍ରିଟେନ୍‌ର ୨ଟି ପରିବାର ଭୁଲ୍ ମୃତଦେହ ପାଇଥିବା ଅଭିଯୋଗ ଆଣିଛନ୍ତି। ସେମାନଙ୍କୁ ମିଳିଥିବା କ୍ୟାସ୍କେଟ୍‌ରେ ଏକାଧିକ ମୃତଦେହର ଅଂଶବିଶେଷ ରହିଛି, ଯାହାକୁ ଅଲଗା କରାଯିବାର ଥିଲା। ସେମାନେ ନିଜ ପ୍ରିୟଜନଙ୍କ ପରିବର୍ତ୍ତେ କୌଣସି ଅଜଣା ଯାତ୍ରୀଙ୍କ ମୃତଦେହ ପାଇଥିବାରୁ ଶେଷକୃତ୍ୟ ବାତିଲ କରିବାକୁ ବାଧ୍ୟ ହୋଇଛନ୍ତି। ମୃତ୍ୟୁର କାରଣ ଯାଞ୍ଚ କରୁଥିବା ଡ. ଫିଓନା ୱିଲ୍‌କକ୍ସ ବ୍ରିଟେନ୍‌କୁ ଫେରିଥିବା ମୃତଦେହର ଡିଏନ୍‌ଏକୁ ସେମାନଙ୍କ ପରିବାର ସଦସ୍ୟ ଦେଇଥିବା ନମୁନା ସହ ପୁନଃ ଯାଞ୍ଚ କରାଇବାରୁ ତ୍ରୁଟି ପଦାକୁ ଆସିଛି।

ତେବେ ବ୍ରିଟିଶ୍ ଗଣମାଧ୍ୟମରେ ପ୍ରକାଶିତ ଉପରୋକ୍ତ ରିପୋର୍ଟକୁ ଭାରତ ସରକାର ସମାଲୋଚନା କରିଛନ୍ତି। ସମସ୍ତ ମୃତଦେହକୁ ସମ୍ପୂର୍ଣ୍ଣ ପେସାଦାରିତା ଓ ମର୍ଯ୍ୟାଦାର ସହ ପରିଚାଳନା କରାଯାଇଥିଲା ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ କହିଛି। ଜୁନ୍ ୧୨ରେ ଏୟାର ଇଣ୍ଡିଆର ଏଆଇ୧୭୧ ବିମାନ ଅହମଦାବାଦ ବିମାନବନ୍ଦରରୁ ଉଡାଣ ଆରମ୍ଭ କରିବାର କିଛି ମିନିଟ୍ ପରେ ଦୁର୍ଘଟଣାଗ୍ରସ୍ତ ହେବାରୁ ସେଥିରେ ଥିବା ୨୪୧ ଜଣଙ୍କ ସମେତ ମୋଟ ୨୬୧ ଜଣଙ୍କ ମୃତ୍ୟୁ ଘଟିଥିଲା। ମୃତକଙ୍କ ମଧ୍ୟରେ ୫୩ ଜଣ ବ୍ରିଟିଶ୍ ନାଗରିକ ଥିଲେ। ଦୁର୍ଘଟଣା ସମୟରୁ ଆମେ ବ୍ରିଟିଶ୍ ପକ୍ଷ ସହ ଏକାଠି କାମ କରିଥିଲୁ ବୋଲି ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି। ଉପଯୁକ୍ତ ପ୍ରୋଟୋକଲ ଏବଂ ବୈଷୟିକ ଆବଶ୍ୟକତା ଅନୁଯାୟୀ ମୃତକମାନଙ୍କୁ ଚିହ୍ନଟ କରାଯାଇଥିଲା। ଏହି ପ୍ରସଙ୍ଗକୁ ନେଇ ଯେକୌଣସି ପ୍ରକାର ଉଦ୍‌ବେଗର ସମାଧାନ ପାଇଁ ଆମେ ବ୍ରିଟିଶ୍ କର୍ତ୍ତୃପକ୍ଷଙ୍କ ସହ କାର୍ଯ୍ୟ ଜାରି ରଖିଛୁ ବୋଲି ଜୟସ୍ୱାଲ କହିଛନ୍ତି।

## ଫୁରସତ୍



# ଅଭିନୟ ଛାଡ଼ିବେ ପୱନ କଲ୍ୟାଣ

ଅମରାବତୀ

ସାଉଥ୍ ସୁପରଷ୍ଟାର୍ ତଥା ଆନ୍ଧ୍ରପ୍ରଦେଶ ଉପମୁଖ୍ୟମନ୍ତ୍ରୀ ପୱନ କଲ୍ୟାଣଙ୍କ ଫିଲ୍ମ 'ହରିହର ବୀରମଲ୍ଲୁ' ଗୁରୁବାର ରିଲିଜ୍ ହେବାକୁ ଯାଉଛି। ସମ୍ପ୍ରତି ଫିଲ୍ମ ନିର୍ମାତାଙ୍କ ପକ୍ଷରୁ 'ହରିହର ବୀରମଲ୍ଲୁ'ର ବିଭିନ୍ନ ପ୍ରମୋଶନ କାର୍ଯ୍ୟକ୍ରମ କରାଯାଉଥିବା ବେଳେ ପୱନଙ୍କୁ ଏହିସବୁ କାର୍ଯ୍ୟକ୍ରମରେ ଦେଖିବାକୁ ମିଳୁନାହିଁ। ବୁଧବାର ଏକ ସାକ୍ଷାତ୍କାର ଦେଇ ପୱନ କହିଛନ୍ତି, ରାଜ୍ୟର ଉପମୁଖ୍ୟମନ୍ତ୍ରୀ ଥାଇ ମଧ୍ୟ ସମୟ ବାହାର କରି ସେ ୩ଟି ଫିଲ୍ମର ଶୁଟିଂ କରୁଛନ୍ତି। ଏଥିପାଇଁ ତାଙ୍କୁ ବିରୋଧୀ ସମାଲୋଚନା କରିଛନ୍ତି। ଉପମୁଖ୍ୟମନ୍ତ୍ରୀ ହେବା ପରେ ସେ କେବଳ 'ହରିହର ବୀରମଲ୍ଲୁ', 'ଉସ୍ତାଦ ଭଗତ ସିଂ', 'ଓଜି' ଫିଲ୍ମର ଶୁଟିଂ କରିଛନ୍ତି। ଏହି ଫିଲ୍ମଗୁଡ଼ିକୁ ସେ ବହୁ ପୂର୍ବରୁ ସାଇନ୍ କରିଥିଲେ ଏବଂ ୨୦୨୪ ଆନ୍ଧ୍ରପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ ଶୁଟିଂ ଶେଷ କରିବାକୁ ଯୋଜନା ରଖିଥିଲେ। ତେବେ ବିଭିନ୍ନ ରାଜନୈତିକ ବାଧ୍ୟବାଧକତା କାରଣରୁ ସେ ନିର୍ବାଚନ ପୂର୍ବରୁ ଉକ୍ତ ୩ ଫିଲ୍ମର ଶୁଟିଂ ଶେଷ କରିପାରି ନ ଥିଲେ। ତେଣୁ ଫିଲ୍ମ ନିର୍ମାତାଙ୍କୁ ଦେଇଥିବା ପ୍ରତିଶ୍ରୁତି ଅନୁଯାୟୀ, ସେ ଆନ୍ଧ୍ରପ୍ରଦେଶର ଉପମୁଖ୍ୟମନ୍ତ୍ରୀ ଥାଇ ମଧ୍ୟ ପ୍ରତିଦିନ ୨ ଘଣ୍ଟା ସମୟ ବାହାର କରି ଶୁଟିଂ କରୁଥିଲେ। ତେବେ ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବା ପରଠାରୁ ସେ କୌଣସି ନୂତନ ଫିଲ୍ମରେ ସାଇନ୍ କରିନାହାନ୍ତି ବୋଲି ପୱନ କହିଛନ୍ତି। ଏବେ ସେ 'ହରିହର ବୀରମଲ୍ଲୁ' ଏବଂ 'ଓଜି'ର ଶୁଟିଂ ଶେଷ କରିସାରିଛନ୍ତି। ଆଉ ୫ ଦିନ ମଧ୍ୟରେ ସେ 'ଉସ୍ତାଦ ଭଗତ ସିଂ' ଫିଲ୍ମର ଶୁଟିଂ ମଧ୍ୟ ଶେଷ କରିବେ। ଏହାପରେ ବୋଧହୁଏ ସେ ଆଉ କୌଣସି ଫିଲ୍ମରେ ଅଭିନେତା ଭାବେ ସାଇନ୍ କରିବେ ନାହିଁ। ଆନ୍ଧ୍ରପ୍ରଦେଶର ଜନସାଧାରଣ ଏବଂ ଜନସେନା ପାର୍ଟିକୁ ସେ ସବୁବେଳେ ତାଙ୍କର ପ୍ରାଥମିକତା ଭାବେ ରଖିବେ ବୋଲି ସେ କହିଛନ୍ତି। ତେବେ ନିଜ ଆର୍ଥିକ ଆବଶ୍ୟକତା ପାଇଁ ସେ ଚଳଚ୍ଚିତ୍ର ଶିଳ୍ପ ସହ ଜଡ଼ିତ ରହିବେ ଏବଂ ଆଗାମୀ ଦିନରେ ଫିଲ୍ମ ନିର୍ମାଣ ଉପରେ ଧ୍ୟାନ କେନ୍ଦ୍ରିତ କରିବେ ବୋଲି ପୱନ କହିଛନ୍ତି।

# ଗୁଜରାଟୀ ଗାୟକଙ୍କ ସ୍କୁଟର ସ୍ମାରକୀ

ମେହସାଣା



ଗୁଜୁରାଟର ମେହସାଣା ଜିଲା ଖେଡାଲୁ ଗ୍ରାମରେ ଲୋକପ୍ରିୟ ଗୁଜରାଟୀ ଗାୟକ ଜିଗ୍ନେଶ କବିରାଜ ତାଙ୍କ ପୁରୁଣା ସ୍କୁଟରର ସ୍ମୃତିରେ ଏକ ସ୍ମାରକୀ ନିର୍ମାଣ କରିଛନ୍ତି। ସେ ତାଙ୍କ ଇନ୍‌ଷ୍ଟାଗ୍ରାମରେ ଉକ୍ତ ସ୍କୁଟର ସହ ତାଙ୍କ ପରିବାରର କିଛି ଫଟୋକୁ ଶେୟାର କରିଛନ୍ତି। ଏହି ପୋଷ୍ଟରେ କବିରାଜ ତାଙ୍କର ପ୍ରସିଦ୍ଧି ଏବଂ ସଫଳତାର ଯାତ୍ରାରେ ଉକ୍ତ ସ୍କୁଟରର ଭୂମିକା ବିଷୟରେ ବର୍ଣ୍ଣନା କରିଛନ୍ତି। କବିରାଜ କହିଛନ୍ତି, ଏହା ହେଉଛି ତାଙ୍କ ବାପାଙ୍କ ସ୍କୁଟର, ଯାହାକୁ ସେ କେବେ ମଧ୍ୟ ଭୁଲିପାରିବେ ନାହିଁ। ଉକ୍ତ ସ୍କୁଟରରେ ବାପାଙ୍କ ସହ ସେ ଗାଁରୁ ଗାଁ ଯାତ୍ରା କରି ବିଭିନ୍ନ କାର୍ଯ୍ୟକ୍ରମରେ ଗାୟକ ଭାବେ ଅଂଶଗ୍ରହଣ କରୁଥିଲେ ଏବଂ ନିଜ କ୍ୟାରିୟର ଆରମ୍ଭ କରିଥିଲେ। ସମ୍ପ୍ରତି ଏହି ସ୍କୁଟରକୁ ସେ ତାଙ୍କ ଘର ସମ୍ମୁଖରେ ଏକ ସ୍ମାରକୀ ଭାବରେ ସ୍ଥାପନ କରିଥିବା ନେଇ କବିରାଜ ଏହି ଭାବପ୍ରବଣ ପୋଷ୍ଟ ମାଧ୍ୟମରେ ସୂଚନା ଦେଇଛନ୍ତି। ସେ ଆହୁରି କହିଛନ୍ତି, ଏହି ସ୍କୁଟରଟି ତାଙ୍କ ହୃଦୟର ଖୁବ୍ ନିକଟତର। ଏହା ତାଙ୍କ ଜୀବନର ଏକ ଅଂଶ। ଏହି ସ୍କୁଟର ଯୋଗୁ ସମାଜରେ ସେ ପରିଚୟ ପାଇଛନ୍ତି। ତେଣୁ ଏହାକୁ ସେ କବାଡ଼ିଆଙ୍କୁ ନ ବିକି ନିଜ ସହ ସାଇତି ରଖିଥିଲେ ଏବଂ ଏବେ ପରିବାରର ସହଯୋଗରେ ସେ ଏହାର ସ୍ମାରକୀ ନିର୍ମାଣ କରିଛନ୍ତି। ଏହି ସ୍କୁଟର ତାଙ୍କର ଏବଂ ତାଙ୍କ ପରିବାରର ପ୍ରତିଟି ସଦସ୍ୟଙ୍କ ଜୀବନରେ ଆନନ୍ଦ ଆଣିଦେଇଥିବା ନେଇ ସେ ତାଙ୍କ ପିଲାମାନଙ୍କୁ କହିଛନ୍ତି। ତାଙ୍କ ପିଲାମାନେ ପ୍ରତି ଦୀପାବଳିରେ ଏହି ସ୍କୁଟରର ସ୍ମାରକୀରେ ଦୀପ ଜାଳିବେ ବୋଲି କବିରାଜ କହିଛନ୍ତି। ସେ ନିର୍ମାଣ କରିଥିବା ଏହି ସ୍କୁଟର ସ୍ମାରକୀ କେବଳ ଏକ ଦୁଇଚକିଆ ଯାନର କାହାଣୀ ନୁହେଁ ବରଂ ଏହା ତାଙ୍କ ପରିବାରର କଠିନ ପରିଶ୍ରମ, ସଂଘର୍ଷ ଏବଂ ସ୍ମୃତିର ପରିଚୟ ବୋଲି କବିରାଜ କହିଛନ୍ତି।




# ଘଟଗାଁ ତାରିଣୀ, ଯାଜପୁର ବିରଜା, ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷାକଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୨୩।୭(ସୁନିତ୍ ମିଶ୍ର)

ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ଘଟଗାଁ ତାରିଣୀ ପୀଠ, ଯାଜପୁର ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ ଏବଂ ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରୁ ଜଣାଯାଇଛି, ଘଟଗାଁ ତାରିଣୀ ମନ୍ଦିରର ବିକାଶ କାର୍ଯ୍ୟ ୫୯ ଏକର ପରିମିତ ଅଞ୍ଚଳରେ ୪ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଉଛି। ଅଢ଼େଇ ବର୍ଷ ମଧ୍ୟରେ ଏହି ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଲକ୍ଷ୍ୟ ରଖାଯାଇଛି। ଘଟଗାଁ ତାରିଣୀଙ୍କ ପୀଠରେ ୨୦୦ ଶଯ୍ୟା ବିଶିଷ୍ଟ ଏକ ଯାତ୍ରୀନିବାସ, ୩୦୦ ସିଟ୍ ବିଶିଷ୍ଟ ବ୍ୟାଖ୍ୟାନ କେନ୍ଦ୍ର, ନଡ଼ିଆ ଗୋଦାମ, ୫୦୦ ସିଟ୍ ବିଶିଷ୍ଟ ପ୍ରସାଦ ସେବନ ଗୃହ, ଫୁଡ୍ ପ୍ଲାଜା, ପାର୍କିଂ ସୁବିଧା, ମାର୍କେଟ କମ୍ପ୍ଲେକ୍ସ, ଡ୍ରେନେଜ୍ ସିଷ୍ଟମ, ପୁଷ୍କରିଣୀ ଏବଂ ରାସ୍ତା ଉନ୍ନତୀକରଣ କାର୍ଯ୍ୟ ଇତ୍ୟାଦି ରହିଛି। ମନ୍ଦିର କମିଟି ସହ ଆଲୋଚନାକରି ଏସବୁ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହାସହ ମନ୍ଦିରର ଚତୁଃପାର୍ଶ୍ୱରେ ଥିବା ଦୋକାନ ଗୁଡିକୁ ମାର୍କେଟ କମ୍ପ୍ଲେକ୍ସରେ ସୁବ୍ୟବସ୍ଥିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

ସେହିଭଳି ପ୍ରସିଦ୍ଧ ଶକ୍ତିପୀଠ ଯାଜପୁର ବିରଜାଙ୍କ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ୪ଟି ପର୍ଯ୍ୟାୟରେ ଆରମ୍ଭ ହୋଇଛି। ଏଥିରେ ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ମନ୍ଦିର ଚତୁଃପାର୍ଶ୍ୱ ବିକାଶ, ବିରଜା ହାଟ ସ୍ଥାପନ, ବ୍ରହ୍ମକୁଣ୍ଡର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ବ୍ୟାଖ୍ୟାନ କେନ୍ଦ୍ର, ଧର୍ମଶାଳା, ହାତୀ ପୋଖରୀ ପୁନରୁଦ୍ଧାର ଏବଂ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରିବା ପାଇଁ କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି। ସେହିପରି ପ୍ରଭୁ ଲିଙ୍ଗରାଜଙ୍କ ଏକାମ୍ର କ୍ଷେତ୍ରର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ଲିଙ୍ଗରାଜଙ୍କ କ୍ଷେତ୍ରରେ ଟ୍ରାଫିକ ସମସ୍ୟା ଦୂରକରିବା ପାଇଁ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ମନ୍ଦିର ଚତୁଃପାର୍ଶ୍ୱର ରାସ୍ତା ଉନ୍ନତୀକରଣ କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି, ଏକାମ୍ର କ୍ଷେତ୍ର ହେଉଛି ଭାରତବର୍ଷର ଏକ ପ୍ରାଚୀନ ଶୈବପୀଠ। ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଅନେକ ଛୋଟ ବଡ଼ ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ସହ ଆଲୋଚନାକରି ଏସବୁ ମନ୍ଦିରଗୁଡିକର ଉନ୍ନତୀକରଣ କରାଗଲେ, ଏକାମ୍ର କ୍ଷେତ୍ରର ଆଧ୍ୟାତ୍ମିକ ପରିବେଶ ବଜାୟ ରହିବ ବୋଲି ସେ କହିଛନ୍ତି।

ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।


ଲୋକସେବା ଭବନରେ ଆୟୋଜିତ ବୈଠକରେ ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ ଓ ବରିଷ୍ଠ ଅଧିକାରୀ।

# ଖୁବ୍‌ଶୀଘ୍ର ଖୋଲିବ ୫୬ ନୂଆ ଅଦାଳତ

ଭୁବନେଶ୍ୱର,୨୩।୭(ରବିନାରାୟଣ ଜେନା)

## ସୃଷ୍ଟିହେଲା ୮୪୦ ପଦ

ରାଜ୍ୟବାସୀଙ୍କୁ ତ୍ୱରିତ ନ୍ୟାୟ ଦେବା ଲାଗି ରାଜ୍ୟ ସରକାରଙ୍କ ପକ୍ଷରୁ ଖୁବ୍‌ଶୀଘ୍ର ୫୬ଟି ଦୌରାଜଜ୍ (ଜୁନିୟର ଡିଭିଜନ) ତଥା ଜେଏମ୍‌ଏଫ୍‌ସି/ଅତିରିକ୍ତ ଦୌରାଜଜ୍(ଜୁନିୟର ଡିଭିଜନ) ଅଦାଲତ ଖୋଲାଯିବ। ସେଥିଲାଗି ଆଇନ ବିଭାଗ ପକ୍ଷରୁ ସରକାରଙ୍କୁ ଦିଆଯାଇଥିବା ପ୍ରସ୍ତାବକୁ ଅନୁମୋଦନ ମିଳିଛି। ଫଳରେ ଗେଜେଟେଡ୍ ଏବଂ ଅଣଗେଜେଟେଡ୍ ଭଳି ବିଭିନ୍ନ ବର୍ଗର ୮୪୦ ପଦବୀ ସୃଷ୍ଟି ହୋଇଛି। ଏ ସଂକ୍ରାନ୍ତରେ ଶନିବାର ଆଇନ ବିଭାଗ ପକ୍ଷରୁ ରାଜ୍ୟ ମହାଲେଖାକାରଙ୍କୁ ଅବଗତ କରାଯାଇଛି। ବିଭାଗର ପତ୍ର ଅନୁଯାୟୀ, ଭଦ୍ରକର ବାସୁଦେବପୁରରେ ଗୋଟିଏ ଅତିରିକ୍ତ ଦୌରାଜଜ୍ ଅଦାଲତ ପ୍ରତିଷ୍ଠା ହେବାକୁ ରହିଥିବାବେଳେ ଅନୁଗୋଳର କଣିହାଁ, ବରଗଡ଼ର ଅମ୍ବାଭୋନା, ଝାରବନ୍ଧ ଓ ବାଲେଶ୍ୱରର ଭୋଗରାଇ ନୂତନ ଅଦାଲତ ପ୍ରତିଷ୍ଠା ହେବାକୁ ରହିଛି। ସେହିପରି ବଲାଙ୍ଗୀର ଗୁଡ୍‌ଭେଲା, ତୁରେକେଲା, ବେଲପଡ଼ା, ଖପ୍ରାଖୋଲ, ଢେଙ୍କାନାଳର କଙ୍କଡ଼ାହାଡ଼, ଗଜପତିର କାଶୀନଗର, ଗୁମ୍ମା, ନୂଆଗଡ଼, ଗଞ୍ଜାମର ସାନଖେମୁଣ୍ଡି ଓ ଚିକିଟି, ଯାଜପୁରର ଦାନଗଦି ଓ ବଡ଼ଚଣା, କଳାହାଣ୍ଡିର କଲମପୁର, କନ୍ଧମାଳର ଫିରିଙ୍ଗିଆ, କେନ୍ଦ୍ରାପଡ଼ାର ରାଜନଗର, କେନ୍ଦୁଝରର ବାଂଶପାଳ, ପାଟଣା, ଘଷିପୁରା, ଝୁମ୍ପୁରା, ଖୋର୍ଦ୍ଧାର ଟାଙ୍ଗୀ, କୋରାପୁଟର ବନ୍ଧୁଗାଁ, କୁନ୍ଦ୍ରା, ମାଲକାନଗିରିର କାଲିମେଳା, ମୟୂରଭଞ୍ଜର ରାଇରଙ୍ଗପୁର(ଅତିରିକ୍ତ ଦୌରାଜଜ୍) ସହ ଶୂଳିଆପଦା, ବଡ଼ସାହି, ବାଙ୍ଗିରିପୋଷି, ସାରସକଣା, ଖୁଣ୍ଟା, ଗୋପବନ୍ଧୁନଗର, କପ୍ତିପଦା, ଶୁକ୍ରୁଲି, ଜାମଦା, ବିଜାତୋଳା, ତିରିଙ୍ଗି, କୁସୁମୀରେ ନୂତନ ଅଦାଲତ ପ୍ରତିଷ୍ଠା ହେବାକୁ ରହିଛି। ଏହାସହ ନୂଆପଡ଼ାର କୋମନା, ନବରଙ୍ଗପୁରର ରାଇଘର, ପୁରୀର ଡେଲାଙ୍ଗ ଓ ଗୋପ, ରାୟଗଡ଼ାର କୋଲନରା, କେ.ସିଂପୁର, ରାମନାଗୁଡ଼ା, ଗୁଡ଼ାରୀ, ସମ୍ବଲପୁରର ଯୁଯୁମୁରା, ନାକଟିଦେଉଳ, ସୁନ୍ଦରଗଡ଼ର କୁତ୍ରା, ଲାଠିକଟା, ନୂଆଗାଁ, ବିସ୍ରା ଓ ଗୁରୁଣ୍ଡିଆରେ ନୂତନ ଅଦାଲତ ପ୍ରତିଷ୍ଠା ହେବାକୁ ରହିଛି।

# ଗନ୍ଧମାର୍ଦ୍ଦନ ପାହାଡ଼ରେ ଫସିଛନ୍ତି ୧୭ ଶ୍ରଦ୍ଧାଳୁ

ପାଇକମାଳ,୨୩।୭(ବଡ଼ ଶତପଥୀ)

ବରଗଡ଼ ଜିଲା ପାଇକମାଳ ନୃସିଂହନାଥ ପୀଠକୁ ଆସିଥିବା ୧୭ ଜଣ ଶ୍ରଦ୍ଧାଳୁ ନୃସିଂହନାଥ ଗନ୍ଧମାର୍ଦ୍ଦନ ପାହାଡ଼ ଉପରେ ଥିବା ଭୀମ ମଣ୍ଡୁଆରେ ବୁଧବାର ଫସି ରହିଛନ୍ତି। ଖବର ପାଇ ସ୍ଥାନୀୟ ପୋଲିସ, ଜଙ୍ଗଲ, ଅଗ୍ନିଶମ ବିଭାଗ କର୍ମଚାରୀମାନେ ଉକ୍ତ ପାହାଡ଼କୁ ଯାଇଥିଲେ। କିନ୍ତୁ ପ୍ରବଳ ବର୍ଷା ଯୋଗୁ ପାହଡ଼ ଉପରକୁ ଚଢ଼ିବା କଷ୍ଟକର ହେଉଛି ବୋଲି ଥାନାଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ କହିଛନ୍ତି। ଉଦ୍ଧାରକାରୀ ଦଳ ମଧ୍ୟ ଅଧାବାଟରେ ଅଟକି ରହିଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଛତିଶଗଡ଼ ଅଞ୍ଚଳରୁ ୧୭ ଜଣ ଶ୍ରଦ୍ଧାଳ ନୃସିଂହନାଥ ମନ୍ଦିରକୁ ଆସିଥିଲେ। ସେଠାରୁ ସେମାନେ ପାହାଡ଼ ଉପରେ ଚଢ଼ିଥିଲେ, କିନ୍ତୁ ବର୍ଷା ହେବାରୁ ଆଉ ଫେରି ନ ପାରି ଅଟକି ରହିଛନ୍ତି।

# ହସ୍ପିଟାଲ ୨ଘଣ୍ଟା ଅନ୍ଧାର, ରୋଗୀ ମୃତ

ବଣାଇଁ, ୨୩।୭(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ତଥା ଆଖପାଖ ଅଞ୍ଚଳରେ ବୁଧବାର ଅପରାହ୍ନରେ ଦୀର୍ଘସମୟ ଧରି ଲଗାଣ ବର୍ଷା ଯୋଗୁ ସାଧାରଣ ଜୀବନଯାତ୍ରା ପ୍ରଭାବିତ ହୋଇଥିଲା। ବିଦ୍ୟୁତ୍ କାଟ ହେବା ଯୋଗୁ ଲୋକେ ହଇରାଣ ହୋଇଛନ୍ତି। ଘଡଘଡି ଓ ବିଜୁଳି ଯୋଗୁ ବଣାଇଁ ଉପଖଣ୍ଡ ଚିକିତ୍ସାଳୟ ଜେନେରେଟର ଅଚଳ ହୋଇପଡ଼ିଥିଲା। ଫଳରେ ପ୍ରାୟ ୨ ଘଣ୍ଟା ଧରି ଅନ୍ଧାରରେ ଥିଲା ଏହି ଉପଖଣ୍ଡ ଚିକିତ୍ସାଳୟ। ଏଥିଯୋଗୁ ରୋଗୀ ସେବା ମଧ୍ୟ ବ୍ୟାହତ ହୋଇଥିଲାବେଳେ ଗୁରୁଣ୍ଡିଆ ଅଞ୍ଚଳର ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା କୁହାଯାଉଛି। ସେ କିଡ୍‌ନୀ ରୋଗୀ ଗୁରୁତର ହୋଇ ଆସିଥିଲେ। ବିଦ୍ୟୁତ୍ ନ ଥିବାରୁ ଚିକିତ୍ସା ହୋଇ ନ ପାରି ରୋଗୀଙ୍କ ମୃତ୍ୟୁ ଘଟିଥିବା ପ୍ରଚାର ହୋଇଥିଲା। ଏହାକୁ ଖଣ୍ଡନ କରି ଉପଖଣ୍ଡ ଚିକିତ୍ସାଧିକାରୀ ଡା. ମନୋଜ ପତି କହିଛନ୍ତି ଯେ, ବିଦ୍ୟୁତ୍ ନ ଥିବାବେଳେ କୌଣସି ୱାର୍ଡରେ ସେପରି କିଛି ଘଟି ନାହିଁ। ଗୁରୁତର ହୋଇ ଆସିଥିବା ଜଣେ ରୋଗୀଙ୍କୁ କାଜୁଆଲିଟିରେ ମୃତ ଘୋଷଣା କରାଯାଇଛି ବୋଲି ସେ କହିଛନ୍ତି।


ବଳଙ୍ଗା ପୀଡ଼ିତାଙ୍କ ଆଶୁ ଆରୋଗ୍ୟ କାମନା କରି ଭୁବନେଶ୍ୱର ଶଙ୍ଖ ଭବନଠାରେ ବୁଧବାର ବିଜେଡି ସଂଖ୍ୟାଲଘୁ ସେଲ୍ ପକ୍ଷରୁ ପ୍ରାର୍ଥନା।

# ବଜ୍ରପାତ ନେଲା ୬ ଜୀବନ

ଭଞ୍ଜନଗର/ଜଗନ୍ନାଥପ୍ରସାଦ/ଢେଙ୍କାନାଳ/ ଛେଣ୍ଡିପଦା/ଡେଲାଙ୍ଗ(ବାବୁଲା ପ୍ରଧାନ/ବିଭୂ ପ୍ରସାଦ ପଟ୍ଟନାୟକ/ ରତନ ନାୟାର/ ଅଜିତ୍ ଧଳ/ରଶ୍ମିରଞ୍ଜନ ପ୍ରଧାନ), ୨୩।୭

ରାଜ୍ୟର ବିଭିନ୍ନ ସ୍ଥାନରେ ବୁଧବାର ବଜ୍ରପାତ ଘଟି ୬ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ଲାଗି ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।

ଗଞ୍ଜାମ ଜିଲା ଭଞ୍ଜନଗର ଓ ଜଗନ୍ନାଥପ୍ରସାଦ ଥାନା ଅଞ୍ଚଳରେ ବୁଧବାର ଅପରାହ୍ନରେ ବଜ୍ରପାତରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେହେଲେବସନ୍ତଗୌଡ଼(୩୮)ଓସନ୍ତୋଷିନୀବିଶ୍ୱାଳ(୫୦)।

ସେହିପରି ଢେଙ୍କାନାଳ ଜିଲା ସଦର ଥାନା ଗୋବିନ୍ଦପୁର ଫାଣ୍ଡି ବଳଦିଆବନ୍ଧ ପଞ୍ଚାୟତ ମହୁଲପଡ଼ା ନିକଟରେ ଥିବା ଏକ ପଥର ଖଣିରେ ବୁଧବାର ବଜ୍ରପାତ ଘଟି ୨ ଭାଇଙ୍କ ମୃତ୍ୟୁ ଘଟିଛି। ଅନ୍ୟ ୨ଜଣ ଗୁରୁତର ହୋଇଛନ୍ତି। ମୃତ ଦୁଇ ଭାଇ ହେଲେ କଟକ ଜିଲା ଖୁଣ୍ଟୁଣୀ ଥାନା ଅନନ୍ତପୁର ଗ୍ରାମର କମଳାକାନ୍ତ ଦେହୁରୀ (୩୫) ଓ ତାଙ୍କ ସାନଭାଇ ନରେଶ ଦେହୁରୀ (୩୨)। ଗୁରୁତରମାନେ ହେଲେ ଖୁଣ୍ଟୁଣୀ ଥାନା ପାର୍ବତୀପୁର ଗ୍ରାମର ମିଥୁନ କିସ୍କୁ ଓ ଡିବା ଜାରିକା। ଅନୁଗୋଳ ଜିଲା ନିଶା ଶିଳ୍ପାଞ୍ଚଳ ଥାନା କଙ୍କରେଇ ଗାଁରେ ବଜ୍ରପାତରେ ହରିଜନ ସାହିର ଯାତ୍ରା ନାଏକଙ୍କ ପୁଅ ପଙ୍କଜ ନାଏକଙ୍କ ମୃତ୍ୟୁ ହୋଇଛି।

ସେହିପରି ପୁରୀ ଜିଲା ବିଲରେ ଧାନଚାରା ରୁଆଁବେଳେ ବଜ୍ରପାତ ଯୋଗୁ ଡେଲାଙ୍ଗ ଥାନା ସୁଜନପୁର ପଞ୍ଚାୟତ କଅଁଳପଡ଼ା ଗ୍ରାମର ସାଗର ବେହେରା(୨୭) ନାମକ ଜଣେ ଯୁବଚାଷୀଙ୍କ ବୁଧବାର ମଧ୍ୟାହ୍ନରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ପରିବାର ତଥା ଆତ୍ମୀୟମାନେ ସାଗରଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତଘୋଷଣା କରିଥିଲେ। ଖବରପାଇ ଡେଲାଙ୍ଗ ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବ୍ୟବଚ୍ଛେଦ ନିମନ୍ତେ ପୁରୀ ଜିଲା ମେଡିକାଲ୍‌କୁ ପଠାଇଛନ୍ତି। ସାଗରଙ୍କ ଆକସ୍ମିକ ମୃତ୍ୟୁଖବର ପ୍ରଚାର ହେବା ପରେ କଅଁଳପଡ଼ା ସମେତ ଆଖପାଖ ଗ୍ରାମରେ ଶୋକାକୁଳ ପରିସ୍ଥିତି ସୃଷ୍ଟି ହୋଇଛି।

# ଦବିଲା ଗୁରହାଣ୍ଡି ପୁରୁଣା ବ୍ରିଜ୍


ନାଳରେ ପାଣି ଆସିବାରୁ ଗୁରହାଣ୍ଡି ପୁରୁଣା ବ୍ରିଜ୍ ଦବିଯାଇଛି।

ସୋନପୁର/ବିନିକା,୨୩।୭ (ମୃତ୍ୟୁଞ୍ଜୟ ଶତପଥୀ/ରାମଗୋପାଳ ବାଘ)

ସୁବର୍ଣ୍ଣପୁର ଜିଲା ଚେରୁପାଲି-ମହଦା ରାସ୍ତାର ଗୁରହାଣ୍ଡି ପୁରୁଣା ବ୍ରିଜ୍ ବୁଧବାର ଅପରାହ୍ନରେ ଦବିଯାଇଛି। ପ୍ରଖର ଜଳସ୍ରୋତ ଯୋଗୁ ଏହି ବ୍ରିଜ୍‌ର ମଝି ପିଲର୍ସଗୁଡ଼ିକ ଦବିଯାଇଛି। ଫଳରେ ଏହି ରାସ୍ତାରେ ଯାତାୟାତ ବ୍ୟାହତ ହୋଇଛି। ଚେରୁପାଲି-ମହଦା ରାସ୍ତାରେ ପ୍ରତ୍ୟହ ବିନିକା, ଡୁଙ୍ଗୁରିପାଲି, ଲଛିପୁର, ସୋନପୁର, ବଲାଙ୍ଗୀର ଓ ବରଗଡ଼କୁ ଅଞ୍ଚଳବାସୀ ଯିବା ଆସିବା କରିଥାନ୍ତି। ବ୍ରିଜ୍ ଭାଙ୍ଗି ଦବିଯିବା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ସୂଚନା ଅନୁଯାୟୀ, ପ୍ରାୟ ୧୯୮୦ ମସିହାରେ ବଲାଙ୍ଗୀର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଏହି ବ୍ରିଜ୍‌ଟି ନିର୍ମାଣ ହୋଇଥିଲା। ଏହି ବ୍ରିଜ୍ ଅସୁରକ୍ଷିତ ବୋଲି ଜଣାପଡ଼ିବା ପରେ ପୂର୍ତ୍ତ ବିଭାଗ ପକ୍ଷରୁ ୮ କୋଟି ଟଙ୍କା ବ୍ୟୟରେ ନୂତନ ଗୁରହାଣ୍ଡି ଉଚ୍ଚ ସେତୁ ନିର୍ମାଣ କରାଯାଉଛି।

# କେନ୍ଦ୍ର ସରକାରଙ୍କ ସହଯୋଗରେ ମହାନଦୀ ବିବାଦର ସମାଧାନ ହୋଇପାରିବ

ଭୁବନେଶ୍ୱର,୨୩।୭(ସୁନିତ୍ ମିଶ୍ର)

ଛତିଶଗଡ଼ ସହ ଚାଲିଥିବା ମହାନଦୀ ଜଳ ବିବାଦର ଆପୋସ ସମାଧାନକୁ ନେଇ ଲୋକସେବା ଭବନଠାରେ ବୁଧବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, କେନ୍ଦ୍ରୀୟ ଜଳ କମିଶନରେ ସମସ୍ୟା ସମାଧାନ ପାଇଁ ହେଉଥିବା ଉଦ୍ୟମ ମନ୍ଥର ଗତିରେ ଚାଲିଥିବାରୁ କେନ୍ଦ୍ର ସରକାରଙ୍କ ସହଯୋଗରେ ଉଭୟ ରାଜ୍ୟ ମଧ୍ୟରେ ଆପୋସ ଆଲୋଚନା କରାଯାଇ ଏହି ସମସ୍ୟାର ସମାଧାନ କରାଯାଇପାରିବ। ଏଥିରେ କେନ୍ଦ୍ର ଜଳ କମିଶନ ବୈଷୟିକ ସହଯୋଗ ପ୍ରଦାନ କରିପାରିବ। ଏହାଦ୍ୱାରା ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ଦୀର୍ଘଦିନର ବିବାଦ ସମାଧାନ ହୋଇପାରିବ ଏବଂ ଉଭୟ ରାଜ୍ୟ ମଧ୍ୟରେ ସୁସମ୍ପର୍କ ବୃଦ୍ଧିପାଇବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୂଚନାଯୋଗ୍ୟ, ପୂର୍ବରୁ ଫେବୃୟାରୀରେ ରାଜସ୍ଥାନରେ ହୋଇଥିବା ସର୍ବଭାରତୀୟ ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀମାନଙ୍କ ସମ୍ମିଳନୀ ଅବସରରେ ଏବଂ ମାର୍ଚ୍ଚରେ ଭୁବନେଶ୍ୱରରେ ହୋଇଥିବା ବିଶ୍ୱ ଜଳ ଦିବସ ଅବସରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ମଧ୍ୟରେ ଏ ବିଷୟରେ ଆଲୋଚନା ହୋଇଥିଲା। ଉଭୟ ମୁଖ୍ୟମନ୍ତ୍ରୀ ଏହାର ଆପୋସ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହ ୨ ରାଜ୍ୟର ଉଚ୍ଚସ୍ତରୀୟ ପଦାଧିକାରୀମାନଙ୍କ ମଧ୍ୟରେ ଏ ସମ୍ପର୍କରେ ଆଲୋଚନା ଜାରି ରହିଛି ବୋଲି ବୈଠକରୁ ଜଣାପଡିଛି। ବୈଠକରେ ଆଡଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ଓ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ।

# ଲଘୁଚାପ: ୫ ଦିନ ଅତି ପ୍ରବଳ ବର୍ଷିବ

ଭୁବନେଶ୍ୱର,୨୩।୭(ଅନୁରାଧା ମହାରଣା)

ଦକ୍ଷିଣ ଚାଇନା ସାଗରରେ ସୃଷ୍ଟ ବାତ୍ୟା 'ୱିଫା'ର ଅବଶିଷ୍ଟାଂଶ ଘୂର୍ଣ୍ଣିବଳୟ ରୂପରେ ବୁଧବାର ବଙ୍ଗୋପସାଗରରେ ପ୍ରବେଶ କରିଛି। ଏହାର ପ୍ରଭାବରେ ସୃଷ୍ଟି ହୋଇଥିବା ଲଘୁଚାପ ଆଗକୁ ଅଧିକ ଘନୀଭୂତ ହୋଇ ଅବପାତର ରୂପ ନେଇପାରେ। ଫଳରେ ରାଜ୍ୟରେ ବର୍ଷାର ପରିମାଣ ବୃଦ୍ଧି ପାଇବ। ଲଘୁଚାପ ଯୋଗୁ ରାଜ୍ୟର ବିଭିନ୍ନ ସ୍ଥାନରେ ୨୮ ତାରିଖ ପର୍ଯ୍ୟନ୍ତ ବର୍ଷା ଆଶଙ୍କା ରହିଥିବାବେଳେ ଗୁରୁବାରଠାରୁ ବର୍ଷାର ପ୍ରଭାବ ବଢ଼ିବ ବୋଲି ଆକଳନ କରାଯାଇଛି। ବର୍ତ୍ତମାନ କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହାର ପ୍ରଭାବ ଆନ୍ଧ୍ରପ୍ରଦେଶ ଏବଂ ଓଡ଼ିଶାର ଦକ୍ଷିଣ ଭାଗ ଉପରେ ରହୁଛି। ତେଣୁ ଦକ୍ଷିଣ ଓଡ଼ିଶାର ବିଭିନ୍ନ ସ୍ଥାନରେ ବର୍ଷା ଲାଗିରହିଛି। ବୁଧବାର କଟକ ଓ ଭୁବନେଶ୍ୱର ସମେତ ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇଛି। ଗୁରୁବାର ସୁଦ୍ଧା ଉତ୍ତର ବଙ୍ଗୋପସାଗରରେ ସୃଷ୍ଟି ହୋଇ ଲଘୁଚାପ କ୍ଷେତ୍ର ଆଗକୁ ବଢ଼ିବ, ଯାହାର ପ୍ରଭାବରେ ଜୁଲାଇ ୨୪ ଓ ୨୫ରେ ପ୍ରବଳରୁ ଅତି ପ୍ରବଳ ବର୍ଷା ସହ ବଜ୍ରପାତର ଆଶଙ୍କା ରହିଛି। ଗୁରୁବାର କୋରାପୁଟ, ମୟୂରଭଞ୍ଜ, ନବରଙ୍ଗପୁର, ଗଜପତି, କେନ୍ଦୁଝର, ମାଲକାନଗିରିରେ ଅତି ପ୍ରବଳ ବର୍ଷା ହେବ। ସେହିପରି ସୁନ୍ଦରଗଡ଼, ଦେବଗଡ଼, ଢେଙ୍କାନାଳ, ଅନୁଗୋଳ, ବାଲେଶ୍ୱର, କେନ୍ଦ୍ରାପଡ଼ାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଉପକୂଳ ଜିଲାରେ ଘଣ୍ଟା ପ୍ରତି ୩୦ରୁ ୪୦ କିଲୋମିଟର ବେଗରେ ପବନ ବୋହିବା ସାଙ୍ଗକୁ ବିଜୁଳି, ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ଅଛି। ୨୫ ତାରିଖରେ ମୟୂରଭଞ୍ଜ ଓ କେନ୍ଦୁଝରରେ ଅତି ପ୍ରବଳ ବର୍ଷା ହେବ। ସେହିପରି ଯାଜପୁର, ସୁନ୍ଦରଗଡ଼, ଢେଙ୍କାନାଳ, ଭଦ୍ରକ, ଜଗତ୍‌ସିଂହପୁର, ଅନୁଗୋଳ, ବାଲେଶ୍ୱର, କେନ୍ଦ୍ରାପଡ଼ା ଜିଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବ।



# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ରମାଦେବୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପକ୍ଷରୁ ବିଦ୍ୟାର୍ଥୀ ସ୍ୱାଗତ ସମାରୋହ ଅବସରରେ ଓଡ଼ିଆ ଭାଷାରେ ଲିଖିତ ଯୁକ୍ତ ୨ ବିଜ୍ଞାନ ବହି ଲୋକାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ରମାଦେବୀ ବିଶ୍ୱବିଦ୍ୟାଳୟ ପରିସର ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।
- ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସାଂସ୍କୃତିକ ସଂସଦର ବାର୍ଷିକ ଉତ୍ସବ, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ଅପରାହ୍ନ ୫ଟା ୩୦
- ୧୬୬ତମ ଆୟକର ଦିବସ ସମାରୋହ, ସ୍ଥାନ,ସୂଚନା ଭବନ, ସମୟ:ଅପରାହ୍ନ ୪ଟା

## କଟକ

- ୭୭ତମ ରାଜ୍ୟ ପୋଲିସ ଭଲିବଲ ଏବଂ ବାସ୍କେଟବଲ ପ୍ରତିଯୋଗିତା-୨୦୨୫ର ତୃତୀୟ ଦିବସ, ସ୍ଥାନ: ଓଏସ୍ଏପି ଷଷ୍ଠ ବାଟାଲିୟନ ପରିସର, ସମୟ: ସକାଳ ୮ଟା।
- ସପ୍ତମ ବାଇସ୍କୋପ ଗ୍ଲୋବାଲ ଫିଲ୍ମ ଫେଷ୍ଟିଭାଲର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ଭାଜପା କଟକ ଜିଲା ମହିଳା ମୋର୍ଚ୍ଚା ପକ୍ଷରୁ ପଥପ୍ରାନ୍ତ ପ୍ରତିବାଦ ସଭା, ସ୍ଥାନ: ଚଣ୍ଡୀଛକ, ସମୟ: ଅପରାହ୍ନ ୫ଟା।

## ବାଲେଶ୍ୱର

- ସୌମ୍ୟାଶ୍ରୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ରକ୍ତଦାନ ଶିବିର,ସ୍ଥାନ:ମହିଳା ମହାବିଦ୍ୟାଳୟ, ଭୋଗରାଇ,ସମୟ:ସକାଳ ୯ଟା।
- ସୌମ୍ୟାଶ୍ରୀଙ୍କ ସ୍ମୃତିଚାରଣ,ସ୍ଥାନ:ହେରମ୍ବ ଚନ୍ଦ୍ର ଏକାଡ଼େମୀ ସମ୍ମୁଖ ଖେଳପଡ଼ିଆ, ଭୋଗରାଇ,ସମୟ:ପୂର୍ବାହ୍ନ ୧୦ଟା।
- ସୌମ୍ୟାଶ୍ରୀ ବିଶିଙ୍କ ଶ୍ରଦ୍ଧାଞ୍ଜଳି ସଭା,ସ୍ଥାନ:ସୁବର୍ଣ୍ଣରେଖା ମହାବିଦ୍ୟାଳୟ ସମ୍ମୁଖ, ବାଲିଆପାଳ,ସମୟ:ପୂର୍ବାହ୍ନ ୧୦ଟା।

## ଭଦ୍ରକ

- ବରିଷ୍ଠ ନାଗରିକଙ୍କ ସ୍ମୃତିସଭା, ସ୍ଥାନ: ଯଶୋଟିକିରି, ଭଣ୍ଡାରିପୋଖରୀ, ସମୟ: ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ସେଭ୍ ଆର୍ଥ ମିଶନ ତରଫରୁ ଚାରାରୋପଣ, ସ୍ଥାନ: ଅପ୍ତିଆ କେନାଲ, ବାରିପଦା, ସମୟ: ଅପରାହ୍ନ ୪ଟା।

## ଗଞ୍ଜାମ

- ଏନ୍‌ସିସି କଲେଜର ପ୍ରତିଷ୍ଠା ଦିବସ, ସ୍ଥାନ: ମହାବିଦ୍ୟାଳୟ ପରିସର, କେନ୍ଦୁପଦର, ଆସିକା ବ୍ଲକ, ସମୟ: ମଧ୍ୟାହ୍ନ ୧୨ଟା।

## ଅନୁଗୋଳ

- ସ୍ୱାଧୀନତା ଦିବସ ପାଳନ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଆଠମଲ୍ଲିକ ଉପଜିଲାପାଳଙ୍କ ସଭାଗୃହ ପରିସର, ସମୟ : ପୂର୍ବାହ୍ନ ୧୧ଟା ୩୦।

## କେନ୍ଦ୍ରାପଡ଼ା

ମାଆ ପାଇଁ ଗଛଟିଏ କାର୍ଯ୍ୟକ୍ରମ, ସ୍ଥାନ:ନମତରା, ରାଜକନିକା, ସମୟ: ସକାଳ ୯ଟା।

## ନୟାଗଡ଼

- ଚିତାଲାଗି ପର୍ବ , ସ୍ଥାନ:କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା।
- ଜିଲାବ୍ୟାପୀ ସେବା ଉତ୍ସବ ଅବସରରେ ବସ୍ତ୍ର ଓ ରାଶନ ଉପକରଣ ବଣ୍ଟନ, ସ୍ଥାନ:ଓଡ଼ଗାଁ ବ୍ଲକର ବିଭିନ୍ନ ଗାଁ, ସମୟ: ପୂର୍ବାହ୍ନ ୧୧ଟା।

## ରାୟଗଡ଼ା

- ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଅଭିଯାନ ଶିବିର, ସ୍ଥାନ: କମ୍ୟୁନିଟି ହଲ, ମୁନିଗୁଡା, ସମୟ: ସକାଳ ୯ଟା ୩୦।

## କୋରାପୁଟ

- ନୂତନ ଛାତ୍ରୀ, ଛାତ୍ରଙ୍କୁ ସ୍ୱାଗତ, ସ୍ଥାନ: ରାଧାକୃଷ୍ଣ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ,ଦଶମନ୍ତପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଖରିଫ ୨୦୨୫ ଚାଷ ନେଇ ବୈଠକ, ସ୍ଥାନ: କୋରାପୁଟ ସଦ୍‌ଭାବନା ସଭାଗୃହ, ସମୟ : ଅପରାହ୍ନ ୩ ଟା।
- ଭାରତମାଳା ଜମି ଅଧିଗ୍ରହଣ ମାମଲା ଉପରେ ସମୀକ୍ଷା ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ : ଅପରାହ୍ନ ୪ ଟା।

## ସମ୍ବଲପୁର

- ନିଃଶୁଳ୍କ ଯୋଗ ଶିବିର, ସ୍ଥାନ: ହୀରାକୁଦ କଲୋନୀ ସ୍ଥିତ ଯୋଗ କେନ୍ଦ୍ର, ସମୟ : କାଲ ୬ଟା।
- ଯୋଗ ପରିବାର ଆୟୋଜନରେ ଯୋଗ ଶିବର, ସ୍ଥାନ: ହାୱା ମଇଦାନସ୍ଥିତ ଗାନ୍ଧୀ ପାର୍କ, ସମୟ ସକାଳ ୬ଟା।
- ରାଧା ଶ୍ରୀନିବାସ ସେବା ଟ୍ରଷ୍ଟ ଆୟୋଜନରେ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର, ହାଉସିଂ ବୋର୍ଡ କଲୋନୀ ସ୍ଥିତ ଆରୋଗ୍ୟ ନିକେତନ, ସମୟ : ସକାଳ ୮ଟା।
- ସମ୍ବଲପୁରୀ ଦିନରେ ହେବାକୁ ଥିବା ସାଂସ୍କୃତିକ କାର୍ଯ୍ୟକ୍ରମର ସମୀକ୍ଷା ବୈଠକ, ସ୍ଥାନ : ସମ୍ବଲପୁରୀ ବୈଠକ, ସମୟ : ସକାଳ ୯ଟା ୩୦।

## ରାଉରକେଲା

- ଶିବ ଚର୍ଚ୍ଚା, ସ୍ଥାନ: ସେକ୍ଟର-୬ ତାରାତାରିଣୀ ପଲ୍ଲୀ, ସମୟ: ସକାଳ ୮ଟା।
- ଦକ୍ଷିଣ-ପୂର୍ବ ରେଳବାଇ ଜିଏମ୍‌ଙ୍କ ଗସ୍ତ, ସ୍ଥାନ: ରାଉରକେଲା ଷ୍ଟେଶନ, ସମୟ: ପୂର୍ବାହ୍ନ ୧୧ଟା।

## କଳାହାଣ୍ଡି

- ଆଇସିଡିଏସ୍‌ର ସମୀକ୍ଷା ବୈଠକ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଜିଲାସ୍ତରୀୟ ଇଣ୍ଟର ସ୍କୁଲ କ୍ରିକେଟ ଉଦ୍‌ଯାପନୀ ସମାରୋହ, ସ୍ଥାନ: ଭବାନୀପାଟଣାସ୍ଥିତ ଲାଲ ବାହାଦୁର ଶାସ୍ତ୍ରୀ ଷ୍ଟାଡିୟମ, ସମୟ: ମଧ୍ୟାହ୍ନ ସାଢେ ୧୨ଟା।

## ବୌଦ୍ଧ

- ଆନ୍ତଃଜିଲା ସାହାଣୀ କପ୍ ଫୁଟବଲ୍ ଅଷ୍ଟମ ଦିବସ, ସ୍ଥାନ: ଜିଲା ଷ୍ଟାଡିୟମ ବୌଦ୍ଧ, ସମୟ: ଅପରାହ୍ନ ୧ଟା ୩୦।

## ଦେବଗଡ଼

- ଶ୍ରୀ ସତ୍ୟସାଇ ମନ୍ଦିର ପକ୍ଷରୁ ଭଜନ ଓ ଆଳତି, ସ୍ଥାନ: ଶ୍ରୀ ସତ୍ୟସାଇ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠ ସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ କ୍ଷୀରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।

## ସୁବର୍ଣ୍ଣପୁର

- ଜିଲା କୃଷକ ସଙ୍ଗଠନର ସାଧାରଣ ବୈଠକ, ସ୍ଥାନ:ସୋନପୁର ବାଲାଜୀ ମନ୍ଦିର ପ୍ରାଙ୍ଗର, ସମୟ:ଅପରାହ୍ନ ୩ଟା ୩୦।

## ନୂଆପଡ଼ା

- ମୁଖ୍ୟମନ୍ତ୍ରୀ ବାୟୁ ସ୍ୱାସ୍ଥ୍ୟସେବା ଚତୁର୍ଥ ଦିବସ, ସ୍ଥାନ: ଜିଲା ମୁଖ୍ୟ ଚିକିତ୍ସାଳୟ ନୂଆପଡ଼ା, ସମୟ: ସକାଳ ୮ଟା।

# ସୁସ୍ଥତାକୁ ପ୍ରାଥମିକତା

## ଜାତୀୟ ରିଫ୍ରେଶମେଣ୍ଟ ଦିବସ



ଜୁଲାଇ ମାସର ଚତୁର୍ଥ ଗୁରୁବାରରେ ପାଳିତ ହୋଇଆସୁଛି ଜାତୀୟ ରିଫ୍ରେଶମେଣ୍ଟ ଦିବସ। ଏହି ଦିବସଟି କାମକୁ ଫେରିବା ପୂର୍ବରୁ ଆରାମ, ନୂଆ ଉତ୍ସାହ ଭରିବା ପାଇଁ ଥଣ୍ଡା ପାନୀୟ ଉପଭୋଗର ମୁହୂର୍ତ୍ତକୁ ସ୍ମରଣ କରିଥାଏ। ୨୦୧୫ରୁ ଏହି ଦିବସର ପାଳନ ଆରମ୍ଭ ହୋଇଛି। ଟ୍ରାଭେଲର୍ ବିୟର କମ୍ପାନୀ ଲୋକମାନଙ୍କୁ ଥଣ୍ଡା ପାନୀୟ ଉପଭୋଗ କରିବାକୁ ଉତ୍ସାହିତ କରିବା ପାଇଁ ଏହି ଦିବସ ପାଳନ ଆରମ୍ଭ କରିଥିଲା। ଏବେ ଏହି ଦିବସଟି ସାରା ବିଶ୍ୱରେ ପାଳନ କରାଯାଉଛି। ବର୍ଷର ଏହି ସମୟରେ ଉତ୍ତର ଗୋଲାର୍ଦ୍ଧରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗେ। ତେଣୁ ଉକ୍ତ ସ୍ଥାନରେ ପାରିବେଶିକ ଅବସ୍ଥାରୁ ଶରୀରକୁ ଚାପମୁକ୍ତ କରିବା ଅର୍ଥାତ୍ ରିଫ୍ରେଶମେଣ୍ଟ ପାଇଁ ପାନୀୟ ଆବଶ୍ୟକ ହୋଇଯାଏ। ଆମ ଦେଶରେ ଉକ୍ତ ଦିବସ ଅବସରରେ କେବଳ ପାନୀୟ ନୁହେଁ ଜୀବନରେ ନୂଆ ଉତ୍ସାହ ଭରିବା ତଥା ବ୍ୟକ୍ତିଗତ ସୁସ୍ଥତାକୁ ଗୁରୁତ୍ୱ ଦିଆଯାଇଥାଏ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ସକାଳ ଗାଧୁଆ ପଖାଳ ଖିଆ**
**ଦେହରେ ଯେବେ ଯାଏ,**
**ବଡ଼ ସୁବିଧା ଦୋକାନ କାଳି**
**ମାଗିଲେ ଯେବେ ଦିଏ,**
**ବଡ଼ ମଉଜ ପର ପୀରତି**
**ଭୀତି ଯେବେ ନ ଥାଏ।**

ଦେହ ଖରାପ ହେଉ ନ ଥିଲେ ବଡି ସକାଳୁ ଗାଧୋଇବା ଓ ପଖାଳ ଖାଇବାରେ କିଛି ଅସୁବିଧା ରହି ନ ଥାଏ। ଅର୍ଥ ନ ଥିଲେ ବାକିରେ ସଉଦାପତ୍ର ଦେବାରେ ଯଦି ଦୋକାନୀର ଆପତ୍ତି ଅଭିଯୋଗ ନଥାଏ ତେବେ ଏହାଠାରୁ ବଳି ସୁଖର କଥା ଆଉ କିଛି ନ ଥାଏ। ସେହିପରି ଚୋରା ପୀରତିରେ ଯଦି ଅସୁବିଧା ନଥାଏ କି ଡର ଭୟ ନ ଥାଏ ତେବେ ଏହାଠାରୁ ବଳି ଖୁସି ଓ ଆନନ୍ଦର ବିଷୟ ଆଉ କିଛି ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

**ସାରୁ ଶୁଖୁଆ ପୋଇନାଟି**
**ତାକୁ ରାନ୍ଧିବ ଘାଣ୍ଟିଘୁଣ୍ଟି।**

ଖାଦ୍ୟ ସହ ରୁଚିର ସମ୍ପର୍କ ରହିଥାଏ। ସାରୁ, ପୋଇନାଟି ସଙ୍ଗେ ଶୁଖୁଆର ମିଶ୍ରଣ ବେଶ୍ ରୁଚିକର ରାନ୍ଧଣା ହୋଇଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ




ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ସୁପ୍ରିମକୋର୍ଟରୁ ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ଜାମିନ

**ମାଲକାନଗିରି, ୨୩।୭(ନୃସିଂହ ଚରଣ ମହାନ୍ତି)**

ମାଲକାନଗିରି ଜିଲାର ପୂର୍ବତନ ଜିଲାପାଳ ମନୀଷ ଅଗ୍ରୱାଲଙ୍କୁ ସୁପ୍ରିମକୋର୍ଟ ମଙ୍ଗଳବାର ପୂର୍ଣ୍ଣ ଜାମିନ ପ୍ରଦାନ କରିଛନ୍ତି। ଏଥିସହ ଏଥିରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କୁ ମଧ୍ୟ ଜାମିନ ମଞ୍ଜୁର ହୋଇଛି । ପ୍ରକାଶ ଯେ, ୨୦୧୯ ଡିସେମ୍ବର ୨୬ରେ ଜିଲାପାଳଙ୍କ ବ୍ୟକ୍ତିଗତ ସହାୟକ ଦେବ ନାରାୟଣ ପଣ୍ଡାଙ୍କ ମୃତ୍ୟୁ ଘଟଣାରେ ତାଙ୍କ ସ୍ତ୍ରୀ ବନଜା ପଣ୍ଡା ପୂର୍ବତନ ଜିଲାପାଳ ମନୀଷଙ୍କ ସହ ଅନ୍ୟ ୩ ଜଣଙ୍କ ନାମରେ ମାମଲା ରୁଜୁ କରିଥିଲେ। ଏଥିରେ ଦେବ ନାରାୟଣ ଆତ୍ମହତ୍ୟା କରିନାହାନ୍ତି ବରଂ ଏହି ୪ ଜଣ ହତ୍ୟା କରିଥିବା ଅଭିଯୋଗକରି ମାମଲା ରୁଜୁ ହୋଇଥିଲା। ତେବେ ଏହି ମାମଲା ମାଲକାନଗିରି ଥାନାଠାରୁ ଆରମ୍ଭକରି ଉଚ୍ଚ ନ୍ୟାୟାଳୟ ପର୍ଯ୍ୟନ୍ତ ଯାଇଥିବା ବେଳେ ୧ ମାସ ପୂର୍ବେ ଅଗ୍ରୱାଲଙ୍କୁ ମାଲକାନଗିରି ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆଂଶିକ ଜାମିନ ପ୍ରଦାନ କରିଥିଲେ। ଏ ସମ୍ବନ୍ଧରେ ଅଗ୍ରୱାଲ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିବା ବେଳେ ଏହାକୁ ବିଚାରକୁ ନେଇ ଅଗ୍ରୱାଲଙ୍କ ସହ ଅନ୍ୟ ୩ ଜଣଙ୍କୁ ପୂର୍ଣ୍ଣ ଜାମିନ ମିଳିଛି। ଶୁଣାଣି ସମୟରେ ସମସ୍ତେ କୋର୍ଟରେ ହାଜର ହେବା ସହ ସମସ୍ତ ନିୟମ ପାଳନ କରିବା ପାଇଁ ସର୍ତ୍ତ ରଖି ଜାମିନ ମଞ୍ଜୁର କରାଯାଇଛି।

# ସ୍ୱାମୀଙ୍କୁ ହତ୍ୟାକରି ଆତ୍ମହତ୍ୟା ରୂପ ଦେଲେ ସ୍ତ୍ରୀ

**ନୂଆଦିଲ୍ଲୀ, ୨୩।୭**

ଯୌନ ସନ୍ତୁଷ୍ଟୀ ଦେଇପାରୁ ନ ଥିବାରୁ ସ୍ୱାମୀଙ୍କୁ ହତ୍ୟା କରିଛନ୍ତି ସ୍ତ୍ରୀ। ଦିଲ୍ଲୀ ପୋଲିସ ଅଭିଯୁକ୍ତ ମହିଳାଙ୍କୁ ଗିରଫ କରିଛି। ପୋଲିସ କହିବା ଅନୁଯାୟୀ, ଗତ ୨୦ ତାରିଖ ଅପରାହ୍ନରେ ସ୍ଥାନୀୟ ହସ୍ପିଟାଲରୁ ନିହାଲବିହାର ଥାନାକୁ ଏକ ଫୋନ୍ କଲ୍ ଆସିଥିଲା। ଏଥିରେ କୁହାଯାଇଥିଲା, ମହମ୍ମଦ ଶହିଦଙ୍କ ଛାତିରେ ୩ ଥର ଛୁରି ଭୁସାଯାଇଥିବାବେଳେ ସ୍ତ୍ରୀ ତାଙ୍କୁ ହସ୍ପିଟାଲ ଆଣିଥିଲେ। ହସ୍ପିଟାଲରେ ପହଞ୍ଚିବା ମାତ୍ରେ ଡାକ୍ତର ମହମ୍ମଦଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ପଚରାଉଚରା କରିବାରୁ ମହମ୍ମଦ ନିଜ ଛାତିକୁ ଛୁରି ଭୁସି ଆତ୍ମହତ୍ୟା କରିଥିବା ସ୍ତ୍ରୀ କହିଥିଲେ। ନିଜକୁ ଛୁରି ଭୁସିଲେ ଏତେ ଗଭୀର କ୍ଷତ ହେବ ନାହିଁ। ସମ୍ମୁଖ ଭାଗରୁ କେହି ଆକ୍ରମଣ କରିଥିବା ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଥିଲା। ଉକ୍ତ ରିପୋର୍ଟ ଆଧାରରେ ପୋଲିସ ହତ୍ୟା ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ମହିଳାଙ୍କୁ ଜେରା ଏବଂ ତାଙ୍କ ଫୋନ୍‌ର ଫୋରେନ୍‌ସିକ ଯାଞ୍ଚରୁ ସେ ଚାଟ୍ ହିଷ୍ଟ୍ରି ଡିଲିଟିଂ, ଆଲୁମିନିୟମ୍ ଫସ୍‌ଫାଇଡ୍ ଭଳି ବିଷାକ୍ତ ସାମଗ୍ରୀ ଇଣ୍ଟରନେଟ୍‌ରୁ ଖୋଜିଥିବା ଜଣାପଡ଼ିଥିଲା। ଏନେଇ ପଚରା ଉଚରା କରାଯିବାରୁ ମହିଳା ଜଣକ ଅପରାଧ ମାନିଛନ୍ତି। ସେ ମହମ୍ମଦଙ୍କ ଛାତିକୁ ୩ ଥର ଛୁରି ଭୁସିବା ପରେ ହସ୍ପିଟାଲ ନେଇ ପୋଲିସକୁ ବିଭ୍ରାନ୍ତ କରିବାକୁ ଆତ୍ମହତ୍ୟାର ରୂପ ଦେବାକୁ ଉଦ୍ୟମ କରିଥିଲେ ବୋଲି କହିଛନ୍ତି। ମହିଳା ଜଣକ କାହା ସହ ଚାଟିଂ କରୁଥିଲେ ପୋଲିସ ଏବେ ତାହାର ତଦନ୍ତ ଚଳାଇଛି।

# ବେଆଇନ ଖଣି ଭୁଶୁଡ଼ିଲା: ୧୧ ଶ୍ରମିକ ଫସିଛନ୍ତି

**ରାଞ୍ଚି, ୨୩।୭**

ଝାଡ଼ଖଣ୍ଡର ଧାନବାଦ ଜିଲା ଅନ୍ତର୍ଗତ ଜାମୁନିଆ ନଦୀ ନିକଟରେ ଏକ ବେଆଇନ କୋଇଲା ଖଣି ଭୁଶୁଡ଼ିବାରୁ ୧୧ ଶ୍ରମିକ ଫସିରହିଥିବା ସ୍ଥାନୀୟ ବାସିନ୍ଦା କହିଛନ୍ତି। ଖଣିଟି ପ୍ରଚଣ୍ଡ ଶବ୍ଦ କରି ଧସିବା ବେଳେ ଏହା ଭିତରେ ୧୫ ଜଣ ଶ୍ରମିକ ଥିଲେ। ବେଆଇନ ଉତ୍ତୋଳନ ସ୍ଥଳରେ ଦୁର୍ବଳ ପିଲର ଯୋଗୁ ଖଣି ଭୁଶୁଡ଼ିଥିବା ବିଶ୍ୱାସ କରାଯାଉଛି। ଖନନକାରୀମାନେ ଉଦ୍ଧାର କାର୍ଯ୍ୟ ଚଳାଇଥିବାବେଳେ ଏପର୍ଯ୍ୟନ୍ତ କେତେଜଣ ଉଦ୍ଧାର ହେଲେଣି ସରକାରୀ ଭାବେ କିଛି କୁହାଯାଇ ନାହିଁ। ସ୍ଥାନୀୟ ଖଣି ମାଫିଆ ଏହି ବେଆଇନ ଖଣି ଖନନ ଚଳାଇଥିଲେ।

## ପ୍ରଥମ ପୃଷ୍ଠାରୁ...

### ରାଜ୍ୟର ସବୁ ...

ଲଗାଇବାକୁ ନିର୍ଦ୍ଦେଶ ଦେଇଛି। ପିଲାଙ୍କ ନିରାପତ୍ତା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଏଭଳି ନିଷ୍ପତ୍ତି ନିଆଯାଇଛି। ଏହାକୁ ଅନୁସରଣ କରି ଆମ ରାଜ୍ୟରେ ଥିବା ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟରେ ସିସିଟିଭି କ୍ୟାମେରା ଲଗାଇବା ପାଇଁ ଯୋଜନା କରାଯାଉଛି ବୋଲି ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଗଣଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟ ସରକାର ସ୍କୁଲ କ୍ୟାମ୍ପସ୍‌ରେ ଶିଶୁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବ୍ୟାପକ ପଦକ୍ଷେପ ଅନୁସନ୍ଧାନ କରାଯାଉଛି। ଆଗାମୀ ଦିନରେ ସ୍କୁଲ ଏବଂ ଶ୍ରେଣୀଗୃହରେ ସିସିଟିଭି କ୍ୟାମେରା ଲଗାଯିବ। ବିଭାଗ ପକ୍ଷରୁ ଏହାର ତୁରନ୍ତ କାର୍ଯ୍ୟାନ୍ୱୟନ ପାଇଁ ସମ୍ପୃକ୍ତ ଯୋଜନାଗୁଡ଼ିକ ଉପରେ ଆଲୋଚନା କରାଯାଉଛି। ଏଥିସହ ରାଜ୍ୟ ସରକାର ଯୌନ ନିର୍ଯାତନା ନିବାରଣ ଆଇନର ବ୍ୟବସ୍ଥା ଅନୁଯାୟୀ, ଯୌନ ଉତ୍ପୀଡ଼ନ କିମ୍ବା ଲିଙ୍ଗ-ଭିତ୍ତିକ ବୈଷମ୍ୟ ମାମଲାଗୁଡ଼ିକର ସମାଧାନ ପାଇଁ ସମସ୍ତ ସ୍କୁଲରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ଗଠନ କରିବାକୁ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି। ଏହି କମିଟିଗୁଡ଼ିକୁ ଠିକ୍ ଭାବେ କାର୍ଯ୍ୟକ୍ଷମ କରାଯିବାକୁ ପୂର୍ବରୁ ନିର୍ଦ୍ଦେଶ ଜାରି କରାଯାଇଛି। ଉକ୍ତ କମିଟିରେ ସଦସ୍ୟମାନଙ୍କୁ ତାଲିମ ଦେବା ପାଇଁ ତୁରନ୍ତ ପଦକ୍ଷେପ ନିଆଯାଉଛି, ଯଦ୍ୱାରା ସେମାନେ ଛାତ୍ରୀଛାତ୍ରଙ୍କ ଅଭିଯୋଗର ସମାଧାନ କରିବାରେ ପ୍ରଭାବଶାଳୀ ଓ ସମ୍ବେଦନଶୀଳ ଭାବେ କାର୍ଯ୍ୟ କରିପାରିବେ ବୋଲି ମନ୍ତ୍ରୀ କହିଛନ୍ତି। ରାଜ୍ୟ ଶିକ୍ଷା ବ୍ୟବସ୍ଥା ମଧ୍ୟରେ ମହିଳା ଓ ଶିଶୁଙ୍କ ସୁରକ୍ଷା ଏବଂ ସଶକ୍ତୀକରଣକୁ ପ୍ରାଥମିକତା ଦିଆଯାଇଛି। ଯେକୌଣସି ସମୟରେ ସହଜ ଉପାୟ ମାଧ୍ୟମରେ ଅଭିଯୋଗ ଦାଖଲ କରିବା ପାଇଁ ହେଲ୍ପ ଲାଇନ ନମ୍ବର ଜାରି କରାଯାଇଛି। ସେମାନଙ୍କ ଅଭିଯୋଗ ଦାଖଲ ହେବା ମାତ୍ରେ ଏହାକୁ ଗମ୍ଭୀରତାର ସହ ବିଚାର କରାଯିବ ବୋଲି ମନ୍ତ୍ରୀ କହିଛନ୍ତି।

### ବିଜେଡିକୁ ଅଙ୍କଳରେ....

ମହଲରେ ବିବେଚନା କରାଯାଉଛି। ଏହି ଅବସରରେ ପୂର୍ବତନ ପିସିସି ସଭାପତି ଜୟଦେବ ଜେନା କହିଛନ୍ତି, ବାଲେଶ୍ୱର ଛାତ୍ରୀଙ୍କ ଆତ୍ମାହୁତି ପ୍ରସଙ୍ଗରେ ସ୍ୱତଃପ୍ରବୃତ୍ତ ଭାବେ ଓଡ଼ିଶାର ଜନସାଧାରଣ ଯେଭଳି ଶାନ୍ତିପୂର୍ଣ୍ଣ ବନ୍ଦକୁ ସଫଳ କଲେ ଏହା ଜଣାଇଦେଉଛି ଯେ, ଓଡ଼ିଶାର ଜନସାଧାରଣ ଅନ୍ୟାୟ, ଅତ୍ୟାଚାରକୁ ବରଦାସ୍ତ କରିବେ ନାହିଁ। ଟ୍ରମ୍ପଙ୍କୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବାହୁସ୍ଫୋଟ ମାରୁଥିଲେ, ତାଙ୍କ ସରକାର ଓଡ଼ିଶାରେ ନାରୀ ଅସୁରକ୍ଷିତ ବୋଲି ତାଙ୍କ ମାର୍ଗଦର୍ଶିକାରେ କହିସାରିଛନ୍ତି। ଏହି ପରିପ୍ରେକ୍ଷୀରେ ସୁପ୍ରିମକୋର୍ଟଙ୍କ ମନ୍ତବ୍ୟ ସରକାରଙ୍କ ଅସଲ ମୁଖା ଖୋଲିଦେଇଛି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି ଯେ, ଆସନ୍ତା ବିଧାନସଭା ଅଧିବେଶନରେ ନାରୀ ନିର୍ଯାତନା ପ୍ରସଙ୍ଗକୁ ନେଇ କଂଗ୍ରେସ ଜୋରଦାର ବିରୋଧ କରିବ। ଯଦି ବିଜେଡି ନାରୀ ପ୍ରସଙ୍ଗରେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ଦେବ, ତେବେ ଆମେ ଅନାସ୍ଥା ଆଣିବୁ ବୋଲି ସେ କହିଛନ୍ତି। କଂଗ୍ରେସ ବିଧାୟକ ତାରା ପ୍ରସାଦ ବାହିନୀପତି କହିଛନ୍ତି, ଓଡ଼ିଶାରେ ନାରୀ ନିର୍ଯାତନାକୁ ନେଇ ସାରା ବିଶ୍ୱରେ ଚର୍ଚ୍ଚା ହେଉଛି। ହେଲେ ରାଜ୍ୟ ସରକାର ଅପରାଧୀଙ୍କୁ ଖୋଜି ପାଉନାହାନ୍ତି। ବିଜେଡି ଓ ଭାଜପା ଭିତରେ ସଲାସୁତୁରା ରହିଛି। ଯଦି ବାସ୍ତବରେ ବିଜେଡି ନାରୀଙ୍କୁ ନ୍ୟାୟ ଦେବାକୁ ଚାହୁଁଛି, ତେବେ ଅନାସ୍ଥା ଆଣୁ, କଂଗ୍ରେସ ସମର୍ଥନ ଦେବ ବୋଲି ତାରା କହିଛନ୍ତି।

ବିଜେଡି ବିଧାୟକ ଅରୁଣ କୁମାର ସାହୁ କହିଛନ୍ତି, ମହିଳା, ଛାତ୍ରୀ, ଶିଶୁଙ୍କ ସୁରକ୍ଷା ପ୍ରସଙ୍ଗରେ ସାରା ଭାରତରେ ଓଡ଼ିଶାର ମୁଣ୍ଡ ତଳକୁ ହୋଇଗଲାଣି। ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀ ଆତ୍ମାହୁତି ପ୍ରସଙ୍ଗକୁ ସୁପ୍ରିମକୋର୍ଟ ଲଜ୍ଜାଜନକ ବୋଲି କହିଛନ୍ତି। ଗୋପାଳପୁର ବେଳାଭୂମିରେ ଛାତ୍ରୀଙ୍କୁ ଗଣବଳାତ୍କାର ପରେ ଆମେରିକା ସରକାର ମାର୍ଗଦର୍ଶିକା ଜାରି କରି ଓଡ଼ିଶାକୁ କେହି ନ ଯିବା ଲାଗି ତାଙ୍କ ଦେଶର ମହିଳାମାନଙ୍କୁ ପରାମର୍ଶନାମା ଜାରି କରିଛନ୍ତି। କେବଳ ରାଜ୍ୟ ନୁହେଁ, ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଏ ସରକାର ଓଡ଼ିଶାକୁ ବଦନାମ୍ କରିସାରିଲେଣି। ସାରା ଓଡ଼ିଶାରେ ଅନାସ୍ଥା ଭାବ ପ୍ରକାଶ ପାଇଛି। ବିଧାନସଭା ସେମାନେ ଡକାଇବା ପରେ ବିଭିନ୍ନ ଫର୍ମାଟରେ ବିରୋଧ କରାଯିବ। ମୁତଲବୀ ପ୍ରସ୍ତାବ ଆଣି କି ହେଉ ବା ୨ ଘଣ୍ଟିଆ ମୋଶନ ଆଲୋଚନା ଜରିଆରେ କିମ୍ବା ଅନାସ୍ଥା ପ୍ରସ୍ତାବ ଜରିଆରେ ଆମେ ସରକାରଙ୍କୁ ବିରୋଧ କରିବୁ ବୋଲି ଅରୁଣ କହିଛନ୍ତି।

ପଶ୍ଚିମ ଓଡ଼ିଶାର ଜଣେ ବିଜେଡି ବିଧାୟକ ତାଙ୍କ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଭକ୍ତ ବଢ଼ିଆ ଜାଲ ଫିଙ୍ଗିଲେ। କାରଣ ସେ ଟୁଇଟ୍ ନୁହେଁ, ବାସ୍ତବ ରାଜନୀତି କରୁଛନ୍ତି। ନବୀନବାବୁ ସବୁ କଥାରେ ଖାଲି ଟୁଇଟ୍ କରିଦେଉଛନ୍ତି। ଟୁଇଟ୍‌ରେ କ'ଣ ରାଜନୀତି ହୁଏ। ବିଜେଡିକୁ ଧରା ପକାଇବାକୁ ଇଏ ଭକ୍ତଙ୍କ ଗୋଟେ ବଢ଼ିଆ ଗେମ୍। ଅନାସ୍ଥା ପ୍ରସ୍ତାବ ଆସିଲେ ସରକାରର କିଛି କ୍ଷତି ହେବନାହିଁ। ହେଲେ ଭାଜପା ସହିତ ବିଜେଡି ଯେଉଁ ମଧୁର ପ୍ରୀତି ରଖିଛି ସେକଥା ଧରାପଡ଼ିଯିବ। ୱାକଫ୍ ବିଲ୍ କ୍ଷେତ୍ରରେ ଯାହା ହେଲା ସେଇଆ ହିଁ ହେବ। କଂଗ୍ରେସର ଆହ୍ୱାନ ଯଦି ବିଜେଡି ମାନିନେବ, ସେମାନେ ରାଜନୈତିକ ଦୃଷ୍ଟିରୁ ଆଗରେ ରହିବେ। ବିଜେଡି ଯଦି କଂଗ୍ରେସ ପ୍ରସ୍ତାବକୁ ଅଣଦେଖା କରେ, ତେବେ ମଧ୍ୟ ସେମାନେ ଆଗରେ ରହିବେ। କାରଣ ଦିଲ୍ଲୀ ଭାଜପା ନେତାଙ୍କ ସହ ବିଜେଡିର ସମ୍ପର୍କ ବିଷୟରେ ସମସ୍ତେ ଜାଣନ୍ତି। ଓଡ଼ିଶା ବନ୍ଦ ଡାକରା ଦେଇ ଭକ୍ତ ରାଜନୈତିକ ଦୃଷ୍ଟିରୁ ଭଲ ଗୋଟିଚାଳନା କରିଥିଲେ ବୋଲି ସେ କହିଛନ୍ତି। ବରିଷ୍ଠ ବିଧାୟକ ବଦ୍ରିନାରାୟଣ ପାତ୍ର କହିଛନ୍ତି, ଅନାସ୍ଥା ପ୍ରସଙ୍ଗରେ ଦଳ ଯାହା ନିଷ୍ପତ୍ତି ନେବ। ବିଧାନସଭା କଥାରେ ସଭାପତିଙ୍କ ନିଷ୍ପତ୍ତି ଚୂଡ଼ାନ୍ତ ହେବ। କଂଗ୍ରେସ ଅନାସ୍ଥା ଆଣିଲେ ଆମ ଦଳ ସମର୍ଥନ କରିବ ବୋଲି ମନେହେଉନାହିଁ। ଆମ ଦଳ ଅନାସ୍ଥା ପ୍ରସ୍ତାବ ଆଣିପାରେ, ସେକଥା ସର୍ବସମ୍ମତି ପରେ ଜଣାପଡ଼ିବ।

### କଂଗ୍ରେସ ଦିବାସ୍ୱପ୍ନ ଦେଖୁଛି: ଆଇନ ମନ୍ତ୍ରୀ

କଂଗ୍ରେସ ପକ୍ଷରୁ ରାଜ୍ୟ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆହ୍ୱାନକୁ ନେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଜଳ ବିନା ଯେଭଳି ମାଛର ଅବସ୍ଥା, ଠିକ୍ ସେହିପରି କଂଗ୍ରେସ ଛଟପଟ ହେଉଛି। ଦୀର୍ଘଦିନ ଧରି କ୍ଷମତା ଅଳନ୍ଦିରୁ କଂଗ୍ରେସ ଦୂରରେ ଥିବାରୁ ଏବେ ଦିବାସ୍ୱପ୍ନ ଦେଖିବା ଆରମ୍ଭ କରିଦେଇଛି। ଯେଉଁ କଥାର କିଛି ମୂଲ୍ୟ ନାହିଁ, ସେଭଳି ଅବାସ୍ତବ କଥା କହି ଚର୍ଚ୍ଚାରେ ରହିବାକୁ କଂଗ୍ରେସ ଚାହୁଁଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**: ପ୍ରିୟବନ୍ଧୁଙ୍କ ହସ୍ତକ୍ଷେପ ପାରିବାରିକ ଶାନ୍ତି ଫେରାଇ ଆଣିବାରେ ସହାୟକ ହେବ। ପାରିବେଶିକ ପରିସ୍ଥିତି ଓ ଦୁଷ୍ଟ ମାନସିକତା ଶାରୀରିକ ଦିଗ ପାଇଁ ଅନୁକୂଳ ନ ହୋଇପାରେ। ଆର୍ଥିକ ଅଭିବୃଦ୍ଧି ସାଙ୍ଗକୁ ଧର୍ମୀୟ ଭାବନା, ବନ୍ଧୁମିଳନ ଓ ପ୍ରତ୍ୟୁଷ ଯାତ୍ରା ମନକୁ ପ୍ରଭାବିତ କରିବ। ବ୍ୟବସାୟ, ପରିବହନ କ୍ଷେତ୍ରରେ ସଫଳତାର ଆଶା ରହିଛି।

**ବୃଷ**: କର୍ମକ୍ଷେତ୍ରରେ ଆଲୋଚନାନୁଯାୟୀ ସହମତିରେ କାର୍ଯ୍ୟସାଧନ କରିପାରିବା କଷ୍ଟକର ହୋଇପାରେ। ଦୈହିକ ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିବେ। ଆର୍ଥିକ ଅଭାବ ଓ ଅନଟନକୁ ଦୂରେଇବାରେ ବନ୍ଧୁ ସାହାଯ୍ୟ କରିପାରନ୍ତି। ପାରିବାରିକ ସମସ୍ୟା କର୍ମକ୍ଷେତ୍ରକୁ ପ୍ରଭାବିତ କରିବାର ସୂଚନା ରହିଛି।

**ମିଥୁନ**: ଆବଶ୍ୟକତା ପୂରଣ ପରିପ୍ରେକ୍ଷୀରେ ଧାରକରଜ କିମ୍ବା ବ୍ୟାଙ୍କଲୋନ୍ ମାଧ୍ୟମରେ ଅର୍ଥପ୍ରାପ୍ତିର ସମ୍ଭାବନା ରହିଛି। ଔଷଧ କ୍ରୟ, ଡାକ୍ତର ଫି' କିମ୍ବା ଶାରୀରିକ ପରୀକ୍ଷାଜନିତ ବ୍ୟୟ ମଧ୍ୟ କରିପାରନ୍ତି। ସାଧାରଣ ଘଟଣାକୁ ଅତିରଞ୍ଜିତ କରି ପଡ଼ୋଶୀ ଅପପ୍ରଚାର ଚଳାଇପାରନ୍ତି। ବିବାଦୀୟ ପରିସ୍ଥିତି କିମ୍ବା ମକଦ୍ଦମାରେ ସ୍ଥିତି ଅନୁକୂଳ ହେବ।

**କର୍କଟ**: ପରିସ୍ଥିତିର ଗୁରୁତ୍ୱକୁ ହୃଦୟଙ୍ଗମ କରି ବନ୍ଧୁଙ୍କୁ ଅର୍ଥସାହାଯ୍ୟ ପ୍ରଦାନ କରିପାରନ୍ତି। ଆନୁଷ୍ଠାନିକ କ୍ଷେତ୍ରରେ ବିଶିଷ୍ଟ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭର ସୌଭାଗ୍ୟ ପାଇବେ। ପାରିବାରିକ, ପ୍ରଶାସନ, ଯାନବାହନ, ନିର୍ମାଣ ଓ ଯାତ୍ରାରୁ ସୁଫଳ ପାଇପାରନ୍ତି। ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ନ ଘଟିବାରୁ ମନ ସାମୟିକ ବିଚଳିତ ରହିପାରେ।

**ସିଂହ**: ପରିବାରର ସମ୍ମତିକ୍ରମେ ପୁରୁଣା ଘର, ଯାନବାହନ କ୍ରୟବିକ୍ରୟ ପାଇଁ ମନସ୍ଥ କରିପାରନ୍ତି। ଆର୍ଥିକ ସ୍ୱଚ୍ଛଳତା ରହିଥିଲେ ମଧ୍ୟ କର୍ମକ୍ଷେତ୍ରରେ ବିବାଦୀୟ ସ୍ଥିତିଜନିତ ମାନସିକ ଶାନ୍ତି ବ୍ୟାହତ ହୋଇପାରେ। ବାଣିଜ୍ୟ, ପରିବହନ, ଜମିଜମା, କଳକାରଖାନା, ସଭା ସମିତିରେ ସଫଳତା ଅର୍ଜନ କରିବେ।

**କନ୍ୟା**: ଆଜିର ଗ୍ରହସ୍ଥିତି ଆପଣଙ୍କୁ ପାରିବାରିକ ସୁଖସମ୍ମାନ ଏବଂ କର୍ମକ୍ଷେତ୍ରରେ ଗୌରବ ପ୍ରଦାନ କରିବ। ସାମାଜିକ, ପରିବହନ, ଲୋକସମ୍ପର୍କ ଦିଗ ପ୍ରତି ଗ୍ରହସ୍ଥିତି ପ୍ରତିକୂଳ ରହିବ। ଏଜେନ୍ସିପ୍,ସାମ୍ବାଦିକତା, ଶିକ୍ଷା, ପ୍ରକାଶନ, ପ୍ରଶାସନ ଓ ଆଇନ ଅଦାଲତରୁ ସୁଫଳ ପାଇବେ। ମାଙ୍ଗଳିକ କାମ ସକାଶେ ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**ତୁଳା**: ସମସ୍ୟା ରହିଥିଲେ ମଧ୍ୟ କାର୍ଯ୍ୟହାସଲ ସକାଶେ ଚେଷ୍ଟା ଅବ୍ୟାହତ ରହିବ। ନିଜ ଲୋକଙ୍କ ଉପରେ ଭରସା କରିପାରିବେ ନାହିଁ। ଯାନବାହନ ଚାଳନାରେ ସତର୍କତା ଅବଲମ୍ବନ କରନ୍ତୁ, ଅନ୍ୟଥା ସମସ୍ୟା ଭିତରକୁ ଟାଣି ହୋଇପାରନ୍ତି। ବ୍ୟବସାୟ, ଦୂରଯାତ୍ରା, ଆନୁଷ୍ଠାନିକ କାମ ଏବଂ ପାରିବାରିକ କ୍ଷେତ୍ର ପ୍ରାୟତଃ ଭଲ ରହିବ।

**ବିଛା**: ବିଚାରବିହୀନ କାମ କରିବା ଦ୍ୱାରା ଧନହାନି ଓ ସମସ୍ୟା ଆସିପାରେ। ତଥାପି ଆପଣଙ୍କର କୌଣସି କାମ ଅଟକି ରହିବାର ସୂଚନା ନାହିଁ କହିଲେ ଚଳେ। ଧର୍ମକାର୍ଯ୍ୟ, ବନ୍ଧୁମିଳନ, ଗୁରୁତ୍ୱପୂର୍ଣ୍ଣ ଆଲୋଚନା ପ୍ରଭୃତିରୁ ସଫଳତା ନିଶ୍ଚିତ ମିଳିବ। ଖଳ ପ୍ରକୃତିର ବନ୍ଧୁଙ୍କ ଦ୍ୱାରା କୌଣସି ମିଥ୍ୟା ଗୁଜବ ମାନସିକ ସ୍ଥିତିକୁ ଦୋହଲାଇ ଦେଇପାରେ।

**ଧନୁ**: ସମସ୍ୟା ଭିତରେ ମାନସିକ ଦୁଶ୍ଚିନ୍ତା ବଢିଚାଲିଥିଲେ ମଧ୍ୟ କର୍ମକ୍ଷେତ୍ରରେ କୌଣସି ପ୍ରଭାବ ପଡ଼ିବ ନାହିଁ। ଆଲୋଚନାରେ କୌତୁକିଆ କଥା କହି ବନ୍ଧୁଙ୍କୁ ଆପ୍ୟାୟିତ କରିବେ। ସାମାଜିକ ସ୍ତରରେ ଗଠନମୂଳକ ପ୍ରେରଣା ଦେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ତଥାପି ଦୈହିକ ଦୁର୍ବଳତା ମାନସିକ ସ୍ଥିତିକୁ ନିରୁତ୍ସାହିତ କରିପାରେ।

**ମକର**: ପାରିବାରିକ କ୍ଷେତ୍ରରେ ଅସୁବିଧା ନ ଥାଇ ମଧ୍ୟ ମନ ଭଲ ଲାଗିବ ନାହିଁ। ଆଜି କୌଣସି କାମ ଅଟକିବ ନାହିଁ ମାତ୍ର ସବୁ କାମରେ ଟେନ୍ସନ ରହିବ। ବୁଝାମଣା ଠିକ୍ ନ ରହିବାରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଶିକ୍ଷା, ପରୀକ୍ଷା, ସନ୍ତାନ, ଲେଖାପଢ଼ା, ଆଲୋଚନା ଓ ସଭାସମିତି କ୍ଷେତ୍ରରୁ ପ୍ରଶଂସିତ ହୋଇପାରନ୍ତି।

**କୁମ୍ଭ**: ପରିବାରରେ ଅର୍ଥ ସମ୍ପର୍କକୁ ନେଇ ବିବାଦର ଆଶଙ୍କା ରହିଛି। ବନ୍ଧୁଙ୍କ ନିମନ୍ତ୍ରଣ ରକ୍ଷା କରିବାକୁ ଯାଇ ପରିଜନଙ୍କ ସହ ଯାତ୍ରା କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ମଧ୍ୟସ୍ଥତା ପୂର୍ବକ ପ୍ରିୟ କଥା କହି ସମସ୍ୟାକୁ ସୁଧାରି ନେବେ। ବାଣିଜ୍ୟ, ପରିବହନ, ସଭାସମିତି, ଆଲୋଚନାଦି କ୍ଷେତ୍ରରେ ସମସ୍ୟା ସମାଧାନ କରିପାରିବେ।

**ମୀନ**: ନିଜ ପରିସରରେ ବନ୍ଧୁଙ୍କ ସାହାଯ୍ୟ, ସହଯୋଗ ଲାଭକରି କାର୍ଯ୍ୟହାସଲ କରିବେ। ସାମାଜିକ ସମ୍ମାନ ସହ ଅଭିଳଷିତ ଜିନିଷ ପ୍ରାପ୍ତି ମନକୁ ଖୁସି କରାଇଦେବ। ପଦସ୍ଥ ବ୍ୟକ୍ତିଙ୍କ ବଦାନ୍ୟତାରୁ କର୍ମକ୍ଷେତ୍ରରେ ସମସ୍ୟା ସମାଧାନ ହେବା ସାଙ୍ଗକୁ ଟେନ୍‌ସନ୍ କମିଯିବ। ଭୁଲ୍ ବୁଝାମଣା କାରଣରୁ ଦାମ୍ପତ୍ୟ ଜୀବନରେ ଝଡ଼ ସୃଷ୍ଟି ଆଶଙ୍କା ରହିଛି।

ଆଜି ଜୁଲାଇ ୨୪ ତାରିଖ, ଆୟକର ଦିବସ, ଶ୍ରାବଣ ମାସର ଚିତାଲାଗି ଅମାବାସ୍ୟା ଗୁରୁବାର, ଶ୍ରୀମନ୍ଦିରରେ ଚିତ୍ରକପର୍ବ, ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସୁବର୍ଣ୍ଣ ଚିତାଲାଗି, ଚାତୁର୍ମାସ୍ୟା ଗୁରୁବାରବ୍ରତ, ଅମାବାସ୍ୟାର ନିଶାପାଳନ, ରାଶିନକ୍ଷତ୍ର-ପୁନର୍ବସୁ/ମିଥୁନ। ଦିବା ଘ.୧୦.୫୯ ମି. ଗତେ କର୍କଟଚନ୍ଦ୍ର, ଅମାବାସ୍ୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୫.୨୩ ଗତେ ଘ.୦୭.୦୭ ମଧ୍ୟେ, ଘ.୧୦.୩୫ ଗତେ ଘ.୦୧.୧୧ ମଧ୍ୟେ ଶୁଦ୍ଧ ଶୁଭ ବେଳା। ଅପରାହ୍ନ ଘ.୦୧.୩୦ ଗତେ ଘ.୦୩.୦୮ ମଧ୍ୟେ ରାହୁ କାଳ ।

# ବୋଲ୍‌ବମ୍ ହେଉ, ପ୍ରଦୂଷଣ ନ ହେଉ

ଶ୍ରାବଣ ମାସ ଅବସରରେ ଏବେ ଶୈବପୀଠରେ କାଉଡ଼ିଆମାନେ ଜଳଲାଗି କରୁଛନ୍ତି। ଦିନକୁ ଦିନ କାଉଡ଼ିଆଙ୍କ ସଂଖ୍ୟା ବଢ଼ି ଚାଲିଥିବାବେଳେ ସାରା ରାଜ୍ୟର ବିଭିନ୍ନ ରାସ୍ତାରେ ଏମାନଙ୍କ ଲମ୍ବା ଧାଡ଼ି ଦେଖିବାକୁ ମିଳୁଛି। ମାତ୍ର ଜଳ ଅଣାଯାଉଥିବା ନଦୀଘାଟ, ଶୈବପୀଠ ନିକଟ ଓ ରାସ୍ତା କଡ଼ରେ କାଉଡ଼ିଆ ଏବଂ ଏମାନଙ୍କୁ ସେବା ଯୋଗାଉଥିବା ତଥା ବ୍ୟବସାୟ କରୁଥିବା ବ୍ୟକ୍ତିବିଶେଷଙ୍କ ଯୋଗୁ ସୃଷ୍ଟ ଆବର୍ଜନା ପ୍ରଦୂଷଣ ବଢ଼ାଉଛି ବୋଲି ଅନେକ ପ୍ରଶ୍ନ ଉଠାଉଛନ୍ତି। ତେବେ ବୋଲ୍‌ବମ୍ ହେଉ, କିନ୍ତୁ ଏହା ମାଧ୍ୟମରେ ପରିବେଶ ପ୍ରଦୂଷଣ ନ ହେଉ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଉଛି।


କଟକ ଗଡ଼ଗଡ଼ିଆ ଘାଟରୁ ଜଳ ଉଠାଇବା ପରେ ପଡ଼ିରହିଥିବା ଆବର୍ଜନା।

### ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଆଯାଉ


ମନସ୍କାମନା ପୂରଣ ପାଇଁ କାଉଡ଼ିଆ ଭକ୍ତ ସାଥିରେ ପ୍ଲାଷ୍ଟିକ କଳସ, ପଲିଥିନ୍ ଜରିରେ ଭୋଗ ଓ ଅନ୍ୟାନ ନିଶାଦ୍ରବ୍ୟ ସାଥିରେ ନେଇ ମନ୍ଦିର ଭିତରକୁ ପ୍ରବେଶ କରୁଛନ୍ତି। ପରବର୍ତ୍ତୀ ସମୟରେ ମନ୍ଦିର ସଫେଇ ବେଳେ ଏହା ସମସ୍ତଙ୍କ ସାମ୍ନାକୁ ଆସିଥାଏ। ଏଣୁ ମନ୍ଦିର ପ୍ରଶାସନ ପକ୍ଷରୁ ଭିତରକୁ ଯିବା ପୂର୍ବରୁ ଭକ୍ତଙ୍କଠାରୁ ଶୁଳ୍କ ଆଦାୟ କରିବା ଅପେକ୍ଷା ଅଦରକାରୀ ବସ୍ତୁ ଯେପରି ନନେଇ ଯାଇପାରିବେ ସେଥିପ୍ରତି ଧ୍ୟାନ ଦେବା ଆବଶ୍ୟକ।

- ସୁଚିତ୍ରା ମଲ୍ଲ, ଶିକ୍ଷୟିତ୍ରୀ, ଖଣ୍ଡଗିରି, ଭୁବନେଶ୍ୱର

### ସେବା ଯୋଗାଉଥିବା ଅନୁଷ୍ଠାନ ସଫେଇ ଦାୟିତ୍ୱ ନିଅନ୍ତୁ


ମାନସିକଧାରୀ ବା କାଉଡ଼ିଆମାନେ ଜଳଲାଗି କରିବା ପାଇଁ ଦେବାଳୟକୁ ଯାଉଛନ୍ତି। କିନ୍ତୁ ଯେଉଁଠାରୁ ଜଳ ନେଇ ଯାଉଛନ୍ତି, ସେହି ସ୍ଥାନର ସ୍ୱଚ୍ଛତାକୁ କଥା ଭୁଲି ଯାଉଛନ୍ତି। ଫଳରେ ନଦୀଜଳ ଓ ପରିବେଶ ଉଭୟ ପ୍ରଦୂଷିତ ହେଉଛି। ଅନ୍ୟପଟେ ସାମାଜିକ ଅନୁଷ୍ଠାନଗୁଡିକ କାଉଡିଆଙ୍କ ସେବା ପାଇଁ କ୍ୟାମ୍ପ କରୁଛନ୍ତି। ଏସବୁ ସ୍ଥାନରେ ଆବର୍ଜନା ପଡ଼ିରହୁଛି। ଏହି ସଂସ୍ଥାସବୁ ସଫେଇ ଦାୟିତ୍ୱ ନେବା ଆବଶ୍ୟକ। ଯାହାଦ୍ୱାରା ପରିବେଶକୁ ପ୍ରଦୂଷଣରୁ ରକ୍ଷା କରିହେବ।

- ଡ. ଆଶୁତୋଷ ଦେବତା, ପରିବେଶ ବିଶେଷଜ୍ଞ, କଟକ

### ପ୍ଲାଷ୍ଟିକ୍ ସାମଗ୍ରୀ ବର୍ଜନ କରନ୍ତୁ


ଶ୍ରାବଣ ମାସରେ ଦେବାଳୟରେ ଜଳଲାଗି କରିବା କାଉଡ଼ିଆଙ୍କ ଆସ୍ଥା ସହ ଜଡିତାହେଲେ ପରିବେଷକୁ ଦୂଷିତ ନ କରିବା ଦିଗରେ ଏମାନେ ଦାୟିତ୍ୱବାନ ହେବା ଆବଶ୍ୟକ। ପ୍ରକୃତପକ୍ଷେ କାଉଡିଆମାନେ ପ୍ଲାଷ୍ଟିକ ଜିନିଷକୁ ବର୍ଜନ ଲଗି ନିଷ୍ପତ୍ତି ନେବା ଜରୁରୀ। ଏହା ପରିବର୍ତ୍ତେ ମାଟି ଜିନିଷ ବ୍ୟବହାର କରିବା ଦରକାର, ଯାହାକି ବ୍ୟବହାର ପରେ ପାଣିରେ ମିଶିଯିବ।

- ପ୍ରଭାସ ଚନ୍ଦ୍ର ମଙ୍ଗରାଜ, କୃଷି ଅଧିକାରୀ, ଭାରତୀୟ ଜଳବାୟୁ କଂଗ୍ରେସ, କଟକ

### କାଉଡ଼ିଆ, ପ୍ରଶାସନ ଉଭୟ ସଜାଗ ହେବା ଆବଶ୍ୟକ


ଆମେ ଏଭଳି ଧର୍ମ ଆପଣାଇବା ଆବଶ୍ୟକ ଯାହା କି ପରିବେଶକୁ ପ୍ରଦୂଷଣ ମୁକ୍ତ ରଖିପାରିବ। ହେଲେ ଏବେ ଧର୍ମ ନାମରେ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପରିବେଶକୁ ନଷ୍ଟ କରୁଛନ୍ତି। ତେବେ ଏଭଳି କ୍ଷେତ୍ରରେ କାଉଡିଆମାନେ ନିଜସ୍ୱ ଭାବେ ସଫେଇ ଦାୟିତ୍ୱ ନେବା ଆବଶ୍ୟକ। ଏଥିସହ ମାଟିର ସାମଗ୍ରୀ ବ୍ୟବହାର କରିବାକୁ ଗୁରୁତ୍ୱ ଦେବା ଜରୁରୀ।

- ମୀରା ବେଉରା, ଅଧାପିକା ରଘୁନାଥ ଜୀଉ ମହାବିଦ୍ୟାଳୟ, କଟକ

### ଅପରିଷ୍କାର କରୁଛନ୍ତି ଉଠାଦୋକାନୀ


ବିଭିନ୍ନ ଶୈବପୀଠରେ ଅପରିଷ୍କାର ପରିବେଶ ଦେଖିବାକୁ ମିଳୁଛି। ପ୍ରଶାସନ ପକ୍ଷରୁ ଗଢ଼ା ହେଉଥିବା ନିୟମ ଓ ଆଇନକୁ ଭାଙ୍ଗୁଛନ୍ତି ଅମାନିଆ ଭକ୍ତ। ଅନେକ ଭକ୍ତ ସାଙ୍ଗରେ ପ୍ଲାଷ୍ଟିକ୍ କଳସ, ପଲିଥିନ୍ ଜରି ଆଣି ମନ୍ଦିର ପରିସରକୁ ନଷ୍ଟ କରୁଛନ୍ତି। ଏଥସହ ଅନେକ ଉଠାଦୋକାନୀ ମନ୍ଦିର ଭିତରେ ମଧ ଜିନିଷ ବିକ୍ରିକରିବା ପରେ ଅପରିଷ୍କାର କରିବା ଦେଖାଯାଉଛି। ତେଣୁ ରାଜ୍ୟ ପ୍ରଦୂଷଣ ବୋର୍ଡ ଏହାକୁ ନଜରରେ ରଖି ଉଲ୍ଲଂଘନକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଅନ୍ତୁ।

- ଜ୍ୟୋତିରଞ୍ଜନ ରାଉତ, ସାମାଜିକ କର୍ମୀ, ଭୁବନେଶ୍ୱର

### ଆଇନ ଭାଙ୍ଗୁଛନ୍ତି ଅମାନିଆ ଭକ୍ତ


ପ୍ରତିବର୍ଷ ଶ୍ରାବଣ ମାସର ପ୍ରତିଟି ସୋମବାର ରାଜ୍ୟ ଓ ରାଜ୍ୟ ବାହାରୁ ଅନେକ ହଜାର ସଂଖ୍ୟାରେ କାଉଡ଼ିଆ ଭକ୍ତ ଜଳ ନେଇ ଏକାମ୍ର କ୍ଷେତ୍ରର ଆରାଧ ଦେବତା ମହାପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ପୀଠକୁ ଆସିଥାନ୍ତି। ସେଥିମଧରୁ ଅନେକ ଭକ୍ତ ସାଥିରେ ପ୍ଲାଷ୍ଟିକ୍ କଳସ, ପଲିଥିନ୍ ଜରିରେ ଭୋଗ, ଶିକା କାଟିବା ପାଇଁ ଧାରୁଆ ବ୍ଲେଡ୍, ଛୁରି ଓ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ(ଗଞ୍ଜେଇ, ଗୁଟ୍‌ଖା, ପାନ, ବିଡ଼ି, ସିଗାରେଟ୍ )ଆଦି ଅଣ୍ଟାରେ ଖୋସି ମନ୍ଦିର ଭିତରକୁ ଅତି ସହଜରେ ପ୍ରବେଶ କରିଥାନ୍ତି। ପ୍ରତିବର୍ଷ ମନ୍ଦିରର କର୍ତ୍ତୃପକ୍ଷ ଏ ନେଇ ସ୍ୱତନ୍ତ୍ର ମାର୍ଗଦର୍ଶିକା ଜାରିକରିଥାନ୍ତି। ସବୁ ପରେ ବି କେତେଜଣ ଅମାନିଆ ଭକ୍ତ ଆଇନକୁ ଭାଙ୍ଗୁଛନ୍ତି। ପ୍ଲାଷ୍ଟିକ୍ ବ୍ୟବହାର ଉପରେ ସରକାର କଟକଣା ଜାରି କରିଥିଲେ ସୁଦ୍ଧା ଧାର୍ମିକ ସ୍ଥଳଗୁଡ଼ିକରେ ଏହି କଟକଣାକୁ ଅଧିକ କଡ଼ାକଡ଼ି କରନ୍ତୁ।

- ସୁଶାନ୍ତ ସାହୁ, ପରିବେଶ କର୍ମୀ, ଭୁବନେଶ୍ୱର

### ମନ୍ଦିର ପ୍ରଶାସନ ପାରିପାର୍ଶ୍ୱିକ ପରିବେଶ ସ୍ୱଚ୍ଛତାକୁ ଗୁରୁତ୍ୱ ଦିଅନ୍ତୁ


ଶ୍ରାବଣ ମାସରେ ମହାଦେବଙ୍କୁ ସନ୍ତୁଷ୍ଟ କରିବା ଲାଗି ବର୍ଷରେ ଥରେ ଶିବଭକ୍ତ ନିଷ୍ଠାର ସହ ନିଜ ନିଜର ମନସ୍କାମନାକୁ ମହାଦେବଙ୍କୁ ଜଣାଇବା ନିମନ୍ତେ କଠୋର ନିୟମ ପାଳନ କରି ପାଦରେ ଚାଲି ଚାଲି ବିଭିନ୍ନ ଶୈବପୀଠରେ ପହଞ୍ଚନ୍ତି। କିନ୍ତୁ ବିଡମ୍ବନା ଏହା ଯେ ମନ୍ଦିର ପ୍ରଶାସନ ହେଉ କିମ୍ବା ସ୍ଥାନୀୟ ପ୍ରଶାସନ ମନ୍ଦିରର ପାରିପାର୍ଶ୍ୱିକ ପରିବେଶ ସ୍ୱଚ୍ଛତାକୁ ଗୁରୁତ୍ୱ ଦେଉନାହାନ୍ତି। କିନ୍ତୁ ଏହା ପରିବର୍ତ୍ତେ ବିଭିନ୍ନ ମନ୍ଦିରରେ କାଉଡିଆଙ୍କ ଠାରୁ ଶୁଳ୍କ ଆଦାୟ କରିବାକୁ ମଧ ପଛାଉନାହାନ୍ତି।

- ଜୀବନ ଜ୍ୟୋତି କୁଅଁର, ଛାତ୍ର, ଭୁବନେଶ୍ୱର

### ପଲିଥିନ୍‌ର ବିକଳ୍ପ ବ୍ୟବସ୍ଥା ହେଉ


କେନ୍ଦୁଝର ଜିଲା ପାଟଣା ବ୍ଲକ୍ ମୁଖ୍ୟାଳୟ ଦେଇ ପ୍ରବାହିତ ବୈତରଣୀ ନଦୀ ପରମେଶ୍ୱର ମନ୍ଦିର ସଂଲଗ୍ନ ଅନସୂୟା ଘାଟରୁ ଓଡ଼ିଶା ସମେତ ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ ଓ ବିହାର ରାଜ୍ୟରୁ କାଉଡ଼ିଆମାନେ ଆସି ପାଣି ଉଠାଉଛନ୍ତି। ତେଣୁ ଏଠାରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ସମାଗମ ହେଉଛି। ପାଣି ଉଠାଇବା ପରେ ଘାଟ ନିକଟରେ ପଲିଥିନ୍ ଓ ଅନ୍ୟାନ୍ୟ ବର୍ଜ୍ୟ ପଡ଼ି ରହୁଛି। ଫଳରେ ପରିବେଶ ପ୍ରଦୂଷଣ ହେବା ସାଙ୍ଗକୁ ପଲିଥିନ୍ ଭାସୁଥିବାରୁ ନଦୀଜଳ ମଧ ଦୂଷିତ ହେଉଛି। ସରକାର ପଲିଥିନ୍‌କୁ କଡ଼ାକଡ଼ି ଭାବେ ବେଆଇନ କରିବା ସହ ଏହାର ବିକଳ୍ପ ଉପରେ ଗୁରୁତ୍ୱ ଦେବା ଦରକାର। ଆଉ ଏହାକୁ ନେଇ ସାଧାରଣ ଜନତା ମଧ ସଚେତନ ହେବା ଆବଶ୍ୟକ।

- କମଳାକାନ୍ତ ପତି, ସମ୍ପାଦକ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ, ପାଟଣା, କେନ୍ଦୁଝର

### ନଦୀକୂଳ, ମନ୍ଦିର ପରିସର ସଫା ରହୁ


ଶ୍ରାବଣ ଧର୍ମର ମାସ। ଏହି ମାସରେ ଶିବଙ୍କ ଜଳାଭିଷେକ କରିବା ବିଧି ରହିଛି। କାଉଡ଼ିଆମାନେ ନଦୀରୁ ପାଣି ଉଠାଇବାଠାରୁ ଆରମ୍ଭ କରି ମନ୍ଦିର ପହଞ୍ଚିବା ପର୍ଯ୍ୟନ୍ତ ପ୍ରଦୂଷଣ ପ୍ରତି ଧ୍ୟାନ ଦେବା ଦରକାର। ମନ୍ଦିରରେ ପାଣି ଢାଳିବା ପରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କଳସ ରଖିବା ଉଚିତ। ସେହିପରି ନଦୀରୁ ପାଣି ଉଠାଇବା ପରେ ପୂଜା ସାମଗ୍ରୀ ଆଦି ଗୋଟିଏ ସ୍ଥାନରେ ରଖିବା ଉଚିତ। ସେହିଭଳି ଯେଉଁଠି ରହଣି କରୁଛନ୍ତି ସେହି ସ୍ଥାନକୁ ବି ଅପରିଷ୍କାର ନ କରିବା ଆବଶ୍ୟକ।

- ରାଜେନ୍ଦ୍ର ପଣ୍ଡା, ଶିକ୍ଷାବିତ୍, ବ୍ରହ୍ମପୁର

### ବୋଲ୍‌ବମ୍‌ରେ ଡିଜେ ସଂସ୍କୃତିକୁ ରୋକାଯାଉ


ସମ୍ପ୍ରତି ବୋଲ୍‌ବମ୍ ସଂସ୍କୃତିରେ ଡିଜେ ଧସେଇ ପଶିଛି। ଡିଜେର ଉଚ୍ଚ ସ୍ୱର ରୋଗୀ,ଶିଶୁ ଓ ବୃଦ୍ଧାବୃଦ୍ଧଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ସେହିପରି ଡିଜେ ସଙ୍ଗୀତରେ ଭଜନ ଜଣାଣ ନାମରେ ଦ୍ୱିଅର୍ଥବୋଧକ ଗୀତ ବଜାଯାଉଛି। ଏହା ଆଧ୍ୟାତ୍ମିକ ଭାବନାକୁ ଆଘାତ ଦେବା ସହିତ ଶ୍ରୁତିକଟୁ ହେଉଛି। ଅନ୍ୟ ପ୍ରଦୂଷଣ ବନ୍ଦ ପାଇଁ ସଚେତନତା ସୃଷ୍ଟି ସହିତ ଶବ୍ଦ ପ୍ରଦୂଷଣକୁ ରୋକିବା ପାଇଁ ଡିଜେ ସଂସ୍କୃତିକୁ ରୋକାଯାଉ।

- ଅମରବର ବିଶ୍ୱାଳ, ସାମାଜିକ କର୍ମୀ, କେନ୍ଦ୍ରାପଡ଼ା

### ମାଟି କିମ୍ବା ଧାତୁ ନିର୍ମିତ ପାତ୍ର ବ୍ୟବହାର କରାଯିବା ଉଚିତ


ପୂର୍ବରୁ ମାଟି କିମ୍ବା ଧାତୁ ନିର୍ମିତ ପାତ୍ରରେ ଶ୍ରଦ୍ଧାଳୁମାନେ ଜଳଲାଗି କରିବା ପାଇଁ ନେଉଥିଲେ। କିନ୍ତୁ ସେହି ସ୍ଥାନରେ ପ୍ଲାଷ୍ଟିକ୍‌ର ବହୁଳ ବ୍ୟବହାର ହେଉଛି। ଏଥିଯୋଗୁ ପରିବେଶ ପ୍ରଦୂଷିତ ହେଉଛି। ପରିବେଶର ସୁରକ୍ଷା ପାଇଁ ଏହାକୁ ରୋକାଯିବା ସହ ପୂର୍ବଭଳି ଜଳଲାଗି ପାଇଁ ମାଟି କିମ୍ବା ଧାତୁ ନିର୍ମିତ ପାତ୍ର ବ୍ୟବହାର କରାଯିବା ଜରୁରୀ।

- ଦେବବ୍ରତ ପଟ୍ଟନାୟକ, ବୁଦ୍ଧିଜୀବୀ, ଢେଙ୍କାନାଳ

### ସଚେତନତା ହିଁ ମହୌଷଧି


ବୋଲ୍‌ବମ୍ ଭକ୍ତମାନେ ନଦୀରେ ସ୍ନାନ କରି ପାଣି ଉଠାନ୍ତି, ନଦୀଘାଟରେ ପୂଜାର୍ଚ୍ଚନା କରନ୍ତି, ବାଟରେ ଖାଦ୍ୟ ଗ୍ରହଣ କରନ୍ତି। ଏଥିପାଇଁ ସେହି ସ୍ଥାନ କିଛିଦିନ ପ୍ରଦୂଷିତ ହେଉଛି। କାଉଡ଼ିଆଙ୍କ ପାଇଁ ଖୋଲିଥିବା ଦୋକାନ ଓ ଆଶ୍ରୟ ସ୍ଥଳ ଏବଂ ମନ୍ଦିରରେ ବି ସେହି ଅବସ୍ଥା। ପଲିଥିନ୍, ପ୍ଲାଷ୍ଟିକ ସାମଗ୍ରୀ ସହିତ ଅନ୍ୟାନ୍ୟ ବର୍ଜ୍ୟବସ୍ତୁରେ ସବୁ ସ୍ଥାନ ପୂରି ରହିଛି। ଏଥିପାଇଁ ସମସ୍ତେ ସଚେତନ ହେବା ଜରୁରୀ। ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ଅଳିଆ ପକାଯାଉ। ଆବର୍ଜନା ପଡୁଥିବା ଅଞ୍ଚଳକୁ ଚିହ୍ନଟ କରି ପଞ୍ଚାୟତ ଓ ପୌରାଞ୍ଚଳ ପକ୍ଷରୁ ଡଷ୍ଟବିନ ରଖନ୍ତୁ। ପରିବେଶ ପ୍ରଦୂଷଣକୁ ରୋକିବାକୁ ସ୍ୱେଚ୍ଛାସେବୀ ସଙ୍ଗଠନ, ପୋଲିସ ଓ ପ୍ରଶାସନ ସ୍ୱତନ୍ତ୍ର ନଜର ରଖିବା ଦରକାର।

- ଡ. କୈଳାସ ବାଣ୍ଡ, ଅବସରପ୍ରାପ୍ତ ଓଡ଼ିଆ ପ୍ରାଧାପକ, ନୟାଗଡ଼

### ସରକାର ପ୍ରତିକାର ବ୍ୟବସ୍ଥା କରନ୍ତୁ


ପୌରାଣିକ ଯୁଗରୁ ବୋଲ୍‌ବମ୍ ପରମ୍ପରା ଚାଲି ଆସୁଛି। ଭକ୍ତମାନଙ୍କ ମଧ୍ୟରେ ଏଥିପାଇଁ ଉତ୍ସାହ ରହିଛି। ତେବେ ଏହି ସମୟରେ ନଦୀନାଳ, ପୋଖରୀ, ଶୈବପୀଠ ଓ ରାସ୍ତାଘାଟରେ ଉତ୍କଟ ପ୍ରଦୂଷଣ ସୃଷ୍ଟି ହେଉଛି। ଏପରି କି ଜଳଉତ୍ସଗୁଡ଼ିକରେ ବିଭିନ୍ନ ସାମଗ୍ରୀ ପଡ଼ି ପ୍ରଦୂଷିତ ହୋଇଥିବାରୁ ଶିବଙ୍କ ଲିଙ୍ଗରେ ଢାଳିବାକୁ ନିର୍ମଳ ଜଳ ମିଳିବା କଷ୍ଟକର ହେଉଛି। ତେଣୁ ସରକାର ଏହାର ପ୍ରତିକାର ବ୍ୟବସ୍ଥା ଗ୍ରହଣ କରନ୍ତୁ।

- ମାନସ ରଞ୍ଜନ ସାମଲ, ଆଇନଜୀବୀ, ଯାଜପୁର ରୋଡ୍

### ବାହାରେ ଫିଙ୍ଗୁଛନ୍ତି ପ୍ଲାଷ୍ଟିକ୍ ସାମଗ୍ରୀ, ପଲିଥିନ


ମହାଦେବଙ୍କୁ ଜଳଲାଗି କରିସାରିଲା ପରେ କାଉଡ଼ିଆମାନେ ମାଟି କଳସ, ପ୍ଲାଷ୍ଟିକ୍ କଳସ, ବାହୁଙ୍ଗିରେ ଲାଗିଥିବା ପ୍ଲାଷ୍ଟିକ୍ ସାମଗ୍ରୀ, ପଲିଥିନ ସମେତ ସାଲୁ କପଡ଼ା ଆଦି ବାହାରେ ଫିଙ୍ଗିଦେଉଛନ୍ତି। ସେଗୁଡିକ ଗଦା ହୋଇ ରହୁଛି। ତା'ର ଠିକ୍ ପରିଚାଳନା ଅଥବା ନଷ୍ଟ କରାଯାଉ ନ ଥିବାରୁ ପରିବେଶ ପ୍ରଦୂଷିତ ହେଉଛି। ବୋଲବମ ଭକ୍ତ ହୁଅନ୍ତୁ କି ସରକାର ପ୍ରତ୍ୟେକ ଏଥିପ୍ରତି ଯତ୍ନବାନ୍ ହେବା ଜରୁରୀ।

- ପ୍ରଦୀପ୍ତ ସାହୁ, ପୂର୍ବତନ ପାରିଷଦ, ଜଗତ୍‌ସିଂହପୁର

### ସଚେତନ ହେବାର ବେଳ


ଅନେକ ସମୟରେ କାଉଡିଆମାନଙ୍କ ଦ୍ୱାରା ବ୍ୟବହୃତ ପ୍ଲାଷ୍ଟିକ୍ ଉପକରଣ ଓ ଅନ୍ୟାନ୍ୟ ସାମଗ୍ରୀ ଯୋଗୁ ମନ୍ଦିର ପରିସର, ନଦୀ, ନାଳ ପ୍ରଦୂଷିତ ହେବା ଦେଖାଯାଉଛି। ଏଥିପ୍ରତି କାଉଡିଆ ଭାଇମାନେ ସଚେତନ ହେବାର ଆବଶ୍ୟକତା ରହିଛି। ଆମ ସମାଜରେ ନଦୀ ଓ ବୃକ୍ଷକୁ ବି ଦେବତା ଭାବେ ଗଣାଯାଏ। ପ୍ରଦୂଷଣମୁକ୍ତ ନଦୀରୁ ବୃକ୍ଷ ଦେବତାଙ୍କୁ ଜଳ ଅର୍ପଣ କରି ଜଙ୍ଗଲ ବଞ୍ଚାଇବା ଆହ୍ୱାନ ପାଲଟିଛି।

- କୁଳମଣି ସାହୁ, ଆବାହକ, ଜିଲା ଜଙ୍ଗଲ ସୁରକ୍ଷା ପରିଚାଳନା ଫୋରମ, ବଲାଙ୍ଗୀର

### ସେବା ଯୋଗାଉଥିବା ସଂସ୍ଥା ପରିଚ୍ଛନ୍ନ କରନ୍ତୁ


ଶ୍ରାବଣ ମାସରେ ବିଭିନ୍ନ ଶୈବପୀଠରେ ଜଳାଭିଷେକ ପାଇଁ କାଉଡ଼ିଆଙ୍କ ଭିଡ଼ ଜମୁଛି। ବୋଲବମ୍ ଭକ୍ତଙ୍କୁ ସେବା ଯୋଗାଇବା ପାଇଁ ବିଭିନ୍ନ ସଂସ୍ଥା ପକ୍ଷରୁ ରାସ୍ତା ପାର୍ଶ୍ୱରେ, ମନ୍ଦିର ନିକଟରେ ପ୍ରସାଦ ସେବନ, ପାଣି ବୋତଲ ବ୍ୟବସ୍ଥା କରାଯାଉଛି। ହେଲେ ପ୍ରସାଦ ସେବନ ପରେ ଖଲି, ଦନା, ପାଣି ବୋତଲ ଉଚିତ୍ ସ୍ଥାନରେ ନ ଫିଙ୍ଗି ଏଣେତେଣେ ଫୋପାଡି ଚାଲିଯାଉଥିବାରୁ ରାସ୍ତା କଡ଼ ଏବଂ ପୀଠ ଅଞ୍ଚଳ ପ୍ରଦୂଷିତ ହେଉଛି। ତେଣୁ ସେବା ଯୋଗାଉଥିବା ସଂସ୍ଥା, ମନ୍ଦିର ପରିଚାଳନା କମିଟି ଏହାକୁ ସଫାସୁତରା କରିବା ଆବଶ୍ୟକ।

- ମାନସ ରଞ୍ଜନ ନାୟକ, ବ୍ୟବସାୟୀ, ରାୟଗଡ଼ା

### କାଉଡ଼ିଆଙ୍କୁ ସଚେତନ କରାଯାଉ


ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ନିଷେଧ କରାଯାଇଥିଲେ ମଧ ଶ୍ରାବଣୀ ଭାରରେ ପ୍ଲାଷ୍ଟିକ ପାତ୍ର, ଫୁଲ, ପଲିଥିନ ବ୍ୟବହାର କରାଯାଉଛି। ଏହାଦ୍ୱାରା ପରିବେଶ ପ୍ରଦୂଷିତ ହେଉଛି। ପ୍ରଶାସନ ଏଥିପ୍ରତି ସଜାଗ ହେବା ଆବଶ୍ୟକ। ମନ୍ଦିର ଭିତରକୁ ପଲିଥିନ, ପ୍ଲାଷ୍ଟିକ ନେବା ଉପରେ ମନ୍ଦିର କମିଟି ଓ ପ୍ରଶାସନ ପକ୍ଷରୁ କଟକଣା ରହୁ। କାଉଡ଼ିଆଙ୍କୁ ପୂର୍ବରୁ ଏନେଇ ସଚେତନ କରାଯାଉ। ମନ୍ଦିରଠାରୁ ଅନତି ଦୂରରେ ସବୁ ବର୍ଜ୍ୟବସ୍ତୁକୁ ନଷ୍ଟ କରିବା ପାଇଁ ପଦକ୍ଷେପ ନିଆଯିବା ଆବଶ୍ୟକ।

- ନିରନ ନାୟକ, ପରିବେଶବିତ୍, ଭଦ୍ରକ

### ବର୍ଜ୍ୟବସ୍ତୁର ସୁପରିଚାଳନା କଲେ ପରିବେଶ ସୁସ୍ଥ ରହିବ


କାଉଡ଼ିଆମାନେ ପତ୍ରପୁଷ୍ପ ଆଦି ପୂଜା ସାମଗ୍ରୀ ସହିତ ପାତ୍ରରେ ଜଳ ଧରି ଶିବଙ୍କ ଆରାଧନା ପାଇଁ ମନ୍ଦିରରେ ପହଞ୍ଚି ସମସ୍ତଙ୍କ ହୃଦୟରେ ଧାର୍ମିକ ଭାବନା ଜାଗ୍ରତ କରିଥାନ୍ତି। ପତ୍ର ପୁଷ୍ପ ଆଦି ଜୈବିକ ପଦାର୍ଥ ଜୈବକ୍ଷୟକ୍ଷମ କିନ୍ତୁ ପ୍ଲାଷ୍ଟିକ ନିର୍ମିତ ପଦାର୍ଥ ସହଜରେ ମୃତ୍ତିକାରେ ମିଶୁ ନଥିବାରୁ ତାହା ଜୈବକ୍ଷୟ ଅକ୍ଷମ। ତେଣୁ ପ୍ରାକୃତିକ ସୌନ୍ଦର୍ଯ୍ୟ ବଜାୟ ରଖିବା ପାଇଁ ସମସ୍ତ ଦେବାଳୟଗୁଡ଼ିକରେ ବର୍ଜ୍ୟବସ୍ତୁର ସୁପରିଚାଳନା କଲେ ପରିବେଶର କୌଣସି କ୍ଷତି ହେବ ନାହିଁ।

- ସଞ୍ଜୟ ଖମାରୀ, ପରିବେଶବିତ୍, ବରଗଡ଼

## ରୋବୋଟିକ୍ ନୀ ରିପ୍ଲେସମେଣ୍ଟ ଦ୍ୱାରା ନିଖୁଣ ଅସ୍ତ୍ରୋପଚାର ଓ ଯନ୍ତ୍ରଣାମୁକ୍ତ ଜୀବନ ସମ୍ଭବ



**ଡା. ପି.ସି. ଦେ**
ପ୍ରଫେସର,
ଅସ୍ଥିଶଲ୍ୟ ବିଭାଗ,
କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ୍,
ଭୁବନେଶ୍ୱର

ଉତ୍କଟ ଆଣ୍ଠୁ ବାତ ଏବଂ ପୁରୁଣା ଗଣ୍ଠି ବ୍ୟଥାରେ ପୀଡ଼ିତ ଲୋକମାନଙ୍କ ପାଇଁ ଟୋଟାଲ୍ ନୀ ରିପ୍ଲେସମେଣ୍ଟ (ଟିକେଆର୍) ଦୀର୍ଘ ସମୟ ଧରି ଏକ ଭରସାଯୋଗ୍ୟ ସମାଧାନ ରହିଆସିଛି । ଆଜି ରୋବୋଟିକ୍-ଆସିଷ୍ଟେଡ୍ ଅସ୍ତ୍ରୋପଚାର ଦ୍ୱାରା ଏହି ପ୍ରକ୍ରିଆ ଆହୁରି ଉନ୍ନତ ଏବଂ ନିର୍ଭୁଲ ହୋଇପାରିଛି । ଏଥିରେ ସବ୍-ମିଲିମିଟର ନିର୍ଭୁଲତା ସହ ପ୍ରତିରୋପଣ ସ୍ଥାପନ କରିବା ସମ୍ଭବ ହୋଇପାରିଥାଏ, ଯାହା ବିଏମ୍‌ସି ସର୍ଜରୀ ଏବଂ ନେଚର୍ ଡିଜିଟାଲ ମେଡିସିନରେ ପ୍ରକାଶିତ କ୍ଲିନିକାଲ ଅଧ୍ୟୟନ ଦ୍ୱାରା ସମର୍ଥିତ ।

ରୋବୋଟିକ୍ ଟୋଟାଲ୍ ନୀ ରିପ୍ଲେସମେଣ୍ଟରେ, ଏକ ବିଶେଷ ରୋବୋଟିକ୍ ପ୍ରଣାଳୀ ଶଲ୍ୟ ଚିକିତ୍ସକଙ୍କୁ ଅତୁଳନୀୟ ସୂକ୍ଷ୍ମତା ସହିତ ଅସ୍ତ୍ରୋପଚାର ଯୋଜନା ପ୍ରସ୍ତୁତ କରିବା ଓ ତାହାକୁ ସମ୍ପାଦନ କରିବାରେ ସହାୟତା କରିଥାଏ । ଲୋକମାନଙ୍କ ମଧ୍ୟରେ ରହିଥିବା ଧାରଣାର ବିପରୀତ, ରୋବୋଟ୍ ସ୍ୱାଧୀନ ଭାବେ ଅସ୍ତ୍ରୋପଚାର ସଞ୍ଚାଳନ କରି ନ ଥାଏ, ବରଂ ତାହା ଏକ ଅତି ନିଖୁଣ ମାର୍ଗଦର୍ଶକ ଭାବେ କାର୍ଯ୍ୟ କରିଥାଏ ଓ ଶଲ୍ୟ ଚିକିତ୍ସକଙ୍କୁ ଯୋଜନା ଅନୁଯାୟୀ ଅବିକଳ ରୂପେ ପ୍ରତିରୋପଣକୁ ସ୍ଥାପନ କରିବାରେ ସାହାଯ୍ୟ କରିଥାଏ ।

ରୋବୋଟିକ୍ ଟିକେଆର୍‌ର ଏକ ମୁଖ୍ୟ ଲାଭ ହେଉଛି ବ୍ୟକ୍ତିକରଣ । ପ୍ରତ୍ୟେକ ଆଣ୍ଠୁ ଭିନ୍ନ ହୋଇଥାଏ; ଏବଂ ୩ଡି ଇମେଜିଂ ସହାୟତାରେ ରୋବୋଟିକ୍ ପ୍ରଣାଳୀ ପ୍ରତ୍ୟେକ ରୋଗୀଙ୍କ ଅନନ୍ୟ ଶାରୀରିକ ଗଠନକୁ ସୁହାଉଥିବା ଏକ ଯୋଜନା ପ୍ରସ୍ତୁତ କରିଥାଏ । ଏହାଦ୍ୱାରା ଉତ୍ତମ ଆଲାଇନମେଣ୍ଟ, ଗଣ୍ଠି କାର୍ଯ୍ୟକ୍ଷମତାରେ ଉନ୍ନତି ଏବଂ ଅସ୍ତ୍ରୋପଚାର ପରେ ଶ୍ରେୟସ୍କର ରୋଗୀ ସନ୍ତୁଷ୍ଟି ସୁନିଶ୍ଚିତ ହୋଇଥାଏ ।

ରୋଗୀମାନେ ପ୍ରାୟତଃ କମ୍ ଯନ୍ତ୍ରଣା, ଦ୍ରୁତ ଆରୋଗ୍ୟତା ଏବଂ ଅଧିକ ପ୍ରାକୃତିକ ଲାଗୁଥିବା ଆଣ୍ଠୁର ଅନୁଭୂତି ପାଇଥାନ୍ତି । ଏହି ପ୍ରଯୁକ୍ତି ପ୍ରତିରୋପଣ ଶୀଘ୍ର କ୍ଷତିଗ୍ରସ୍ତ ହେବା ଏବଂ ସ୍ୱାସ୍ଥ୍ୟ ଜଟିଳତାର ଆଶଙ୍କାକୁ ମଧ ହ୍ରାସ କରିଥାଏ । ତେଣୁ, ଏହାକୁ ଉଭୟ ଯୁବ ଏବଂ ବୟସ୍କ ରୋଗୀଙ୍କ ପାଇଁ ଏକ ଭରସାଯୋଗ୍ୟ ବିକଳ୍ପ କୁହାଯାଇପାରିବ ।

ଉତ୍କଟ ଅଷ୍ଟିଓଆର୍ଥ୍ରାଇଟିସ୍, ପୁରୁଣା ଆଣ୍ଠୁଗଣ୍ଠି ବାତ କିମ୍ବା ପୂର୍ବବର୍ତ୍ତୀ ଆଣ୍ଠୁ ଆଘାତ ଭୋଗୁଥିବା ରୋଗୀ କିମ୍ବା ଅସ୍ତ୍ରୋପଚାର ପରେ ମଧ ଉପଶମ ପାଇ ନ ଥିବା ରୋଗୀଙ୍କ ପାଇଁ ରୋବୋଟିକ୍ ଟିକେଆର୍ ଉପଯୁକ୍ତ ସାବ୍ୟସ୍ତ ହୋଇଥାଏ । ଯଦି ଆପଣ ଦୀର୍ଘ ସମୟ ଧରି ଯନ୍ତ୍ରଣା ସହ ଜୀବନ ଯାପନ କରିଆସୁଛନ୍ତି, ତେବେ ଏହି ବିକଳ୍ପ ହିଁ ଯନ୍ତ୍ରଣାମୁକ୍ତ ଜୀବନ ପାଇଁ ଆପଣଙ୍କ ପ୍ରତୀକ୍ଷାର ଅନ୍ତ ଘଟାଇବ ବୋଲି ଆମର ବିଶ୍ୱାସ ।

ଆଜି, ବିଶେଷକରି ଆଣ୍ଠୁ ଓ ଅଣ୍ଟାର ଗଣ୍ଠି ପ୍ରତିବଦଳ ପ୍ରକ୍ରିୟା ଅଧିକ ନିରାପଦ, ଅଧିକ ନିଖୁଣ ଏବଂ କମ୍ ଭୀତିପୂର୍ଣ୍ଣ ହୋଇଯାଇଛି । ଚିକିତ୍ସା ପ୍ରଯୁକ୍ତିରେ ଘଟିଥିବା ଅଗ୍ରଗତି ଏବଂ ନ୍ୟୂନତମ କଟାକଟି ଆବଶ୍ୟକ କରୁଥିବା ଅସ୍ତ୍ରୋପଚାର କୌଶଳ କାରଣରୁ ରୋଗୀମାନେ ଶୀଘ୍ର ଆରୋଗ୍ୟ ଲାଭ କରିବା, କମ୍ ଯନ୍ତ୍ରଣାର ସମ୍ମୁଖୀନ ହେବା ଏବଂ ସ୍ୱାଭାବିକ ଦୈନନ୍ଦିନ ଜୀବନକୁ ଫେରିବାର ଆଶା ରଖିପାରିବେ । ତାହା ଅସହଜତା ବିନା ଚଲାବୁଲା କରିବା ହେଉ, ସହଜରେ ଶିଡି ଚଢ଼ିବା ହେଉ କିମ୍ବା ଦୈନନ୍ଦିନ କାର୍ଯ୍ୟକଳାପକୁ ଉପଭୋଗ କରିବା ହେଉ - ଗଣ୍ଠି ପ୍ରତିବଦଳ ଆପଣଙ୍କୁ ଦେଇଥାଏ ନବୀକୃତ ସ୍ୱାଧୀନତା ଏବଂ ଚଳପ୍ରଚଳ ସାମର୍ଥ୍ୟ । ପୁରୁଣା ଗଣ୍ଠି ବ୍ୟଥା ଭୋଗୁଥିବା ଲୋକମାନେ ଏହି ଆଧୁନିକ ଚିକିତ୍ସା ବିକଳ୍ପଗୁଡ଼ିକୁ ବିଚାରକୁ ନେବା ପରାମର୍ଶଯୋଗ୍ୟ, ଯାହା ସେମାନଙ୍କର ଚଳପ୍ରଚଳ ହେବାର ସାମର୍ଥ୍ୟ ସହିତ ସାମଗ୍ରିକ ଜୀବନ ମାନକୁ ଉନ୍ନତ କରିବାରେ ସହାୟକ ହୋଇପାରିବ ।

*(ଦାବିତ୍ୟାଗ: ଆଲେଖ୍ୟରେ ଅଭିବ୍ୟକ୍ତ କରାଯାଇଥିବା ଦୃଷ୍ଟିକୋଣ/ପ୍ରସ୍ତାବ/ମତାମତ ପାଇଁ ଏକାକୀ ବିଶେଷଜ୍ଞ ଦାୟୀ ଅଟନ୍ତି)*

**CENTRAL UNIVERSITY OF ODISHA, KORAPUT**
(Established Under the Central Universities Act, 2009)
Dept. of Higher Education, Ministry of Education, Govt. of India
NAD, Sunabeda, Dist-Koraput, Odisha. PIN-763004
Website: www.cuo.ac.in

**ADMISSION NOTIFICATION FOR M.SC. IN BIODIVERSITY AND CONSERVATION OF NATURAL RESOURCES**

Activity Schedule :

| | |
|---|---|
| Date & Time for Reporting: | 28.07.2025 (9.30 AM to 10:30 AM) |
| Date & Time for Document Verification | 28.07.2025 (10.30 AM to 11:30 AM) |
| Date & Time for Entrance Examination | 28.07.2025 (11.30 AM to 12.30 PM) |
| Date & Time for Publication of Result & Merit List | 28.07.2025 (by 2.30 PM) |
| Date & Time for Admission | 28.07.2025 (2.30 PM onwards) |

For more details please visit our website(s): www.cuo.ac.in
For any query: Contact No. 9439185655 / 9668887305 / 8144744270
Email: admission@cuo.ac.in

Sd/-
Controller of Examinations

TPCODL | TPNODL | TPSODL | TPWODL
(Joint Ventures of Tata Power and Government of Odisha)

**PUBLIC NOTICE**

Installation of smart meters for new electricity connection and replacement of existing meters is in post paid mode by default. Pre-paid mode is optional and enabled only on consumer's request.

For any queries or service requests related to smart meters or other electricity services, please call on 24x7 toll-free number at 1912 or contact your nearest Customer Care Centre.

# ଲିପିର କ୍ରମବିକାଶ



ଦେବଦତ୍ତ ପଟ୍ଟନାୟକ

ଆମେ ଯେତେବେଳେ ଅନ୍ୟଜଣଙ୍କ ସହ ଯୋଗାଯୋଗ କରୁ ସେତେବେଳେ ଶବ୍ଦ ବ୍ୟବହାର କରିଥାଉ, ଯାହାକୁ କଥା ବା ଭାଷା ବୋଲି କହୁ । ସେହିପରି ଆମେ ଯେତେବେଳେ ଲେଖା ମାଧ୍ୟମରେ ଯୋଗାଯୋଗକରୁ ସେତେବେଳେ ତାହାକୁ ଲିପି କହିଥାଉ । ବିଶ୍ୱରେ ବିଭିନ୍ନ ଅଞ୍ଚଳରେ ରହୁଥିବା ଭିନ୍ନ ଭିନ୍ନ ଭାଷାଭାଷୀ ଲୋକଙ୍କ ମଧ୍ୟରେ ବିଭିନ୍ନ ଲିପି ଅଛି । ସେଗୁଡ଼ିକ କ'ଣ ଚିତ୍ରାକ୍ଷର ନା ଅକ୍ଷର । ସେଗୁଡ଼ିକ କ'ଣ ବ୍ୟଞ୍ଜନବର୍ଣ୍ଣ ଓ ସ୍ୱରବର୍ଣ୍ଣ ? ଲେଖାର ଲକ୍ଷ୍ୟ କ'ଣ ଓ ଏହା କେମିତି ବିକାଶ ହୋଇଛି ? ଗ୍ରୀସ୍‌ର ମେସୋପଟାମିଆ (ଏବର ଇରାକ୍)ସଭ୍ୟତା ସବୁଦିଗରୁ ସମୃଦ୍ଧ ଥିଲା । ସେଠାକାର ବାସିନ୍ଦା ସୁମେରୀୟମାନେ ପ୍ରାୟ ଖ୍ରୀଷ୍ଟପୂର୍ବ ୩୩୦୦ରେ ଲେଖାଶୈଳୀ ଉଦ୍ଭାବନ କରିଥିଲେ । ସେତେବେଳେ ସେମାନେ କୀଳକ ଲିପି ବ୍ୟବହାର କରୁଥିଲେ । ସ୍ଲେଟ୍ ଭଳି ମାଟି ଖଣ୍ଡ ଉପରେ ମୁନିଆ ଲେଖନୀରେ ସାଙ୍କେତିକ ଚିହ୍ନ ଭଳି ଲେଖୁଥିଲେ, ଯାହାକୁ କୁହାଯାଉଛି କୀଳକ ଲିପି । ଏଗୁଡ଼ିକ ପ୍ରଥମେ ଚିତ୍ର ଆଧାରିତ(ଇମୋଜି)ଥିଲା । ତା'ପରେ ଇଜିପ୍ଟର ସ୍ପଷ୍ଟ ଚିତ୍ରାକ୍ଷର ଲେଖା ସାମ୍ନାକୁ ଆସିଥିଲା । ଏଗୁଡ଼ିକ ମଧ୍ୟ ସାଙ୍କେତିକ ଚିହ୍ନ ଥିଲା । ତା' ପରେ ଆସିଲା ଚାଇନା ଲୋକଙ୍କ ଲେଖାଶୈଳୀ ଏବଂ ଏହା ମଧ୍ୟ ସାଙ୍କେତିକ ଚିତ୍ରଲିପି ଥିଲା । ବାସ୍ତବରେ ଏଗୁଡ଼ିକ ଉପରୁ ତଳ ଆଡ଼କୁ ଲେଖାଯାଉଥିଲା । ପରେ ଇଜିପ୍ଟବାସୀ ଉଭୟ ଦିଗରୁ ଲେଖିପାରିଲେ । କୀଳକ ଲିପି ବାମରୁ ଡାହାଣକୁ ଲେଖାଯାଉଥିଲା ।

ପାଖାପାଖି ଖ୍ରୀଷ୍ଟପୂର୍ବ ୨୮୦୦ରେ କୀଳକ ଲିପି ଅକ୍ଷରମାଳା(ସ୍ୱରଉଚ୍ଚାରିତଶବ୍ଦାଂଶ)ପାଲଟିଲା ଏବଂ ଏଥିରେ ଅଧିକ ଶବ୍ଦ ଲେଖାଯାଇପାରିଲା । ଏହାର ମଧ୍ୟ ଆବଶ୍ୟକତା ଥିଲା, କାରଣ ଚିତ୍ରାକ୍ଷର ପାଇଁ କମ୍ ସୁଯୋଗ ରହିଥିଲା । ଅନେକ ଭାଷାରେ ଏହି କୀଳକ ଲିପି ବ୍ୟବହାର କରାଗଲା ଏବଂ ମେସୋପଟାମିଆ, ବାବିଲୋନ ଏବଂ ପାରସ୍ୟର ରାଜାମାନଙ୍କ ଦ୍ୱାରା ଏହି ଭାଷା ବ୍ୟବହାର କରାଯାଉଥିଲା ।

ସୁମେରୀୟମାନଙ୍କ ସହ ହରପ୍ପା ସଭ୍ୟତାର ଲୋକମାନେ ବାଣିଜ୍ୟ କରୁଥିଲେ । କିନ୍ତୁ ହରପ୍ପାବାସୀ କୀଳକ ଲିପିକୁ



ଗ୍ରହଣ କରି ନ ଥିଲେ । ହରପ୍ପାର ଲିପି ସମ୍ଭବତଃ ଏକ ପ୍ରକାର ଛିତ୍ରାକ୍ଷର ବା ସାଙ୍କେତିକ ଚିହ୍ନ ଥିଲା, ଯଦିଓ ଅନେକ ଐତିହାସିକ ଏହା ସହ ଏକମତ ନୁହନ୍ତି । ହରପ୍ପାରୁ ମିଳିଥିବା ସିଲ୍ ବା ମୋହରରୁ ଜଣାପଡ଼େ, ହରପ୍ପା ଲିପି ଡାହାଣରୁ ବାମକୁ ଲେଖାଯାଉଥିଲା । ଏହାର ବାମରେ ଥିବା ଅଧିକ ସଙ୍କେତରୁ ଏହି ସୂଚନା ମିଳେ । ତେବେ ମୋହର ଲଗାଇବା ପରେ ତାହାକୁ ବାମରୁ ଡାହାଣକୁ ପଢ଼ାଯାଉଥିଲା । ବଳଦ ଜମି ହଳ କଲାବେଳେ ଯେମିତି ଡାହାଣରୁ ବାମ ଓ ବାମରୁ ଡାହାଣକୁ ବୁଲେ, ସେହିଭଳି ବେଳେବେଳେ ଲିପି ଡାହାଣରୁ ବାମକୁ ଏବଂ ପରେ ବାମରୁ ଡାହାଣକୁ ଲେଖାଯାଉଥିଲା । ଏହି ପ୍ରକାର ଡାହାଣରୁ ବାମ ଓ ବାମରୁ ଡାହାଣ ଲେଖାକୁ ବିପରୀତ ଲେଖାଶୈଳୀ (ବୌଷ୍ଟ୍ରୋଫେଡନ) କୁହାଯାଏ ।

ଆସନ୍ତୁ ଅକ୍ଷର ଓ ବର୍ଣ୍ଣ ଉଦ୍ଭାବନ ବିଷୟରେ ଆଲୋଚନା କରିବା । ଏବର ଲେବାନନ୍ ଏବଂ ଇସ୍ରାଏଲ ବାସିନ୍ଦା (ଫୋଏନିସିଆନ)ଙ୍କ ଦ୍ୱାରା ଖ୍ରୀଷ୍ଟପୂର୍ବ ୧୨୦୦ରେ ଅକ୍ଷର ଉଦ୍ଭାବନ ହୋଇଥିଲା । କିନ୍ତୁ ସେମାନେ କେବଳ ବ୍ୟଞ୍ଜନବର୍ଣ୍ଣ ଉଦ୍ଭାବନ କରିଥିଲେ । ଆରବରେ ବ୍ୟଞ୍ଜନବର୍ଣ୍ଣ ସହ ଏକ ଲିପି ଅଛି । ଏଥିରୁ ପ୍ରଥମେ ହିବ୍ରୁ ଓ ଆରାମାଇକ ହୋଇଛି । ପରେ ଏଥିରୁ ଆରବୀ ଓ ପାରସ୍ୟ ଲିପି ସୃଷ୍ଟି ହୋଇଥିଲା । ଏହା ସାଧାରଣତଃ ଡାହାଣରୁ ବାମକୁ ଲେଖାଯାଇଥାଏ । ସମ୍ଭବତଃ ଏହାକୁ ପ୍ରଥମେ ପଥର ଉପରେ ଛେଣି ଓ ହାତୁଡ଼ି ଦ୍ୱାରା ଖୋଦେଇ କରାଯାଉଥିଲା । ଖ୍ରୀଷ୍ଟପୂର୍ବ ୮୦୦ ପାଖାପାଖିରେ, ଗ୍ରୀକ୍‌ବାସୀ ସ୍ୱରବର୍ଣ୍ଣ ଉଦ୍ଭାବନ କଲେ । କୀଳକ ଲିପି ଭଳି ସେମାନେ ମଧ୍ୟ ବାମରୁ ଡାହାଣକୁ ଲେଖୁଥିଲେ । ଖ୍ରୀଷ୍ଟପୂର୍ବ ୩୨୬ରେ ଆଲେକଜାଣ୍ଡର ଯେତେବେଳେ ଭାରତ ଆକ୍ରମଣ କରିଥିଲେ ସେତେବେଳେ ଏହା ଭାରତକୁ ଆସିଥିଲା । ସ୍ୱରବର୍ଣ୍ଣ ହେଉଛି ଶବ୍ଦ ବା ଧ୍ୱନିର ସମାହାର, ଯାହା ସାଧାରଣତଃ ଭୋକାଲ କର୍ଡ ବା ସ୍ୱର ନଳୀ ଓ ପାଟି ଖୋଲିଲେ ଉତ୍ପନ୍ନ ହୋଇଥାଏ । ଅନ୍ୟପଟେ ବ୍ୟଞ୍ଜନବର୍ଣ୍ଣ ଧ୍ୱନି ସ୍ୱରତନ୍ତ୍ରୀ ଓ ପାଟି ବନ୍ଦ କରି ଉତ୍ପନ୍ନ ହୋଇଥାଏ । ସ୍ୱରଯୁକ୍ତ ଶବ୍ଦାଂଶଗୁଡ଼ିକ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣର ସମାହାର । ଉଦାହରଣ ସ୍ୱରୂପ ଇଂଲିଶ ଲିପିର ୨୧ଟି ବ୍ୟଞ୍ଜନବର୍ଣ୍ଣ ଏବଂ ଏ, ଇ, ଆଇ, ଓ, ୟୁ ଭଳି ୫ଟି ସ୍ୱରବର୍ଣ୍ଣ ଅଛି । ନାଗରି ଲିପିର ୩୪ ବ୍ୟଞ୍ଜନବର୍ଣ୍ଣ ଓ ୧୪ଟି ସ୍ୱରବର୍ଣ୍ଣ ରହିଛି । ତେବେ ଲିପିରେ ବର୍ଣ୍ଣ ସଂଖ୍ୟା ସ୍ଥିର ନୁହେଁ, ଏହା ପ୍ରତ୍ୟେକ ଭାଷାରୁ ଭାଷା ପରିବର୍ତ୍ତନ ହୋଇଥାଏ । ଏଥିରୁ ବୁଝାପଡୁଛି ଭାଷା ସଂସ୍କୃତି ଦ୍ୱାରା ପ୍ରଭାବିତ । ସବୁ ମଣିଷଙ୍କ ଭାଷା ଓ ସଂସ୍କୃତି ଥିଲେ ମଧ୍ୟ ଭାଷାର କିଛି ଆନୁବଂଶିକ ଆଧାର ରହିଥାଇପାରେ ।

ଭାରତର ବ୍ରାହ୍ମି ଲିପିର ସ୍ଥାନ ସ୍ୱତନ୍ତ୍ର । ଏହା ଏକ ପୁରାତନ ଭାରତୀୟ ଲେଖା ବ୍ୟବସ୍ଥା । ଏହି ଲିପିରେ ସ୍ୱତନ୍ତ୍ର ଭାବେ ସ୍ୱରବର୍ଣ୍ଣ ଓ ବ୍ୟଞ୍ଜନବର୍ଣ୍ଣ ଅଛି । ଏଥିରେ ମଧ୍ୟ ମାତ୍ରା ଓ ବ୍ୟଞ୍ଜନବର୍ଣ୍ଣ ଓ ସ୍ୱରବର୍ଣ୍ଣ ମିଶ୍ରିତ ଶବ୍ଦାବଳୀସବୁ ରହିଛି । ବ୍ରାହ୍ମିଲିପିରେ ସ୍ୱରବର୍ଣ୍ଣଗୁଡ଼ିକ ଗୋଲାକାର ଭାବେ ଯଥା ଉପର, ତଳ, ପୂର୍ବାପର ଭାବେ ବ୍ୟବସ୍ଥିତ ହୋଇଅଛି । ସେଗୁଡ଼ିକ ପ୍ରାରମ୍ଭିକ ବ୍ୟଞ୍ଜନବର୍ଣ୍ଣ ଦ୍ୱାରା ସଂଯୋଜିତ ହୋଇଛନ୍ତି । ଏହା ହିଁ ବ୍ରାହ୍ମିଲିପିର ବିଶେଷତା ।

ଖ୍ରୀଷ୍ଟପୂର୍ବ ୨୫୦ରେ ବ୍ରାହ୍ମିଲିପି ପ୍ରଥମେ ଅଶୋକଙ୍କ ରାଜବିଜ୍ଞପ୍ତିରୁ ସାମ୍ନାକୁ ଆସିଥିଲା । ତେବେ ଉନବିଂଶ ଶତାବ୍ଦୀର ବିଦ୍ୱାନ୍‌ମାନେ ଏହାକୁ 'ପିନ୍ ମ୍ୟାନ୍' ଲିପି କହୁଛନ୍ତି । ଏହାର ୫୦ ବର୍ଷ ପରେ ଅର୍ଥାତ୍ ୩୦୦ ଶତାବ୍ଦୀରେ ବୌଦ୍ଧ ଧର୍ମଗ୍ରନ୍ଥ ଲଳିତବିସ୍ତର ସୂତ୍ର ରଚନା କରାଯାଇଥିଲା । କୁହାଯାଉଛି ଯେ, ବୁଦ୍ଧ ଜଣେ ଛାତ୍ର ଭାବେ ଅନେକ ଲିପି ଶିକ୍ଷା କରିଥିଲେ ଏବଂ ସେଗୁଡ଼ିକର ତାଲିକା ମଧ୍ୟରେ ବ୍ରାହ୍ମିଲିପିର ସ୍ଥାନ ଥିଲା ପ୍ରଥମ । ହିନ୍ଦୁଧର୍ମରେ ବ୍ରହ୍ମାଙ୍କୁ ସୃଷ୍ଟିକର୍ତ୍ତା ଦେବତା ଭାବେ ସ୍ୱୀକାର କରାଯାଇଛି । ବ୍ରହ୍ମାଙ୍କ ସହ ବ୍ରାହ୍ମିର ସମ୍ପର୍କ ରହିଥିବାରୁ ପଣ୍ଡିତମାନେ ମୌର୍ଯ୍ୟ ଲିପିକୁ ବ୍ରାହ୍ମିଲିପି ଭାବେ ନାମିତ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । କୌତୂହଳର ବିଷୟ ହେଉଛି, ଦିଗମ୍ବର ଜୈନ ପୁରାଣ ଅନୁଯାୟୀ, ପ୍ରଥମ ତୀର୍ଥଙ୍କର ଋଷଭଦେବଙ୍କ ଝିଅ ବ୍ରାହ୍ମିଙ୍କୁ ଏହି ଲିପି ଲେଖା ଶିଖାଇଥିଲେ । ଏହି ତଥ୍ୟ ୯୦୦ ଶତାବ୍ଦୀର ଆଦି ପୁରାଣରୁ ଆସିଛି ।

-devduttofficial@gmail.com

## ଏଇ ଭାରତରେ

ଯେକୌଣସି ବୃତ୍ତିରେ ଥିଲେ ମଧ୍ୟ ଅଧିକ ଆୟର ଉତ୍ସ ସୃଷ୍ଟି କରାଯାଇପାରିବ ଏବଂ ଏଭଳି କାର୍ଯ୍ୟ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ପାଲଟିଛନ୍ତି କେରଳର ଶିକ୍ଷୟିତ୍ରୀ ଲତିକା ସୁତାନ । ତାଙ୍କ ବୟସ ଏବେ ୫୧ ଓ ସେ ତ୍ରିଶୂର ଜିଲାର ଏକ ସରକାରୀ ପ୍ରାଥମିକ ସ୍କୁଲରେ ଶିକ୍ଷୟିତ୍ରୀ ଅଛନ୍ତି । ଶିକ୍ଷାଦାନ ପରେ ଅବଶିଷ୍ଟ ସମୟରେ ସେ ନିଜସ୍ୱ ଉଦ୍ୟମରେ ଘର ଅଗଣାରେ ବଗିଚାଟିଏ କରିଛନ୍ତି । ସେଠାରେ ପଦ୍ମ ଓ କଇଁ ଫୁଲ ଚାଷକରି ମାସକୁ ୪୦ ହଜାର ଟଙ୍କା ରୋଜଗାର କରିପାରୁଛନ୍ତି । ମୋଟ୍‌ରେ ତାଙ୍କ ବଗିଚାରେ ୧୦୦ ପ୍ରକାର ଦେଶୀ ଓ ବିଦେଶୀ ପଦ୍ମଫୁଲ ଏବଂ ୮୦ କିସମର କଇଁଫୁଲ ଅଛି । ତାଙ୍କ ବଗିଚାର ଆକର୍ଷଣ ହେଉଛି ୧୦୦୦ ପାଖୁଡ଼ାବିଶିଷ୍ଟ ପଦ୍ମଫୁଲ । ପ୍ରଥମକରି ସେ ଏହି ଫୁଲକୁ ତାଙ୍କ ବଗିଚାରେ ଫୁଟାଇବାରେ ସକ୍ଷମ ହୋଇଛନ୍ତି । ୨୦୧୮ରୁ ସେ ଫୁଲ ବଜାରରେ ବିକ୍ରି ଆରମ୍ଭ କରିଥିଲେ ଓ ସେବେଠାରୁ ଆୟ ବଢ଼ିବାରେ ଲାଗିଛି । ଏହାବ୍ୟତୀତ ସେ ପଦ୍ମ ଓ କଇଁ ଫୁଲ ଚାଷ ସମ୍ପର୍କରେ ବିଭିନ୍ନ କର୍ମଶାଳା ଆୟୋଜନ କରୁଛନ୍ତି । ପ୍ରତିମାସରେ ୧୫୦ରୁ ଊର୍ଦ୍ଧ୍ୱ ପଦ୍ମ ଚାରା ଓ ୧୦୦ରୁ ଊର୍ଦ୍ଧ୍ୱ କଇଁଚାରା ବିକ୍ରି କରୁଛନ୍ତି । ଏହି ସମସ୍ତ କାର୍ଯ୍ୟରେ ତାଙ୍କ ସ୍ୱାମୀ ଲତିକାଙ୍କୁ ସହଯୋଗ କରୁଛନ୍ତି ।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

### ୨୪ ଜୁଲାଇ ୧୯୭୬

- ବମ୍ବେ ହାଇରୁ ନିର୍ଗତ ଅବିଶୋଧିତ ତୈଳର ବିଶୋଧନୀକରଣ କାର୍ଯ୍ୟ ଟ୍ରମ୍ବେସ୍ଥିତ ଭାରତ ରିଫାଇନେରୀଜ ଦ୍ୱାରା ଆରମ୍ଭ ।
- ଆନ୍ତର୍ଜାତିକ ସୌଖୀନ ଆଥଲେଟିକ୍ ଫେଡେରେସନ ଦକ୍ଷିଣ ଆଫ୍ରିକାକୁ ଫେଡେରେସନରୁ ବହିଷ୍କାର କରିଛନ୍ତି ।
- ଫ୍ରାନ୍ସ ପ୍ରଶାନ୍ତ ମହାସାଗରର ମୁରୋରା ଏଟୋଲଠାରେ ଭୂଗର୍ଭରେ ଦୁଇଟି ପରମାଣୁ ବୋମା ବିସ୍ଫୋରଣ କରିଥିବା ଫ୍ରାନ୍ସର ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଘୋଷଣା ।

## su|do|ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | 9 | | 5 | 8 | 2 | | | |
| 2 | | | | | | | 6 | |
| | 8 | | | 6 | | | | |
| 1 | | | | 9 | 7 | | | 2 |
| 8 | 7 | | | | 1 | | | |
| | | | | | | | | 4 |
| | | | | 5 | 6 | | 2 | 7 |
| | | | 7 | 3 | | | | 9 |
| 6 | | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 5 | 7 | 3 | 6 | 4 | 2 | 9 | 8 | 1 |
| 6 | 4 | 1 | 9 | 3 | 8 | 5 | 7 | 2 |
| 2 | 9 | 8 | 5 | 7 | 1 | 6 | 3 | 4 |
| 9 | 8 | 5 | 2 | 1 | 3 | 7 | 4 | 6 |
| 7 | 2 | 6 | 8 | 9 | 4 | 1 | 5 | 3 |
| 1 | 3 | 4 | 7 | 5 | 6 | 8 | 2 | 9 |
| 4 | 1 | 7 | 3 | 8 | 9 | 2 | 6 | 5 |
| 3 | 5 | 2 | 1 | 6 | 7 | 4 | 9 | 8 |
| 8 | 6 | 9 | 4 | 2 | 5 | 3 | 1 | 7 |

ଗତକାଲିର ଉତ୍ତର

# ପରିବାର କଲ୍ୟାଣ ଓ ନିୟନ୍ତ୍ରଣ



ଡ.ସତ୍ୟ ନାରାୟଣ ମିଶ୍ର

ପରିବାର ହେଉଛି ଏକ ସମଭାବାପନ୍ନ ବ୍ୟକ୍ତିବିଶେଷଙ୍କର ସମଷ୍ଟି ତଥା ଏକ ବଂଶଗତ ସମୁଦାୟ । ସାଧାରଣତଃ ପରିବାର ମଧ୍ୟରେ ସମ୍ପର୍କର ଏକ ସେତୁ ରହିଥାଏ । ମଣିଷ ସମାଜର ପ୍ରଥମ ପାହାଚ ହେଉଛି ପରିବାର । ଭକ୍ତକବି ମଧୁସୂଦନ ରାଓ ଲେଖିଥିଲେ 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର, ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର' । ଭକ୍ତକବିଙ୍କର ଏହି ଅମୃତମୟ ପଙ୍‌କ୍ତିରେ ଘରକୁ ବୈକୁଣ୍ଠପୁର ସହ ତୁଳନୀୟ କରାଯାଇଛି । ବୈଦିକ ଭାଷାରେ ବସୁଧୈବ କୁଟୁମ୍ବକମ୍ ଅର୍ଥାତ୍ ଆମ୍ଭେ ସମସ୍ତେ ବିଶ୍ୱବାସୀ, ଗୋଟିଏ କୁଟୁମ୍ବ ଅର୍ଥାତ୍ ଗୋଟିଏ ପରିବାର, ଯେଉଁଠି ଘରର ପ୍ରତିଟି ମୁହୂର୍ତ୍ତ ଅତିବାହିତ ହୋଇଥାଏ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ସେବା ଓ ଅତୁଟ ଭଲପାଇବାର ବନ୍ଧନୀରେ । ଭାରତୀୟ ପାରିବାରିକ ବ୍ୟବସ୍ଥା ଅନେକ ମୂଲ୍ୟବୋଧ ଓ ଗରିମାକୁ ନେଇ ଚାଲିଛି, ସେଥିରେ ଦ୍ୱିମତର ଅବକାଶ ନାହିଁ । ମାତ୍ର ପରିବାର କଲ୍ୟାଣ ଓ ପରିବାର ନିୟନ୍ତ୍ରଣ ଭିନ୍ନ ଏକ ଦିଗରେ ଧାବମାନ କରୁଥିବାର ଅନୁମାନ କରାଯାଏ । ପରିବାରର ଏକାନ୍ନବର୍ତ୍ତୀ ସଂସ୍କୃତି ସମ୍ପ୍ରତି ଧୀରେ ଧୀରେ ଅପସରି ଯାଉଛି । ତଥାପି ପରିବାର ବଜାୟ ରଖିଛି ନିଜର ବିଶ୍ୱାସବୋଧତା, ଅନ୍ୟକୁ ସ୍ନେହ, ପ୍ରେମ ବାଣ୍ଟିବାର ଅମାପ ରଜ୍ଜୁରେ । ପରିବାରର ଗୃହକର୍ତ୍ତା ଭାବେ ଯିଏ ଦାୟିତ୍ୱ ସମ୍ପାଦନ କରିଥାନ୍ତି ତାଙ୍କ ଉପରେ ସବୁବେଳେ ଗୁରୁଦାୟିତ୍ୱ ରହିଥାଏ । ତେଣୁ ପରିବାରର ମୁଖ୍ୟ ପରିବାରର ସଦସ୍ୟମାନଙ୍କୁ ସ୍ନେହ ଶ୍ରଦ୍ଧା ଯତ୍ନ ଆଦିର ବଳୟରେ ବାନ୍ଧି ଯେତେବେଳେ ଏକ ସମ୍ବନ୍ଧର ସମୁଦ୍ର ସୃଷ୍ଟି କରିଥାନ୍ତି, ତାହା ପରିବାର କଲ୍ୟାଣ ଉପରେ ବିବେଚିତ ହୁଏ । ପରିବାରର ସମସ୍ତ ଆବଶ୍ୟକତା ଓ ଯତ୍ନ ପରିବାର କଲ୍ୟାଣ ଭାବେ ଯେତେବେଳେ ପରିବାରର ମୁଖ୍ୟ ବହନ କରିଥାନ୍ତି, ସେତେବେଳେ ଗଣତାନ୍ତ୍ରିକ ପଦ୍ଧତିରେ ମଧ୍ୟ ସରକାର ସମାଜର ପ୍ରତ୍ୟେକ ପରିବାରର କଲ୍ୟାଣ ପାଇଁ ବିଭିନ୍ନ ଯୋଜନା କରିଥାନ୍ତି । ପରିବାରର ମୁଖ୍ୟ ଯେତେବେଳେ ପରିବାରର ଅସୁବିଧା ସୁବିଧା କଥା ଚିନ୍ତା କରନ୍ତି, ତାହା ଥାଏ ନିର୍ଦ୍ଦିଷ୍ଟ ଭାବେ ଉକ୍ତ ପରିବାର ପାଇଁ ଉଦ୍ଦିଷ୍ଟ । ମାତ୍ର ସରକାର ଯେତେବେଳେ ପରିବାର କଲ୍ୟାଣ କଥା ବିଚାର କରନ୍ତି, ତାହା ଥାଏ ସମଗ୍ର ଦେଶ ବା ଜାତିର କଲ୍ୟାଣ । କାରଣ ପରିବାର କଲ୍ୟାଣ ହେଲେ ଦେଶ ବା ଜାତିର ବିକାଶ ସମ୍ଭବ ହେବ ।

ଗୋଟିଏ ପରିବାର କେବଳ ଏକାଠି ରହୁଥିବା ବ୍ୟକ୍ତିବିଶେଷଙ୍କ ଗୋଷ୍ଠୀ ନୁହେଁ; ଏହା ଏକ ସାମାଜିକ ଏକକ ଏବଂ ରକ୍ତ, ବିବାହ କିମ୍ବା ସ୍ନେହ ଦ୍ୱାରା ବନ୍ଧା ହୋଇଥିବା ଏକ ମଞ୍ଚ । ବ୍ୟକ୍ତିର ପରିଚୟ ଓ ମୂଲ୍ୟବୋଧରେ ପରିବାରର ସଦସ୍ୟମାନେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । ଅତଏବ ପରିବାର ସଦସ୍ୟଙ୍କ ପ୍ରେମକୁ ଦୁନିଆର ଅନ୍ୟ କୌଣସି ପ୍ରେମ ସହିତ ତୁଳନା କରାଯାଇ ନ ପାରେ, ଯେଉଁଠି ଥାଏ ସୁସ୍ଥ ଭାବପ୍ରବଣତା, ସ୍ନେହ, କରୁଣା ତଥା ସହାନୁଭୂତି । ଏହା ସକାରାତ୍ମକ ମାନସିକ ସ୍ୱାସ୍ଥ୍ୟ ଫଳାଫଳ ଓ ସାମଗ୍ରିକ ସୁସ୍ଥତା ପାଇଁ ସହାୟକ ହୋଇଥାଏ । ପାରିବାରିକ ସ୍ତରରେ ଉକ୍ତ ମୁକ୍ତ କଲ୍ୟାଣର ପନ୍ଥା ଯେତେବେଳେ ପରିବାରର ସଦସ୍ୟଙ୍କଠାରେ ଥାଏ, ଯାହା ବ୍ୟକ୍ତିକୁ ସୁସ୍ଥ ତଥା ଦୀର୍ଘାୟୁ କରେ, ସେତେବେଳେ ସରକାରୀ କଲ୍ୟାଣ ହୋଇଥାଏ କେବଳ କିଛି ଅର୍ଥର ସାହାଯ୍ୟ ଓ



ଆନୁଷଙ୍ଗିକ ସହଯୋଗ । ଭାରତୀୟ ପରିବାର ଆମ ସଂସ୍କୃତିରେ ଏକ ବିଶେଷ ସ୍ଥାନ ଅଧିକାର କରିଥାଏ, ଯାହା ଦ୍ୱାରା ସୃଷ୍ଟି ହୁଏ ଚେତନାର ଶିକ୍ଷା । ପାରିବାରିକ କଲ୍ୟାଣ କେବଳ ଜନ୍ମର ଯୋଜନା ନୁହେଁ, ବରଂ ସମୁଦାୟ ପରିବାରର ସ୍ୱାସ୍ଥ୍ୟ ସେବା ମାଧ୍ୟମରେ ସମଗ୍ର ପରିବାରର କଲ୍ୟାଣକୁ ଅନ୍ତର୍ଭୁକ୍ତ କରିଥାଏ । ଭାରତରେ ସରକାରୀ ସ୍ତରରେ ପ୍ରଥମେ ପରିବାର କଲ୍ୟାଣ କାର୍ଯ୍ୟକ୍ରମ ରଘୁନାଥ ଧୋଣ୍ଡୋ କରଭେ ସ୍ଥାନିତ କରିଥିଲେ । ତାଙ୍କ ଯୋଜନାରେ ସେ ଜନସଂଖ୍ୟା ନିୟନ୍ତ୍ରଣର ଆବଶ୍ୟକତାକୁ ସ୍ୱୀକାର କରି ସେଥିପାଇଁ କେତେକ ଉପଦେଶ ଦେଇଥିଲେ । ତାଙ୍କ ମତରେ ସମାଜ କଲ୍ୟାଣ ସର୍ବ ପ୍ରଥମେ ଜନସଂଖ୍ୟା ନିୟନ୍ତ୍ରଣରେ ପ୍ରାଥମିକତା ଦେବା ଉଚିତ, ତେବେ ଯାଇ ପରିବାର କଲ୍ୟାଣ ସରକାରୀ ଭାବରେ ସମ୍ଭବ ହୋଇପାରିବ । ମହାତ୍ମା ଗାନ୍ଧୀ କହିଥିଲେ, ସମାଜ ଜନ୍ମ ନିୟନ୍ତ୍ରଣ ଉପରେ ନିର୍ଭର କରିବା ପରିବର୍ତ୍ତେ, ଆତ୍ମ ନିୟନ୍ତ୍ରଣ ଅଭ୍ୟାସ କରିବା ଉଚିତ, ଯାହା ଏକ ମୌଳିକ ଚିନ୍ତା ବୋଲି ମନେହୁଏ । ମାତ୍ର ପରବର୍ତ୍ତୀ ସମୟରେ ସରକାର ଅନେକ ପରିସ୍ଥିତିକୁ ଦୃଷ୍ଟିରେ ରଖି ଜନ୍ମ ନିୟନ୍ତ୍ରଣକୁ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟକାରୀ କରିଥାନ୍ତି । ପରିବାରର କଲ୍ୟାଣ ଯେତେବେଳେ ଜନ୍ମ ନିୟନ୍ତ୍ରଣକୁ ପ୍ରାଥମିକତା ଦେଇଥାଏ, ସେତେବେଳେ ଏହା ଏକ ଭିନ୍ନ ବାସ୍ତବତାର ସମ୍ମୁଖୀନ ହୋଇଥାଏ । ଭାରତରେ ଏହି କାର୍ଯ୍ୟକ୍ରମ ୧୯୫୨ରେ ଆରମ୍ଭ ହୋଇଥିଲା ଓ ପ୍ରଥମେ ଏହା କେବଳ ଜନ୍ମ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦେଉଥିଲା । ମାତ୍ର ସମୟକ୍ରମେ ଏହି କାର୍ଯ୍ୟକ୍ରମ ପାରିବାରିକ ସ୍ୱାସ୍ଥ୍ୟର ଅନ୍ୟାନ୍ୟ ଦିଗ ଯାହା ପୁଷ୍ଟିକର ଖାଦ୍ୟ, ପରିବାର କଲ୍ୟାଣ, ମା' ଓ ଶିଶୁ ସ୍ୱାସ୍ଥ୍ୟକୁ ଅନ୍ତର୍ଭୁକ୍ତ କରିଥିଲା ।

ପରିବାର ଯୋଜନା ଆରମ୍ଭ କରିବାରେ ଭାରତ ବିଶ୍ୱର ପ୍ରଥମ ଦେଶ ଥିଲା । କିନ୍ତୁ ଜନସଂଖ୍ୟାକୁ ସ୍ଥିର ରଖିବା ତଥା ନାଗରିକଙ୍କୁ ସୁସ୍ଥ ଓ ଉତ୍ପାଦନକ୍ଷମ ଜୀବନ ପ୍ରଦାନ କରିବାର ଆବଶ୍ୟକତା ଥିବା ମନେହୁଏ । ଏହା ମଧ୍ୟ ନିଶ୍ଚିତ ଯେ, ଅନିୟନ୍ତ୍ରିତ ଜନସଂଖ୍ୟା ବୃଦ୍ଧି ଜାତୀୟ ବିକାଶରେ ବାଧା ସୃଷ୍ଟି କରିଥାଏ । ଏଥିପାଇଁ ଜନସଂଖ୍ୟା ବୃଦ୍ଧି ସମସ୍ୟାକୁ ଦୂର କରିବା ପାଇଁ ଯୋଜନା ଅବଧି ମଧ୍ୟରେ ମୁଖ୍ୟ ଗୁରୁତ୍ୱ ଦିଆଯାଇଥିଲା । ସରକାରୀ ସ୍ତରରେ ଯେତେବେଳେ ଅନେକ କଲ୍ୟାଣ ଓ ନିୟନ୍ତ୍ରଣ କାର୍ଯ୍ୟକାରୀ ହୋଇଥାଏ, ସେତେବେଳେ ପରିବାର ତାହାକୁ ସ୍ୱୀକାର କରିଥାଏ ବା କେତେକାଂଶରେ ନ କରି ମଧ୍ୟ ଥାଏ, ଯାହା ଥାଏ ସରକାରୀ ସ୍ତରର ନୀତି ଓ ନିର୍ଦ୍ଦେଶ । ମାତ୍ର ସାମ୍ପ୍ରତିକ ସମାଜରେ ପରିବାର କଲ୍ୟାଣ ଓ ନିୟନ୍ତ୍ରଣ ସରକାରୀ ସ୍ତରରେ ନିୟନ୍ତ୍ରିତ ହୋଇଥିଲେ ମଧ୍ୟ ପାରିବାରିକ ବା ସାମାଜିକ କ୍ଷେତ୍ରରେ ତାହା ଯଥେଷ୍ଟ ନିଷ୍କ୍ରିୟ ହୋଇଯାଉଛି । ଯେତେବେଳେ ପରିବାର ଜନସଂଖ୍ୟାରେ ନିୟନ୍ତ୍ରଣ ହୋଇଗଲା, ସେତେବେଳେ ସେହି ସମାଜରେ ବ୍ୟକ୍ତି ବା ପରିବାର ନିଜ ନିଜ ମଧ୍ୟରେ ଅନିୟନ୍ତ୍ରିତ ହୋଇଗଲେ । ସାମଗ୍ରିକ ଭାବେ କିଛି ବର୍ଷ ପୂର୍ବରୁ ଯେତେବେଳେ ପରିବାର କହିଲେ ୧୫/୨୦ ଜଣକୁ ବୁଝାଉଥିଲା, ସେତେବେଳେ ପରିବାର କଲ୍ୟାଣ ମଧ୍ୟ ସୁଚାରୁରୂପେ ହେଉଥିଲା ଓ ପରିବାର ନିୟନ୍ତ୍ରଣରେ ନିୟନ୍ତ୍ରିତ ହେଉଥିଲା । ବର୍ତ୍ତମାନ ପ୍ରତ୍ୟେକ ପରିବାର ନିକଟରେ ଯଥେଷ୍ଟ କଲ୍ୟାଣର ସୁବିଧା ଥାଇ ମଧ୍ୟ ଏକାନ୍ନବର୍ତ୍ତୀ ପରିବାର ଏକକ ପରିବାର ହୋଇଛି । ବୈକୁଣ୍ଠର ଘର ନିର୍ବାସନ କ୍ଷେତ୍ର ଭଳି ଅନୁଭବ ହେଉଛି । ଅତଏବ ସରକାରୀ ଭାଷାରେ ପରିବାର କଲ୍ୟାଣ ଓ ପରିବାର ନିୟନ୍ତ୍ରଣ ଯେତେବେଳେ ଶାସନର ପରିଧି ମଧ୍ୟରେ ନିୟନ୍ତ୍ରିତ ହୋଇଥାଏ, ସେତେବେଳେ ପାରିବାରିକ ଓ ସାମାଜିକ ଅନୁଶାସନରେ ପରିବାର କଲ୍ୟାଣର ପୃଷ୍ଠଭୂମିରେ ନୈତିକତାର ଆତ୍ମନିୟନ୍ତ୍ରଣରେ ମନ୍ତ୍ରିତ ହେବା ଆବଶ୍ୟକ; ଯେଉଁଥିରେ ସୃଷ୍ଟି ହେବ ପରିବାରର ଆତ୍ମ ମର୍ଯ୍ୟାଦା ଓ ପ୍ରକୃତ କଲ୍ୟାଣର ନିୟନ୍ତ୍ରିତ ସୀମାରେଖା ।

**ସହାୟକ ନିର୍ଦ୍ଦେଶକ**
**ଜାତୀୟ ଅଭିଲେଖାଗାର, ଭାରତ ସରକାର , ଭୁବନେଶ୍ୱର**
**ମୋ:୯୯୩୭୩୪୫୯୦୦**

# ଅସହାୟ ବାନପ୍ରସ୍ଥି ଓ ଉତ୍ତରପିଢ଼ି



ଜଗନ୍ନାଥ ବେହେରା

ଆଜି ଭାରତରେ ଜନ୍ମିତ ଉତ୍ତର ପିଢ଼ିମାନେ ବୟସ୍କ ମାତାପିତାଙ୍କ ଦାୟିତ୍ୱ ବହନ କରିବାରେ କୁଣ୍ଠା ପ୍ରକାଶ କରୁଛନ୍ତି । ଏହା ବଡ଼ ବିଡ଼ମ୍ବନା । ଅନେକ ଲକ୍ଷ ବୃଦ୍ଧା ବୃଦ୍ଧ ସୁରକ୍ଷାରୁ ବଞ୍ଚିତ ହୋଇ ନିର୍ଯାତିତ ଜୀବନ କାଟୁଛନ୍ତି । ଅସହାୟ ବାନପ୍ରସ୍ଥିର ଅଶ୍ରୁ ପୋଛିବାକୁ କାହା ନିକଟରେ ଆଉ ସମୟ ନାହିଁ ।

ଭାରତୀୟ ସଂସ୍କୃତି ଦିନେ ପିତା ଏବଂ ପୂର୍ବପୁରୁଷଙ୍କୁ ସ୍ୱର୍ଗ, ଧର୍ମ ଏବଂ ତପସ୍ୟାର ଆସନ ଦିଆଯାଇଥିଲା । ଜୀବିତ ହେଉ ବା ମୃତ ମାତାପିତାଙ୍କୁ ଦେବତା ପରି ପୂଜା କରାଯାଉଥିଲା । ମା' ଥିଲେ ସ୍ୱର୍ଗଠାରୁ ମହୀୟସୀ । ମଣିଷ ଜୀବନର ପାଞ୍ଚବିଧି ଋଣ ମଧ୍ୟରୁ ପିତୃ ଋଣ ଥିଲା ସର୍ବାଧିକ ମହତ୍ତ୍ୱପୂର୍ଣ୍ଣ । ଆର୍ଯ୍ୟ ଭାରତର ଚତୁରାଶ୍ରମ ମଧ୍ୟରୁ ତୃତୀୟ ପର୍ଯ୍ୟାୟର ବାନପ୍ରସ୍ଥ ଜୀବନ ଥିଲା ସମସ୍ତଙ୍କର ପୂଜ୍ୟ ଏବଂ ବରେଣ୍ୟ । ବନପ୍ରସ୍ଥି ଅଭିଜ୍ଞ ମନ୍ତ୍ରଣା ଦ୍ୱାରା ରାଜ୍ୟ ବ୍ୟବସ୍ଥା, ସମାଜ ବ୍ୟବସ୍ଥା ଓ ପରିବାର ବ୍ୟବସ୍ଥା ସୁପରିଚରକ ହେଉଥିଲା ।

ବୟସ୍କମାନଙ୍କ ମନ, ଚିନ୍ତା ଓ ଦୃଷ୍ଟିଭଙ୍ଗୀର ବ୍ୟାପକ ପରିବର୍ତ୍ତନ ଘଟିଛି । ସତ୍ୟ, ସରଳତା, ତ୍ୟାଗ ତୀତିକ୍ଷା, ଧୈର୍ଯ୍ୟ ଏବଂ ପ୍ରେମର ମୂର୍ତ୍ତିମନ୍ତ ପ୍ରତୀକ ହେଉଛନ୍ତି ସେମାନେ । ଆମେ କିନ୍ତୁ ଆଜି ଏହା ବୁଝିବାରେ ଅସମର୍ଥ । ଆମ ବୁଦ୍ଧି ବିବେକ ଏବେ ଜେଲରେ ବନ୍ଦୀ । ଏବେ କିନ୍ତୁ ସେମାନେ ସମାଜର ଅଲୋଡ଼ା ଅଙ୍ଗ, ଯାହାଙ୍କ ପ୍ରତି ଯାବତୀୟ ନିର୍ଯାତନା ପ୍ରଦର୍ଶନ କରାଯାଉଛି । ଏହି ପ୍ରସଙ୍ଗକୁ ନେଇ ଅବଶ୍ୟ ବର୍ତ୍ତମାନ ଗ୍ରାମପଞ୍ଚାୟତ ସ୍ତରରୁ ଜାତିସଂଘ ପର୍ଯ୍ୟନ୍ତ ଉଦ୍‌ବେଗ ସୃଷ୍ଟି ହୋଇଛି । ସମସ୍ୟାକୁ ସମାଧାନ କରିବାର ରାସ୍ତା ଖୋଜୁଛନ୍ତି । ସମଗ୍ର ବିଶ୍ୱରେ ବାର୍ଦ୍ଧକ୍ୟ ସଂଖ୍ୟା ୧୦୦ କୋଟି ନିକଟରେ ପହଞ୍ଚି ସାରିଲାଣି । ବୟସ୍କମାନଙ୍କ ସମସ୍ୟା ଓ ସେମାନଙ୍କ ସ୍ୱାସ୍ଥ୍ୟ ଓ ନିରାପତ୍ତା ନିମନ୍ତେ ଜାତିସଂଘରେ ପ୍ରଥମ ଥର ଅର୍ଜେଣ୍ଟିନା ୧୯୪୮ରେ ପ୍ରଶ୍ନ ଉତ୍‌ଥାପନ କରିଥିଲେ । ଦୀର୍ଘ ୨୦ ବର୍ଷ ପରେ ୧୯୭୧ ମସିହାରେ ଜାତିସଂଘର ସାଧାରଣ ପରିଷଦ ବୟସ୍କଙ୍କ ନିମନ୍ତେ ଏକ ମାର୍ଗ ଦର୍ଶିକା ପ୍ରସ୍ତୁତ କରିବାକୁ ସେକ୍ରେଟାରୀ ଜେନେରାଲଙ୍କୁ ନିର୍ଦ୍ଦେଶ ଦେଲେ । ଶେଷରେ ୧୯୮୨ ମସିହା ଜୁଲାଇ ୨୬ ଠାରୁ ଅଗଷ୍ଟ ୯ ପର୍ଯ୍ୟନ୍ତ ବୟସ୍କ ନିମନ୍ତେ ପ୍ରଥମ ଆନ୍ତର୍ଜାତିକ ସମ୍ମିଳନୀ ଭିଏତ୍‌ନାମ୍‌ରେ ଅନୁଷ୍ଠିତ ହୋଇଥିଲା । ଏହି କ୍ରମରେ ବୟସ୍କଙ୍କ ବ୍ୟକ୍ତିଗତ ସ୍ୱାଧୀନତା, ସେମାନଙ୍କ ସ୍ୱାସ୍ଥ୍ୟ ସୁରକ୍ଷା, ନିରାପତ୍ତା, ବ୍ୟକ୍ତିଗତ ଇଚ୍ଛା ଓ ଆକାଂକ୍ଷା ପୂରଣ ଆଦି ନିଷ୍ପତ୍ତି ହାତକୁ ନିଆଯାଉଛି । ଣ୍ଆଇନ ଅନୁଯାୟୀ ବୃଦ୍ଧା ମାତାପିତାଙ୍କ ପରିପାଳନ କରିବା ପିଲାଙ୍କ ନିମନ୍ତେ ବାଧ୍ୟ ।

୧୯୯୯ରେ ବୟସ୍କଙ୍କ ନିମନ୍ତେ ଜାତୀୟ ନୀତି ଅନୁଯାୟୀ ବୃଦ୍ଧାଶ୍ରମ ପ୍ରତିଷ୍ଠା, ଡାକ୍ତରଖାନାରେ ଅଗ୍ରାଧିକାରରେ ଚିକିତ୍ସା, ରେଳରେ ରିହାତି ବ୍ୟବସ୍ଥା କରାଯାଇଛି । ଓଡ଼ିଶାରେ 'ବରିଷ୍ଠ ନାଗରିକ ନୀତି ୨୦୧୬' କାର୍ଯ୍ୟକ୍ରମ ହୋଇଛି । ସେମାନଙ୍କ ସ୍ୱାଭିମାନ ସୁରକ୍ଷା, ସାମାଜିକ ନିରାପତ୍ତା, ସ୍ୱାସ୍ଥ୍ୟସେବା, ଖାଦ୍ୟ, ବାସଗୃହ ଏବଂ ଚିତ୍ତବିନୋଦନ ସହଜ କରିବାର ନୀତି ନିରୂପଣ ହୋଇଛି । ବାର୍ଦ୍ଧକ୍ୟରେ ଉପାର୍ଜନର ନିଶ୍ଚିତତା, ସ୍ୱାସ୍ଥ୍ୟର ଯତ୍ନ, ସୁରକ୍ଷା ଓ ନିରାପତ୍ତା, ରହିବା ପାଇଁ ବାସ, ଭରଣପୋଷଣ, ଉତ୍ତରପିଢ଼ିଙ୍କ ସହ ପାରସ୍ପରିକ ସମ୍ପର୍କକୁ ନିବିଡ଼ ପରି ସମସ୍ୟାର ସମାଧାନ ପାଇଁ ପ୍ରତିବଦ୍ଧତା ପ୍ରକାଶ ପାଇଛି ।

ବୟସ୍କମାନଙ୍କୁ ସୁରକ୍ଷା, ସମ୍ମାନ ଦେବାପାଇଁ ସରକାରୀ ସ୍ତରରେ ବ୍ୟାପକ ବ୍ୟବସ୍ଥା ହୋଇଥିଲେ ମଧ୍ୟ ସେମାନେ ଘରୋଇ ହିଂସାର ଶିକାର ହେବା ବର୍ତ୍ତମାନର ବଡ଼ ସମସ୍ୟା । ନିଜର ପୁତ୍ର କନ୍ୟାମାନେ ନିର୍ଯାତନା ଦେବା, ଠିକ୍ ସମୟରେ ଖାଦ୍ୟ ନ ଦେବା, ଆବଶ୍ୟକୀୟ ଔଷଧରୁ ଦୂରେଇ ରଖିବା, ବଞ୍ଚି ଥାଉ ଥାଉ ସେମାନଙ୍କୁ ସ୍ୱ-ଅର୍ଜିତ ସମ୍ପତ୍ତିରୁ ବଞ୍ଚିତ କରିବା, ସେମାନଙ୍କ ପେନ୍‌ସନକୁ ବଳପୂର୍ବକ ନେବା ଏବଂ ଅସୁସ୍ଥତା ସମୟରେ ସେବା ନ ଦେବା ପରି ସମୟରେ ପୀଡ଼ିତ ବର୍ତ୍ତମାନ ବୟସ୍କ ମଣିଷ । ସେମାନେ ଆଜି ମରଣର ପ୍ରତୀକ୍ଷା, ଜୀବନ ଅପେକ୍ଷା ମୃତ୍ୟୁ ହିଁ ସେମାନଙ୍କ ଅଧିକ କାମ୍ୟ । ସନ୍ତାନମାନଙ୍କ ମାନସିକତାରେ ପରିବର୍ତ୍ତନ ନ ଘଟିଲେ ସେମାନଙ୍କ ଶାନ୍ତି, ସନ୍ତୋଷରେ ବ୍ୟାହତ ହେବ । ନିଜ ନିଜ ଶବକୁ ବହନ କରି ସଂସାରରେ ପର୍ଯ୍ୟଟନ କରୁଥିବା ଏହି ଅସହାୟ ବାନପ୍ରସ୍ଥିଙ୍କ ଅଶ୍ରୁ ଚିରସ୍ରୋତା ହୋଇଯିବ । ଉତ୍ତରପିଢ଼ିଙ୍କ ଦାୟିତ୍ୱହୀନତା ଆଗାମୀ ଦିନଗୁଡ଼ିକରେ ଅନୁଭବୀ ସୂର୍ଯ୍ୟଙ୍କ ତେଜକୁ ମେଘାଚ୍ଛନ୍ନ ନ କରି ଦେବ କିଏ କହିବ ।

**ଗାୟତ୍ରୀ ନଗର, ନବରଙ୍ଗପୁର,**
**ମୋ:୯୪୩୭୭୮୫୧୫୮**

## ଚିରନ୍ତନୀ

ପ୍ରୀଡ଼ିତ ମରମେ ମମ
ଅତିହିଁ ନିଠୁରତମ
ଏ ସଂସାର ମାରିଯାଏ ବିକଳ ଆଘାତ,
ଚିରିଯାଏ କ୍ଷତଗାର
ବହଇ ରକତ ଧାର
ଛୁଇଁଯାଉ ତହିଁ ତବ ସୁଶୀତଳ ହାତ ।
-(ଆଶ୍ଳେଷ ସ୍ୱର୍ଗ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଛାତ୍ରୀଙ୍କ ସୁରକ୍ଷା ପ୍ରତି ଧ୍ୟାନ ଦିଆଯାଉ

ମହାଶୟ,

ନାରୀ ଶିକ୍ଷାରେ ଉଲ୍ଲେଖନୀୟ ପାରଦର୍ଶିତା ଆଣିବାକୁ ହେଲେ ଛାତ୍ରୀଙ୍କ ସୁରକ୍ଷା ଲୋଡ଼ା । ସେମାନଙ୍କୁ ଅଧ୍ୟୟନ ସମୟରେ ମାନସିକ ଉତ୍ପୀଡ଼ନରୁ ମୁକ୍ତ ରଖିବା ଦରକାର । ସାମ୍ପ୍ରତିକ ପରିସ୍ଥିତିରେ ଭାରତର ଶିକ୍ଷାନୁଷ୍ଠାନଗୁଡ଼ିକରେ ଛାତ୍ରୀମାନଙ୍କ ପ୍ରତି ମାନସିକସ୍ତରରେ ଅତ୍ୟାଚାର ଯୋଗୁ ସେମାନଙ୍କ ସ୍ଥିତି ଚାପଗ୍ରସ୍ତ ହେବା ସହ ଜୀବନ ଦିନକୁ ଦିନ ଅସୁରକ୍ଷିତ ହେଉଛି । ସ୍ଥିତିକୁ ଲକ୍ଷ୍ୟକରି ବିଦ୍ୟାଳୟସ୍ତରରେ ଅଧିକ ଶିକ୍ଷୟିତ୍ରୀ ସହ ମହିଳା କର୍ମଚାରୀ ନିଯୁକ୍ତ କରାଯାଉ । ସେହିପରି ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଛାତ୍ରୀଙ୍କ ପାଇଁ ଏକ ଭୀତିମୁକ୍ତ ବ୍ୟବସ୍ଥାକୁ ସୁସଙ୍ଗଠିତ କରିବା ସକାଶେ ସରକାର ତାଙ୍କ ଶିକ୍ଷାନୀତିରେ ପରିବର୍ତ୍ତନ ଆଣନ୍ତୁ, ଯାହା ଜାତୀୟ ଆଶା ଆକାଂକ୍ଷାର ପ୍ରତିଫଳନ ରୂପେ ପ୍ରତିପାଦିତ ହେବ । ଶିକ୍ଷାନୁଷ୍ଠାନଗୁଡ଼ିକରେ ପ୍ରତ୍ୟକ୍ଷ ଓ ପରୋକ୍ଷରେ ଅପରାଧୀକରଣକୁ ପ୍ରୋତ୍ସାହିତ କିମ୍ବା ପ୍ରଶ୍ରୟ ଦେବା ପରି ହୀନ ମାନସିକତାଠାରୁ ଦୂରେଇ ରହିବା ଦିଗରେ ଆମ୍ଭେମାନେ ସତର୍କତା ଅବଲମ୍ବନପୂର୍ବକ ସଚେତନାତ୍ମକ ପଦକ୍ଷେପ ନେବା ଆବଶ୍ୟକ ।

**-ଅଶୋକ କୁମାର ଆଢ଼୍ୟ, ମରୀଚିକୋଟ ଗଳି, ପୁରୀ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦ କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ଭାରପ୍ରାପ୍ତ କୁଳପତି ନିଯୁକ୍ତିକୁ ରଦ୍ଦ କରିଛନ୍ତି କୁଳାଧିପତି

**ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ନିଯୁକ୍ତି ମାମଲା**

**ରାଜ୍ୟ ସରକାରଙ୍କ ପକ୍ଷରୁ ହାଇକୋର୍ଟରେ ଜବାବ ଦାଖଲ**

କଟକ,୨୩।୭(କାର୍ତ୍ତିକ ସାହୁ)




ଉତ୍କଳ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଭାବେ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କ ନିଯୁକ୍ତିକୁ କୁଳାଧିପତି ଗତ ୨୨ ତାରିଖରେ ରଦ୍ଦ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ଏ ନେଇ ହାଇକୋର୍ଟଙ୍କୁ ଅବଗତ କରାଇଛନ୍ତି। ମୁଖ୍ୟ ବିଚାରପତି ହରିଶ୍ ଟଣ୍ଡନ୍ ଓ ବିଚାରପତି ମାନସ ରଞ୍ଜନ ପାଠକଙ୍କୁ ନେଇ ଗଠିତ ଖଣ୍ଡପୀଠ ଏ ସଂକ୍ରାନ୍ତୀୟ ଜନସ୍ୱାର୍ଥ ମାମଲାର ବୁଧବାର ଶୁଣାଣି କରି ରାଜ୍ୟ ସରକାର କୁଳପତି ନିଯୁକ୍ତି ବାବଦରେ ଯେକୌଣସି ନିଷ୍ପତ୍ତି ତଥା ନିଯୁକ୍ତି ଆଇନ୍‌ର ପ୍ରାବଧାନ ଅନୁସାରେ କରିବାକୁ ସ୍ପଷ୍ଟ କରିଛନ୍ତି। ଏଥିସହ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁଯାୟୀ ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ନିଯୁକ୍ତି ହୋଇ ନ ଥିବା ନେଇ ରୁଜୁ ମାମଲାର ଅନ୍ତ ଘଟାଇଛନ୍ତି।

ଉତ୍କଳ ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ର ତଥା ହାଇକୋର୍ଟ ଆଇନଜୀବୀ ପ୍ରବୀର କୁମାର ଦାସଙ୍କ ଦ୍ୱାରା ରୁଜୁ ଜନସ୍ୱାର୍ଥ ମାମଲାର ବିବରଣୀ ଅନୁଯାୟୀ, ଉତ୍କଳ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟଙ୍କ କାର୍ଯ୍ୟକାଳ ୨୦୨୪ ନଭେମ୍ବର ୨୩ରେ ସମ୍ପୂର୍ଣ୍ଣ ହେବା ପରେ କୁଳାଧିପତି ତାଙ୍କର କାର୍ଯ୍ୟକାଳ ୬ ମାସ ବୃଦ୍ଧି କରିଥିଲେ। ତାଙ୍କର ବର୍ଦ୍ଧିତ କାର୍ଯ୍ୟକାଳ ୨୩ ମେ ୨୦୨୫ରେ ସମାପ୍ତ ହେବା ପରେ ଉତ୍କଳ ବିଶ୍ୱବିଦ୍ୟାଳୟ ବାୟୋଟେକ୍ନୋଲଜି ବିଭାଗ ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ଭାବେ କୁଳାଧିପତି ୨୦୨୫ ମେ ୨୭ରେ ନିଯୁକ୍ତି ଦେଇଥିଲେ। କିନ୍ତୁ କୌଣସି କାରଣବଶତଃ ସ୍ଥାୟୀ କୁଳପତି ନିଯୁକ୍ତି ସମ୍ଭବ ନ ହେଲେ ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁସାରେ ଅନ୍ୟ ଯେକୌଣସି ବିଶ୍ୱବିଦ୍ୟାଳୟର କୁଳପତିଙ୍କୁ ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ଦେବାର ପ୍ରାବଧାନ ରହିଛି। ତେଣୁ କୁଳାଧିପତିଙ୍କ ଦ୍ୱାରା ପ୍ରଫେସର ଯଜ୍ଞେଶ୍ୱର ଦଣ୍ଡପାଟଙ୍କୁ ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ବେଆଇନ ହୋଇଥିବାରୁ ଏହାକୁ ରଦ୍ଦ କରି ଓଡ଼ିଶା ବିଶ୍ୱବିଦ୍ୟାଳୟ ଅଧିନିୟମ, ୧୯୮୯ର ଧାରା ୬ (୧୦) ଅନୁସାରେ ଅନ୍ୟ ଯେକୌଣସି ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ରୂପେ ନିଯୁକ୍ତି ଦେବାକୁ କୁଳାଧିପତିଙ୍କୁ ଆଦେଶ ଦେବା ନିମନ୍ତେ ଆବେଦନରେ ପ୍ରାର୍ଥନା କରାଯାଇଥିଲା। ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ସଚିବ, କୁଳାଧିପତିଙ୍କ ପ୍ରମୁଖ ସଚିବ, ଉତ୍କଳ ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ଓ କୁଳସଚିବଙ୍କୁ ପକ୍ଷଭୁକ୍ତ କରାଯାଇଥିଲା।

## ରାଜ୍ୟର ଆଉ ୪୩୧ ସ୍କୁଲରେ ପଢ଼ାଯିବ ଧନ୍ଦାମୂଳକ ଶିକ୍ଷା

କଟକ,୨୩।୭ (କାର୍ତ୍ତିକ ସାହୁ)

ହାଇସ୍କୁଲରେ ତୃତୀୟ ଭାଷା ହିନ୍ଦୀ/ସଂସ୍କୃତର ବିକଳ୍ପ ବିଷୟ ଭାବେ ପଢ଼ାଯାଇ ଆସୁଥିବା ଧନ୍ଦାମୂଳକ ପାଠ୍ୟକ୍ରମ ରାଜ୍ୟର ଆଉ ୪୩୧ଟି ସ୍କୁଲକୁ ପ୍ରସାରିତ କରାଯାଇଛି। ଚଳିତ ଶିକ୍ଷାବର୍ଷଠାରୁ ରାଜ୍ୟର ସେହି ହାଇସ୍କୁଲଗୁଡ଼ିକର ଛାତ୍ରୀଛାତ୍ରମାନେ ଇଚ୍ଛାଧୀନ ଭାବେ ତୃତୀୟ ଭାଷାର ବିକଳ୍ପ ରୂପେ ଧନ୍ଦାମୂଳକ ପାଠ୍ୟକ୍ରମର ବିଭିନ୍ନ ଟ୍ରେଡ୍ ପଢ଼ିବାର ସୁଯୋଗ ପାଇବେ। ରାଜ୍ୟ ସରକାରଙ୍କ ସମଗ୍ର ଶିକ୍ଷା ଯୋଜନା ଏବଂ କେନ୍ଦ୍ର ସରକାରଙ୍କ ପିଏମ୍-ଶ୍ରୀ ଯୋଜନା ଅଧୀନରେ ଏହି ପାଠ୍ୟକ୍ରମ ପରିଚାଳିତ ହେବ। ଓସେପା ଭୁବନେଶ୍ୱରଙ୍କ ପକ୍ଷରୁ ଗତ ଜୁନ୍ ୨୩ ତାରିଖ ପତ୍ର ଆଧାରରେ ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ବୁଧବାର ପ୍ରେରଣ କରାଯାଇଥିବା ଜଣାପଡ଼ିଛି।

# ବିପର୍ଯ୍ୟୟସ୍ଥଳରେ ଜୀବନ ରକ୍ଷା କରିବ 'ଭୀଷ୍ମ କ୍ୟୁବ୍'



କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏମ୍ସ ଭୁବନେଶ୍ୱରକୁ ଭୀଷ୍ମ କ୍ୟୁବ୍ ପ୍ରଦାନ ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଏବଂ ଅନ୍ୟମାନେ।

ଭୁବନେଶ୍ୱର, ୨୩।୭(ବନ୍ଦନା ସେଠୀ)

**କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏମ୍ସ ଭୁବନେଶ୍ୱରକୁ ୩ସେଟ୍ ଭୀଷ୍ମ କ୍ୟୁବ୍ ପ୍ରଦାନ**

ବିପର୍ଯ୍ୟୟ ସମୟରେ ତ୍ୱରିତ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏମ୍ସ ଭୁବନେଶ୍ୱରକୁ ୩ସେଟ୍ ଭୀଷ୍ମ କ୍ୟୁବ୍ ପ୍ରଦାନ କରାଯାଇଛି। ଏହା ରାଜ୍ୟରେ ପ୍ରଥମ। ଏହି ମଡ୍ୟୁଲାର୍, ମୋବାଇଲ ମେଡିକାଲ କିଟ୍ ବିପର୍ଯ୍ୟୟ ସ୍ଥଳରେ ଜରୁରିକାଳୀନ ଚିକିତ୍ସା ସେବା ପ୍ରଦାନ କରିବାରେ ବୈପ୍ଳବିକ ପରିବର୍ତ୍ତନ ଆଣିବାର ସମ୍ଭାବନା ରଖିଛି। ଏହା କେବଳ ଏକ ଚିକିତ୍ସା କିଟ୍ ନୁହେଁ, ବରଂ ଭାରତରେ ସ୍ୱାସ୍ଥ୍ୟ ପଦକ୍ଷେପର ଏକ ସଂକ୍ଷିପ୍ତ ରୂପ। ଏହି ବ୍ୟବସ୍ଥାର ଗୋଟିଏ ସେଟ୍ ଏକକାଳୀନ ବିପର୍ଯ୍ୟୟ ସ୍ଥଳରେ ପ୍ରାୟ ୨ଶହରୁ ଅଧିକ ପୀଡ଼ିତଙ୍କୁ ସେବା ଯୋଗାଇପାରିବ, ଯାହାକି ଉଦ୍ଧାରକାରୀ ଦଳଙ୍କ ଅପେକ୍ଷା ଯଥେଷ୍ଟ ସ୍ୱଳ୍ପ ସମୟ ଏବଂ ପରିଶ୍ରମରେ ସମ୍ଭବ ହୋଇପାରିବ ବୋଲି ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ କହିଛନ୍ତି।

ଭୀଷ୍ମ କ୍ୟୁବ୍‌ର ଗୋଟିଏ ସେଟ୍‌ରେ ୩୩୮ଟି ଅତ୍ୟାବଶ୍ୟକ ମେଡିକାଲ ସାମଗ୍ରୀ ରହିଛି। ଏଥିରେ ଆୟୁର୍ବେଦିକ ଔଷଧ, ଶଲ୍ୟ ଚିକିତ୍ସା ଉପକରଣ ଏବଂ ପୋର୍ଟେବଲ ଡାଇଗ୍ନୋଷ୍ଟିକ ଡିଭାଇସ ମଧ୍ୟ ଅନ୍ତର୍ଭୁକ୍ତ। ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ଏକ ସ୍ୱତନ୍ତ୍ର ଦଳ ଏମ୍ସ ଭୁବନେଶ୍ୱରରେ ଡାକ୍ତର, ନର୍ସ ଏବଂ ବିପର୍ଯ୍ୟୟ ପ୍ରତିକ୍ରିୟା ଦଳ ସମେତ ସ୍ୱାସ୍ଥ୍ୟସେବା ବୃତ୍ତିଗତଙ୍କ ପାଇଁ ଏକ ବ୍ୟାପକ ତାଲିମ ଏବଂ ପ୍ରଦର୍ଶନ ଅଧିବେଶନ ଆୟୋଜନ କରିଥିଲେ। ପ୍ରତ୍ୟେକ ଭୀଷ୍ମ କ୍ୟୁବ୍ ୬୬ଟି ହାଲୁକା ଆଲୁମିନିୟମ ମଡ୍ୟୁଲ (ପ୍ରତ୍ୟେକ ୨୦ କିଲୋଗ୍ରାମରୁ କମ୍) ସଂଯୋଜନାରେ ଡିଜାଇନ କରାଯାଇଛି। ଏହାକୁ କିଛି ଘଣ୍ଟା ମଧ୍ୟରେ ସହଜରେ ଯେକୌଣସି ମାର୍ଗ (ଜଳ, ସ୍ଥଳ କିମ୍ବା ଆକାଶ)ରେ ପରିବହନ ଏବଂ ସ୍ଥାପନ କରାଯାଇପାରିବ। ଏହା ପାରମ୍ପରିକ ସେଟ୍‌ଅପ୍ ସମୟ ତୁଳନାରେ ଯଥେଷ୍ଟ କମ୍ ସମୟ ନେବ। କ୍ୟୁବ୍‌ଗୁଡ଼ିକରେ ଉନ୍ନତ ଟ୍ରମା ଲାଇଫ ସପୋର୍ଟ ଉପକରଣ, ପୋର୍ଟେବଲ ଏକ୍ସ-ରେ ଏବଂ ଅଲଟ୍ରାସାଉଣ୍ଡ ମେଶିନ, ରେଫ୍ରିଜରେଶନ ବ୍ୟବସ୍ଥା, ଜେନେରେଟର-ଚାଳିତ ୱାର୍କଷ୍ଟେଶନ, ସ୍ୱାସ୍ଥ୍ୟ କର୍ମଚାରୀଙ୍କ ପାଇଁ ଅସ୍ଥାୟୀ ବାସସ୍ଥାନ ଏବଂ ଏକ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ଅପରେଶନ ଥିଏଟର୍ ସେଟଅପ ମଧ୍ୟ ଅନ୍ତର୍ଭୁକ୍ତ। ଉକ୍ତ କାର୍ଯ୍ୟକ୍ରମରେ ଡିନ୍ ଡା.ପି.ଆର୍. ମହାପାତ୍ର, ଡା. ସତ୍ୟଜିତ ମିଶ୍ର, ଡା. ସୌଭାଗ୍ୟ କୁମାର ଜେନା, ଏମ୍ଏସ୍ ଡା. ଦିଲୀପ କୁମାର ପରିଡା, ଡିଡିଏ ଲ୍ୟୁଟନାଣ୍ଟ କର୍ନେଲ ଅଭିଜିତ ସରକାର, ଜରୁରୀ ବିଭାଗ ମୁଖ୍ୟ ଡା. ଚିତ୍ତରଞ୍ଜନ ମହାନ୍ତି, ଡା. ଉପେନ୍ଦ୍ର କୁମାର ହାଂସଦା, ଡ. ଜୟନ୍ତ କୁମାର ମିତ୍ର, ଏନ୍‌ଡିଆର୍‌ଏଫ୍ ଏବଂ ଓଏସ୍‌ଡିଏମ୍‌ଏ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ନିଶାମୁକ୍ତ ହେବ ଶିକ୍ଷାନୁଷ୍ଠାନ କ୍ୟାମ୍ପସ୍

ଭୁବନେଶ୍ୱର,୨୩।୭(ସୁଚିସ୍ମିତା ସାହୁ)

ନିଶାମୁକ୍ତ ହେବ ସମସ୍ତ ଶିକ୍ଷାନୁଷ୍ଠାନ କ୍ୟାମ୍ପସ। ସମ୍ପ୍ରତି ନିଶା ସେବନ ଏକ ବଡ଼ ସମସ୍ୟା ପାଲଟିଛି। ଏହାର ପ୍ରଭାବରେ ଯୁବପିଢିଙ୍କ ମଧ୍ୟରେ ହିଂସାତ୍ମକ ମନୋଭାବ ବଢ଼ିବାରେ ଲାଗିଛି। ନିଶାଦ୍ରବ୍ୟ ବ୍ୟବହାର ଦ୍ୱାରା ଯୁବ ସମାଜ ପଥଭ୍ରଷ୍ଟ ହେଉଥିବାରୁ ଚିନ୍ତା ବଢ଼ାଇଛି। ଏଥିଲାଗି ଶିକ୍ଷାନୁଷ୍ଠାନ କ୍ୟାମ୍ପସଗୁଡ଼ିକୁ ନିଶାମୁକ୍ତ କରିବା ପାଇଁ ସମସ୍ତ ସରକାରୀ ଓ ସରକାରୀପ୍ରାପ୍ତ ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।

ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଦ୍ୱାରା ମାନସ (ମେଣ୍ଟାଲ ହେଲଥ ଆଣ୍ଡ ନର୍ମାସି ଅଗ୍‌ମେଣ୍ଟେଶନ ସିଷ୍ଟମ) ପୋର୍ଟାଲ ଆରମ୍ଭ କରାଯାଇଛି। ସେଥିରେ ଯୁବପିଢ଼ି 'କ୍ୟାମ୍ପସରେ ନିଶାଦ୍ରବ୍ୟ ବ୍ୟବହାର' ସମ୍ପର୍କରେ ଅଭିଯୋଗ ଦାଖଲ କରିପାରିବେ। ଏଥିସହ ଜାତୀୟ ହେଲ୍ପଲାଇନ ନମ୍ବର ୧୯୩୩ ଏବଂ ମୋବାଇଲ ଆପ୍ 'ଉମଙ୍ଗ' ମାଧ୍ୟମରେ ଅଭିଯୋଗ ଦାଖଲ କରିପାରିବେ। ଅଭିଯୋଗକାରୀଙ୍କ ନାମ ଗୋପନ ରଖାଯିବ। ଏହି ପୋର୍ଟାଲ ମାଧ୍ୟମରେ ନିଶା ସମ୍ବନ୍ଧୀୟ ବିଷୟ, ପରାମର୍ଶ, ନିଶା ନିବାରଣ କେନ୍ଦ୍ର ଇତ୍ୟାଦି ସମ୍ପର୍କିତ ପ୍ରଶ୍ନର ଉତ୍ତର ମଧ୍ୟ ଦିଆଯିବ। ଶିକ୍ଷାନୁଷ୍ଠାନଗୁଡ଼ିକରେ ସଚେତନତା କାର୍ଯ୍ୟକ୍ରମ କରି ମାନସ ପୋର୍ଟାଲ ବିଷୟରେ ବ୍ୟାପକ ପ୍ରଚାର କରିବାକୁ ଅଧ୍ୟକ୍ଷମାନଙ୍କୁ କୁହାଯାଇଛି। ମାଇଁ ଜିଓଭି ପ୍ଲାଟଫର୍ମରେ ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ମାଧ୍ୟମରେ ଜନସାଧାରଣ ଓ ଛାତ୍ରଙ୍କ ମଧ୍ୟରେ ନିଶା ନିବାରଣ ଇ-ପ୍ରତିଜ୍ଞା ପାଇଁ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ କୁହାଯାଇଛି। ସେହିପରି ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ, ବିତର୍କ, ପ୍ରବନ୍ଧ, ଚିତ୍ରାଙ୍କନ ଆଦି ପ୍ରତିଯୋଗିତା କରିବାକୁ ଚିଠି ମାଧ୍ୟମରେ କୁହାଯାଇଛି।

# ୧୦୨ ମାଧ୍ୟମିକ ବିଦ୍ୟାଳୟ ହେଲା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଭୁବନେଶ୍ୱର,୨୩।୭(ସୁଚିସ୍ମିତା ସାହୁ)

ରାଜ୍ୟରେ ଶିକ୍ଷାକ୍ଷେତ୍ରକୁ ଆହୁରି ବ୍ୟାପକ ଏବଂ ଉନ୍ନତ କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି କ୍ରମରେ ୧୦୨ଟି ମାଧ୍ୟମିକ ବିଦ୍ୟାଳୟକୁ ଉନ୍ନତ କରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପରିଣତ କରାଯାଇଛି। ଦଶମ ଉତ୍ତୀର୍ଣ୍ଣ ପରେ ଯେଉଁ ଛାତ୍ରୀଛାତ୍ର ଯୁକ୍ତ୨ ପଢ଼ାରୁ ବଞ୍ଚିତ ହେଉଥିଲେ ଏବେ ସେମାନେ ପାଠ ପଢ଼ିବା ସହଜ ହେବ। ଘରଠାରୁ ଦୂରରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଥିବାରୁ ପିଲାମାନେ ସେଠାକୁ ପଢ଼ିବାକୁ ଯିବା କଷ୍ଟକର ହୋଇପଡୁଥିଲା। ଯଦ୍ଦ୍ୱାରା ଗ୍ରାମାଞ୍ଚଳରେ କେତେକ ପିଲା ପାଠପଢ଼ା ବନ୍ଦ କରିଦେଉଥିଲେ। ନିଜ ପାଖ ବିଦ୍ୟାଳୟରେ ପଢ଼ିବାର ସୁବିଧା ମିଳୁଥିବାରୁ ଡ୍ରପ୍‌ଆଉଟ୍ ହାର କମିବ। ଛାତ୍ରୀଛାତ୍ରଙ୍କ ବିଦ୍ୟାଳୟ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ଏଭଳି ପଦକ୍ଷେପ ନିଆଯାଇଛି ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଛନ୍ତି। ଉତ୍ତୀର୍ଣ୍ଣ ବିଦ୍ୟାଳୟ ମଧ୍ୟରେ ନବରଙ୍ଗପୁର ଜିଲାର ସର୍ବାଧିକ ୧୫ଟି ସ୍କୁଲ ରହିଛି। ସେହିପରି କଳାହାଣ୍ଡି ଓ ରାୟଗଡ଼ା ଜିଲାର ୧୨ଟି, ଅନୁଗୋଳ ଏବଂ ଗଜପତି ଜିଲାର ୪ଟି, ଭଦ୍ରକ ଓ ବଲାଙ୍ଗୀରର ୯ଟି, ବୌଦ୍ଧ ଓ ଝାରସୁଗୁଡ଼ାର ୩ଟି, କନ୍ଧମାଳର ୬ଟି, କେନ୍ଦୁଝର ଓ ଢେଙ୍କାନାଳରେ ୫ଟି, କୋରାପୁଟରେ ୨ଟି, ନୂଆପଡ଼ାର ୧୦ଟି, କଟକ, ଜଗତ୍‌ସିଂହପୁର ଏବଂ ଦେବଗଡ଼ର ଗୋଟିଏ ଲେଖାଏ ବିଦ୍ୟାଳୟ ରହିଛି। ଆଗାମୀ ଦିନରେ ଶିକ୍ଷା ଭିତ୍ତିଭୂମିକୁ ଆହୁରି ସୁଦୃଢ଼ କରିବାକୁ ଗୁରୁତ୍ୱ ଦିଆଯିବ ବୋଲି ମନ୍ତ୍ରୀ ଗଣ୍ଡ ପ୍ରକାଶ କରିଛନ୍ତି।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ମାନସ



@ କୁନ୍‌ମୁନ୍



@ ସ୍ୱାଲିନ୍



@ ସୁଲେମାନ



@ ପ୍ରଶାନ୍ତ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଦିଲ୍ଲୀ ଏମ୍‌ସରେ ବଲଙ୍ଗା ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ଉପମୁଖ୍ୟମନ୍ତ୍ରୀ

**ବିଜେଡି ରାଜ୍ୟ ସଭା ସଦସ୍ୟ ମଧ ଯାଇଥିଲେ**

ଭୁବନେଶ୍ୱର/ ବଲଙ୍ଗା ୨୩।୭(ସୁନିତ୍ ମିଶ୍ର/ କେଦାରେଶ୍ୱର ନନ୍ଦ)

ଦୁର୍ବୃତ୍ତଙ୍କ ଦ୍ୱାରା ପୋଡ଼ି ହୋଇ ଗୁରୁତର ହୋଇପଡ଼ିଥିବା ବଲଙ୍ଗା ପୀଡ଼ିତା ଏବେ ଦିଲ୍ଲୀ ଏମ୍‌ସରେ ଚିକିତ୍ସିତ ହେଉଛନ୍ତି। ବିଭିନ୍ନ ଦଳର ଓଡ଼ିଆ ନେତାମାନେ ଦିଲ୍ଲୀ ଏମ୍ସ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ବୁଝୁଥିବା କଥା ସୂଚନା ଦେଉଛନ୍ତି। ଏହି କ୍ରମରେ ପ୍ରଥମେ ବିଜେଡି ରାଜ୍ୟ ସଭା ସଦସ୍ୟମାନେ ଯାଇ ପୀଡ଼ିତାଙ୍କ ବାପାଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ଏହାପରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯାଇ ତାଙ୍କ ପରିବାର ସଦସ୍ୟଙ୍କୁ ଭେଟିବା ସହ ଚିକିତ୍ସା କରୁଥିବା ଡାକ୍ତରୀ ଟିମ୍ ସହ ଆଲୋଚନା କରିଛନ୍ତି। ସେହିପରି ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ଏବଂ ତାଙ୍କ ଦଳର କେତେଜଣ ଏମ୍‌ପି ମଧ ଏମ୍ସ ଯାଇ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ସେହିପରି ନିମାପଡାର ପୂର୍ବତନ ବିଧାୟକ ସମୀର ରଞ୍ଜନ ଦାଶ ପୀଡ଼ିତାଙ୍କୁ ଭେଟିଥିବା ନେଇ ସାମାଜିକ ଗଣମାଧ୍ୟମ ଜରିଆରେ ସୂଚନା ଦେଇଛନ୍ତି।



ପୀଡ଼ିତାଙ୍କ ପରିବାର ଲୋକଙ୍କ ସହିତ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଲୋଚନା କରୁଛନ୍ତି।

# ଆଜି ଶ୍ରୀମନ୍ଦିରରେ ଚିତାଲାଗି ଅମାବାସ୍ୟା

**୪ ଘଣ୍ଟା ବନ୍ଦ ରହିବ ଦର୍ଶନ**

ପୁରୀ,୨୩।୭(ଅଜିତ୍ କୁମାର ମହାନ୍ତି)

ଚିତାଲାଗି ଅମାବାସ୍ୟାରେ ଗୁରୁବାର ଶ୍ରୀମନ୍ଦିରରେ ଶ୍ରୀବିଗ୍ରହଙ୍କ ଚିତାଲାଗି ନୀତି ସମ୍ପନ୍ନ ହେବ। ଏହା ଏକ ଗୁପ୍ତ ନୀତି ହୋଇଥିବାରୁ ଏହି ନୀତି ସମୟରେ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ। ଏହି କ୍ରମରେ ଗୁରୁବାର ଅପରାହ୍ନ ୨ଟା ୩୦ରୁ ୬ଟା୩୦ ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ପ୍ରଥମ ଭୋଗମଣ୍ଡପ ଶେଷ ହେବା ପରେ ଅନ୍ୟାନ୍ୟ ନୀତି ହୋଇ ଜୟବିଜୟ ଦ୍ୱାର ବନ୍ଦ ହେବ। ଦଇତାପତି ସେବକମାନେ ଗର୍ଭଗୃହରେ ପ୍ରବେଶ କରିବେ। ବାଡ଼ଗ୍ରାହୀ ଦଇତାପତି ମହାପାତ୍ର ପାଟରା ଦେଇଥିବା ପାଟଡୋରାରେ ଉକ୍ତ ଚିତାକୁ ବାନ୍ଧି ଶ୍ରୀବିଗ୍ରହଙ୍କ ଶ୍ରୀମୁଖରେ ଲାଗି କରାଇବେ। ଶ୍ରୀବଳଭଦ୍ରଙ୍କ ଶ୍ରୀମୁଖରେ ସବୁଜ ରଙ୍ଗର ପାନ୍ନାଚିତା, ଶ୍ରୀଜଗନ୍ନାଥଙ୍କ ଶ୍ରୀମୁଖରେ ବ୍ରହ୍ମଜ୍ୟୋତି ଖଚିତ ହୀରାଚିତା, ମା ସୁଭଦ୍ରାଙ୍କ ଶ୍ରୀମୁଖରେ ମାଣିକ୍ୟ ଖଚିତ ଚିତା ଲାଗି କରାଯିବ।

# ସଚ୍ଚୋଟ, ନମ୍ର ସହ ସେବାମୁଖୀ ହେବାକୁ ଆହ୍ୱାନ



ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟିଙ୍କ ସହିତ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

ଭୁବନେଶ୍ୱର, ୨୩।୭(ବନ୍ଦନା ସେଠୀ)

**ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲକାରୀଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ**

ବିଭିନ୍ନ କ୍ଷେତ୍ରରେ ଅସାଧାରଣ କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷଙ୍କୁ ବୁଧବାର ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ସମ୍ବର୍ଦ୍ଧିତ କରିଛନ୍ତି। ରାଜଭବନର ନ୍ୟୁ ଅଭିଷେକ ହଲରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟପାଳ କହିଲେ, ଏହା କେବଳ ଏକ ସମ୍ବର୍ଦ୍ଧନା ଉତ୍ସବ ନୁହେଁ, ବରଂ କଠିନ ପରିଶ୍ରମ, ଉତ୍କର୍ଷତା, ଶୃଙ୍ଖଳା, ସୃଜନଶୀଳତା ଏବଂ ଜାତୀୟ ଗର୍ବ ଭଳି ମୂଲ୍ୟବୋଧର ଉତ୍ସବ। ପଦ୍ମଶ୍ରୀ ବିଜେତାମାନଙ୍କୁ ରାଜ୍ୟପାଳ ଅଭିନନ୍ଦନ ଜଣାଇ ସେମାନଙ୍କର ଜୀବନବ୍ୟାପୀ ପ୍ରତିବଦ୍ଧତାକୁ ପ୍ରଶଂସା କରିବା ସହ ଏହା ରାଜ୍ୟ ପାଇଁ ଅପାର ଗର୍ବ ଆଣିଛି ବୋଲି କହିଥିଲେ। କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତାମାନଙ୍କୁ ସେମାନଙ୍କର ସାହିତ୍ୟିକ ପ୍ରତିଭା ପାଇଁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ସେମାନଙ୍କର ଅବଦାନ ଓଡ଼ିଶାର ସାଂସ୍କୃତିକ ଐତିହ୍ୟକୁ ସମୃଦ୍ଧ କରି ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ ବୋଲି ମତ ରଖିଥିଲେ। ସେହିପରି ସବୁବେଳେ ସଚ୍ଚୋଟତା ଓ ନମ୍ରତା ଅବଲମ୍ବନ କରିବାକୁ ସେ ପରାମର୍ଶ ଦେଇଥିଲେ। ଏଥିସହ ସେବାମୁଖୀ ରହିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇ କାର୍ଯ୍ୟ ମାଧ୍ୟମରେ ଧାଡ଼ିର ଶେଷବ୍ୟକ୍ତିଙ୍କ ଆବଶ୍ୟକତା ପ୍ରତି ସମ୍ବେଦନଶୀଳତାକୁ ପ୍ରତିଫଳିତ କରିବାକୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ପରେ ଚଳିତବର୍ଷ ପଦ୍ମଶ୍ରୀ ପୁରସ୍କାର ବିଜେତା, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ବିଜେତା, ଅନ୍ତର୍ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ସ୍ୱର୍ଣ୍ଣ ପଦକ ବିଜେତା ଏବଂ ୨୦୨୪ ମସିହା ଇଣ୍ଡିଆନ ସିଭିଲ ସର୍ଭିସ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ରାଜ୍ୟର କୃତୀ ପ୍ରତିଭା ତଥା ସେମାନଙ୍କ ଗର୍ବିତ ମାତାପିତାଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। ବିଭିନ୍ନ ବର୍ଗର କୃତିତ୍ୱ ହାସଲ କରିଥିବା ବ୍ୟକ୍ତିବିଶେଷ ସେମାନଙ୍କର ପ୍ରେରଣାଦାୟକ ଅଭିଜ୍ଞତା ବାଣ୍ଟିଥିଲେ। ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି, ରାଜ୍ୟପାଳଙ୍କ କମିଶନର-ତଥା-ଶାସନ ସଚିବ ରୂପା ରୋଶନ ସାହୁଙ୍କ ସମେତ ରାଜଭବନର ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ବିଏମ୍‌ସି ରିକ୍ରିଏଶନ୍ କ୍ଲବର ସାଧାରଣ ପରିଷଦ ବୈଠକ

ଭୁବନେଶ୍ୱର, ୨୩।୭(ବନ୍ଦନା ସେଠୀ)– ସ୍ୱାୟତ୍ତ ଶାସନ ଦିବସ ପାଇଁ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ରିକ୍ରିଏଶନ୍ କ୍ଲବର ସାଧାରଣ ପରିଷଦ ବୈଠକ ବୁଧବାର ମୁଖ୍ୟାଳୟସ୍ଥିତ ଏକାମ୍ର ହଲ୍‌ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତ ବର୍ଷର ସ୍ୱାୟତ୍ତ ଶାସନ ଦିବସ ପାଇଁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଓ କ୍ରୀଡ଼ା ପ୍ରତିଯୋଗିତା ସମ୍ପର୍କରେ ଆଲୋଚନା କରାଯାଇଥିଲା। ୩ ଦିନ ଧରି କାର୍ଯ୍ୟକ୍ରମ ଚାଲିବ। କର୍ମଚାରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ମେୟର ଏକାଦଶ, କମିଶନର ଏକାଦଶ, କର୍ମଚାରୀ ଏକାଦଶ ଓ ଆଉଟ୍‌ସୋର୍ସିଂ ଏକାଦଶ ମଧ୍ୟରେ ଫୁଟ୍‌ବଲ ମ୍ୟାଚ ହେବ। ସାଧାରଣ ସମ୍ପାଦକ ଭାବେ ଶୁଭକାନ୍ତ ପାଢ଼ୀ, କୋଷାଧ୍ୟକ୍ଷ ଭାବେ ସନ୍ତୋଷ କୁମାର ମହାନ୍ତି ଏବଂ ନାଟ୍ୟ ସମ୍ପାଦକ ଭାବେ ଅକ୍ଷୟ କୁମାର ସ୍ୱାଇଁଙ୍କୁ ସର୍ବସମ୍ମତିକ୍ରମେ ପୁନର୍ବାର ମନୋନୀତ କରାଯାଇଛି। ଅତିରିକ୍ତ କମିଶନର ତଥା କ୍ଲବ୍ ଉପସଭାପତି ଶୁଭେନ୍ଦୁ କୁମାର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ଶୁଭକାନ୍ତ ପାଢ଼ୀ, କୋଷାଧ୍ୟକ୍ଷ ସନ୍ତୋଷ କୁମାର ମହାନ୍ତି, ନାଟ୍ୟ ସମ୍ପାଦକ ଅକ୍ଷୟ କୁମାର ସ୍ୱାଇଁ, ଯୁଗ୍ମସମ୍ପାଦକ ସସ୍ମିତା ନାୟକ ଏବଂ କାର୍ଯ୍ୟନିର୍ବାହୀ କମିଟି ସଦସ୍ୟା ସଦସ୍ୟ ଉପସ୍ଥିତ ଥିଲେ।

# ‘ମାଛଚାଷରେ ଓଡ଼ିଶାକୁ ୧ ନମ୍ବର କରିବା ଲକ୍ଷ୍ୟ’

### ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟଚାଷୀ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର

ଭୁବନେଶ୍ୱର, ୨୩।୭(ଅନୁରାଧା ମହାରଣା)



ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟଚାଷୀ ତାଲିମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

କୌଶଲ୍ୟାଗଙ୍ଗ ସରକାରୀ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରଠାରେ ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟଚାଷୀ ତାଲିମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବୁଧବାର ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରି କହିଛନ୍ତି, ମତ୍ସ୍ୟଚାଷୀ, ଉଦ୍ୟୋଗୀ ଏବଂ ମତ୍ସ୍ୟ ଅଧିକାରୀମାନଙ୍କୁ ଉନ୍ନତ ମତ୍ସ୍ୟ ପ୍ରଯୁକ୍ତିବିଦ୍ୟା ଓ ଆଧୁନିକ କୌଶଳ ବିଷୟରେ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯିବ। ଫଳରେ ମାଛ ଉତ୍ପାଦନ ବହୁଗୁଣିତ ହେବା ସହ ମତ୍ସ୍ୟଚାଷୀଙ୍କ ଜୀବନଜୀବିକା ଅଧିକ ସୁରକ୍ଷିତ ହୋଇପାରିବ। ମାଛଚାଷ କ୍ଷେତ୍ରରେ ଓଡ଼ିଶାକୁ ଏକ ନମ୍ବର ରାଜ୍ୟ ଭାବେ ପ୍ରତିପାଦିତ କରିବା ଲକ୍ଷ୍ୟ ନେଇ ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟଚାଷୀ ତାଲିମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ସେ କହିଛନ୍ତି। ପ୍ରାୟ ୧୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରଶିକ୍ଷଣ କେନ୍ଦ୍ରର କାର୍ଯ୍ୟ ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ତିନିମହଲା ବିଶିଷ୍ଟ ଏହି ପ୍ରଶିକ୍ଷଣ ଭବନରେ ୧୨୦ କ୍ଷମତା ବିଶିଷ୍ଟ ସମ୍ମିଳନୀ କକ୍ଷ, ୪୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ପରୀକ୍ଷାଗାର, ପାଠାଗାର, କର୍ମଚାରୀ କକ୍ଷ, ଅତିଥି କକ୍ଷ, ଅଭ୍ୟର୍ଥନା କକ୍ଷ, ଭୋଜନାଳୟ, ଯାନ ରହଣି ସ୍ଥାନ ପାଇଁ ସୁବିଧା ରହିବ। ପ୍ରତି ବ୍ୟାଚ୍‌ରେ ୧୦୦ ଜଣ ପ୍ରଶିକ୍ଷାର୍ଥୀ ଏଠାରେ ପ୍ରଶିକ୍ଷଣ ନେଇପାରିବେ। ମତ୍ସ୍ୟଚାଷୀ, ଉଦ୍ୟୋଗୀ, ମତ୍ସ୍ୟ ଅଧିକାରୀମାନେ ଉନ୍ନତ ଆଧୁନିକ ମାଛଚାଷ ପଦ୍ଧତି ଏବଂ ଜ୍ଞାନକୌଶଳ ଉପରେ ପ୍ରଶିକ୍ଷଣ ପାଇବା ଫଳରେ ଆମର ମାଛ ଉତ୍ପାଦନ ବୃଦ୍ଧି ପାଇବ ଏବଂ ଚାଷୀଙ୍କ ଆୟ ବହୁଗୁଣିତ ହୋଇପାରିବ। ଚାଷୀଙ୍କ ଦକ୍ଷତା ବିକାଶ ଓ ଉନ୍ନତ ମାଛଚାଷ ମାଧ୍ୟମରେ ମତ୍ସ୍ୟଚାଷୀଙ୍କ ସଶକ୍ତୀକରଣ ଦିଗରେ ଏହା ସହାୟକ ହେବ ବୋଲି ମନ୍ତ୍ରୀ ମଲ୍ଲିକ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ ଆଲମ, ବିଭାଗୀୟ ଅଧିକାରୀ, ମତ୍ସ୍ୟ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ।

## ଭୁବନେଶ୍ୱରରେ ସିନ୍ଥେଟିକ ଡ୍ରଗ୍ସ ଜବତ: ଛାତ୍ର ଗିରଫ

ଭୁବନେଶ୍ୱର, ୨୩।୭(ସତ୍ୟଜିତ୍ ରାଉତ)

ରାଜଧାନୀରେ ବୁଧବାର ନାର୍କୋଟିକ୍ସ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି) ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କଠାରୁ ସିନ୍ଥେଟିକ୍ ଡ୍ରଗ୍ସ ଜବତ କରିଛି। ଏହି ମାମଲାରେ ଏନ୍‌ସିବି ଅଭିଯୁକ୍ତ ଛାତ୍ର ଆର୍ଯ୍ୟମାନ ପଟ୍ଟନାୟକ (୨୩)ଙ୍କୁ ଗିରଫ କରିଛି। ତେବେ କେତେ ପରିମାଣର ସିନ୍ଥେଟିକ ଡ୍ରଗ୍ସ ଜବତ ହୋଇଛି, ସେନେଇ ଏନ୍‌ସିବି ପକ୍ଷରୁ କୌଣସି ବିଧିବଦ୍ଧ ସୂଚନା ଦିଆଯାଇନାହିଁ। ଏନ୍‌ସିବି ଏହି ଘଟଣାକୁ ଅତି ଗୁରୁତ୍ୱର ସହ ନେଇ ଛାନଭିନ୍ ଚଳାଇଛି। ବିଦେଶରୁ ଅଭିଯୁକ୍ତଜଣକ ଏହି ଡ୍ରଗ୍ସ ଆଣିଥିଲେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡିଛି। ଏନ୍‌ସିବି ପକ୍ଷରୁ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯିବା ପରେ ସେ ଜେଲ ଯାଇଛନ୍ତି। ଏହି ମାମଲାରେ ଏନ୍‌ସିବି ଅଧିକ ତଦନ୍ତ ଚଳାଇଛି। ଆର୍ଯ୍ୟମାନଙ୍କୁ ରିମାଣ୍ଡରେ ଆଣି ଏହି ନେଟୱର୍କରେ ଥିବା ଅନ୍ୟମାନଙ୍କୁ ଗିରଫ କରିବାକୁ ଏନ୍‌ସିବି ଯୋଜନା କରୁଛି।

## ପୂର୍ବାଞ୍ଚଳୀୟ ଭାଷାର ସାହିତ୍ୟ ଖୁବ୍ ପ୍ରଭାବଶାଳୀ

### ପୂର୍ବାଞ୍ଚଳୀୟ ଲେଖକ ସମ୍ମିଳନୀ ଉଦ୍‌ଯାପିତ

ଭୁବନେଶ୍ୱର, ୨୩।୭ (ବନ୍ଦନା ସେଠୀ)

ଓଡ଼ିଆ, ବଙ୍ଗଳା, ଅହମିଆ, ସାନ୍ତାଳୀ, ବୋଡୋ, ମଣିପୁରୀ, ନେପାଳୀ, ମୈଥିଳି ଆଦି ପୂର୍ବାଞ୍ଚଳୀୟ ଭାଷାରେ ଅଗଣିତ କାଳଜୟୀ ସାରସ୍ୱତ କୃତି ସୃଷ୍ଟି ହୋଇଛି। ଗଦ୍ୟ, ପଦ୍ୟ, ନାଟକ ତଥା ସମାଲୋଚନା କ୍ଷେତ୍ରରେ ଏସବୁ ଭାଷାର ସାମୂହିକ ଅବଦାନ ଭାରତୀୟ ସାହିତ୍ୟ ଭଣ୍ଡାରକୁ ସମୃଦ୍ଧ କରିଛି। ପୂର୍ବାଞ୍ଚଳୀୟ ଭାଷାର ସାହିତ୍ୟ ଖୁବ୍ ପ୍ରଭାବଶାଳୀ ବୋଲି ବକ୍ତାମାନେ ମତ ପ୍ରକାଶ କରିଛନ୍ତି। କେନ୍ଦ୍ର ସାହିତ୍ୟ ଏକାଡେମୀ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ମିଳିତ ଆନୁକୂଲ୍ୟରେ ସଂସ୍କୃତି ଭବନରେ ଆୟୋଜିତ ଦ୍ୱିଦିବସୀୟ ପୂର୍ବାଞ୍ଚଳୀୟ ଲେଖକ ସମ୍ମିଳନୀ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଦିବସର ପ୍ରଥମ ଅଧିବେଶନରେ ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ସଦସ୍ୟ ତଥା ନାଟ୍ୟକାର ପ୍ରଫେସର ବିଜୟ କୁମାର ଶତପଥୀ ସଭାପତିତ୍ୱ କରି ଓଡ଼ିଆ ସମେତ ଅନ୍ୟାନ୍ୟ ଭାଷାର ସାମ୍ପ୍ରତିକ ନାଟକର ଧାରା ସମ୍ପର୍କରେ ଆଲୋଚନା କରିଥିଲେ। ଅଧିବେଶନରେ ‘ପୂର୍ବାଞ୍ଚଳୀୟ ଭାଷାର ସାହିତ୍ୟରେ ସାମ୍ପ୍ରତିକ ଧାରା’ ଶୀର୍ଷକରେ ଗୁଆହାଟୀ ବିଶ୍ୱବିଦ୍ୟାଳୟର ପ୍ରଫେସର ସତ୍ୟକାମ ବରଥାକୁର (ଅହମିଆ), ଆଇଏଲ୍‌ଏସ୍‌ଆର୍ କୋଲକାତାର ନିର୍ଦ୍ଦେଶକ ଡ. ସ୍ୱାତୀ ଗୁହା (ବଙ୍ଗଳା) ଏବଂ ଗବେଷକ ଡ. ଅସିତ ମହାନ୍ତି (ଓଡ଼ିଆ) ଆଲୋଚନା କରିଥିଲେ। ପରବର୍ତ୍ତୀ ଅଧିବେଶନରେ ସାହିତ୍ୟ ଏକାଡେମୀ ସାନ୍ତାଳୀ ପରାମର୍ଶ ମଣ୍ଡଳୀର ଆବାହକ ଚୈତନ୍ୟ ପ୍ରସାଦ ମାଝୀଙ୍କ ସଭାପତିତ୍ୱରେ ସୋରଖାଇବାମ ଦେବେନ୍ଦ୍ର ମୈତେଇ (ମଣିପୁରୀ), ଚିରଶ୍ରୀ ଇନ୍ଦ୍ରସିଂ (ଓଡ଼ିଆ) ଏବଂ କାଳିଚରଣ ହେମ୍ବ୍ରମ (ସାନ୍ତାଳୀ) କ୍ଷୁଦ୍ରଗଳ୍ପ ପାଠ କରିଥିଲେ। ସେହିପରି ଅନ୍ତିମ ଅଧିବେଶନରେ କବି ଡ. ଆଶୁତୋଷ ପରିଡାଙ୍କ ସଭାପତିତ୍ୱରେ ଥାନେଶ୍ୱର ଗୋୟାରି (ବୋଡୋ), କ୍ଷେତ୍ରିମାୟୁମ ରାଜେନ ସିଂହ (ମଣିପୁରୀ), ମିଳନ ଥୁଲୁଙ୍ଗ ରାଇ (ନେପାଳୀ), ପବିତ୍ର ମୋହନ ଦାଶ (ଓଡ଼ିଆ) ଏବଂ ରକ୍ଷକ ନାୟକ (ଓଡ଼ିଆ) କବିତା ପାଠ କରିଥିଲେ। ପଠିତ କବିତାଗୁଡ଼ିକରେ ଗାନ୍ଧୀ ଏବଂ ବୁଦ୍ଧଙ୍କଠାରୁ ଆରମ୍ଭ କରି ସାମ୍ପ୍ରତିକ ଘଟଣାବଳୀ ପ୍ରତୀକାତ୍ମକ ଭାବେ ପ୍ରତିଫଳିତ ହୋଇଥିଲା। ନିମନ୍ତ୍ରିତ ଲେଖକମାନଙ୍କୁ ସାହିତ୍ୟ ଏକାଡେମୀର ପୂର୍ବାଞ୍ଚଳୀୟ ଉପଦେଷ୍ଟା ପରିଷଦର ଆବାହକ ଗୌରହରି ଦାସ ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀର ସଚିବ ଡ. ଚନ୍ଦ୍ରଶେଖର ହୋତା ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମ ସଂଯୋଜନା ପୂର୍ବକ ସାହିତ୍ୟ ଏକାଡେମୀ କୋଲକାତା କାର୍ଯ୍ୟାଳୟର ଭାରପ୍ରାପ୍ତ ଅଧିକାରୀ କ୍ଷେତ୍ରବାସୀ ନାଏକ ଧନ୍ୟବାଦ ଦେଇଥିଲେ।

## ବିଦ୍ୟୁତ୍ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ

### ଫାଣ୍ଡିରେ ଅଭିଯୋଗ କଲେ ବିଦ୍ୟୁତ୍ ବିଭାଗ ଅଧିକାରୀ

ବୋଲଗଡ଼, ୨୩।୭(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ରାଜସୁନାଖଳା ବିଦ୍ୟୁତ୍ ବିଭାଗର ୩ଜଣ କାର୍ଯ୍ୟରତ କର୍ମଚାରୀଙ୍କୁ ଆକ୍ରମଣ ହୋଇଛି। ଏ ନେଇ ବିଭାଗୀୟ ଅଧିକାରୀମାନେ ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡିରେ ବୁଧବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ମଙ୍ଗଳବାର ରାତିରେ ବିଦ୍ୟୁତ୍ ବିଭାଗ କଡବ ସେକ୍ସନ ଅନ୍ତର୍ଗତ ଆରିକମା ଗ୍ରାମରେ କୌଣସି କାରଣରୁ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଥିଲା। ଖବର ପାଇ ସେହି ସେକ୍ସନରେ କାର୍ଯ୍ୟରତ ସୌମ୍ୟରଞ୍ଜନ ବରାଡ ୨ଜଣ ସହଯୋଗୀ ଶତ୍ରୁଘ୍ନ ବେହେରା ଓ ରଞ୍ଜନ କୁମାର ସ୍ୱାଇଁଙ୍କ ସହ ପହଞ୍ଚି ବିଦ୍ୟୁତ୍ ସଜାଡୁଥିଲେ। ହଠାତ ଅରିକମା ଗ୍ରାମର ୪ଜଣ ଯୁବକ ମିଥୁନ ପାଇକରାୟ, ମନୋଜ ବରାଡ, ବନ ନାୟକ ଏବଂ ବାୟା ବିଶ୍ୱାଳ ଆସି ଗାଳିଗୁଲଜ କରିବା ସହ ବିଦ୍ୟୁତ୍ କର୍ମଚାରୀମାନଙ୍କୁ ଠେଙ୍ଗାରେ ବଡ଼ାଇ ଲହୁଲୁହାଣ କରି ପଳାଇ ଯାଇଥିଲେ। ଖବର ପାଇ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ବାଙ୍କୋଇ ଫାଣ୍ଡି ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଫାଣ୍ଡି ଅଧିକାରୀ ଗ୍ରାମରେ ପହଞ୍ଚି ଆହତ ବିଦ୍ୟୁତ୍ କର୍ମଚାରୀଙ୍କୁ ଉଦ୍ଧାର କରି ବାଙ୍କୋଇସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଗୁରୁତର ସୌମ୍ୟରଞ୍ଜନଙ୍କୁ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୌମ୍ୟରଞ୍ଜନଙ୍କ ଉତ୍ତମ ଚିକିତ୍ସା ପାଇଁ ଡାକ୍ତର ୧୦୮ ଆମ୍ବୁଲାନ୍ସରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବିଦ୍ୟୁତ୍ ବିଭାଗ ଉଚ୍ଚପଦସ୍ଥ ଅଧିକାରୀମାନେ ଫାଣ୍ଡିରେ ଅଭିଯୋଗ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବୋଲଗଡ ଥାନା ଅଧିକାରୀ ସ୍ନିଗ୍ଧମୟୀ ବରାଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

## ରେଡିଓ ଭୁବନେଶ୍ୱର ୮୯.୨ ଏଫ୍‌ଏମ୍ ଲୋକାର୍ପିତ




ଅତିଥିମାନେ ରେଡିଓ ଭୁବନେଶ୍ୱର ୮୯.୨ ଏଫ୍‌ଏମ୍ ଲୋକାର୍ପଣ କରୁଛନ୍ତି। (ଫଟୋ: ବିକାଶ ନାୟକ)

ଭୁବନେଶ୍ୱର, ୨୩। ୭ (ସୌମ୍ୟରଞ୍ଜନ ରାଉତ)

ଆଉଟରିଚ୍ ପକ୍ଷରୁ ବୁଧବାର ଜାତୀୟ ପ୍ରସାରଣ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ନୂଆ ଗୋଷ୍ଠୀ ବେତାର କେନ୍ଦ୍ର ରେଡିଓ ଭୁବନେଶ୍ୱର ୮୯.୨ ଏଫ୍‌ଏମ୍ ଲୋକାର୍ପଣ ହୋଇଛି। ଆଉଟରିଚ୍ ରେଡିଓ ନେଟୱର୍କର ଅଧ୍ୟକ୍ଷ ସୁବ୍ରତ କୁମାର ପତିଙ୍କ ପୌରୋହିତ୍ୟରେ ସୂଚନା ଭବନରେ ଏହା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଲୋକନୃତ୍ୟ ଶିଳ୍ପୀ ପଦ୍ମଶ୍ରୀ ଉତ୍ସବ ଚରଣ ଦାସ, ପ୍ରଖ୍ୟାତ କଣ୍ଠଶିଳ୍ପୀ ପଦ୍ମଶ୍ରୀ ଶ୍ୟାମାମଣି ଦେବୀ, ଓଡ଼ିଶୀ ନୃତ୍ୟଗୁରୁ ପଦ୍ମଶ୍ରୀ ଅରୁଣା ମହାନ୍ତି, ହକି ଇଣ୍ଡିଆର ସଭାପତି ତଥା ଭାରତୀୟ ହକି ଦଳର ପୂର୍ବତନ ଅଧିନାୟକ ପଦ୍ମଶ୍ରୀ ଦିଲୀପ ତିର୍କୀ ଏବଂ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଡା. ଅଶୋକ ମହାପାତ୍ର ଅତିଥି ଭାବେ ଯୋଗଦେଇ ରେଡିଓ ଭୁବନେଶ୍ୱରକୁ ଲୋକାର୍ପଣ କରିଥିଲେ। ରେଡିଓ ଭୁବନେଶ୍ୱରର ସିଗ୍‌ନେଚର ଟ୍ୟୁନ୍‌କୁ ଅତିଥିମାନେ ପ୍ରସାରଣ କରିବା ସହ ଔପଚାରିକ ରେଡିଓ ପ୍ରସାରଣ ଆରମ୍ଭ ହୋଇଥିଲା। ପରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ନୃତ୍ୟପ୍ରଭା ଡ୍ୟାନ୍ସ ଏକାଡେମୀର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କମ୍ୟୁନିଟି ମିଡିଆ ଏକ୍ସପର୍ଟ ତଥା ଆଉଟ୍‌ରିଚ୍‌ର ପରାମର୍ଶଦାତା ଏନ୍.ଏ. ଶାହ ଆନ୍‌ସାରୀ ସ୍ୱାଗତ ଭାଷଣ ଦେଇଥିଲେ। ରେଡିଓ ଭୁବନେଶ୍ୱରର ଉପସ୍ଥାପକ ପାର୍ଥସାରଥୀ ମହାନ୍ତି ମଞ୍ଚ ସଞ୍ଚାଳନ କରିବା ସହ ରେଡିଓ ଜକି ଲିପ୍ସା ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଓୟୁଏଟିସ୍ଥିତ କୃଷି କଲେଜ ୧୯୭୫ ବ୍ୟାଚ୍‌ର ସୁବର୍ଣ୍ଣ ଜୟନ୍ତୀ




ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଅତିଥିଙ୍କ ସହ ସମ୍ବର୍ଦ୍ଧିତ ବ୍ୟକ୍ତିବିଶେଷ।

ଭୁବନେଶ୍ୱର, ୨୩।୭(ସୁଚିସ୍ମିତା ସାହୁ)

ଓୟୁଏଟିସ୍ଥିତ କୃଷି କଲେଜ ୧୯୭୫ ବ୍ୟାଚ୍ (କୃଷି ବିଜ୍ଞାନ)ର ୫୦ବର୍ଷ ପୂର୍ତ୍ତି ତଥା ସୁବର୍ଣ୍ଣ ଜୟନ୍ତୀ ବୁଧବାର ଇମେଜ୍‌ର ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ଯୋଗଦେଇ ୬୫-୭୦ ବର୍ଷ ବୟସ୍କ କୃଷି ବିଜ୍ଞାନ ସ୍ନାତକ ତଥା ବରିଷ୍ଠ ନାଗରିକମାନଙ୍କୁ ବିଭିନ୍ନ ଖାଦ୍ୟ ପ୍ରଣାଳୀ ସହିତ ନିୟମିତ ବ୍ୟାୟାମ କରି ସୁସ୍ଥ ରହିବାକୁ ସଚେତନ କରାଇଥିଲେ। ଓୟୁଏଟିର ପୂର୍ବତନ କୃଷି ସମ୍ପ୍ରସାରଣ ଡିନ୍ ପ୍ରଫେସର ଚକ୍ରଧର ଶତପଥି କୃଷି ଉତ୍ପାଦନ କ୍ଷେତ୍ରରେ କୃଷି ବିଜ୍ଞାନୀଙ୍କ ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ସ୍ୱାମୀ ତନ୍ମୟନନ୍ଦ ସମସ୍ତଙ୍କୁ ଯୋଗ କରିବାକୁ ପରାମର୍ଶ ଦେବା ସହ ଆଧ୍ୟାତ୍ମିକତା ସମ୍ପର୍କରେ ବୁଝାଇଥିଲେ। ଜ୍ଞାନେନ୍ଦ୍ରନାଥ ମହାନ୍ତି ପ୍ରାରମ୍ଭିକ ସୂଚନା ଏବଂ ପ୍ରଫେସର ଡ. ତୁଷାରକାନ୍ତି ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ କୃଷି କଲେଜର ପାଞ୍ଚଜଣ ପ୍ରଫେସରଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରଫେସର ପ୍ରଭୁ ଚରଣ ଲେଙ୍କା ଧନ୍ୟବାଦ ଦେଇଥିଲେ। ଅନନ୍ୟା ମିଶ୍ର ଏବଂ ବୈଜ୍ଞାନିକ ଡ. ଦେବପ୍ରସାଦ ମଲ୍ଲିକ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ।

## ଇନର୍ ହୁଇଲ୍ ପକ୍ଷରୁ ନୂତନ କର୍ମକର୍ତ୍ତା ଚୟନ




କାର୍ଯ୍ୟକ୍ରମରେ ଇନର୍ ହୁଇଲ ଜିଲା ୩୨୬ର ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠୀ ଓ ଅନ୍ୟମାନେ।

ଭୁବନେଶ୍ୱର, ୨୩।୭(ସୌମ୍ୟରଞ୍ଜନ ରାଉତ)

ଇନର୍ ହୁଇଲ୍ କ୍ଲବ ଭୁବନେଶ୍ୱର କନ୍‌ଫ୍ଲୁଏନ୍‌ସ୍‌ର ୧୬ତମ ବାର୍ଷିକ ଅଧିଷ୍ଠାନ ଉତ୍ସବ ବୁଧବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଇନର୍ ହୁଇଲ ଜିଲା ୩୨୬ର ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ୨୦୨୫-୨୬ ବର୍ଷ ପାଇଁ ନୂତନ ବୋର୍ଡ ସଭ୍ୟାମାନଙ୍କୁ ଅଧିଷ୍ଠିତ କରାଇଥିଲେ। ନୂତନ ସଭାପତି ଭାବେ ଜୟନ୍ତୀ କର, ସମ୍ପାଦିକା କାବେରୀ ମହାପାତ୍ର ଓ କୋଷାଧ୍ୟକ୍ଷ ସଂଜ୍ଞା ସାଗରିକାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ଏଡିଟର ସୁଖଭିନ୍ଦର୍ କୌରଙ୍କ ଦ୍ୱାରା ‘ପ୍ଲାବନି’ ଉନ୍ମୋଚିତ ହୋଇଥିଲା। କାର୍ଯ୍ୟକ୍ରମରେ ୫୦ରୁ ଊର୍ଦ୍ଧ୍ୱ ବିଭିନ୍ନ ଇନର୍ ହୁଇଲ କ୍ଲବ ସଦସ୍ୟା ଯୋଗଦେଇଥିଲେ। ଜ୍ୟୋତି ଅଗ୍ରୱାଲା ମଞ୍ଚ ପରିଚାଳନା କରିଥିବାବେଳେ ସରିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ଅଭିଳାଷଙ୍କ ବିରୋଧରେ କଂଗ୍ରେସର ଏତଲା

ଭୁବନେଶ୍ୱର, ୨୩।୭(ରବିନାରାୟଣ ଜେନା)




ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେବା ଓ ତାଙ୍କ ଚରିତ୍ର ସଂହାରକୁ ନେଇ କଂଗ୍ରେସ ପକ୍ଷରୁ ଭାଜପା ଯୁବମୋର୍ଚ୍ଚା ସଭାପତି ଅଭିଳାଷ ପଣ୍ଡାଙ୍କ ବିରୋଧରେ ଏତଲା ଦିଆଯାଇଛି। ବୁଧବାର ଭୁବନେଶ୍ୱର ଜିଲା କଂଗ୍ରେସ ସଂଯୋଜକ ବିଶ୍ୱଜିତ୍ ଦାଶଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ କ୍ୟାପିଟାଲ ଥାନାରେ ଏତଲା ଦେଇଛି। ଏହି ଅବସରରେ ବିଶ୍ୱଜିତ୍ କହିଛନ୍ତି, ଜୁଲାଇ ୨୧ରେ ଭାଜପା କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ରାହୁଲଙ୍କ ପ୍ରତି ଅଭିଳାଷଙ୍କ ମନ୍ତବ୍ୟ କଂଗ୍ରେସ କର୍ମୀଙ୍କୁ ଘୋର୍ ଆଘାତ ଦେଇଛି। ତେଣୁ ଭାରତୀୟ ନ୍ୟାୟ ସଂହିତାର ବିଭିନ୍ନ ଧାରା ଅନୁସାରେ ତାଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏହା ନ ହେଲେ କଂଗ୍ରେସ ଆଇନଗତ ଲଢ଼େଇ ଲଢ଼ିବ। ଏହି ପ୍ରତିନିଧି ଦଳରେ ସୁବ୍ରତ ମହାପାତ୍ର, ରଜନୀ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

### ଫଟୋରେ ଖବର




ରାଜଭବନରେ ବୁଧବାର ଦାୟିତ୍ୱ ଗ୍ରହଣ ଅବସରରେ ରାଜ୍ୟପାଳ ଡ.ହରିବାବୁ କମ୍ଭମପାଟିଙ୍କ ସହିତ ସଚିବ ରୂପାରୋଶନ ସାହୁ। (ଫଟୋ: ମନୋରଞ୍ଜନ ମିଶ୍ର)



ରବୀନ୍ଦ୍ର ମଣ୍ଡପରେ ବୁଧବାର ଅଭୟ ଆର୍ଟ ଏକାଡେମୀ ପକ୍ଷରୁ ଆୟୋଜିତ ଦ୍ୱିତୀୟ ଅନ୍ତର୍ଜାତୀୟ ସମ୍ବଲପୁରୀ ଉତ୍ସବରେ ନୃତ୍ୟ ପରିବେଷଣ।



ଭୁବନେଶ୍ୱର ଲ’ କଲେଜ ପରିସରରେ ବୁଧବାର ଆୟୋଜିତ ରକ୍ତଦାନ ଶିବିରରେ ଅତିଥି ଓ ଅନ୍ୟମାନେ।

# ଟାପଙ୍ଗ ଖଣି ନିଲାମ ଫିକ୍ସିଂ ପାଇଁ ଚାଲିଛି ଷଡ଼ଯନ୍ତ୍ର

**■ ନେତାଙ୍କ ଇସାରାରେ ହେଉଛି ବ୍ଲୁ ପ୍ରିଣ୍ଟ**

**■ ବାହାର ସଂସ୍ଥାକୁ ବିରୋଧ, ସୋସିଆଲ ମିଡ଼ିଆରେ ବୁଲୁଛି ଧମକପୂର୍ଣ୍ଣ ପ୍ରସ୍ତାବ**

ଖୋର୍ଦ୍ଧା, ୨୩।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଟାପଙ୍ଗ ଏବଂ କାଇପଦର ଅଞ୍ଚଳରେ ଶ୍ରୀମନ୍ଦିର ପ୍ରଶାସନର ରହିଥିବା ବହୁ ମୂଲ୍ୟବାନ୍ କଳାମୁଗୁନି ୬ଟି ପଥର ଖଣି ନିଲାମ ପ୍ରକ୍ରିୟା ଚାଲିଛି। ଏଥିପାଇଁ ଇ-ଟେଣ୍ଡର ଆହ୍ୱାନ କରାଯାଇଛି। ତେବେ ନିଲାମ ଫିକ୍ସିଂ ପାଇଁ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଚାଲିଛି ବୋଲି ଅଭିଯୋଗ ହେଉଛି। ଶାସକ ଦଳର ନେତାଙ୍କ ଇଙ୍ଗିତରେ ସ୍ୱତନ୍ତ୍ର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରାଯାଇ ନିର୍ଦ୍ଦିଷ୍ଟ ଗୋଷ୍ଠୀକୁ କିପରି ଟେଣ୍ଡର ମିଳିବ ସେନେଇ ଜୋରସୋର ଉଦ୍ୟମ ଚାଲିଛି ବୋଲି ବିଜେଡି ଲୋକ ସଭା ପ୍ରାର୍ଥୀ କ୍ୟାପ୍ଟେନ୍ ମନ୍ମଥ ରାଉତରାୟ କହିଛନ୍ତି।

ପ୍ରକାଶ ଯେ, ଇ-ଟେଣ୍ଡର ମାଧ୍ୟମରେ ଓଡ଼ିଶା ତଥା ରାଜ୍ୟ ବାହାର ଏକାଧିକ ସଂସ୍ଥା ଆବେଦନ କରିଛନ୍ତି। ହେଲେ ଦୀର୍ଘ ବର୍ଷ ଧରି ଖୋର୍ଦ୍ଧା ଅଞ୍ଚଳର ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀ ପଥର ଖଣି ଅକ୍ତିଆର କରି ଆସୁଥିବାବେଳେ ଚଳିତ ବର୍ଷ ସେମାନଙ୍କ ସମସ୍ତ ପ୍ରଚେଷ୍ଟା ଫେଲ୍ ମାରିଛି। ଦୁଇଟି ଖଣି ହାତରୁ ଖସିବା ପରେ ସମ୍ପୃକ୍ତ ଗୋଷ୍ଠୀର ନିଦ ହଜିଯାଇଛି। କିପରି ଅନ୍ୟ ୫ଟି ଖଣି ଅକ୍ତିଆରକୁ ଆଣିବେ, ସେଥିଲାଗି ଘନ ଘନ ବୈଠକ, ଆଲୋଚନା ଜାରି ରହିଛି। ଜିଲା ପରିଷଦ କାର୍ଯ୍ୟାଳୟ ପରିସରରେ ଦିବାରାତ୍ର ବୈଠକ ଚାଲିଥିବାବେଳେ ପ୍ରଶାସନ ଜାଣି ସୁଦ୍ଧା ନୀରବତା ଅବଲମ୍ବନ କରୁଥିବାନେଇ ଚର୍ଚ୍ଚା ହେଉଛି। ତେବେ ଟେଣ୍ଡର ପ୍ରକ୍ରିୟାରେ ଉକ୍ତ ଅଞ୍ଚଳର ପାହାଡ଼ କ୍ରିୟାନୁଷ୍ଠାନ କମିଟି ବିଫଳ ହେବାପରେ ନିଲାମଧାରୀଙ୍କୁ କିଭଳି ହଇରାଣ କରାଯିବ, ସେନେଇ ମସୁଧା ଚଳାଇଥିବା ଆଲୋଚନା ହେଉଛି। ପାହାଡ଼ କ୍ରିୟାନୁଷ୍ଠାନ କମିଟି ନିଷ୍ପତ୍ତି ପ୍ରକାରେ ମନୋନୀତ ବ୍ୟକ୍ତିବିଶେଷ ବ୍ୟତୀତ ଅନ୍ୟ କେହି ଖଣି ନିଲାମରେ ଅଂଶଗ୍ରହଣ କରିପାରିବେ ନାହିଁ। ଯଦି କେହି ବାହାର ସଂସ୍ଥା ନିଲାମ ନେଲେ, ଟାପଙ୍ଗ ଆଞ୍ଚଳିକ କ୍ରଶର ସଂଘ ସହ ଅନୁବନ୍ଧିତ କୌଣସି କ୍ରଶର ମାଲିକ ତାଙ୍କଠାରୁ ପଥର କ୍ରୟ କରିବେ ନାହିଁ ବୋଲି ନିର୍ଦ୍ଦେଶନାମା ଜାରି କରାଯାଇଛି। କେହି ଏହାକୁ ଉଲ୍ଲଂଘନ କରିଲେ ତାଙ୍କୁ ସଂଘରୁ ବିଦା କରାଯିବ, ଏଭଳି ଏକ ସଂଘର ପ୍ରସ୍ତାବିତ କପି ସୋସିଆଲ ମିଡିଆରେ ଭାଇରାଲ ହେଉଛି। ତେବେ ଖୋର୍ଦ୍ଧା ଅଞ୍ଚଳର ଗୋଟିଏ ଗୋଷ୍ଠୀ ଟେଣ୍ଡର ପ୍ରକ୍ରିୟାକୁ ପ୍ରଭାବିତ କରୁଛନ୍ତି ବୋଲି ସିଧାସଳଖ ଅଭିଯୋଗ ଆଣିଛନ୍ତି ମନ୍ମଥ ରାଉତରାୟ। ମନ୍ମଥ କହିଛନ୍ତି, ଖଣି ନିଲାମରେ ସ୍ୱଚ୍ଛତା ଆଣିବା ପାଇଁ ସରକାର ଇ-ଟେଣ୍ଡର ଆହ୍ୱାନ କରିଛନ୍ତି। ତେବେ ଗୋଟିଏ ଗୋଷ୍ଠୀ ଏହାକୁ ହାଇଜାକ କରିବାକୁ ବସିଛନ୍ତି। ଉକ୍ତ ଗୋଷ୍ଠୀ ଦୀର୍ଘ ବର୍ଷ ଧରି ରାଜନୈତିକ ପ୍ରଭାବଶାଳୀ ବ୍ୟକ୍ତି ବିଶେଷଙ୍କ ଛତ୍ରଛାୟା ତଳେ ରହି ପ୍ରଶାସନିକ କଳକୁ ହାତବାରିସି କରି ପଥର ଖଣିକୁ ନିଜ ଅକ୍ତିଆରରେ ରଖିଛନ୍ତି। ଯିଏ ଶାସନକୁ ଆସିଲା, ଦଳୀୟ ନେତାଙ୍କୁ ଧରି କିପରି ଖଣିକୁ ହାତେଇବେ ସେନେଇ ବ୍ଲୁପ୍ରିଣ୍ଟ ପ୍ରସ୍ତୁତ କରାଯାଉଛି। ରାଜନେତାଙ୍କ ବାହୁତଳେ ରହି ଖଣି ଖାଦାନ କିଭଳି ହରିଲୁଟ କରାଯିବ, ତାହାର ମାଷ୍ଟରପ୍ଲାନ ପ୍ରସ୍ତୁତ କରି ତଦନୁସାରେ କାମ କରୁଛନ୍ତି ବୋଲି ମନ୍ମଥ କହିଛନ୍ତି।

## ବିପଦସଙ୍କୁଳ ଅବସ୍ଥାରେ ଅର୍ଦ୍ଧଭଗ୍ନ ମନ୍ଦିର ଛାତ



ରାସ୍ତା ପାର୍ଶ୍ୱରେ ଅଧାଭଙ୍ଗା ହୋଇ ରହିଥିବା ମନ୍ଦିର।

ଖୋର୍ଦ୍ଧା, ୨୩।୭(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ସହର ସୌନ୍ଦର୍ଯ୍ୟକରଣ ପାଇଁ ପୌର ପରିଷଦ ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଛି। ସହରରୁ ଉଠାଦୋକାନୀଙ୍କ ଉଚ୍ଛେଦ, ରାସ୍ତା ସମ୍ପ୍ରସାରଣ କାମ ଚାଲିଛି। ନୂଆ ବସ୍‌ଷ୍ଟାଣ୍ଡ ଜଳସେଚନ ବିଭାଜନ କାର୍ଯ୍ୟାଳୟ ପାର୍ଶ୍ୱରେ ଥିବା ୪୫ଟି ଦୋକାନକୁ ଉଚ୍ଛେଦ କରାଯାଇଛି। ତେବେ ଉକ୍ତ କାର୍ଯ୍ୟାଳୟ ନିକଟରେ ଥିବା ତ୍ରିନାଥ ମନ୍ଦିରକୁ ପୌର ପ୍ରଶାସନ ପକ୍ଷରୁ ଜେସିବି ମେଶିନ ଦ୍ୱାରା ଆଂଶିକ ଭଙ୍ଗାଯାଇ ଅର୍ଦ୍ଧ ଭଗ୍ନ ଅବସ୍ଥାରେ ଛାଡ଼ି ଦିଆଯାଇଛି। ଏହା ବିପଦପୂର୍ଣ୍ଣ ଭାବେ ରହିଥିବାବେଳେ ମନ୍ଦିର ଛାତଟି ସୂତାଖିଅରେ ଝୁଲି ରହିଛି। ରାତି ସମୟରେ କିଛି ଅସହାୟ, ଯାଯାବର ଏବଂ ମାନସିକ ବିକୃତ ବ୍ୟକ୍ତି ଏହି ଭଙ୍ଗା ଛାତ ତଳେ ଆଶ୍ରୟ ନେଉଥିବା ଦେଖିବାକୁ ମିଳୁଛି। ଏଥିପ୍ରତି ପୌର କର୍ତ୍ତୃପକ୍ଷ ଅଥବା ଜିଲା ପ୍ରଶାସନର ଅବହେଳା ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହି ଛାତ ପଡ଼ି ଯଦି କୌଣସି ବ୍ୟକ୍ତିଙ୍କ ଜୀବନ ହାନି ହୁଏ ସେଥିପାଇଁ କିଏ ଦାୟୀ ରହିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତୁରନ୍ତ ଭଗ୍ନ ଛାତ ଅଂଶ ହଟାଇବା ପାଇଁ ଦାବି ହୋଇଛି।

## ବର୍ଷାରେ କାନ୍ଥ ପଡ଼ି ମହିଳା ଆହତ



ନିରାକାରପୁର, ୨୩।୭(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅନ୍ତର୍ଗତ ଓରବରସିଂ ପଞ୍ଚାୟତ କୃଷ୍ଣପୁରରେ ବୁଧବାର ଅପରାହ୍ନରେ ପ୍ରବଳ ବର୍ଷାରେ ଗ୍ରାମର ବିଜୟ ସ୍ୱାଇଁଙ୍କ ଘର ଭୁଶୁଡି ପଡିଥିଲା। ଏଥିରେ ବିଜୟ ଅଳ୍ପକେ ବର୍ତ୍ତିଯାଇଥିବା ବେଳେ ତାଙ୍କ ସ୍ତ୍ରୀ ଗିତାଞ୍ଜଳିଙ୍କ ମୁଣ୍ଡରେ ଆଘାତ ଲାଗି ସେ ଆହତ ହୋଇଛନ୍ତି। ଘରେ ଥିବା ଚାଉଳ, ଲୁଗାପଟା ସମେତ ବାସନକୁସନ ସହ ଅନ୍ୟାନ୍ୟ ଜିନିଷପତ୍ର ସବୁ ନଷ୍ଟ ହୋଇଯାଇଛି। ବାସଗୃହ ଭୁଶୁଡି ପଡ଼ିଥିଲେ ମଧ୍ୟ ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ ରାଜସ୍ୱ ନିରୀକ୍ଷକଙ୍କୁ ଜଣାଇଥିଲେ ସୁଦ୍ଧା ସେ ଶୁଣି ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ଗୋଳବାଇ ରାଜସ୍ୱ ନିରୀକ୍ଷକ ମମତା ନାୟକଙ୍କୁ ଫୋନ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ସେ ଫୋନ କଲକୁ କାଟିଦେଇଥିଲେ। ସୂଚନାଯୋଗ୍ୟ, ବିଜୟଙ୍କ ପରିବାର ୨ ବଖରା ଚାଳଘରେ ରହୁଛନ୍ତି। ଏ ନେଇ ସେ ବାରମ୍ବାର ପଞ୍ଚାୟତଠାରୁ ଆରମ୍ଭ କରି ରାଜସ୍ୱ ନିରୀକ୍ଷକ, ବ୍ଲକ ଓ ତହସିଲ ପର୍ଯ୍ୟନ୍ତ ସରକାରୀ ବାସଗୃହ ଖଣ୍ଡେ କାକୁତି ମିନତି ହୋଇଥିଲେ ସୁଦ୍ଧା ଆଜି ଯାଏଁ ତାଙ୍କୁ ମିଳିନାହିଁ। ଫଳରେ ସେ ଏଭଳି ଭଙ୍ଗା କୁଡ଼ିଆରେ ମୁଣ୍ଡ ଗୁଞ୍ଜି ରହିଆସୁଛନ୍ତି। ଏଭଳି ପରିସ୍ଥିତିରେ ତାଙ୍କ ପରିବାରକୁ ସରକାରୀ ବାସଗୃହ ଯୋଗାଇ ଦେବାକୁ ସ୍ଥାନୀୟ ସାମାଜିକ କର୍ମୀ ପଦ୍ମଚରଣ ପାଇକରାୟଙ୍କ ସମେତ ଗ୍ରାମବାସୀ ନିବେଦନ କରିଛନ୍ତି।

## ବିଦ୍ୟୁତ୍ କର୍ମଚାରୀଙ୍କୁ ମରଣାନ୍ତକ ଆକ୍ରମଣ



ବିଦ୍ୟୁତ୍ ବିଭାଗ ଉଚ୍ଚପଦସ୍ଥ ଅଧିକାରୀମାନେ ବାଙ୍କୋଇ ଫାଣ୍ଡିରେ ଅଭିଯୋଗ କରିବାକୁ ଆସିଛନ୍ତି।

**ଫାଣ୍ଡିରେ ଅଭିଯୋଗ କଲେ ବିଦ୍ୟୁତ୍ ବିଭାଗ ଅଧିକାରୀ**

ବୋଲଗଡ଼, ୨୩।୭(ଦେବବ୍ରତ ହୋତା)

ଖୋର୍ଦ୍ଧା ଜିଲା ରାଜସୁନାଖଳା ବିଦ୍ୟୁତ୍ ବିଭାଗର ୩ଜଣ କାର୍ଯ୍ୟରତ କର୍ମଚାରୀଙ୍କୁ ଆକ୍ରମଣ ହୋଇଛି। ଏ ନେଇ ବିଭାଗୀୟ ଅଧିକାରୀମାନେ ବୋଲଗଡ଼ ଥାନା ବାଙ୍କୋଇ ଫାଣ୍ଡିରେ ବୁଧବାର ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ମଙ୍ଗଳବାର ରାତିରେ ବିଦ୍ୟୁତ୍ ବିଭାଗ କଡବ ସେକ୍ସନ ଅନ୍ତର୍ଗତ ଆରିକିମା ଗ୍ରାମରେ କୌଣସି କାରଣରୁ ବିଦ୍ୟୁତ୍ ବିଚ୍ଛିନ୍ନ ହୋଇଥିଲା। ଖବର ପାଇ ସେହି ସେକ୍ସନରେ କାର୍ଯ୍ୟରତ ସୌମ୍ୟରଞ୍ଜନ ବରାଡ ୨ଜଣ ସହଯୋଗୀ ଶତ୍ରୁଘନ ବେହେରା ଓ ରଞ୍ଜନ କୁମାର ସ୍ୱାଇଁଙ୍କ ସହ ପହଞ୍ଚି ବିଦ୍ୟୁତ୍ ସଜାଡୁଥିଲେ। ହଠାତ ଅରିକିମା ଗ୍ରାମର ୪ଜଣ ଯୁବକ ମିଥୁନ ପାଇକରାୟ, ମନୋଜ ବରାଡ, ବନ ନାୟକ ଏବଂ ବାୟା ବିଶ୍ୱାଳ ଆସି ଗାଳିଗୁଲଜ କରିବା ସହ ବିଦ୍ୟୁତ୍ କର୍ମଚାରୀମାନଙ୍କୁ ଠେଙ୍ଗାରେ ବଡ଼ାଇ ଲହୁଲୁହାଣ କରି ପଳାଇ ଯାଇଥିଲେ। ଖବର ପାଇ ବିଦ୍ୟୁତ୍ ବିଭାଗ କନିଷ୍ଠ ଯନ୍ତ୍ରୀ ବାଙ୍କୋଇ ଫାଣ୍ଡି ଅଧିକାରୀଙ୍କୁ ଘଟଣା ସମ୍ପର୍କରେ ଜଣାଇଥିଲେ। ଫାଣ୍ଡି ଅଧିକାରୀ ଗ୍ରାମରେ ପହଞ୍ଚି ଆହତ ବିଦ୍ୟୁତ୍ କର୍ମଚାରୀଙ୍କୁ ଉଦ୍ଧାର କରି ବାଙ୍କୋଇସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଗୁରୁତର ସୌମ୍ୟରଞ୍ଜନଙ୍କୁ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସୌମ୍ୟରଞ୍ଜନଙ୍କ ଉତ୍ତମ ଚିକିତ୍ସା ପାଇଁ ଡାକ୍ତର ୧୦୮ ଆମ୍ବୁଲାନ୍ସରେ ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ବିଦ୍ୟୁତ୍ ବିଭାଗ ଉଚ୍ଚପଦସ୍ଥ ଅଧିକାରୀମାନେ ଫାଣ୍ଡିରେ ଅଭିଯୋଗ କରି ଦୋଷୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ବୋଲଗଡ ଥାନା ଅଧିକାରୀ ସ୍ନିଗ୍ଧମୟୀ ବରାଳ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରୁଛନ୍ତି।

## ୧୦ଫୁଟ୍ ତଳକୁ ଖସିପଡ଼ିଲା ଅଟୋ

**ମା'ପୁଅଙ୍କ ସହ ଚାଳକ ଗୁରୁତର**

ଟାଙ୍ଗୀ, ୨୩।୭(ରଘୁନାଥ ସାହୁ)

ଟାଙ୍ଗୀରୁ ମଙ୍ଗଳାଯୋଡି ଯିବା ରାସ୍ତାରେ ଭାରସାମ୍ୟ ହରାଇ ୧୦ଫୁଟ ତଳକୁ ଖସିପଡ଼ିଲା ଯାତ୍ରୀବାହୀ ଅଟୋରିକ୍ସା। ଫଳରେ ଅଟୋରେ ବସିଥିବା ମା'ପୁଅଙ୍କ ସହ ଚାଳକ ଗୁରୁତର ହୋଇଥିବା ଜଣାପଡ଼ିଛି। ଗୁରୁତରମାନଙ୍କୁ ଉଦ୍ଧାର କରି ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗୁରୁତର ଦ୍ୱୟ ହେଲେ ଟାଙ୍ଗୀ ଥାନା ଅନ୍ତର୍ଗତ ସୋରଣ ଗ୍ରାମର ପୁଷ୍ପା ବେହେରା ଓ ତାଙ୍କ ପୁଅ ସ୍ୱୟଂ ବେହେରା ଏବଂ ଚାଳକ ମଙ୍ଗଳାଯୋଡି ଗ୍ରାମର ଜୟନ୍ତ ବେହେରା। ସୋରଣ ଗ୍ରାମରୁ ମା'ପୁଅଙ୍କୁ ଧରି ମଙ୍ଗଳାଯୋଡି ଯାଉଥିବା ବେଳେ ଅଟୋରିକ୍ସା ମଙ୍ଗଳାଯୋଡ଼ି ରାସ୍ତା ପାର୍ଶ୍ୱରେ ଭାରସାମ୍ୟ ହରାଇ ବିଲକୁ ଓଲଟି ପଡ଼ିଥିଲା। ଅଟୋରିକ୍ସା ଭାଙ୍ଗିରୁଜି ଚୂରମାର ହୋଇଯାଇଛି।



ବିଲକୁ ଓଲଟି ପଡ଼ିଥିବା ଅଟୋରିକ୍ସା।

ସ୍ଥାନୀୟ ଲୋକେ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କରି ଗୁରୁତରମାନଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ମା'ପୁଅଙ୍କୁ ଭୁବନେଶ୍ୱରକୁ ସ୍ଥାନାନ୍ତର କରାଯାଇଛି।

## ୨୦ ଲିଟର ଦେଶୀ ମଦ ଜବତ, ୨ ଗିରଫ

ବାଲୁଗାଁ, ୨୩।୭(ସଂଗ୍ରାମ ପାଇକରାୟ)

ବାଲୁଗାଁ ଅବକାରୀ ବିଭାଗ ବୁଧବାର ପୃଥକ ଭାବେ ନାରୁଣୀ ଅଞ୍ଚଳରେ ଚଢ଼ାଉ କରି ଚୋରା ଦେଶୀ ମଦ ଜବତ କରିବା ସହ ବିକ୍ରି ଅଭିଯୋଗରେ ୨ ବ୍ୟବସାୟୀଙ୍କୁ ଗିରଫ କରିଛି। ସେମାନେ ହେଲେ ନାରୁଣୀ ବଡ଼ପଦର ଗ୍ରାମର ଶରତ ଚନ୍ଦ୍ର ଗୁରୁ ଏବଂ ହରିକୁଣ୍ଡ ବରଢ଼ିହ ଗ୍ରାମର ବିପିନ ପ୍ରଧାନ। ଉଭୟଙ୍କ ନିକଟରୁ ମୋଟ ୨୦ ଲିଟର ମଦ ଜବତ ହୋଇଛି। ଏ ନେଇ ପୃଥକ୍ ଭାଇ ୨ଟି କେସ୍(ନଂ. ୩୩/୨୫ ଏବଂ ୩୪/୨୫) ରୁଜୁ ହୋଇ ଉଭୟଙ୍କୁ କୋର୍ଟଚାଲାଣ କରାଯାଇଛି। ବାଲୁଗାଁ ଅବକାରୀ ଅଧିକାରୀ ସୁଜିତ କୁମାର ମୁଦୁଲିଙ୍କ ନେତୃତ୍ୱରେ ଏଏସ୍‌ଆଇ ରାମଚନ୍ଦ୍ର ଜେନା, ମୀନକେତନ ମହାଲିକ, କନଷ୍ଟେବଲ୍ ମନୋଜ କୁମାର ଜୟସିଂହ, ରଞ୍ଜିତ ପଟେଲ, ସୁନିତା ମହାରଣା, ସସ୍ମିତା ସେଠୀ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ।

## ଭକ୍ତଙ୍କ ଇସ୍ତଫା, ଉଦିତ୍‌ଙ୍କୁ କଠୋର ଦଣ୍ଡ ଦାବିକଲା ବିଜେୱାଇଏମ୍

ଖୋର୍ଦ୍ଧା, ୨୩।୭(ପ୍ରଭାତ ପାଣିଗ୍ରାହୀ)

ଛାତ୍ରୀଙ୍କୁ ନିଶା ଦେଇ ବଳାତ୍କାର ମାମଲାରେ ଛାତ୍ର କଂଗ୍ରେସ ସଭାପତି ଉଦିତ୍ ପ୍ରଧାନ ଗିରଫ ହୋଇଛନ୍ତି। ଏଥିପାଇଁ ପିସିସି ସଭାପତି ଭକ୍ତ ଚରଣ ଦାସ ନୈତିକତା ଦୃଷ୍ଟିରୁ ଇସ୍ତଫା ଦିଅନ୍ତୁ ବୋଲି ଭାରତୀୟ ଜନତା ଯୁବମୋର୍ଚ୍ଚା(ବିଜେୱାଇଏମ୍) ଜିଲା ସଭାପତି ପ୍ରଦୀପ ବଡ଼ଜେନା ଦାବି କରିଛନ୍ତି। ବୁଧବାର ସ୍ଥାନୀୟ ଟାଉନ୍ ହଲ୍ ଛକରେ ଅନୁଷ୍ଠିତ ବିକ୍ଷୋଭ ଓ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଭକ୍ତ ଦାସଙ୍କ ଇସ୍ତଫା ସହ ଉଦିତ୍‌ଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯାଉ ବୋଲି ବଡ଼ଜେନା ଦାବି କରିଥିଲେ।

ଗତ କିଛିଦିନ ତଳେ ଅଭିଯୁକ୍ତ ଉଦିତ୍ ନାରୀ ସୁରକ୍ଷା ପ୍ରସଙ୍ଗରେ ରାଜରାସ୍ତାକୁ ଓହ୍ଲାଇ କୁମ୍ଭୀରକାନ୍ଦଣା କାନ୍ଦୁଥିଲେ ଏବଂ ଏବେ ତାଙ୍କର ଓ କଂଗ୍ରେସ ଦଳର ଅସଲ ଚେହେରା ପଦାରେ ପଡ଼ିଯାଇଛି ବୋଲି ଯୁବନେତା ବିଶ୍ୱଦୀପ ପ୍ରଧାନ କହିଥିଲେ। ଭାଜପା ନଗର ସଭାପତି କୃଷ୍ଣଚନ୍ଦ୍ର ମହାନ୍ତି କହିଲେ ଭାଜପା ସରକାର ସବୁବେଳେ ମହିଳାଙ୍କ ସୁରକ୍ଷାକୁ ପ୍ରାଥମିକତା ଦେଇଛି। ଯେଉଁଠି ବି କୌଣସି ମହିଳା ବିରୋଧୀ ହିଂସା ସାମ୍ନାକୁ ଆସୁଛି ସରକାର ଶୂନ୍ୟ ସହନଶୀଳତା ନୀତି ଆପଣାଉଛନ୍ତି। ବିଜେଡି ଓ କଂଗ୍ରେସ ସମୟରେ ଶହ ଶହ ମହିଳା ବିରୋଧୀ ମାମଲାରେ ଦୋଷୀଙ୍କୁ ଖସାଇ ଦିଆଯାଉଥିଲା। ଏପରି କି ପୋଲିସ ମାମଲା ରୁଜୁ କରୁ ନ ଥିଲା ବୋଲି ମହାନ୍ତି କହିଥିଲେ। ଏହି ଆନ୍ଦୋଳନରେ ଶୁଭ୍ରଜିତ ମଙ୍ଗରାଜ, ଗୋପବନ୍ଧୁ ଜେନା, ମାନସ ରଞ୍ଜନ ସାହୁ, ସୂର୍ଯ୍ୟକାନ୍ତ ହରିଚନ୍ଦନ, ସ୍ୱୟଂ ସ୍ୱାଇଁ, ରୁଦ୍ରାଭିଷେକ ମାନ୍ଧାତା, ପବିତ୍ର ପାଙ୍ଗଶାଣୀ, ଶୁଭେନ୍ଦୁ ସାମନ୍ତରାୟ, ବିଭୁ ବଳିଆରସିଂ, ସତ୍ୟବ୍ରତ ମହାପାତ୍ର, ଚନ୍ଦନ ପାଙ୍ଗଶାଣୀ, ସଞ୍ଜିତ ମହାପାତ୍ର, ସୂର୍ଯ୍ୟପ୍ରକାଶ ପଣ୍ଡା, ସମରେଶ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଗୋଦାବରୀଶ ମହାବିଦ୍ୟାଳୟର ଅଧ୍ୟକ୍ଷ, ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବାଣପୁର, ୨୩।୭ (ଦିଲୀପ କୁମାର ସ୍ୱାଇଁ)

ବାଣପୁରସ୍ଥିତ ଗୋଦାବରୀଶ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ତରଫରୁ ମହାବିଦ୍ୟାଳୟର ଅଧ୍ୟକ୍ଷ ବିନାୟକ ହୋତା ଓ ରାଜନୀତି ବିଜ୍ଞାନ ବିଭାଗୀୟ ମୁଖ୍ୟ ଲକ୍ଷ୍ମୀ ପ୍ରସାଦ ମିଶ୍ରଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଅନୁଷ୍ଠାନର ପ୍ରଶାସନିକ ଅଧିକାରୀ ସୁରପ୍ରତାପ ନରେନ୍ଦ୍ର ସିଂ ବର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ଅଧ୍ୟାପକ ଆଦିତ୍ୟ ସାରଥି ବେଦମତ୍ତା, ଅଧ୍ୟାପକ ଗୋଲଖି କୁମାର ବେହେରା, ଅଧ୍ୟାପିକା ପ୍ରତିଭା ମଲ୍ଲିକ ଓ ନାରୁଣୀ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ଅଧ୍ୟାପକ ସନ୍ତୋଷ କୁମାର ଶତପଥୀ, ସନ୍ତୋଷ କୁମାର ସାହୁ ପ୍ରମୁଖ ବହୁ ପୁରାତନ ଓ ବର୍ତ୍ତମାନର ଛାତ୍ରୀଛାତ୍ର ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ବିଭିନ୍ନ ଉପହାର ପ୍ରଦାନ କରି ଅଧ୍ୟକ୍ଷ ହୋତା ଏବଂ ଅଧ୍ୟାପକ ମିଶ୍ରଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଭାଗର ଅଧ୍ୟାପିକାଅଧ୍ୟାପକ, ଛାତ୍ରୀଛାତ୍ରମାନେ ଅଧ୍ୟକ୍ଷ ହୋତା ଓ ବିଭାଗୀୟ ମୁଖ୍ୟ ମିଶ୍ର ମହାବିଦ୍ୟାଳୟ ଓ ବିଭାଗର ଶିକ୍ଷା ବ୍ୟବସ୍ଥାକୁ କିଭଳି ସୁଦୃଢ କରିଛନ୍ତି, ସେ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ରାଜନୀତି ବିଜ୍ଞାନର ଅଧ୍ୟାପିକା ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।



ମହାବିଦ୍ୟାଳୟର ଅଧ୍ୟକ୍ଷ ଏବଂ ରାଜନୀତି ବିଜ୍ଞାନ ବିଭାଗ ମୁଖ୍ୟଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଉଛି।

## ବିରିବାଡ଼ି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠିତ

ଟାଙ୍ଗୀ, ୨୩।୭(ରଘୁନାଥ ସାହୁ)

ଚିଲିକା ବ୍ଲକ ଅନ୍ତର୍ଗତ ବିରିବାଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନ ହୋଇଯାଇଛି। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରଦୀପ କୁମାର ସାସମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସହକାରୀ ଶିକ୍ଷୟିତ୍ରୀ ଶୁଭଶ୍ରୀ ବେହେରାଙ୍କୁ କମିଟି ପ୍ରିଜାଇଡିଂ ଅଫିସର ଭାବେ ମନୋନୀତ କରାଯାଇଥିଲା। ଶିକ୍ଷୟିତ୍ରୀ ନିରୁପମା ବେହେରା, ରେଣୁବାଳା ପରିଡ଼ା, ସଂଘମିତ୍ରା ପ୍ରଧାନ, ମହିଳା ଗୋଷ୍ଠୀ ସିଆରପି ବନିତା ବେହେରା, ପୂର୍ବତନ ସରପଞ୍ଚ ଦୁର୍ଗା ଚରଣ ହରିଚନ୍ଦନ, ଗ୍ରାମ କମିଟି ସଭାପତି ଗୋପୀନାଥ ପାଇକରାୟ, ଅଭିଭାବକ ବବିତା ବେହେରା ପ୍ରମୁଖ କମିଟି ସଦସ୍ୟ ଭାବେ ମନୋନୀତ ହୋଇଥିବା ଜଣାପଡ଼ିଛି। କମିଟିର କାର୍ଯ୍ୟକାଳ ୩ବର୍ଷ ପର୍ଯ୍ୟନ୍ତ ରହିବ ବୋଲି ପ୍ରଧାନ ଶିକ୍ଷକ ସାସମଲ ସୂଚନା ଦେଇଛନ୍ତି।




ଆଭ୍ୟନ୍ତରୀଣ ଅଭିଯୋଗ କମିଟିର ସଦସ୍ୟବୃନ୍ଦ।

## ରାସ୍ତା ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ

**ଗ୍ରାମବାସୀଙ୍କ ଉପସ୍ଥିତିରେ ମାପ ଚିହ୍ନଟ ହେବ**

ବୋଲଗଡ଼, ୨୩।୭(ଦେବବ୍ରତ ହୋତା)

ବୋଲଗଡ଼ ତହସିଲ ଅନ୍ତର୍ଗତ ପିଚୁକୁଳି ରାଜସ୍ୱ ନୀରିକ୍ଷକଙ୍କ କାର୍ଯ୍ୟାଳୟ ଅଧୀନ ରାସୋଳ ଗ୍ରାମରେ ସରକାରୀ ରାସ୍ତା ଜବରଦଖଲରେ ରହିଥିବା ନେଇ ଗତ ଦୁଇବର୍ଷ ହେଲା ଅଭିଯୋଗ ହୋଇଆସୁଛି। ଯାତାୟାତ ଲାଗି ଗ୍ରାମବାସୀ ହଇରାଣ ହେଉଥିବାରୁ ଜବରଦଖଲ ଉଚ୍ଛେଦ ପାଇଁ ବୁଧବାର ତହସିଲଦାର ବିଜୟ କୁମାର ସେଠୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ଗ୍ରାମର ସତ୍ୟନାରାୟଣ ବାରିକ, ଶିଶିର ମହାପାତ୍ର, ବୈକୁଣ୍ଠ ବଳିୟାରସିଂହ, ବାଳକୃଷ୍ଣ ସାହୁ, ଦୀନବନ୍ଧୁ ମୁଦୁଲି, କିଶୋର ଦାସ, ମୀନକେତନ ଜୟସିଂହ, ପ୍ରକାଶଚନ୍ଦ୍ର ନାୟକ ଓ ଅଜିତ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ, ଗ୍ରାମର ବୁଦ୍ଧିନାଥ ବେହେରାଙ୍କ ବାରିଠାରୁ ବଡ଼ସାହି ଛକ, ଆର୍‌ଡି ରାସ୍ତା ନିକଟ ବାଉତି ମନ୍ଦିର ଠାରୁ ନାରାୟଣ ବଳିୟରସିଂ ଘର ଓ ହରିହର ମହାପାତ୍ରଙ୍କ ବାରିଠାରୁ ଜେନାଗାଡ଼ିଆ ପୋଖରୀ ପର୍ଯ୍ୟନ୍ତ ରାସ୍ତାରୁ ଜବରଦଖଲ ହଟାଇବା ପାଇଁ ୨୦୨୩ରେ ଜିଲାପାଳଙ୍କ ନିକଟରେ ଦାବି କରାଯିବା ପରେ ସେ ସରଜମିନ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପରେ ପିଚୁକୁଳି ରାଜସ୍ୱ ନୀରିକ୍ଷକ ଏହାର ତଦନ୍ତ କରି ରିପୋର୍ଟ ଦେଇଥିଲେ ମଧ ତହସିଲ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଏନେଇ ଗ୍ରାମବାସୀ ୧୬-୧୧-୨୦୨୪ରେ ଜିଲାପାଳଙ୍କୁ ପୁନର୍ବାର ଅଭିଯୋଗ କରିବାରୁ ସେ ବୋଲଗଡ଼ ତହସିଲଦାରଙ୍କୁ ମାପ ଚିହ୍ନଟ କରି ତୁରନ୍ତ ଉଚ୍ଛେଦ ପ୍ରକ୍ରିୟା ପାଇଁ ନିର୍ଦ୍ଦେଶ ଦେଇଥିଲେ। ତତ୍କାଳୀନ ତହସିଲଦାରଙ୍କ ତତ୍ତ୍ୱାବଧାନରେ ସରକାରୀ ଅମିନ, ରାଜସ୍ୱ ନୀରିକ୍ଷକ ଓ ଅନ୍ୟ କର୍ମଚାରୀମାନେ ରାସୋଳ ମୌଜା ଖାତା ନମ୍ବର ୩୯୯ର ପ୍ଲଟ ନମ୍ବର ୭୫୬, ୭୫୧, ୩୬୫କୁ ମାପ ଚିହ୍ନଟ କରିଥିଲେ। ପିଚୁକୁଳି ଆର୍‌ଆଇ ସର୍ବସାଧାରଣ ରାସ୍ତା ଜବରଦଖଲକାରୀଙ୍କ ନାମରେ ଜି ଫର୍ମ ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଏହାଭିତରେ ବଦଳି ପ୍ରକ୍ରିୟାରେ ନୂତନ ତହସିଲଦାର ଯୋଗଦେବା ପରେ ଉଚ୍ଛେଦ ପାଇଁ କାର୍ଯ୍ୟାନୁଷ୍ଠାନ ଶିଥିଳ ପଡ଼ିଛି। ଗ୍ରାମବାସୀ ବାରମ୍ବାର ଦାବି କରିବା ପରେ ଆର୍‌ଆଇ ରିପୋର୍ଟ ଆଧାରରେ ଚଳିତ ମାସରେ ୮ଜଣ ଜବରଦଖଲକାରୀଙ୍କୁ ନିଜ ପକ୍ଷ ରଖିବା ପାଇଁ ପ୍ରଶାସନ ପକ୍ଷରୁ ନୋଟିସ ଜାରି ହୋଇଥିଲା। ସେମାନେ ବୁଧବାର ତହସିଲ କାର୍ଯ୍ୟାଳୟରେ ପହଞ୍ଚି ପୂର୍ବରୁ ହୋଇଥିବା ମାପଚିହ୍ନଟ ପ୍ରକ୍ରିୟାକୁ ଭୁଲ ଦର୍ଶାଇ ପୁନର୍ବାର ମାପ କରିବା ପାଇଁ ନିବେଦନ କରିଥିଲେ। ତେଣୁ ତହସିଲଦାର ସେଠୀ ଆଗାମୀ ଅଗଷ୍ଟ ମାସ ପ୍ରଥମ ସପ୍ତାହରେ ଏକ ଦିନ ଧାର୍ଯ୍ୟ କରି ଗ୍ରାମର ସମସ୍ତ ବାସିନ୍ଦା ଉପସ୍ଥିତ ରହି ପୁନର୍ବାର ମାପ କରାଯିବା ସହ ଚିହ୍ନଟ ପ୍ରକ୍ରିୟାକୁ ଚୂଡ଼ାନ୍ତ କରିବା ପାଇଁ ବ୍ୟବସ୍ଥା କରିବାକୁ ବିଭାଗୀୟ କର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।




ବୋଲଗଡ଼ ତହସିଲଦାରଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଦାବିପତ୍ର ପ୍ରଦାନ କରୁଛନ୍ତି।

**ଲାୟନ୍ସ କ୍ଲବ ଅଫ କଟକର ନୂତନ କର୍ମକର୍ତ୍ତା**

କଟକ,(କାର୍ତ୍ତିକ ସାହୁ): ଲାୟନ୍ସ କ୍ଲବ ଅଫ୍ କଟକର ନୂତନ କର୍ମକର୍ତ୍ତା ନିର୍ବାଚନ ବୁଧବାର ଅନୁଷ୍ଠିତ ହୋଇଯାଇଛି। ନୂତନ କର୍ମକର୍ତ୍ତାମାନେ ହେଲେ ସଭାପତି ଦୀପକ ଅଗ୍ରୱାଲ, ଉପସଭାପତି ସଚିନ ଉଦୟପୁରିଆ, ଅବିନାଶ ସନ୍ତୁକା, ରବୀନ୍ଦ୍ର ବାଜୋରିଆ, ସମ୍ପାଦକ ସଞ୍ଜୟ୍ କୁମାର ଅଗ୍ରୱାଲ, ଯୁଗ୍ମ ସମ୍ପାଦକ ଶଶାଙ୍କ ପଟୋଡିଆ, କୋଷାଧ୍ୟକ୍ଷ ବିକାନ୍ତ ଅଗ୍ରୱାଲ, ଯୁଗ୍ମ କୋଷାଧ୍ୟକ୍ଷ ସନ୍ଦୀପ ମୋଡ଼ା, ଟେଲ ଟ୍ୱିଷ୍ଟର ବିକାଶ ସନ୍ତୁକା, ଲାୟନ ଟାମେର ନୀରଜ ବାଜୋରିଆଙ୍କ ସମେତ ଅନ୍ୟମାନେ ସାମିଲ ହୋଇଛନ୍ତି।

## ସଂକ୍ଷେପରେ

### ବଜ୍ରପାତରେ ମହିଳା ମୃତ

ଚୌଦ୍ୱାର/ମଙ୍ଗୁଳି-ଜଗତପୁର,୨୩।୭ (ଆଶୁତୋଷ ଦାସ/ମାନସ ସାମଲ)

ଟାଙ୍ଗୀ-ଚୌଦ୍ୱାର ବ୍ଲକ ବ୍ରହ୍ମପୁର ପଞ୍ଚାୟତ କାଞ୍ଚିଆ ଗ୍ରାମର ବୁଲି ସାମଲ (୬୨)ଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ବୁଧବାର ଅପରାହ୍ନରେ ଚାଷ ଜମିରେ କାମ କରୁଥିବାବେଳେ ହଠାତ୍ ବଜ୍ରପାତ ହୋଇଥିଲା। ଫଳରେ ସେ ଚାଷ ଜମିରେ ଟଳି ପଡ଼ିଥିଲେ। ପାଖରେ କାମ କରୁଥିବା ଗ୍ରାମବାସୀ ଦେଖି ତାଙ୍କ ପରିବାରକୁ ଖବର ଦେଇଥିଲେ। ତାଙ୍କ ସ୍ୱାମୀ ନକୁଳ ସାମଲ ଓ ଗ୍ରାମବାସୀ ମହିଳା ପହଞ୍ଚିଲା ବେଳକୁ ତାଙ୍କର ମୃତ୍ୟୁ ହୋଇସାରିଥିଲା। ଘଟଣାସ୍ଥଳରେ ଚୌଦ୍ୱାର ଥାନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କଟକ ବଡଡାକ୍ତରଖାନା ପଠାଇଥିବା ଜଣାପଡ଼ିଛି। ସେହିପରି ବଜ୍ରପାତରେ ବ୍ରହ୍ମପୁର ଗ୍ରାମର ଜୟନ୍ତ ବେହେରା(୪୦) ଗୁରୁତର ଆହତ ହୋଇଥିବା ଜଣାପଡ଼ିଛି। ପରିବାର ଲୋକେ ତାଙ୍କୁ କଟକ ମେଡ଼ିକାଲରେ ଭର୍ତ୍ତି କରିଥିବା ଜଣାପଡ଼ିଛି।

### ବିଧାୟିକା ସୋଫିଆଙ୍କ କୁଶପୁତ୍ତଳିକା ଦାହ

କଟକ,୨୩।୭(ଶିଳ୍ପା ପ୍ରିୟଦର୍ଶିନୀ)

ଭାରତୀୟ ଜନତା ପାର୍ଟି କଟକ ଜିଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ବାଦାମବାଡ଼ିଠାରେ ବାରବାଟି-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ମୋହନ ସରକାରଙ୍କ ବିରୋଧରେ ବିଷୋଦଗାର କରୁଥିବା ବେଳେ ସମ୍ପ୍ରତି ରାଜ୍ୟ ଛାତ୍ର କଂଗ୍ରେସ ସଭାପତିଙ୍କ ଘୃଣ୍ୟ କାର୍ଯ୍ୟକୁ ନିନ୍ଦା କରିବା ବଦଳରେ ଛାତ୍ର ନେତାଙ୍କ ଏତାଦୃଶ କାର୍ଯ୍ୟ ପ୍ରତି ନିରବ ସମର୍ଥନକୁ ଭାଜପା କଟକ ଜିଲା ପକ୍ଷରୁ ବିରୋଧ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ଲଲାଟେନ୍ଦୁ ବସ୍ତୁ, ଭାଗୀରଥି ଦଳେଇ, ଚିରଞ୍ଜିବୀ ଖଣ୍ଡାୟତରାୟ, ମହେନ୍ଦ୍ର ମହାନ୍ତି, ଗୋପାଳ ବେହେରା, ଦୀପକ ଦାସ, ଲକ୍ଷ୍ମୀଧର ବେହେରା, ଚିତ୍ତରଞ୍ଜନ ଦାସ, ସୁରଥ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଗାଡ଼ିରୁ ଖସିଲା କେବୁଲ, ଅଳ୍ପକେ ବର୍ତ୍ତିଲେ ବ୍ୟବସାୟୀ

ଚୌଦ୍ୱାର,୨୩।୭(ଆଶୁତୋଷ ଦାସ)

ଚୌଦ୍ୱାର ଗାନ୍ଧିଛକ ନିକଟରେ ବୁଧବାର ସନ୍ଧ୍ୟାରେ ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି ବ୍ୟବସାୟୀ। ଚୌଦ୍ୱାର ଥର୍ମାଲରୁ ଏକ କେବୁଲ ବୋଝେଇ ଟ୍ରେଲର ଗାନ୍ଧିଛକ ଉଠାଣି ଉଠୁଥିବା ବେଳେ ହଠାତ୍ ଗାଡ଼ିରୁ କେବୁଲ ରୋଲ ଗାଡ଼ିରୁ ଖସି ପଡ଼ି ପାଖରେ ଥିବା ଦୋକାନ ଆଡ଼କୁ ମାଡ଼ିଯାଇଥିଲା। ଫଳରେ ନିକଟରେ ଥିବା ଦୋକାନୀମାନେ ଭୟଭୀତ ହୋଇପଡ଼ିଥିଲେ। ସୌଭାଗ୍ୟବଶତଃ ଟ୍ରେଲର ପଛରେ କୌଣସି ଯାନବାହନ କିମ୍ବା କୌଣସି ଲୋକ ନ ଥିଲେ। ଫଳରେ ଏକ ନିଶ୍ଚିତ ଦୁର୍ଘଟଣାରୁ ଲୋକେ ବଞ୍ଚିଯାଇଛନ୍ତି। ସୂଚନାଯୋଗ୍ୟ କଟକରୁ ଚୌଦ୍ୱାର ରାସ୍ତା ଗାନ୍ଧିଛକ ନିକଟରେ ଏହି ଉଠାଣିରେ ବହୁ ସମୟରେ ଏଭଳି ଛୋଟ ଛୋଟ ଦୁର୍ଘଟଣା ଘଟୁଥିଲେ ମଧ୍ୟ ଏହା ଉପରେ ପ୍ରଶାସନ କୌଣସି ପଦକ୍ଷେପ ଗ୍ରହଣ କରୁ ନ ଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

# ସରକାରୀ ଜାଗାରେ କୋଠଘର ନିର୍ମାଣ

**ଧରିଣା ପଞ୍ଚାୟତ**

କଟକ ସଦର,୨୩।୭(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଧରିଣା ଗ୍ରାମର କଦମ୍ବ ମୂଳରେ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠିରେ ୫ ଲକ୍ଷ ଟଙ୍କା ବ୍ୟୟରେ ଗଣେଶ କୋଠଘର କାମ ଚାଲିଛି। ଜଳସମ୍ପଦ ବିଭାଗ ଜାଗାରେ ଏହି ଘର ନିର୍ମାଣ କରାଯାଉଥିବା ଅଭିଯୋଗ ହୋଇଛି। ବିଭାଗୀୟ ତତ୍ତ୍ୱାବଧାନରେ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଗୋଟିଏ ସ୍ଥାନର ଜମିପଟ୍ଟା ଫାଇଲରେ ସଲଗ୍ନ କରାଯାଇଛି। ମାତ୍ର ନିର୍ମାଣ ଅନ୍ୟ ସ୍ଥାନରେ କରାଯାଉଛି। ଗତ ୧୦ ତାରିଖରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏକ ନିର୍ଦ୍ଦେଶନାମା ପତ୍ର ସଂଖ୍ୟା ୭୦୧୮ରେ ଜାରି କରି କୌଣସି ନିର୍ମାଣ ଆରମ୍ଭ ପୂର୍ବରୁ ସ୍ଥାନୀୟ ତହସିଲଦାରଙ୍କ ଆଗୁଆ ଅନୁମତି ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ମହାନଦୀ ସାଉଥ ଜଳସେଚନ ଡିଭିଜନ ପକ୍ଷରୁ ପତ୍ର ସଂଖ୍ୟା ୯୯୯୭/୯।୧୨।୨୦୨୪ରେ କଟକ ସଦର ବିଡିଓଙ୍କୁ ଚିଠି କରି ବିଭାଗୀୟ ସ୍ଥାନରେ କୌଣସି ନିର୍ମାଣ ନ କରିବା ପାଇଁ ପରାମର୍ଶ ଦେଇଛନ୍ତି। କିଶନନଗର ତହସିଲଦାର କ୍ଷୀରୋଦ ଚନ୍ଦ୍ର ଦାଶ ଏକ ଚିଠି ବିଡିଓଙ୍କୁ କରି ରାଜସ୍ୱ ବିଭାଗ ଜାଗାରେ କୌଣସି ନିର୍ମାଣ ପୂର୍ବ ଅନୁମତି ନେବା ପାଇଁ ପତ୍ର ସଂଖ୍ୟା ୩୨୬୮/୨୬।୧୧।୨୦୨୪ରେ ପରାମର୍ଶ ଦେଇଛନ୍ତି। ଅଦ୍ୟାବଧି ଏହି ୩ଟି ଚିଠିର ପ୍ରଭାବ ବ୍ଲକ ପ୍ରଶାସନ ଉପରେ ପଡ଼ିନାହିଁ ବୋଲି କୁହାଯାଉଛି। ନିକଟରେ କଟକ ସଦର ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା ୪୨୯୮/୨୪।୬।୨୦୨୫ରେ ଠିକ ସ୍ଥାନ ନିରୂପଣ ପରେ କାର୍ଯ୍ୟାଦେଶ ଦିଆଯାଏ ବୋଲି ଅତିରିକ୍ତ ବିଡିଓ ଗିରିଜା ପ୍ରସାଦ ବାରିକ ସୂଚନା ଦେଇଥିଲେ। ମାତ୍ର ଧରିଣା ଗଣେଶ କୋଠଘର ନିର୍ମାଣ ବେଳେ ସବୁ ନିୟମ ଅନୁପାଳନ କରାଯାଇ ନାହିଁ। ଅଭିଯୋଗ ସମ୍ପର୍କରେ ସହକାରୀ ଯନ୍ତ୍ରୀ ବସୁନ୍ଧରା ରାଉତରାୟଙ୍କୁ ପଚାରିବାରୁ କୋଠଘର ନାମରେ ଥିବା ଜାଗାରେ କାର୍ଯ୍ୟ ହେଉଛି ବୋଲି କହିଥିଲେ। ପ୍ରଥମେ ତଦନ୍ତ କରାଯାଇ ପରେ ବିଲ ପୈଠ ପାଇଁ ଦାବି ହେଉଛି।

# ଏକାଠି ହୋଇ ଲଢ଼େଇ କରିବାକୁ ଆହ୍ୱାନ



ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସରେ ଯୋଗଦେଇଥିବା ଅତିଥିବୃନ୍ଦ।

**ଭାରତୀୟ ମଜଦୁର ସଂଘର ପ୍ରତିଷ୍ଠା ଦିବସ ପାଳିତ**

ଖୁଣ୍ଟୁଣୀ,୨୩।୭(ସଚ୍ଚିଦାନନ୍ଦ ପଣ୍ଡା)

ଭାରତୀୟ ଶ୍ରମିକ ସଙ୍ଗଠନ ଭାରତୀୟ ମଜଦୁର ସଂଘର ୭୦ତମ ପ୍ରତିଷ୍ଠା ଦିବସ ବୁଧବାର ରମ୍ଭେଇଠାରେ ପ୍ରତିଷ୍ଠିତ ବିକେ ଷ୍ଟିଲ ଫାଟକ ସମ୍ମୁଖରେ ପାଳିତ ହୋଇଯାଇଛି। ଭାରତୀୟ ମଜଦୁର ସଂଘ ଦ୍ୱାରା ଅନୁବନ୍ଧିତ ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘ ପକ୍ଷରୁ ଆୟୋଜିତ ପ୍ରତିଷ୍ଠା ଦିବସ ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘ ସମ୍ପାଦକ ପ୍ରକାଶ ଚନ୍ଦ୍ର ରାଉତଙ୍କ ସଂଯୋଜନାରେ ଅନୁଷ୍ଠିତ ହୋଇଥିଲା। ଉତ୍ସବରେ କଟକ ଜିଲା ଭାଜପା ସଭାପତି ରାମ ନାରାୟଣ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିଷ୍ଠା ଦିବସରେ ଶ୍ରମିକ ସଙ୍ଗଠନକୁ ଅଧିକ ସକ୍ରିୟ ଓ ସଙ୍ଗଠିତ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ଶ୍ରମିକମାନଙ୍କ ନ୍ୟାର୍ଯ୍ୟ ଦାବି ପାଇଁ ସମସ୍ତେ ଏକାଠି ହୋଇ ଲଢ଼େଇ କରିବାକୁ ଆହ୍ୱାନ ଦେଇଥିଲେ। ବିକେ ଷ୍ଟିଲ କର୍ତ୍ତୃପକ୍ଷ ଅଗ୍ରାଧିକାର ଭିତ୍ତିରେ ସ୍ଥାନୀୟ ଓ ରାଜ୍ୟର ଶିକ୍ଷିତ ବେକାର ଯୁବକଯୁବତୀଙ୍କୁ ନିଯୁକ୍ତି ଦେବାକୁ ମୁଖ୍ୟଅତିଥି ମହାନ୍ତି ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସର୍ବଭାରତୀୟ ସିକ୍ୟୁରିଟି ଗାର୍ଡ ରାଜ୍ୟ ସଭାପତି ଗୌରାଙ୍ଗ ଚରଣ ରଥ, ଓସିଏଲ ସିମେଣ୍ଟ କାରଖାନା ସଭାପତି ଅଶୋକ ସ୍ୱାଇଁ, ଆରତୀ ଷ୍ଟିଲ କର୍ମଚାରୀ ସଂଘ ସଭାପତି ରଞ୍ଜନ ସେନାପତି, ମାହେଶ୍ୱରୀ ଇସ୍ପାତ କର୍ମଚାରୀ ସଂଘର ଉପସଭାପତି ଚଣ୍ଡୀ ପ୍ରସାଦ ଶତପଥୀ, କୋଷାଧ୍ୟକ୍ଷ ଶ୍ରୀକାନ୍ତ ସାହୁ, ଭାଜପାର ସ୍ଥାନୀୟ ସଙ୍ଗଠକ ସନ୍ତୋଷ ବେହେରା ପ୍ରମୁଖ ଯୋଗଦେଇ ବିଏମଏସ ପ୍ରତିଷ୍ଠା ଦିବସର ବକ୍ତବ୍ୟ ରଖିଥିଲେ। ଉତ୍ସବରେ କର୍ମଚାରୀ ସଂଘ ସଦସ୍ୟ କାର୍ଯ୍ୟକର୍ତ୍ତା ଏବଂ ଭାଜପା କର୍ମୀମାନେ ଉପସ୍ଥିତ ଥିଲେ।

# 'ସମସ୍ତ ଶାସ୍ତ୍ରର ନିର୍ଯାସ ହେଉଛି ବିଜ୍ଞାନ'


ପଦ୍ମିନୀ ରଥଙ୍କ ବାର୍ଷିକ ସ୍ମୃତି ସମାରୋହରେ ଶ୍ରୀଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବକ୍ତା ସତ୍ୟାନନ୍ଦ ଦାସ ମହାରାଜଙ୍କୁ ସମ୍ମାନିତ କରାଯାଉଛି।

**ପଦ୍ମିନୀ ରଥଙ୍କ ୧୦ମ ବାର୍ଷିକ ସ୍ମୃତି ସମାରୋହ**

କଟକ,୨୩।୭(କାର୍ତ୍ତିକ ସାହୁ)

ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ମହୀୟସୀ ପଦ୍ମିନୀ ରଥଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ସମାରୋହ 'ସ୍ମୃତିରେ ପଦ୍ମିନୀ ରଥ' ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପଦ୍ମିନୀ ଅଡିଟୋରିୟମ୍‌ଠାରେ ଆୟୋଜିତ ସ୍ମୃତିଚାରଣ ସମାରୋହରେ ମୁଖ୍ୟ ପୁରୋଧା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବକ୍ତା ସତ୍ୟାନନ୍ଦ ଦାସ ମହାରାଜ ଯୋଗଦେଇ କହିଲେ, ସଂସାରରେ ପିତାମାତା ହେଉଛନ୍ତି ଶ୍ରେଷ୍ଠ, ଯାହା ଶ୍ରୀଜଗନ୍ନାଥ ସଂସ୍କୃତିରେ ବିଶେଷ ପ୍ରତିଫଳିତ। ନିଜର କାର୍ଯ୍ୟ ଏଭଳି ହେବା ଦରକାର ମୃତ୍ୟୁ ପରେ ବି ମନୁଷ୍ୟ ଜନମାନସରେ ଅମର ହୋଇରହିବ। ଆଜିର ଜ୍ଞାନବିଜ୍ଞାନ ଯୁଗରେ ଆଧ୍ୟାତ୍ମିକତାର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରି ବାବା ସତ୍ୟାନନ୍ଦ କହିଲେ, ଯେଉଁଠି ବିଜ୍ଞାନ ନୀରବିଯାଏ, ସେହିଠାରୁ ଆଧ୍ୟାତ୍ମିକତାର ଆରମ୍ଭ। ଧର୍ମକୁ ଛାଡ଼ି ବିଜ୍ଞାନ ସ୍ଥିତି ନାହିଁ, ସେମିତି ସମସ୍ତ ଶାସ୍ତ୍ରର ନିର୍ଯାସ ହେଉଛି ବିଜ୍ଞାନ- ଏହାକୁ ପ୍ରତ୍ୟେକ ବୁଝିବା ଦରକାର। ପ୍ରାରମ୍ଭରେ ପଦ୍ମିନୀ ରଥଙ୍କ ପ୍ରତିକୃତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଧନେଶ୍ୱର ରଥ ଫାଉଣ୍ଡେଶନ ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଡ୍ରିମ୍ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ନିମନ୍ତ୍ରିତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରଶାନ୍ତ କୁମାର ବେହେରା, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ଓଡ଼ିଶା ଲୋକସେବା ଆୟୋଗର ପୂର୍ବତନ ଅଧ୍ୟକ୍ଷ ଡ. ସତ୍ୟଜିତ୍ ମହାନ୍ତି, ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ଡ. ତିରୁପତି ପାଣିଗ୍ରାହୀ, ଡ. ଅଶୋକ କୁମାର ବାସା, ଶିଳ୍ପୋଦ୍ୟୋଗୀ ପଦ୍ମଲୋଚନ ପାତ୍ର, ଭାଲଚନ୍ଦ୍ର ମହାନ୍ତି, ଡ. ପ୍ରଭାକର ସ୍ୱାଇଁ, ଡ. ବିଜୟାନନ୍ଦ ସିଂ, ଭାସ୍କର୍ଯ୍ୟ ଶିଳ୍ପୀ ରବି ରଥ, ଚୌଧୁରୀ ହେମନ୍ତ କୁମାର ସାହୁ, ଏମ୍‌ପିଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ସ୍ୱାଇଁ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ଇଂ ଲଳିତ ମୋହନ ମିଶ୍ର, ଡ. ରୁଦ୍ରନାରାୟଣ ମିଶ୍ର, ଅଖିଳ ମୋହନ ମହାପାତ୍ର, ଶାନ୍ତନୁ କୁମାର ଶତପଥୀ, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର, ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା, ଡା. ଶକ୍ତି ପ୍ରସାଦ ସାହୁ, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ସନ୍ତୋଷ କୁମାର ଧର, 'ପଦ୍ମିନୀ କେୟାର' ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତି ପ୍ରକାଶ ପରିଜା, ଉତ୍କଳ ରଞ୍ଜନ ଦାସ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ଶିବ ପ୍ରସାଦ ରଥଙ୍କ ସମେତ ରଥ ପରିବାରର ସଦସ୍ୟ, ମାନ୍ୟଗଣ୍ୟ ବ୍ୟକ୍ତି ଓ ପଦାଧିକାରୀ, ବିଭିନ୍ନ ବିଭାଗର ଡିନ୍, ଅଧ୍ୟାପିକା ଅଧ୍ୟାପକ ଯୋଗଦେଇଥିଲେ। ଏହି ଅବସରରେ ପଦ୍ମିନୀ କେୟାର ହସ୍ପିଟାଲ ପକ୍ଷରୁ ପଦ୍ମିନୀ ରଥଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

### ସଂଘବଦ୍ଧ ଆକ୍ରମଣରେ ଯୁବକ ଗୁରୁତର, ୩ କୋର୍ଟ ଚାଲାଣ

ଖୁଣ୍ଟୁଣୀ,୨୩।୭(ସଚ୍ଚିଦାନନ୍ଦ ପଣ୍ଡା)

ଗୁରୁ ଥାନା ଅନ୍ତର୍ଗତ ବ୍ରାହ୍ମଣବସ୍ତ ଗ୍ରାମରେ କେତେଜଣ ଯୁବକ ସଂଘବଦ୍ଧ ଆକ୍ରମଣ କରିବାରୁ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଆହତ ଯୁବକ ହେଲେ ବ୍ରାହ୍ମଣବସ୍ତ ଗ୍ରାମର ବିଶ୍ୱଜିତ ସାହୁ। ପୋଲିସ ଏହି ଘଟଣାରେ ଏକ ମାମଲା (ନଂ.୧୩୬/୨୫)ରେ ରୁଜୁ କରି ବୁଧବାର ୩ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ତପନ କୁମାର ପତି କହିଛନ୍ତି। ଗିରଫ ଅଭିଯୁକ୍ତମାନେ ହେଲେ ପୃଥ୍ୱୀରାଜ ସାହୁ, ସତ୍ୟଜିତ ସାହୁ ଓ ମନୋଜ ସାହୁ। ପ୍ରାପ୍ତ ସୂଚନା ମୁତାବକ ବିଶ୍ୱଜିତ ଏକ ବାଇକ୍‌ରେ ଘରକୁ ଯାଉଥିବା ବେଳେ ସେହି ଗ୍ରାମର ପୃଥ୍ୱୀରାଜ ହଠାତ ବିଶ୍ୱଜିତଙ୍କୁ ଗାଳି କରି ମାଡ଼ମାରି ପଳାଇ ଯାଇଥିଲେ। ପରେ ବିଶ୍ୱଜିତ ପୃଥ୍ୱୀରାଜଙ୍କ ଘରକୁ ଯାଇ ତାଙ୍କ ମା'ଙ୍କୁ କହୁଥିଲେ। ଏହି ସମୟରେ ହଠାତ ପୃଥ୍ୱୀରାଜ, ତାଙ୍କ ଭାଇ ସତ୍ୟଜିତ, ଦିପୁନ, ମନୋଜ ଓ ଧର୍ଯ୍ୟଧର ବିଶ୍ୱଜିତ ଉପରେ ଆକ୍ରମଣ କରିଥିଲେ। ମନୋଜ ଏକ ଖଣ୍ଡାରେ ବିଶ୍ୱଜିତଙ୍କ ମୁଣ୍ଡକୁ ହାଣି ଦେବାରୁ ତାଙ୍କ ମୁଣ୍ଡରେ ଗଭୀର କ୍ଷତ ହୋଇ ରକ୍ତାକ୍ତ ହୋଇଯାଇଥିଲେ। ବିଶ୍ୱଜିତଙ୍କ ମା' ଆସି ଉଠାଉଥିବା ବେଳେ ତାଙ୍କୁ ମଧ୍ୟ ସେମାନେ ମାଡ଼ ମାରିଥିଲେ। ସେଠାରେ ଲୋକମାନେ ଜମା ହୋଇଯିବାରୁ ସମସ୍ତେ ପଳାଇଥିଲେ। ଲୋକେ ବିଶ୍ୱଜିତଙ୍କୁ ଉଦ୍ଧାର କରି କଟକ ବଡ଼ ଡାକ୍ତରଖାନାକୁ ପଠାଇଥିବା ବେଳେ ମା'ଙ୍କୁ ବ୍ରହ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପୋଲିସ ପହଞ୍ଚି ୩ଜଣଙ୍କୁ ଗିରଫ କରିଥିଲା।

# ଜାଲ୍ ପ୍ରମାଣପତ୍ରରେ ହାତେଇଛନ୍ତି ୧୨ ଶିକ୍ଷୟିତ୍ରୀ ଶିକ୍ଷକ ପଦବୀ

**ପ୍ରମାଣପତ୍ରର ଯାଞ୍ଚ ପାଇଁ ଦାବି କଲେ ଏମ୍‌ପିଙ୍କ ପ୍ରତିନିଧି**

ମଙ୍ଗୁଳି-ଜଗତପୁର,୨୩।୭(ମାନସ ସାମଲ)

ଜାଲ ଜାତିଗତ, ଶିକ୍ଷାଗତ ଓ ତାଲିମ ପ୍ରମାଣପତ୍ର ଦେଇ ଟାଙ୍ଗୀ-ଚୌଦ୍ୱାର ବ୍ଲକ ଅଧୀନ ବିଭିନ୍ନ ବିଦ୍ୟାଳୟରେ ୧୨ଜଣ ଶିକ୍ଷୟିତ୍ରୀଶିକ୍ଷକ ପଦବୀରେ ହାତେଇଛନ୍ତି ବୋଲି କଟକ ଏମ୍‌ପିଙ୍କ ପ୍ରତିନିଧି ଚିତ୍ତରଞ୍ଜନ ମଲ୍ଲିକ ଅଭିଯୋଗ ଆଣିଛନ୍ତି। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀ ପ୍ରଭାତ କୁମାର ନାୟକଙ୍କୁ ବୁଧବାର ଭେଟି ଏ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଅଭିଯୋଗ ମୁତାବକ, ଟାଙ୍ଗୀ-ଚୌଦ୍ୱର ବ୍ଲକ ଅଧୀନରେ ବହୁ ଯୁବତୀଯୁବକ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ବେରୋଜଗାର ଅଛନ୍ତି। ଏହି ଘଟଣାକୁ ଗୁରୁତ୍ୱ ସହ ନେଇ ଯାଞ୍ଚ କରିବା ସହ ଯଥାଶୀଘ୍ର ତଥ୍ୟ ପ୍ରଦାନ କରିବାକୁ ଦାବି କରିଛନ୍ତି। ଯଦି ଏହାର ସତ୍ୟାସତ୍ୟ ଥାଏ ସେମାନଙ୍କୁ ଚାକିରିରୁ ବିଦା କରିବା ସହ ଚାକିରି ସମୟରେ ନେଇଥିବା ବେତନ ରାଶି ଫେରସ୍ତ କରନ୍ତୁ। ଏହା ସହିତ ସେମାନଙ୍କ ଉପରେ ଆପରାଧିକ ମାମଲା ରୁଜୁ କରିବାକୁ ନିର୍ଦ୍ଦେଶ ଦିଅନ୍ତୁ ବୋଲି ଚିତ୍ତରଞ୍ଜନ ଅଭିଯୋଗ ଆଣିଛନ୍ତି। ଏ ନେଇ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଫୋନରେ ଯୋଗାଯୋଗ କରିବାରୁ ସେ ଫୋନକୁ ଅଫ କରି ରଖିଥିବାରୁ ପ୍ରତିକ୍ରିୟା ମିଳିପାରି ନାହିଁ।

# ସିଏମ୍‌ସି କମିଶନରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଲେ ଜିଲାପାଳ

କଟକ,୨୩।୭(ଶିଳ୍ପା ପ୍ରିୟଦର୍ଶିନୀ)

ନକଲି ଟ୍ରେଡ୍ ଲାଇସେନ୍ସରେ ନର୍ସିଂହୋମ ଚାଲିବା ଘଟଣାରେ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ କଟକ ମହାନଗର ନିଗମ କମିଶନରଙ୍କୁ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ଚିଠି ନଂ.୧୯୧୯ରେ ସିଏମ୍‌ସି କମିଶନର ଆଗାମୀ ୧୫ଦିନ ମଧ୍ୟରେ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଥାଉକି, ନର୍ସିଂହୋମ ଚଳାଇବା ପାଇଁ ଟ୍ରେଡ୍ ଲାଇସେନ୍ସ ବାଧ୍ୟତାମୂଳକ ଥିବାବେଳେ ନର୍ସିଂହୋମ ମାଲିକ ଚଞ୍ଚକତା କରି ଅନ୍ୟ ସଂସ୍ଥାର ରସିଦ ନଂ. ଦେଇ ନିଜର ଲାଇସେନ୍ସ ପ୍ରସ୍ତୁତ କରିଛନ୍ତି। କାଠଗୋଲା ଅଞ୍ଚଳରେ ଏକ ନର୍ସିଂହୋମରେ ଟ୍ରେଡ୍ ଲାଇସେନ୍ସରେ ରସିଦ (ନଂ.୭୧୮୬୮/ ତା୨୨/୧୧/୨୦୧୧) କଟକ ମହାନଗର ନିଗମ ପକ୍ଷରୁ ଜାରି କରାଯାଇଥିଲା। ହେଲେ ଉକ୍ତ ନଂ. ପ୍ରକୃତରେ ଜଗତପୁରସ୍ଥିତ ଏକ ବାୟୋଟେକ ସଂସ୍ଥାର। ତେବେ ସଂସ୍ଥାର ଜାଣତରେ କି ଅଜାଣତରେ ନର୍ସିଂହୋମ ମାଲିକ ଏଭଳି କରିଛନ୍ତି ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଟ୍ରେଡ ଲାଇସେନ୍ସ ସାର୍ଟିଫିକେଟରେ ଅନ୍ୟ ଏକ ସଂସ୍ଥାର ରସିଦ ନଂ ପକାଇ ଜାଲ ସାର୍ଟିଫିକେଟ ପ୍ରସ୍ତୁତ ହେଉଛି। ଏହା ପଛରେ କଟକ ମହାନଗର ନିଗମ ଏବଂ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ କର୍ମଚାରୀଙ୍କ ହାତ ରହିଛି। କାଠଗୋଲା ଅଞ୍ଚଳରେ ଥିବା ଏକ ନର୍ସିଂହୋମ ଏଭଳି କେଳେଙ୍କାରୀ ଚଳାଇଥିବା ସାମ୍ନାକୁ ଆସିବା ପରେ ଆଲୋଚନା ଜୋର ଧରିଛି।

# କୁଶପୁତ୍ତଳିକା ଦାହ ଘଟଣାକୁ କଂଗ୍ରେସର ନିନ୍ଦା

**ଔଷଧ ବିକଳରେ ତାଟିଆ କାମୁଡୁଛି ଭାଜପା ସରକାର: ଗିରିବାଳା**

କଟକ,୨୩।୭(ଶିଳ୍ପା ପ୍ରିୟଦର୍ଶିନୀ)



ଖବରଦାତା ସମ୍ମିଳନୀରେ ପୂର୍ବତନ ସଭାନେତ୍ରୀ ଗିରିବାଳା ବେହେରା ସୂଚନା ଦେଉଛନ୍ତି।

କଟକ ଜିଲା ଭାଜପା ପକ୍ଷରୁ କଂଗ୍ରେସ ବରିଷ୍ଠ ନେତା ରାହୁଲ ଗାନ୍ଧୀ, ଭକ୍ତ ଦାସ ଓ ବିଧାୟିକା ସୋଫିଆ ଫିର୍ଦ୍ଦୋସଙ୍କ କୁଶପୁତ୍ତଳିକା ଦାହ ଘଟଣାକୁ କଟକ ନଗର କଂଗ୍ରେସ ନିନ୍ଦା କରିଛି। ବାଲେଶ୍ୱର ଘଟଣା ହେଉ କି ବଲଙ୍ଗା, ଜଗତସିଂପୁର ଓ ମାଲକାନଗିରି ଅଞ୍ଚଳର ଘଟଣା ଓଡ଼ିଶାବାସୀଙ୍କୁ ବ୍ୟଥିତ କରିଛି। ସରକାର କୌଣସି ପ୍ରକାରରେ ଏହାକୁ ରୋକି ପାରୁନାହିଁ। ରାଜ୍ୟ ଭାଜପା ସରକାର ଗଠନ ପରଠୁ ଏଭଳି ଘଟଣା ବଢ଼ିବାରେ ଲାଗିଛି। ଏପରି କି ଏଫଏମ୍ କଲେଜ ଓ ବଲଙ୍ଗା ଘଟଣାକୁ ନେଇ ସୁପ୍ରିମକୋର୍ଟ ଚିନ୍ତା ପ୍ରକଟ କରିଛନ୍ତି। ରାଜ୍ୟରେ ଆଇନ ଶୃଙ୍ଖଳାକୁ ସଜାଡ଼ିବା ବଦଳରେ ଏବେ ଔଷଧ ବିକଳରେ ଭାଜପା ତାଟିଆ କାମୁଡୁଛି ବୋଲି ବୁଧବାର ସେଲଟରଛକସ୍ଥିତ କଂଗ୍ରେସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ବରିଷ୍ଠ ନେତ୍ରୀ ତଥା ପୂର୍ବତନ ସଭାନେତ୍ରୀ ଗିରିବାଳା ବେହେରା କହିଛନ୍ତି। ସେ କହିଛନ୍ତି ଯେ, ଏଭଳି ଘଟଣାକୁ ନେଇ ରାହୁଲ ଗାନ୍ଧୀ, ଭକ୍ତ ଦାସ ଓ ସୋଫିଆ ବ୍ୟତିବ୍ୟସ୍ତ ହୋଇପଡ଼ିଛନ୍ତି। ସେହିଭଳି ଯୁବ ଛାତ୍ର କଂଗ୍ରେସ ସଭାପତିଙ୍କ ବିରୋଧରେ ଆସିଥିବା ଅଭିଯୋଗକୁ ଆଧାର କରି କଂଗ୍ରେସ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ହେଲେ ଏହି ଘଟଣାକୁ ଆଧାର କରି ଭାଜପା ପକ୍ଷରୁ ଯେଉଁଭଳି ଭାବେ କୁଶପୁତ୍ତଳିକା ଦାହ କରାଯାଇଛି ତାହା ଅତ୍ୟନ୍ତ ହାସ୍ୟାସ୍ପଦ ବୋଲି ବେହେରା କହିଛନ୍ତି। ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଶୈଳବାଳା ଜେନା, କର୍ପୋରେଟର ଲିଜାରାଣୀ ରାଉତ, ଜନାର୍ଦ୍ଦନ ପରିଡା, ବଟକୃଷ୍ଣ ସାହୁ ଓ ସ୍ୱର୍ଣ୍ଣପ୍ରଭା ପସାୟତ, କଂଗ୍ରେସ ନେତା ଶରତ ଚନ୍ଦ୍ର ଶେଠୀ, ଅଜିତ ବେହେରା, ଟୁକୁନା ସେନାପତି, ବିକି ଚକ୍ରବର୍ତ୍ତୀ, ସ୍ମୃତି ରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଫଟୋରେ ଖବର


କଟକ ଚୌଧୁରୀ ବଜାର ନନ୍ଦିସାହି ଅଞ୍ଚଳରେ ଖୋଲାଯାଇଥିବା ଏକ ଷ୍ଟଲରେ ଗ୍ରାହକମାନେ ରାଖୀ କିଣିବା ଲାଗି ଦେଖୁଛନ୍ତି।


**ଆଗକୁ ପାର୍ବଣ:** କଟକ କୁମ୍ଭାରସାହି ଅଞ୍ଚଳରେ ଖୁଦୁରୁକୁଣୀ ଓ ଗଣେଶଙ୍କ ମୃଣ୍ମୟି ମୂର୍ତ୍ତି ଗଢ଼ିବାରେ ନିମଗ୍ନ ଅଛନ୍ତି ଶିଳ୍ପୀ। (ଫଟୋ: ରାଜକିଶୋର ମହାନ୍ତି)

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୩।୭।୨୦୨୫

| | |
|---|---|
| ୩,୮୫,୮୬୬ ଟଙ୍କା | |
| ସୁନା | ୫.୨୦୦ ଗ୍ରାମ୍ |
| ରୁପା | ୩୬.୫୦୦ ଗ୍ରାମ୍ |

# ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷାକଲେ ବିଧାୟକ

ପୁରୀ,୨୩।୭(ଅଜିତ୍ କୁମାର ମହାନ୍ତି)



ସମୀକ୍ଷା ବୈଠକରେ ବିଧାୟକ ସୁନୀଲ କୁମାର ମହାନ୍ତିଙ୍କ ସମେତ ଅନ୍ୟ ଅଧିକାରୀମାନେ।

ପୁରୀ ବିଧାନସଭା ନିର୍ବାଚନମଣ୍ଡଳୀର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକୁ ନେଇ ବୁଧବାର ଏକ ବୈଠକ ସର୍କିଟ୍ ହାଉସ୍‌ଠାରେ ସଦର ବିଧାୟକ ସୁନୀଲ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ। ବୈଠକ ଆରମ୍ଭରୁ ଜିଲା ସଦର ମୁଖ୍ୟ ଚିକିତ୍ସାଳୟ ସମ୍ପର୍କରେ ଆଲୋଚନା କରାଯାଇଥିଲା। ହସ୍‌ପିଟାଲରେ ଆଇସିୟୁର ସମସ୍ୟା ଓ ରୋଗୀଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ପୁରୀ ଜଗନ୍ନାଥ ମେଡିକାଲ କଲେଜ କାର୍ଯ୍ୟ ସରିଥିବା ବେଳେ କ'ଣ ପାଇଁ ଲୋକଙ୍କ ପାଇଁ ତାହା ଖୋଲାଯାଉନାହିଁ ସେ ଦିଗରେ ବିସ୍ତୃତ ଆଲୋଚନା କରାଯାଇଥିଲା। ୨୦୨୬ ମାର୍ଚ୍ଚ ସୁଦ୍ଧା ଜଗନ୍ନାଥ ମେଡିକାଲ କଲେଜ ରୋଗୀସେବା ପାଇଁ ଉତ୍ସର୍ଗୀକୃତ ହୋଇପାରିବ ବୋଲି ବିଧାୟକ ମତ ଦେଇଥିଲେ। ନିର୍ବାଚନମଣ୍ଡଳୀର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଦ୍ରୁତଗତିରେ ଆଗେଇନେବା ପାଇଁ ବିଭାଗୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ଅପରପକ୍ଷେ ପୁରୀ ମ୍ୟୁନିସିପାଲିଟିରେ ଅନେକ ସମସ୍ୟା ରହିଛି, ତାହାର କିପରି ସମାଧାନ କରାଯାଇପାରିବ ଓ ଜିଲାରେ ବାତ୍ୟା ଆଶ୍ରୟସ୍ଥଳୀଗୁଡ଼ିକ ଅଧାପନ୍ତରିଆ ହୋଇ ପଡ଼ିଛି। ତାହାକୁ ଯଥାଶୀଘ୍ର ନିର୍ମାଣ କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହାସହିତ ସମସ୍ତ ବିଭାଗୀୟ ଅଧିକାରୀଙ୍କ ସହ ବିଭିନ୍ନ ସମସ୍ୟା ସଂକ୍ରାନ୍ତରେ ବିଧାୟକ ଆଲୋଚନା କରିବା ପରେ ଜିଲାପାଳଙ୍କ ମାଧ୍ୟମରେ ଏହାର ତ୍ୱରିତ ସମାଧାନ କରିବାକୁ ପରାମର୍ଶ ଦେଇଥିଲେ। ବୈଠକ ସମ୍ପର୍କରେ ବିଧାୟକ ମହାନ୍ତି ସୂଚନା ଦେଇ କହିଛନ୍ତି, ପୁରୀକୁ ମହାନିଗର ନିଗମ କରିବା ନେଇ ବହୁବାର ବିଧାନସଭାରେ ଦାବି ଉପସ୍ଥାପନ କରାଯାଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ମଧ୍ୟ ମହାନଗର ନିଗମ ପାଇଁ ଘୋଷଣା କରାଯାଇଛି। ଏଥିପାଇଁ ସରକାରଙ୍କୁ ଧନ୍ୟବାଦ ଜଣାଉଛି। ପୁରୀ ସହରରେ ୩୨ଟି ୱାର୍ଡ ରହିଛି। ମହାନଗର ନିଗମ ପାଇଁ ୩୨ଟି ୱାର୍ଡ ସହ ପୁରୀ ସହର ଆଖପାଖରେ ଥିବା ୮ରୁ ୧୦ଟି ପଞ୍ଚାୟତକୁ ଯୋଡ଼ାଯାଇ ମହାନଗର ନିଗମ କରାଯିବ। ବିଭାଗ ଯେଉଁ ତଥ୍ୟ ମାଗିଛି, କେଉଁ କେଉଁ ପଞ୍ଚାୟତ ଯାଉଛି ସେନେଇ ଇଓଙ୍କ ପକ୍ଷରୁ ଦିଆଯିବା ପରେ ପରବର୍ତ୍ତୀ କାର୍ଯ୍ୟ ଆରମ୍ଭ ହେବ। ପୁରୀ ସହରର ପରିମଳଠାରୁ ଆରମ୍ଭକରି ଅନ୍ୟ ସମସ୍ତ କାର୍ଯ୍ୟ ପାଇଁ ଅର୍ଥ ଆସୁଥିଲେ ମଧ୍ୟ ତାହା ଠିକ୍ ଭାବେ କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ଅସନ୍ତୋଷ ପ୍ରକାଶ କରିଥିଲେ। ସମସ୍ତ ଅଧିକାରୀଙ୍କ ମତାମତ ଗ୍ରହଣ କରାଯାଇଛି। ପୁରୀର ଉନ୍ନତି ପାଇଁ ଆହୁରି ଅନେକ କାର୍ଯ୍ୟ କରାଯିବ ବୋଲି ବିଧାୟକ ମହାନ୍ତି କହିଛନ୍ତି। ଏନେଇ ପୌରନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା କହିଛନ୍ତି, ମହାନଗର ନିଗମ ପାଇଁ ଯେଉଁ ଯେଉଁ ପଞ୍ଚାୟତ ମିଶିବେ ସେସବୁର ଲିଷ୍ଟ ହୋଇସାରିଛି। ରିଜୋଲୁଶନ ହେବ। ୧୧ଟି ପଞ୍ଚାୟତର ସମସ୍ତ ଗାଁକୁ ସାମିଲ କରାଯାଇଛି। ପୁରୀ ସହରରେ ୨ଲକ୍ଷ ଜନସଂଖ୍ୟା ରହିଛି, ପଞ୍ଚାୟତ ମିଶିଲେ ତାହା ୩ ଲକ୍ଷ ଉପରେ ହେବ, ଯାହା ମହାନଗର ନିଗମ ମାନଦଣ୍ଡକୁ ପୂରଣ କରିବ। ଏହି ବୈଠକରେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ଜମିବାଡ଼ି ବିବାଦକୁ କେନ୍ଦ୍ରକରି ୨ ପରିବାର ମଧ୍ୟରେ ସଂଘର୍ଷ

## ପେଟ୍ରୋଲ ପକାଇ ଜାଳିଦେବାକୁ ଉଦ୍ୟମ, ଥାନାରେ ମାମଲା

ଚାରିଛକ,୨୩।୭(ଶିଶିର କୁମାର ସ୍ୱାଇଁ)

ଚାରିଛକ ଥାନା ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତ କୁସୁମାଠେଙ୍ଗ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟି ୩ଜଣ ଆହତ ହୋଇଥିବା ଜଣାପଡ଼ିଛି।

ପ୍ରକାଶ ଯେ, ଉକ୍ତ ଗ୍ରାମର କାଶୀନାଥ ସାହୁ ଓ କପିଳ ସାହୁ ଦୁଇ ପରିବାର ମଧ୍ୟରେ ଦୀର୍ଘଦିନ ହେବ ଜମିବାଡ଼ି ବଣ୍ଟାକୁ ନେଇ ବିବାଦ ଲାଗି ରହିଥିଲା। ମଙ୍ଗଳବାର କାଶୀନାଥଙ୍କ ବୋହୂ ତପସ୍ୱିନୀ ଘରେ ଏକୁଟିଆ ଥିବା ସମୟରେ କପିଳ ଓ ତାଙ୍କ ପୁତ୍ର ଲୁନା ସାହୁ ବାଡ଼କୁ ହାଣୁଥିବା ସମୟରେ ତପସ୍ୱିନୀ ବିରୋଧ କରିବାରେ ଲୁନା ଉତ୍ତ୍ୟକ୍ତ ହୋଇ ଏକ ଶାବଳରେ ତପସ୍ୱିନୀଙ୍କ ମୁଣ୍ଡକୁ ଶକ୍ତ ପ୍ରହାର ଦେଇଥିଲେ। ତପସ୍ୱିନୀଙ୍କ ସ୍ୱାମୀ ବିଜୟ ପହଞ୍ଚି ପ୍ରତିବାଦ କରିବାରୁ ଲୁନା ଓ କପିଳ ତାଙ୍କୁ ଆକ୍ରମଣ କରିଥିଲେ। ପରେ ଲୁନାଙ୍କ ସ୍ତ୍ରୀ ସରୋଜିନୀ ଓ ତାଙ୍କ ଝିଅ ପହଞ୍ଚି ତପସ୍ୱିନୀଙ୍କୁ ମାଡ଼ ମାରିବା ସହ ସେ ପିନ୍ଧିଥିବା ସୁନା ଚେନ ଓ କାନଫୁଲ ଛିଣ୍ଡାଇ ନେଇ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ ବୋଲି ତପସ୍ୱିନୀ ଅଭିଯୋଗ କରିଛନ୍ତି। ଏହି ଘଟଣାରେ ବିଜୟ ଓ ତପସ୍ୱିନୀ ଗୁରୁତର ହୋଇ ଚିକିତ୍ସାଧୀନ ଥିବା ଜଣାପଡ଼ିଛି।

ଅନ୍ୟପକ୍ଷରେ ଲୁନାଙ୍କ ଝିଅ ପ୍ରିୟଦର୍ଶିନୀ ସାହୁ ଅଭିଯୋଗ କରିଛନ୍ତି, ତାଙ୍କ ବାପା ଦୋକାନରେ ବ୍ୟବସାୟ କରୁଥିବା ସମୟରେ ବିଜୟ ସାହୁ, ବୁଟୁ ସାହୁ, ଟୁଟୁ ସାହୁ, କାଶୀନାଥ ସାହୁ, ତପସ୍ୱିନୀ ସାହୁ, ସୁଲୋଚନା ସାହୁ ଓ ସସ୍ମିତା ସାହୁ ସଂଘବଦ୍ଧ ଭାବେ ଆକ୍ରମଣ କରିବା ସହ ଜୀବନରେ ମାରିଦେବାକୁ ଉଦ୍ୟମ କରିଥିଲେ। ବାପା ସଂଜ୍ଞାହୀନ ହୋଇ ପଡ଼ିଯିବାରୁ ଦୋକାନରୁ ୫୦ ହଜାର ଟଙ୍କା, ବାପା ପିନ୍ଧିଥିବା ସୁନା ଚେନ, ମୁଦି ନେଇ ଫେରାର ହେଉଥିବା ସମୟରେ ବିରୋଧ କରିବାରୁ ମୋତେ ପେଟ୍ରୋଲ ପକାଇ ଜାଳିଦେବେ ବୋଲି ଧମକ ଦେଇଥିଲେ। ପ୍ରିୟଦର୍ଶିନୀଙ୍କ ବାପା ଲୁନା ଗୁରୁତର ହୋଇ ଚିକିତ୍ସାଧୀନ ଥିବା ଜଣାପଡ଼ିଛି। ଅଭିଯୋଗ ପରେ ପୋଲିସ ୮୧/୨୫ ଓ ୮୨/୨୫ରେ ଦୁଇଟି ମାମଲା ରୁଜୁକରି ତଦନ୍ତ ଚଳାଇଛି।

# ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ଜଣେ ଗୁରୁତର

ନିମାପଡ଼ା,୨୩।୭(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା-ଗୋପ ରାସ୍ତାର ଝାମ୍ପୁଲାକୁଦ ବଡ଼ରିକୋଲ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ୨ ବାଇକ୍ ଚାଳକଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ଜଣେ ବାଇକ୍ ଚାଳକଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବାଇକ୍ ଚାଳକ ହେଲେ ବଳଙ୍ଗା ଥାନା ଅନ୍ତର୍ଗତ ବରିମୁଣ୍ଡେଇ ଗ୍ରାମର ଦେବାଶିଷ ପଣ୍ଡା। ଅନ୍ୟଜଣେ ଗୁରୁତର ବାଇକ୍ ଚାଳକ ଚାରିଛକ ଥାନା ଅନ୍ତର୍ଗତ ଅମରେଶ୍ୱର ଅଗର ଶାସନ ଗ୍ରାମର ତୋଫାନ କାଣ୍ଡିଙ୍କୁ କ୍ୟାପିଟାଲ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ନିମାପଡ଼ା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ବାଇକ୍‌କୁ ଜବତ କରିଛି। ଆଇଆଇସି ବାମଦେବ ସ୍ୱାଇଁ, ଏସ୍‌ଆଇ ଦିଲୀପ ପଣ୍ଡା ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି। ମୃତ ଦେବାଶିଷ ପଣ୍ଡା ନିଜ ବାଇକ୍‌ରେ ନିମାପଡ଼ାରୁ ଗୋପ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ତୋଫାନ କାଣ୍ଡି ତାଙ୍କ ବାଇକ୍‌ରେ ନିମାପଡ଼ା ଆସୁଥିଲେ। ଭାରସାମ୍ୟ ହରାଇବାରୁ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା। ଏ ସମ୍ପର୍କରେ ମୃତ ଯୁବକଙ୍କ ବାପା ବାଉରୀବନ୍ଧୁ ପଣ୍ଡା ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତିକରି ପୋଲିସ କେସ୍ ନଂ. ୨୨୦/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଗ୍ୟାସ୍ ଦୋକାନ ଉପରେ ଚଢ଼ାଉ, ୨୦ ଚୋରା ସିଲିଣ୍ଡର ଜବତ

ପିପିଲି,୨୩।୭(ଦୁର୍ଗା ମାଧବ ମିଶ୍ର)

ପିପିଲି-ନିମାପଡ଼ା ଛକରେ ବେଆଇନ ଭାବେ ଗ୍ୟାସ ସିଲିଣ୍ଡର ବିକ୍ରୟ ହେଉଥିବାର ଅଭିଯୋଗ ହୋଇ ଆସୁଥିବା ବେଳେ ବୁଧବାର ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨୦ଟି ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ୧୬ଟି ସିଲ୍ ସିଲିଣ୍ଡର ଏବଂ ୪ ଖାଲି ସିଲିଣ୍ଡରକୁ ଜବତ କରି ପିପିଲିର ଗ୍ୟାସ୍ ଡିଲର୍ ମା' ମଙ୍ଗଳା ଇଣ୍ଡେନ୍‌କୁ ହସ୍ତାନ୍ତର କରାଯାଇଛି। ପିପିଲି-ନିମାପଡ଼ା ଛକର ଏଚ୍‌ୱାଇଜିପି ସେଣ୍ଟର ଦୋକାନରେ ପୁରୀ ଯୋଗାଣ ବିଭାଗର ଏନ୍‌ଫୋର୍ସମେଣ୍ଟ ଟିମ୍, ଅତିରିକ୍ତ ସିଏସ୍‌ଓ ପ୍ରଭଞ୍ଜନ ସାହୁ, ସହକାରୀ ସିଏସ୍‌ଓ ଜି. ପ୍ରଶାନ୍ତ ରାଓ ଏବଂ ପିପିଲି ବ୍ଲକ ଏମ୍‌ଆଇ ଜ୍ୟୋତ୍ସ୍ନାରାଣୀ ବେହେରା ପ୍ରମୁଖ ସାମିଲ ଥିଲେ। ପିପିଲି ବଜାର ମଧ୍ୟରେ ଅନେକ ଦୋକାନରେ ବେଆଇନ ଭାବେ ଗ୍ୟାସ ବିକ୍ରୟ କରାଯାଉଛି।

# ଦେଶୀମଦ ଜବତ, ଜଣେ ଗିରଫ

ଅସ୍ତରଙ୍ଗ, ୨୩।୭ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଅସ୍ତରଙ୍ଗ ଥାନା ପୋଲିସ ବୁଧବାର କଣମଣ ଛକ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ଅଚାନକ ଚଢ଼ାଉ କରି ୪୨ ଲିଟର ଦେଶୀମଦ ଜବତ କରିବା ସହ ବିଜୟ ରଞ୍ଜନ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ବୁଧବାର ପୂର୍ବାହ୍ନରେ ଅସ୍ତରଙ୍ଗ ଥାନା ଏଏସ୍‌ଆଇ ପ୍ରଶାନ୍ତ କୁମାର ସାମନ୍ତରାୟ, ଥାନା କର୍ମଚାରୀ ବନବିହାରୀ ଦାସ, ଏସ୍. କେ. ରାଉତ ପାଟ୍ରୋଲିଂ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବରପାଇ ଅଚାନକ ଚଢ଼ାଉ କରିଥିଲେ। ମଦ ବିକ୍ରି କିମ୍ବା ପରିବହନ ପାଇଁ କୌଣସି ବୈଧ ଲାଇସେନ୍ସ ଦେଇପାରି ନ ଥିଲେ ବିଜୟ। ତାଙ୍କୁ ଚେକ୍ କରିବା ବେଳେ ୨୧୦ଟି ଦେଶୀମଦ ବୋତଲ ଜବତ କରିଥିଲେ। ଅସ୍ତରଙ୍ଗ ଥାନା କେସ୍ ନଂ. ୧୪୯/୨୫ରେ ମାମଲା ରୁଜୁ କରିବା ସହ ଓଡ଼ିଶା ଅବକାରୀ ବିଭାଗ ଆକ୍ଟ ୨୦୦୮ ଅନୁଯାୟୀ ୫୨(ଏ)ରେ ଚୋରାମଦ ବ୍ୟବସାୟୀ ବିଜୟ ରଞ୍ଜନ ନାୟକଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଛି ବୋଲି ଅସ୍ତରଙ୍ଗ ଥାନାଧିକାରୀ ରାଜେଶ ବଳିୟାରସିଂ ସୂଚନା ଦେଇଛନ୍ତି।

# ମହିଳାଙ୍କୁ ଯୌନ ଉତ୍ପୀଡ଼ନ ନିବାରଣ କର୍ମଶାଳା




କର୍ମଶାଳରେ ଉପସ୍ଥିତ ଅତିଥିମାନେ।

ପୁରୀ,୨୩।୭(ଅଜିତ୍ କୁମାର ମହାନ୍ତି)

ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ଅନ୍ତରୀଣ ଅଭିଯୋଗ ସମିତି(ଆଇସିସି) ଦ୍ୱାରା କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କୁ ଯୌନ ଉତ୍ପୀଡ଼ନ ନିବାରଣ, ନିଷେଧ ଓ ପ୍ରତିକାର ବିଷୟରେ ଏକ କର୍ମଶାଳା ଆୟୋଜିତ ହୋଇଯାଇଛି। କର୍ମଶାଳାରେ ବିଶ୍ୱବିଦ୍ୟାଳୟ ନିକଟ ଗଙ୍ଗାଧର ମେହେର ଆଇନ ମହାବିଦ୍ୟାଳୟର ସହକାରୀ ଅଧ୍ୟାପିକା ପୁଷ୍ପାରାଣୀ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତୀୟ ନ୍ୟାୟ ବିଧାନରେ ରହିଥିବା ବିଧିବ୍ୟବସ୍ଥା ଉପରେ ଆଲୋକପାତ କରି ସଚେତନତା ସୃଷ୍ଟି କରିଥିଲେ। ସ୍ନାତକୋତ୍ତର ପରିଷଦର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଶତ୍ରୁଘ୍ନ ପାଣିଗ୍ରାହୀ ନିଷ୍ଠା ଓ ତପସ୍ୟାକୁ ଜୀବନର ମନ୍ତ୍ର କରିବାକୁ ପରାମର୍ଶ ଦେଇଥିଲେ। ଅନ୍ତରୀଣ ଅଭିଯୋଗ ସମିତିର ଅଧ୍ୟକ୍ଷା ଡ. ପରାମ୍ବା ଶ୍ରୀଯୋଗମାୟା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଜ୍ଞାଶ୍ରୀ ପ୍ରିୟମ୍ବଦା ବିଶ୍ୱବିଦ୍ୟାଳୟ ଓ ଶିକ୍ଷାନୁଷ୍ଠାନରେ ଆଇସିସିର ଭୂମିକା ଉପରେ ଆଲୋକପାତ କରିଥିଲେ। କର୍ମଶାଳାକୁ କମିଟିର ଅନ୍ୟତମ ସଦସ୍ୟା ଡ. ନିବେଦିତା କର ପରିଚାଳନା କରିଥିଲେ। କମିଟିର ଅନ୍ୟତମ ସଦସ୍ୟା ଓ କର୍ମଶାଳା ସଂଯୋଜିକା ଡ. ସସ୍ମିତା ବନ୍ଦର ନାୟକ ଧନ୍ୟବାଦ ଦେଇଥିଲେ।

# କଣାସରେ ୨ ସହ-ଶିକ୍ଷାଧିକାରୀଙ୍କ ଦାୟିତ୍ୱ ଗ୍ରହଣ

କଣାସ,୨୩।୭(ବିଭୂତି ଭୂଷଣ ତ୍ରିପାଠୀ)

ଦୀର୍ଘ ଦିନ ଧରି କଣାସ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ୨ ସହ-ଶିକ୍ଷାଧିକାରୀ ପଦବୀ ଖାଲି ପଡ଼ିଥିଲା। ବ୍ଲକ ଶିକ୍ଷା ବ୍ୟବସ୍ଥାର ସୁପରିଚାଳନାକୁ ଦୃଷ୍ଟିରେ ରଖି ଜିଲାପାଳଙ୍କ ଅନୁମୋଦନକ୍ରମେ ଜିଲା ଶିକ୍ଷାଧିକାରୀ ବୁଧବାର ବ୍ଲକର ୨ ବରିଷ୍ଠ ପ୍ରଧାନଶିକ୍ଷକଙ୍କୁ ଅସ୍ଥାୟୀ ଭାବେ ସହ ଶିକ୍ଷାଧିକାରୀ ନିଯୁକ୍ତି ଦେଇଛନ୍ତି। ଶିରେଇ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋବର୍ଦ୍ଧନ ବେହେରା ଓ ମାଢ଼ିପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଫୁଲ୍ଲ ବେହେରା ଆଜି ଶିକ୍ଷାଧିକାରୀ କଣାସଙ୍କ କାର୍ଯ୍ୟାଳୟରେ ସହଶିକ୍ଷା ଅଧିକାରୀ ରୂପେ ଯୋଗଦାନ କରିଛନ୍ତି। ଏହି ଅବସରରେ ଦୁଇ ଅଧିକାରୀଙ୍କୁ କାର୍ଯ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଛି।

# ନିମାପଡ଼ା ଥାନା ସମ୍ମୁଖରେ ବିକ୍ଷୋଭ, ଗଣଧାରଣା




ଜାତୀୟ ଦଳିତ ଆଦିବାସୀ ମାଇନୋରିଟି ମହାସଂଘର ଗଣଧାରଣା।

ନିମାପଡ଼ା,୨୩।୭(ବିଚିତ୍ରାନନ୍ଦ ସାହୁ/ ରଞ୍ଜନ ପଟ୍ଟନାୟକ)

ନିମାପଡ଼ାରୁ ପ୍ରକାଶିତ ଏକ ସାପ୍ତାହିକ ଖବରକାଗଜ ସମ୍ପାଦକ ଅକ୍ଷୟ ନାୟକଙ୍କୁ ତୁରନ୍ତ ଗିରଫ କରାଯିବା ଦାବିରେ ଜାତୀୟ ଦଳିତ ଆଦିବାସୀ ମାଇନୋରିଟି ମହାସଂଘ ପକ୍ଷରୁ ମହିଳାମାନେ ନିମାପଡ଼ା ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ, ନାରାବାଜି ଦେବା ସହ ଗଣଧାରଣାରେ ବସିଥିଲେ।

ନିମାପଡ଼ା ପ୍ରେସ୍ କ୍ଲବରୁ ବହିଷ୍କୃତ ଅକ୍ଷୟ ନାୟକ କ୍ରୋଧାନ୍ୱିତ ହୋଇ ପ୍ରେସ୍ କ୍ଲବର ସଭାପତିଙ୍କ ସମେତ ବହୁ କର୍ମକର୍ତ୍ତାଙ୍କୁ ଦଳିତ ଜାତିଆଣ ଆକ୍ଷେପ କରି ସର୍ବସାଧାରଣରେ ଗାଳିଗୁଲଜ କରି ବିଭିନ୍ନ ଧମକ ଦେବା ଓ ପ୍ରେସ କ୍ଲବର ସଂଗଠନ ସମ୍ପାଦକ ସୁଦର୍ଶନ ବେହେରାଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରି ବିଭିନ୍ନ ଧମକଚମକ ଦେବା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଅକ୍ଷୟ ନାୟକଙ୍କ ବିରୋଧରେ ଏ ସମ୍ପର୍କରେ ଏସ୍‌ସି/ଏସ୍‌ଟି ଦଫାରେ କେସ୍ ନଂ.୧୯୭/୨୫, ୨୦୨/୨୫ରେ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛନ୍ତି। ଆସନ୍ତା ୪୮ଘଣ୍ଟା ମଧ୍ୟରେ ଗିରଫ କରାଯିବାକୁ ଜାତୀୟ ଦଳିତ ଆଦିବାସୀ ମାଇନରିଟି ମହାସଂଘର କର୍ମକର୍ତ୍ତାମାନେ ପୋଲିସ ନିକଟରେ ଦାବି କରିଛନ୍ତି। ପୋଲିସ ଏ ଦିଗରେ ତୁରନ୍ତ ପଦକ୍ଷେପ ନ ନେଲେ ମହାସଂଘ ପକ୍ଷରୁ ଦୁର୍ବାର ଗଣଆନ୍ଦୋଳନ ହେବ ବୋଲି ମହାସଂଘ ସଭାପତି ବିଜୟ ସେଠୀ, ସମ୍ପାଦିକା ସୋନିଲତା ସେଠୀ କହିଛନ୍ତି।

ଏ ସମ୍ପର୍କରେ ମହାସଂଘ ପକ୍ଷରୁ ପୋଲିସ ମହାନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ନିମାପଡ଼ା ପୋଲିସ ଏସ୍‌ଡିପିଓ ଜନାର୍ଦ୍ଦନ ପାଢ଼ୀଙ୍କୁ ପ୍ରଦାନ କରାଯାଇଛି। ଏହି ଅବସରରେ ଦଳିତ ମହିଳାମାନଙ୍କର ଏକ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ବିକ୍ଷୋଭ ପ୍ରଦର୍ଶନରେ ନିମାପଡ଼ା ପ୍ରେସ କ୍ଲବ ସଭାପତି ଅକ୍ଷୟ ବେହେରା, ଯାଦବ ସଂଘର ସଭାପତି ଗୟାଧର ବେହେରା, ମହିଳା ନେତ୍ରୀ ମିଲି ସିଂ, ସରିତା ମହାପାତ୍ର ପ୍ରମୁଖ ଯୋଗଦେଇ ସମ୍ପୃକ୍ତ ସମ୍ପାଦକଙ୍କ ଏତାଦୃଶ କାର୍ଯ୍ୟକୁ ତୀବ୍ର ନିନ୍ଦା କରିବା ସହ ତାଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରିଥିଲେ।

# ବିପର୍ଯ୍ୟୟ ପରିଚାଳନାର କୌଶଳ ଶିଖାଇଲେ ଏନ୍‌ଡିଆର୍‌ଏଫ୍ ଟିମ୍

ପୁରୀ,୨୩।୭(ଅଜିତ୍ କୁମାର ମହାନ୍ତି)

ପୁରୀ ହସ୍ପିଟାଲିଟି ଫାଉଣ୍ଡେଶନ ଓ ହୋଟେଲ ଏମ୍ପାୟର୍‌ର ମିଳିତ ସହଯୋଗରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ଏକ କର୍ମଶାଳା ବୁଧବାର ହୋଟେଲ ପରିସରରେ ଏନ୍‌ଡିଆର୍‌ଏଫ୍‌ର ଏକ ସକ୍ରିୟ ଦଳଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏନ୍‌ଡିଆର୍‌ଏଫ୍‌ର ଡେପୁଟି କମାଣ୍ଡାଣ୍ଟ ପ୍ରବୀଣ ଚୌହ୍ୱାନ ଏବଂ ତାଙ୍କ ସହଯୋଗୀମାନେ କର୍ମ, କୌଶଳ ଏବଂ ତାଲିମ୍ ପ୍ରଶିକ୍ଷଣ ଦେଇଥିଲେ। କର୍ମଶାଳାରେ ପୁରୀର ପ୍ରମୁଖ ହୋଟେଲର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଏଥିରେ ଏନ୍‌ଡିଆର୍‌ଏଫ୍ କର୍ମୀମାନେ ବାତ୍ୟା ବିପର୍ଯ୍ୟୟ, ବନ୍ୟା, ସୁନାମି, ଭୂକମ୍ପ ଭଳି ବିଭିନ୍ନ ପ୍ରାକୃତିକ, ଅପ୍ରାକୃତିକ ବିପର୍ଯ୍ୟୟର ପୂର୍ବ ଏବଂ ପର ପରିଚାଳନା, ମୁକାବିଲାର କୌଶଳ ଶିଖାଇଥିଲେ। ଏତଦ୍‌ବ୍ୟତୀତ ସାପ ଦଂଶନ, ଅଗ୍ନି ନିର୍ବାପନ ଏବଂ ହୃଦ୍‌ଘାତଜନିତ ଜରୁରିକାଳୀନ ପ୍ରାଥମିକ ଚିକିତ୍ସାର କୌଶଳ ପ୍ରଦର୍ଶନ କରିଥିଲେ। ହୋଟେଲ ଏମ୍ପାୟର୍‌ର ଜେନେରାଲ ମ୍ୟାନେଜର ରବୀନ୍ଦ୍ର କୁମାର ଦାସ ଏବଂ ତାଙ୍କ ସହଯୋଗୀ ପୁରୀ ହସ୍ପିଟାଲିଟି ଫାଉଣ୍ଡେଶନର ବରିଷ୍ଠ ସଦସ୍ୟ ପ୍ରସନ୍ନ ଷଡ଼ଙ୍ଗୀ, ଦିଲୀପ ରାଉତ, ଏମ୍ପାୟର୍‌ର ଭାଇସ ପ୍ରେସିଡେଣ୍ଟ ସଞ୍ଜୟ ମିଶ୍ର ଏବଂ ଜୟନ୍ତ ପଣ୍ଡା ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଅଜୟ ପ୍ରଧାନ, ବିରଜା ଧଳ ମଞ୍ଚ ପରିଚାଳନା କରିବା ସହ ଧନ୍ୟବାଦ ଦେଇଥିଲେ।

# ଭାରତୀୟ ମଜଦୁର ସଂଘର ୭୦ତମ ପ୍ରତିଷ୍ଠା ଦିବସ

ପୁରୀ,୨୩।୭(ଅଜିତ୍ କୁମାର ମହାନ୍ତି)

ଭାରତୀୟ ଜିଲାର ୭୦ତମ ପ୍ରତିଷ୍ଠା ଦିବସ ବୁଧବାର ଜିଲା କାର୍ଯ୍ୟାଳୟଠାରେ ଜିଲା ସଭାପତି ରାଜକୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ଟ୍ରେଡ୍ ୟୁନିୟନ୍, ବିଦ୍ୟୁତ୍, ରେଲ୍‌ୱେ, ଆଶାକର୍ମୀ, ଉଜ୍ଜ୍ୱଳା ଓ ଅଙ୍ଗନୱାଡ଼ିର ସଦସ୍ୟମାନେ ଭାଗ ନେଇଥିଲେ। ଭାରତୀୟ ମଜଦୁର ସଂଘ ହେଉଛି ଭାରତର ସବୁଠାରୁ ବଡ଼ କେନ୍ଦ୍ରୀୟ ଶ୍ରମିକ ସଂଗଠନ, ଯାହା ୧୯୫୫ ମସିହାରେ ମହାନ୍ ରାଷ୍ଟ୍ରନାୟକ ତଥା ସାମାଜିକ କର୍ମୀ ପରମପୂଜ୍ୟ ଦତ୍ତୋପନ୍ତ ଠେଙ୍ଗଡ଼ି ଜୀଙ୍କ ଦ୍ୱାରା ଭୋପାଳରେ ସ୍ଥାପିତ ହୋଇଥିଲା। ବିଏମ୍‌ଏସ୍‌ର ଉଦ୍ଦେଶ୍ୟ ହେଉଛି, ଶ୍ରମିକଙ୍କ ଅଧିକାର, ସମ୍ମାନ ଓ ସୁବିଧା ପାଇଁ ସଂଘବଦ୍ଧ ଭାବେ ସ୍ୱର ଉଠାଇବା। ପ୍ରତିଷ୍ଠା ଉତ୍ସବରେ ପୁରୀ ଜିଲା ସମ୍ପାଦକ ବିଶ୍ୱନାରାୟଣ ଦାସ, ଜିଲା କାର୍ଯ୍ୟକାରୀ ସଭାପତି ପ୍ରତିମା ମଞ୍ଜରୀ ଦତ୍ତ, ଜିଲା କୋଷାଧ୍ୟକ୍ଷ ମଞ୍ଜୁଲତା ମୁଦୁଲି, ବିଦ୍ୟୁତ୍ ସଂଘ ସଭାପତି ଗିରିଜା ଶଙ୍କର ହୋତା, ସମ୍ପାଦକ ବସନ୍ତ ପଲେଇ, ରେଲ୍‌ୱେ ଠିକା ମଜଦୁର ସଂଘ ସମ୍ପାଦକ ସନ୍ତୋଷ ପ୍ରଧାନ, ପ୍ରିୟବ୍ରତ ଜେନା, ଆଶାକର୍ମୀ ରୀତା ମାଝି, ଜୟନ୍ତୀ ପ୍ରଧାନ, ଉଜ୍ଜ୍ୱଳା କର୍ମୀ, ରଞ୍ଜିତା ଦାସ, କୁମୁଦିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରତିଷ୍ଠା ଦିବସରେ ଉପସ୍ଥିତ ସଂଘର କର୍ମକର୍ତ୍ତା।

# ଓଡ଼ଗୁଆଁ ପ୍ରାଥମିକ ବିଦ୍ୟାଳୟର ନାହିଁ ନିଜସ୍ୱ ଘର

## ବିଦ୍ୟାଳୟର ସାହା ହୋଇଛି ଠାକୁରଙ୍କ ମଣ୍ଡପ

ଚାରିଛକ,୨୩।୭(ଶିଶିର କୁମାର ସ୍ୱାଇଁ)



ଛାତ୍ରୀଛାତ୍ରମାନେ ଠାକୁରଙ୍କ ମଣ୍ଡପରେ ବସି ପାଠ ପଢୁଛନ୍ତି।

ଶିକ୍ଷା ବ୍ୟବସ୍ଥାର ଏକ ବିକଳ ଚିତ୍ର ଦେଖିବାକୁ ମିଳିଛି ନିମାପଡ଼ା ବ୍ଲକ ଅନ୍ତର୍ଗତ ବାହାରଣା ପଞ୍ଚାୟତରେ ଥିବା ଓଡ଼ଗୁଆଁ ପ୍ରାଥମିକ ବିଦ୍ୟାଳୟରେ। ଉକ୍ତ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୫ଟି ଶ୍ରେଣୀରେ ୨୬ ଜଣ ପିଲା ପଢୁଛନ୍ତି। ୨୬ ପିଲାଙ୍କୁ ପଢ଼ାଇବା ପାଇଁ ପ୍ରଧାନଶିକ୍ଷକଙ୍କୁ ମିଶାଇ ୨ ଜଣ ଶିକ୍ଷକ ସେଠାରେ ନିଯୁକ୍ତ ଅଛନ୍ତି। ବଡ କଥା ହେଲା ଏହା ଏକ ସରକାରୀ ବିଦ୍ୟାଳୟ ହୋଇଥିଲେ ମଧ୍ୟ ଏଠାରେ ପିଲା ପାଠ ପଢ଼ିବା ପାଇଁ ନିଜସ୍ୱ ଶ୍ରେଣୀ ଗୃହ ଆଜିପର୍ଯ୍ୟନ୍ତ ହୋଇପାରି ନାହିଁ। ଉକ୍ତ ସ୍କୁଲ ଆରମ୍ଭ ଯେବେ ହୋଇଥିଲା ଉକ୍ତ ଗ୍ରାମର ଜଣେ ବ୍ୟକ୍ତିଙ୍କ ଘରେ ୧୬ ବର୍ଷରୁ ଅଧିକ ଦିନ ପର୍ଯ୍ୟନ୍ତ ଚାଲିଥିଲା। ଦୀର୍ଘ ବର୍ଷ ଧରି ସ୍କୁଲ ଚାଲିବା ପରେ ସଂପୃକ୍ତ ବ୍ୟକ୍ତି ଜଣକ ତାଙ୍କ ଘରେ ଆଉ ସ୍କୁଲ ନ ଚଳାଇବାକୁ ମନା କରି ଦେଇଥିଲେ। ବାଧହୋଇ ପ୍ରଧାନଶିକ୍ଷକ ଗ୍ରାମ ନିକଟରେ ଥିବା ଠାକୁରାଣୀଙ୍କ ମଣ୍ଡପରେ ପିଲାମାନଙ୍କୁ ବସାଇ ୧ ବର୍ଷ ହେବ ପାଠ ପଢ଼ାଇ ଆସୁଛନ୍ତି। ଠାକୁରାଣୀଙ୍କ ମଣ୍ଡପ ଉପରେ ଛାତ ପଡ଼ିଥିବା ବେଳେ ଚତୁର୍ପାର୍ଶ୍ୱ ଖୋଲାରହିଛି। ପ୍ରତିଦିନ ପିଲାମାନେ ସେଠାରେ ବସି ପାଠ ପଢ଼ିଆସୁଛନ୍ତି।

ପିଲାମାନଙ୍କ ପାଇଁ ମଧ୍ୟାହ୍ନଭୋଜନ ରୋଷେଇ ଦାୟିତ୍ୱରେ ଥିବା ପାଚିକା ନିଜ ଘରେ ରୋଷେଇ କରି ଏଠାକୁ ଆଣି ପିଲାମାନଙ୍କୁ ଦେଉଛନ୍ତି। ପଢ଼ିବା ପାଇଁ ଆସୁଥିବା ରାସ୍ତାରେ ଘାସ ଓ ଅନାବନା ଗଛ ରହିଥିବାରୁ ସେହି ବାଟ ଦେଇ ପିଲାମାନେ ବିପଦପୂର୍ଣ୍ଣ ଭାବେ ଯାତାୟାତ କରିଥା'ନ୍ତି। ଗତ ସରକାରଙ୍କ ସମୟରେ ଗ୍ରାମବାସୀ ସ୍କୁଲର ନିଜସ୍ୱ ଗୃହ ପାଇଁ ବିଭାଗୀୟ ଅଧିକାରୀ, ଜିଲାପାଳ, ସ୍ଥାନୀୟ ରାଜନେତାଙ୍କୁ ବାରମ୍ବାର ଲିଖିତ ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କ ଅଭିଯୋଗକୁ କେହି ଗୁରୁତ୍ୱ ଦେଇନଥିଲେ ବୋଲି ପ୍ରକାଶ କରିଛନ୍ତି। ରାଜ୍ୟରେ ନୂତନ ଭାବେ ଭାଜପା ସରକାର ଆସିବାରେ ଆଜକୁ ୧୩ ମାସ ପୂରିଲାଣି। କିନ୍ତୁ ଓଡ଼ଗୁଆଁ ବିଦ୍ୟାଳୟର ଦୁଃଖ ଦୁଃଖ ଭିତରେ ରହି ଯାଇଥିବା ଗ୍ରାମବାସୀ କହିଛନ୍ତି।

ଏ ସମ୍ପର୍କରେ ପ୍ରଧାନ ଶିକ୍ଷକ ଜାହାନ ଚନ୍ଦ୍ର ମହାପାତ୍ର କୁହନ୍ତି, ଖରା, ବର୍ଷା ଶୀତ କାକରରେ ଅତି ଦୟନୀୟ ଅବସ୍ଥାରେ ପିଲାମାନଙ୍କୁ ଏଠାରେ ବସାଇ ଶିକ୍ଷାଦାନ ଦେଉଛୁ। ବିଦ୍ୟାଳୟର ନିଜସ୍ୱ ଗୃହ ନ ଥିବାରୁ ବାରଦୁଆର ଶୁଙ୍ଘିପିଣ୍ଡା ହେବାକୁ ପଡୁଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କିଛି ସୁଫଳ ମିଳୁନି, ସ୍କୁଲର ନିଜସ୍ୱ ଘର ନିର୍ମାଣ ପାଇଁ ଗ୍ରାମବାସୀ ଏକ ଜାଗା ଚିହ୍ନଟ କରିଛନ୍ତି। ସରକାର ଉକ୍ତ ଜାଗାରେ ଘର ତିଆରି କରି ଯୋଗାଇ ଦେଲେ ପିଲାମାନେ ବସି ପାଠ ପଢ଼ିପାରିବେ ବୋଲି ସେ କହିଛନ୍ତି।

୫ମ ଶ୍ରେଣୀ ଛାତ୍ର ଆୟୁଷ୍ମାନ୍ ସାହୁ, ଛାତ୍ରୀ ରାଜଲକ୍ଷ୍ମୀ ସ୍ୱାଇଁ, ଗୁଡ୍ଡୁଲି ଭୋଇ କହିଛନ୍ତି, ବିଦ୍ୟାଳୟର ଘର ନ ଥିବାରୁ ଆମେ ବାହାରେ ବସି ପଢୁଛୁ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଦୃଷ୍ଟି ଦେଲେ ଆମ ସ୍କୁଲ ଘର ହୋଇପାରିବ ଏବଂ ଆମ୍ଭେମାନେ ସେଇ ଘରେ ବସି ପାଠପଢିପାରିବୁ। ଏ ସମ୍ପର୍କରେ ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଦାୟିତ୍ୱରେ ଥିବା କୈଳାସ ପାଢ଼ୀଙ୍କ ସହିତ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁଦର୍ଶନ ଭୋଇଙ୍କୁ ପଚାରିବାରେ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି କ'ଣ ସମସ୍ୟା ରହିଛି ତାହାର ଅନୁଧ୍ୟାନକରିବିବୋଲିସେ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଜେଲ ଗଲେ ଅଭିଯୁକ୍ତ

**ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ମାଡ଼ ଘଟଣା**

ଗୋପ,୨୩।୭(ଭାରତୀ ଭୂଷଣ ଉପାଧ୍ୟାୟ): ଗାଁ ଦାଣ୍ଡରେ ମାନସିକ ବିକାରଗ୍ରସ୍ତ ମହିଳାଙ୍କୁ ମାଡ଼ ଘଟଣାରେ ପୋଲିସ ଅଭିଯୁକ୍ତ ବେଦପୁର ଗ୍ରାମର ହରମୋହନ ସାହୁ (୪୮)ଙ୍କୁ ଗିରଫ କରିଥିବା ବେଳେ ବୁଧବାର ଅପରାହ୍ନରେ କୋର୍ଟଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଯାଇଥିବା ଥାନାଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀ ସୂଚନା ଦେଇଛନ୍ତି। ଏପଟେ ଗାଁ ଦାଣ୍ଡରୁ ଉଲଗ୍ନ ଅବସ୍ଥାରେ ଉଦ୍ଧାର ହୋଇଥିବା ମହିଳା କନକଲତା ଏକ ବେସରକାରୀ ମେଡିକାଲରେ ମୃତ୍ୟୁ ସହ ସଂଘର୍ଷ କରୁଥିବା ଜଣାପଡ଼ିଛି।

### ଛାତ୍ରୀଛାତ୍ରଙ୍କ ଚକ୍ଷୁ ସମସ୍ୟା ଚିହ୍ନଟ ଶିବିର

କଣାସ,୨୩।୭(ବିଭୂତି ଭୂଷଣ ତ୍ରିପାଠୀ): କଣାସ ବ୍ଲକ ଅନ୍ତର୍ଗତ ବିଦ୍ୟାଳୟ ଛାତ୍ରୀଛାତ୍ରମାନଙ୍କ ଚକ୍ଷୁ ସମସ୍ୟା ଚିହ୍ନଟ ଶିବିର ବୁଧବାର ତ୍ରିଲୋଚନପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ବିଭାଗ ବିଶେଷଜ୍ଞ ଓ ଟେକ୍ନିସିଆନମାନେ ଏହି ଶିବିରରେ ଯୋଗଦେଇ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କ ଚକ୍ଷୁ ସମସ୍ୟା ଚିହ୍ନଟ କରି ୫ ଜଣ ଛାତ୍ରୀଛାତ୍ରଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଜିଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁପାରିସ କରିଛନ୍ତି। ୭୧ ଜଣଙ୍କୁ ଚଷମା ପ୍ରଦାନ ପାଇଁ ସୁପାରିସ କରିଥିଲେ। କଣାସ ବ୍ଲକ ଶିକ୍ଷାଧିକାରୀ ରାମଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା।

### ୨୭ରେ ଜିଲାସ୍ତରୀୟ ଲୋକ ଅଦାଲତ

ପୁରୀ,୨୩।୭(ଅଜିତ୍ କୁମାର ମହାନ୍ତି): ଆସନ୍ତା ୨୭ ତାରିଖ (ରବିବାର) ପୂର୍ବାହ୍ନ ୧୦ଟାରେ ପୁରୀ ଜିଲା କୋର୍ଟ ପ୍ରାଙ୍ଗଣରେ ଏକ ଜିଲାସ୍ତରୀୟ ଲୋକ ଅଦାଲତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ବିଚାରାଧୀନ ଚେକ୍ ବାଉନ୍ସ ମାମଲାର ଅପୋଷ ସମାଧାନ କରାଯାଇପାରିବ। ଲୋକ ଅଦାଲତରେ ରାୟ ଦିଆଯାଇ ଅନେକ ମାମଲା ନିଷ୍ପତ୍ତି ହେବା ସହ ... ପୁରୀ ଜିଲା ଆଇନ ସେବା ପ୍ରାଧିକରଣ ସହ ଯୋଗାଯୋଗ କରିପାରିବେ ବୋଲି ପ୍ରାଧିକରଣ ସଚିବ ସୂଚନା ଦେଇଛନ୍ତି।

### ପୋକ୍ସୋ ଆକ୍ଟ ୨୦୧୩, ୟୁଜିସି ରେଗୁଲେସନ ସମ୍ପର୍କିତ କର୍ମଶାଳା

ପୁରୀ,୨୩।୭(ଅଜିତ୍ କୁମାର ମହାନ୍ତି): ପୁରୁଷୋତ୍ତମ ଶାସ୍ତ୍ର ମହାବିଦ୍ୟାଳୟରେ ପୋକ୍ସୋ ଆକ୍ଟ ୨୦୧୩ ଏବଂ ୟୁଜିସି ରେଗୁଲେସନ ସମ୍ପର୍କିତ ଏକ କର୍ମଶାଳା ଅଧ୍ୟକ୍ଷ ଶରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଛି। ମହାବିଦ୍ୟାଳୟର ଆଇସିସି କମିଟିର ସଦସ୍ୟମାନଙ୍କର ଉପସ୍ଥିତିରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଇସିସି କମିଟିର ମୁଖ୍ୟ ପ୍ରଫେସର ସୁଜାତା ବେହେରା ସଭାର ଅଭିମୁଖ୍ୟ ତଥା ଯୌନ ଉତ୍ପୀଡ଼ନକୁ ପ୍ରତିରୋଧ ଓ କିପରି ନିଷେଧ କରାଯାଇପାରିବ ସେ ସମ୍ପର୍କରେ ବୁଝାଇଥିଲେ। ପ୍ରଫେସର ନଳିନିକାନ୍ତ ପଣ୍ଡା, କମିଟର ସଦସ୍ୟ ... ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଫେସର ଦୁର୍ଗା ପ୍ରସାଦ ସାହୁ ଧନ୍ୟବାଦ ଦେଇଥିଲେ।

# କୋହିନୁର ଫେରାଇ ଆଣିବାକୁ ଆଇସିଜେରେ ଆବେଦନ

ଭୁବନେଶ୍ୱର,୨୩।୭(ସୌମ୍ୟରଞ୍ଜନ ରାଉତ)



ଶ୍ରୀଜଗନ୍ନାଥ ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ଓ ଅନ୍ୟମାନେ ପିଟିସନ ସମ୍ପର୍କରେ ସୂଚନା ଦେଉଛନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୋହିନୁର ହୀରା ଶ୍ରୀମନ୍ଦିରକୁ ଫେରାଇ ଆଣିବା ପାଇଁ ନେଦରଲ୍ୟାଣ୍ଡର ହେଗସ୍ଥିତ ଅନ୍ତର୍ଜାତୀୟ କୋର୍ଟ ଅଫ୍ ଜଷ୍ଟିସ (ଆଇସିଜେ)ରେ ଗତ ଜୁଲାଇ ୧୪ରେ ଶ୍ରୀଜଗନ୍ନାଥ ସେନା ଆବାହକ ଆଇନଜୀବୀ ଡ. ପ୍ରିୟଦର୍ଶନ ପଟ୍ଟନାୟକ ଆବେଦନ କରିଛନ୍ତି। ବିଶ୍ୱର ୧୨୦ କୋଟି ଜଗନ୍ନାଥପ୍ରେମୀଙ୍କ ପକ୍ଷରୁ ସେ ଏହି ଆବେଦନ କରିଥିବା ଡ. ପଟ୍ଟନାୟକ ସୂଚନା ଦେଇଛନ୍ତି। ଡ. ପଟ୍ଟନାୟକ ତାଙ୍କ ଆବେଦନପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କୋହିନୁର ବିଶ୍ୱର ମୂଲ୍ୟବାନ ହୀରା, ଯାହା ୧୦୫ କ୍ୟାରେଟର। ଏହି କ୍ୟାରେଟର ହୀରା ବିଶ୍ୱରେ ନାହିଁ। ତତ୍କାଳୀନ ପଞ୍ଜାବର ରାଜା ରଞ୍ଜିତ ସିଂ ୧୮୩୯ରେ କୋହିନୁର ହୀରାକୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରିଥିଲେ। ରାଜା ରଞ୍ଜିତ ସିଂ ତାଙ୍କ ୱିଲ ବା ଇଚ୍ଛାପତ୍ରରେ ଏହା ଉଲ୍ଲେଖ କରିଥିଲେ। ମହାରାଜା ରଞ୍ଜିତ ସିଙ୍ଗ ତୀର୍ଥଗୁରୁ ଶ୍ରୀମନ୍ଦିରର ପଣ୍ଡା ସେବକ ତଥା ଅବିଭକ୍ତ ପଞ୍ଜାବର ଯାତ୍ରୀପଣ୍ଡା ପୁରୀର କଳିଯୁଗ ପ୍ରତିହାରୀଙ୍କ ନିକଟରେ ସୁରକ୍ଷିତ ଭାବେ ରହିଛି। ପୂର୍ବରୁ କୋହିନୁର ଫେରାଇ ଆଣିବା ପାଇଁ ଇଂଲଣ୍ଡ ସରକାରଙ୍କ ନିକଟରେ ଦେଶ ପକ୍ଷରୁ ଆବେଦନ କରାଯାଇଥିଲା। ହେଲେ କୋହିନୁର ନ ଫେରାଇବା ପାଇଁ ଇଂଲଣ୍ଡ ସରକାର ଡିଜାଇଡି ରୁଲ ଲାଗୁ କରିଥିଲେ। ଅର୍ଥାତ କୋହିନୁରର ଦାବିଦାର ଆଫଗାନିସ୍ଥାନ, ବାଂଲାଦେଶ, ପାକିସ୍ତାନ, ଇରାନ ଓ ଭାରତ ବୋଲି କହି ଏହି ପ୍ରସଙ୍ଗକୁ ଅତି ଚତୁରତାର ସହ ଏଡ଼ାଇ ଯାଇଥିଲେ। ଯେହେତୁ କୋହିନୁର ଫେରାଇ ଆଣିବା ପାଇଁ ବିଭିନ୍ନ ଦେଶ ଏହାର ଦାବିଦାର ବୋଲି ଜିଦ୍ ଧରିଲେ ତେଣୁ ଏହି ପ୍ରସଙ୍ଗଟି ଗୋଳମାଳିଆ ହୋଇଗଲା ଏବଂ ବ୍ରିଟିଶ ସରକାର ନିଜ ଫାଇଦାରେ ରହିଲେ। କିନ୍ତୁ ଏହି ହୀରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବୋଲି ଶ୍ରୀଜଗନ୍ନାଥ ସେନା ନିବେଦନ କରିଛି। ତେଣୁ ମହାପ୍ରଭୁ ଶ୍ରୀଜଗନ୍ନାଥ ସେମାନଙ୍କର ବୋଲି ବାଂଲାଦେଶ, ଇରାନ କି ପାକିସ୍ତାନ କେହି କହିବେ ନାହିଁ। ଷ୍ଟେଟ ଆର୍କାଇଭରୁ ଏକ ମିଲିଟାରି ଡକ୍ୟୁମେଣ୍ଟ ଶ୍ରୀଜଗନ୍ନାଥ ସେନାର ହସ୍ତଗତ ହୋଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ରଞ୍ଜିତ ସିଂହ ୧୮୩୯ରେ ଇରାନ୍ର ନାଦିର ଶାହାଙ୍କୁ ଯୁଦ୍ଧରେ ହରାଇ ତାଙ୍କଠାରୁ କୋହିନୁର ହୀରା ଆଣିଥିଲେ। ମହାରାଜା ରଞ୍ଜିତ ସିଂ ଯେତେବେଳେ ପଞ୍ଜାବ ଫେରୁଥିଲେ, ବାଟରେ ସେ ଦୃଷ୍ଟିଶକ୍ତି ହରାଇ ବସିଲେ। ଖାଇବରପାସ (ଭାରତ-ପାକିସ୍ତାନ-ଆଫଗାନିସ୍ତାନ ସୀମାବର୍ତ୍ତୀ ଅଞ୍ଚଳ)ଠାରେ ତାଙ୍କର ଶେଷ ଇଚ୍ଛାପତ୍ରରେ ସେ ଉଲ୍ଲେଖ କରିଥିଲେ ଯେ, ତାଙ୍କର ଦୃଷ୍ଟିଶକ୍ତି କମୁଥିବାରୁ ସେ କୋହିନୁର ହୀରାକୁ ମହାପ୍ରଭୁଙ୍କୁ ଦାନ କରୁଛନ୍ତି। ଏହାଦ୍ୱାରା ସେ ଦୃଷ୍ଟିଶକ୍ତି ଫେରିପାଇବେ ବୋଲି ଚିନ୍ତାକରି ଏଭଳି ନିଷ୍ପତ୍ତି ନେଇଥିଲେ। ଏଥିସହ ଚାରିଧାମକୁ ୫୦ ହଜାର ଲେଖାଏଁ ସ୍ୱର୍ଣ୍ଣମୁଦ୍ରା ଦାନ ଦେଇଥିଲେ। କୋହିନୁରକୁ ପୁରୁଷ ପରିଧାନ କଲେ ଦୃଷ୍ଟିଶକ୍ତି ହରାଇ ବସିବେ ବୋଲି କୁହାଯାଏ। ବୁଧବାର ସୂଚନା ଭବନରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଆବାହକ ଡ. ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି।

# ମନୋବଳ ହିଁ ସମସ୍ୟାର ସମାଧାନ



କର୍ମଶାଳାରେ ଉପସ୍ଥିତ ଅତିଥିମାନେ।

### ମହିଳା ଯୌନ ଉତ୍ପୀଡ଼ନ ନିଷେଧ ସମ୍ପର୍କିତ କର୍ମଶାଳା

ପିପିଲି,୨୩।୭(ଦୁର୍ଗା ମାଧବ ମିଶ୍ର/ ପ୍ରଭାତ କୁମାର ମହାପାତ୍ର)

ବର୍ତ୍ତମାନ ସ୍ଥିତିରେ ଦିନକୁ ଦିନ ରାଜ୍ୟରେ ମହିଳା ଏବଂ ଯୁବତୀମାନଙ୍କ ପ୍ରତି ଅସଦାଚରଣ ବଢ଼ି ଚାଲିଥିବା ବେଳେ ଛାତ୍ରୀଛାତ୍ରମାନଙ୍କୁ ସେ ଦିଗରେ ସଚେତନ କରାଇବା ପାଇଁ ବୁଧବାର ପିପିଲି ମହାବିଦ୍ୟାଳୟରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସତ୍ୟଜିତ ଦାସଙ୍କ ସଭାପତିତ୍ୱରେ ଆୟୋଜିତ କର୍ମଶାଳାରେ ଅତିଥି ଭାବେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ପ୍ରଫେସର ଡ. ଶ୍ରୁତି ଦାସ ଉପସ୍ଥିତ ଛାତ୍ରୀଛାତ୍ର ଏବଂ ମହାବିଦ୍ୟାଳୟର ଶିକ୍ଷକ ଅଣଶିକ୍ଷକ କର୍ମଚାରୀମାନଙ୍କ କର୍ମସ୍ଥଳରେ ମହିଳା ଯୌନ ଉତ୍ପୀଡ଼ନ ନିଷେଧ ଏବଂ ପ୍ରତିକାର ସମ୍ବନ୍ଧରେ ଆଲୋକପାତ କରାଇଥିଲେ। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗଙ୍କ ନିର୍ଦ୍ଦେଶାବଳୀ ଏବଂ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ନିର୍ଦ୍ଦେଶ ଅନୁଯାୟୀ ଏହା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି କରାଯାଇଥିବା ନିର୍ଦ୍ଦେଶ ସମ୍ବନ୍ଧରେ ସୂଚନା ଦିଆଯାଇଥିଲା। ଜିଦ ଅପେକ୍ଷା ଧୈର୍ଯ୍ୟ ଓ ମନୋବଳ ହିଁ ମହିଳା ଉତ୍ପୀଡ଼ନ ସମସ୍ୟାର ସମାଧାନ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଅଧ୍ୟାପିକା ମୀନାକ୍ଷୀ ମିଶ୍ର ଏବଂ ଡ. ସଚ୍ଚିକାନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାରେ ଅଧ୍ୟାପିକା ସରିତା ନାୟକ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଆଇସିସି ମୁଖ୍ୟ ସଂଗ୍ରାମ କେଶରୀ ପରିଡ଼ା ଧନ୍ୟବାଦ ଦେଇଥିଲେ।



ଷ୍ଟ୍ରେଚରରେ ଫୁଲକୁଣ୍ଡ ବୁହାଯାଉଥିବା ଦୃଶ୍ୟ।

# ଷ୍ଟ୍ରେଚରରେ ବୁହାହେଲା ଫୁଲକୁଣ୍ଡ

ପୁରୀ,୨୩।୭(ଅଜିତ୍ କୁମାର ମହାନ୍ତି)

ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ସମୟରେ ଅବ୍ୟବସ୍ଥା ନେଇ ଅଭିଯୋଗ ହୋଇଆସୁଛି। କେତେବେଳେ ଚିକିତ୍ସାରେ ଅବହେଳା ତ କେତେବେଳେ ଡାକ୍ତର ନ ଥିବା ନେଇ ରୋଗୀମାନେ ଅଭିଯୋଗ କରନ୍ତି। ବୁଧବାର ଏକ ଅବାନ୍ତର ଦୃଶ୍ୟ ପୁରୀ ସଦର ମୁଖ୍ୟ ଚିକିତ୍ସାଳୟରେ ଦେଖିବାକୁ ମିଳିଛି। ଏହାକୁ ନେଇ ବିଭିନ୍ନ ମହଲରେ ମେଡିକାଲ କର୍ତ୍ତୃପକ୍ଷଙ୍କ କାର୍ଯ୍ୟପ୍ରଣାଳୀ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ମୁଖ୍ୟତଃ ମେଡିକାଲରେ ରୋଗୀମାନଙ୍କୁ ନେବା ପାଇଁ ଷ୍ଟ୍ରେଚର ବ୍ୟବହାର ହୋଇଥାଏ। ଅନେକ ସମୟରେ ରୋଗୀମାନଙ୍କୁ ନେବା ପାଇଁ ଷ୍ଟ୍ରେଚର ମିଳୁ ନ ଥିବା ଅଭିଯୋଗ ହୋଇଥାଏ। ବୁଧବାର ପୁରୀ ସଦର ମେଡିକାଲ ଭିତରେ ଜଣେ କର୍ମଚାରୀ ଷ୍ଟ୍ରେଚର ଯୋଗେ ଫୁଲକୁଣ୍ଡ ନେଇ ଯାଉଥିବା ଦେଖିବାକୁ ମିଳିଛି। ତେବେ ଷ୍ଟ୍ରେଚର ସାହାଯ୍ୟରେ ଫୁଲଗଛ ବୋହିକି ନେବା ପାଇଁ ତାଙ୍କୁ କିଏ କହିଛି ପଚାରିବାରେ ସେ କୌଣସି ଉତ୍ତର ଦେଇନଥିଲେ। ସେଠାରେ ଥିବା କେତେଜଣ ବ୍ୟକ୍ତି ଷ୍ଟ୍ରେଚରରେ ଫୁଲଗଛ ବୋହିବାକୁ ବାରଣ କରିଥିଲେ ମଧ୍ୟ ସେ କୌଣସି କଥା ନ ଶୁଣି ପୂର୍ବପରି ବୋହି ନେଇ ମେଡିକାଲର ଅନ୍ୟସ୍ଥାନରେ ରଖିଥିଲେ। ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

# ନାବାଳିକା ଗର୍ଭବତୀ: ଯୁବକ ଗିରଫ

ଅସ୍ତରଙ୍ଗ,୨୩।୭(ମମତା ଜେନା/ପ୍ରଦୀପ୍ତ ଦୀକ୍ଷିତ)

ଅସ୍ତରଙ୍ଗ ଥାନା ଅନ୍ତର୍ଗତ କୁଆଁରପୁର ଗ୍ରାମର ଜଣଙ୍କ ଘରକୁ ଜଣେ ଯୁବକ ଯିବାଆସିବା କରିବା ପରେ ତାଙ୍କ ନାବାଳିକା ଝିଅ(୧୭) ସହ ଅନ୍ତରଙ୍ଗ ସମ୍ପର୍କ ରଖି ତାଙ୍କୁ ଗର୍ଭବତୀ କରିବା ଭଳି ଏକ ଲଜ୍ଜାଜନକ ଘଟଣା ଘଟିଛି। ଏ ନେଇ ନାବାଳିକାଙ୍କ ବାପା ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିବା ପରେ ନଂ.୧୪୭/୨୫ରେ ଏକ ମାମଲା ରୁଜୁକରି ମଙ୍ଗଳବାର ରାତିରେ ଅଭିଯୁକ୍ତଙ୍କୁ ପୋଲିସ ଉଠାଇଆଣି ବୁଧବାର କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ, ନାବାଳିକାଙ୍କ ବାପା ଜଣେ ଡ୍ରାଇଭର। ତାଙ୍କ ଝିଅର ପେଟ କାହିଁକି ବଢ଼ୁଛି ବୋଲି ଚିକିତ୍ସା ପାଇଁ ଅସ୍ତରଙ୍ଗ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇ ସେଠାରେ ପରୀକ୍ଷା ନିରୀକ୍ଷା ପରେ ଝିଅଟି ଗର୍ଭବତୀ ଥିବା ଡାକ୍ତର ଜଣାଇଥିଲେ। ଏହି ଘଟଣାକୁ ନେଇ ନାବାଳିକାଙ୍କ ବାପା ତାଙ୍କ ସହକର୍ମୀଙ୍କ ନାଁରେ ମଙ୍ଗଳବାର ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ, ତାଙ୍କ ସହ କାର୍ଯ୍ୟ କରୁଥିବା ବନମାଳୀ ନାୟକ ନାମକ ଜଣେ ବ୍ୟକ୍ତି ପଡ଼ୋଶୀଙ୍କ ଘରକୁ ସର୍ବଦା ଯିବାଆସିବା କରୁଥିଲେ। ଝିଅ ପ୍ରତି ଘଟିଥିବା ଘଟଣାରେ ବନମାଳୀ ସମ୍ପୃକ୍ତ ଥିବା ସନ୍ଦେହକରି ତାଙ୍କ ନାମରେ ନାବାଳିକାଙ୍କ ବାପା ମଙ୍ଗଳବାର ଅସ୍ତରଙ୍ଗ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୋକ୍ସୋ ଆକ୍ଟରେ ଏକ ମାମଲା ରୁଜୁ କରି ପୋଲିସ ତଦନ୍ତ ଚଳାଇଛି। ନାବାଳିକାଙ୍କ ଡାକ୍ତରୀ ପରୀକ୍ଷା ପାଇଁ ପୁରୀ ପଠାଇଛନ୍ତି।

# ସୁବର୍ଣ୍ଣପୁର-ଗବକୁଣ୍ଡ ସଂଯୋଗୀକରଣ ରାସ୍ତା ନିମ୍ନମାନର

ଗୋପ,୨୩।୭(ଭାରତୀ ଭୂଷଣ ଉପାଧ୍ୟାୟ)



ରାଜ୍ୟ ସରକାର ଗମନାଗମନ ଉପରେ ଅଧିକ ମାତ୍ରାରେ ଗୁରୁତ୍ୱ ଦେଉଥିବା ବେଳେ କେତେକ ଯନ୍ତ୍ରୀ ଓ ଠିକାଦାରଙ୍କ ଯୋଗୁଁ ରାସ୍ତା ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ହେଉଥିବା ଭଳି ଅଭିଯୋଗ ହେଉଥିବା ବେଳେ ଗୋପ ଗ୍ରାମ୍ୟ ଉନ୍ନୟନ ବିଭାଗର ସୁବର୍ଣ୍ଣପୁର-ଗବକୁଣ୍ଡ ସଂଯୋଗୀକରଣ ରାସ୍ତା ଏହାର ଏକ ଉଦାହରଣ ବୋଲି ଆଲୋଚନା ହେଉଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ରାସ୍ତା କାର୍ଯ୍ୟ ଠିକ୍ ନ ହେବା ଫଳରେ ଗୋପ ବ୍ଲକ ଓ ସାକ୍ଷୀଗୋପାଳ ବ୍ଲକର ୧୦ଟି ପଞ୍ଚାୟତର ଶତାଧିକ ଗାଁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ସରକାରଙ୍କ ଯେଉଁ ଲକ୍ଷ୍ୟ ତାହା ଏବେ ବାଟବଣା ହୋଇଥିବା ସରପଞ୍ଚ ପ୍ରଭାତ କୁମାର ବେହେରା କହିଛନ୍ତି। ପ୍ରକାଶ ଯେ, ପୂର୍ବତନ ସରକାର ଗମନାଗମନକୁ ଗୁରୁତ୍ୱ ଦେଇ ଗୋପ ବ୍ଲକ ସହିତ ସାକ୍ଷୀଗୋପାଳ ବ୍ଲକ ମଧ୍ୟରେ ସଂଯୋଗୀକରଣ ବାପା ହେଲେ ସାଧାରଣ ଲୋକମାନେ ଏହାର ସୁବିଧା ପାଇବେ ବୋଲି ଚିନ୍ତା କରି ୧୬ କି.ମି. ରାସ୍ତା ଲାଗି ୧୮ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟ କରିଥିଲେ। ଏହି ୧୬ କି.ମି. ରାସ୍ତା ଭିତରେ ଗୋପ ଓ ସାକ୍ଷୀଗୋପାଳ ବ୍ଲକ ଅଧୀନ ୧୦ ପଞ୍ଚାୟତର ଶତାଧିକ ଗାଁ ରହିଥିବା ବେଳେ ବନ୍ୟା ସମୟରେ ଏହି ରାସ୍ତା ଉପରେ ରାଜ୍ୟ ସରକାରଙ୍କ ବିଧାୟକ, ମନ୍ତ୍ରୀଙ୍କ ସହିତ ପ୍ରଶାସନିକ ଅଧିକାରୀମାନେ ନିର୍ଭର କରିଥାନ୍ତି। କିନ୍ତୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ଓ ୧୮ କୋଟି ଟଙ୍କା ରାସ୍ତା କାର୍ଯ୍ୟ ନେଇଥିବା ଠିକାଦାର ସଂସ୍ଥା ମଧ୍ୟରେ ସଲାସୁତୁରା ଯୋଗୁଁ ରାସ୍ତା ନିର୍ମାଣ କାର୍ଯ୍ୟ ଠିକ୍ ହୋଇ ନ ଥିବା ନୂଆଖୋଳମରା ସରପଞ୍ଚ ଉପେନ୍ଦ୍ର କାନୁନ୍‌ଗୋ, ଗଣେଶ୍ୱରପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ସ୍ୱାଇଁ କହିଛନ୍ତି। ଏବେ ଏହି ୧୬ କି.ମି. ରାସ୍ତାର ଅନେକ ସ୍ଥାନରେ ଫେଟର ବ୍ଲକ ଇଟା ଦବିଯିବା, ଅନେକ ସ୍ଥାନରେ ପିଚୁ ଉଠିଯାଇ ବଡ଼ ବଡ଼ ଗର୍ତ୍ତ ସୃଷ୍ଟି ହେବାରୁ ସାଧାରଣ ଲୋକମାନଙ୍କ ଯା' ଆସ ବନ୍ଦ ହୋଇଯାଇଛି। ଏପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ କୋଣାର୍କ ଗ୍ରାମ୍ୟ ଉନ୍ନୟନ ବିଭାଗର ସହକାରୀ ଯନ୍ତ୍ରୀ ହରିଶ ଚନ୍ଦ୍ର ପୂର୍ତ୍ତି କହିଛନ୍ତି, ରାସ୍ତା ଯାଇ ଦେଖିବା ପରେ ସମାଧାନ କରାଯିବ।


## NOTICE

This is for information that K.P. Enterprisers, that was operating at its old office at Flat No. 4-B, Block-B, 4'Th Floor, Swastik Enclave, Buxi Bazar, Cuttack-753001, after a resolution between the partners on 21.07.2025 have resolved and registered a Notary with Sl. No. 2571, dt. 22.07.2025 that they shall now operate from "Plot No. 2078, 3'Rd Floor, Dhanawat Compound, Mahatab Road, Cuttack-753012". This is for general information and notice.

See Career Appointment on every Wednesday & Saturday

## TPWODL
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**T.No.TPWODL/PJ/O/SU/2500001018 Date: 23.07.2025**

TP Western Odisha Distribution Limited, invites tender quotations (in 2part bidding) from the eligible vendors for the following package :

**One Year RC for supply of Different types of LED Light.**

Interested bidders are to submit Tender Participation Fee and Authorization Letter through email only on or before **2nd Aug 2025, 15:00Hrs.**, after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- Head- Contracts & Procurement

## ପୂର୍ବ ତଟ ରେଳପଥ

(1) ଟେଣ୍ଡର ବିଜ୍ଞପ୍ତି ସଂ. MSM-TW-CERT-SBP-17-25

ଆନୁମାନିକ ମୂଲ୍ୟ : ₹ 25,07,468/-, EMD : ₹ 50,200/-, କାର୍ଯ୍ୟ ଶେଷ ହେବା ଅବଧି : 24 ମାସ।

(2) ଟେଣ୍ଡର ବିଜ୍ଞପ୍ତି ସଂ. MSM-HYDPNE-SBP-KBJ-18-25

ଆନୁମାନିକ ମୂଲ୍ୟ : ₹ 40,35,968/-, EMD : ₹ 80,700/-, ଟେଣ୍ଡର ଫର୍ମ ମୂଲ୍ୟ : ₹ 3,540/-, କାର୍ଯ୍ୟ ଶେଷ ହେବା ଅବଧି : 36 ମାସ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: 06.08.2025, 1500 ଘଣ୍ଟା (ଉଭୟ ଟେଣ୍ଡର ନିମନ୍ତେ)।

www.ireps.gov.in

PR-390/Q/25-26

## Government of Jharkhand
Urban Development and Housing Department
PHUSRO NAGAR PARISHAD (BOKARO)

**Very Short Term Notice Inviting Tender**
**Re-E-Tender Notice No. : - PMC/04/2024-25 (2nd Call)**

| Group No. | Tender Reference No. | Description | Estimated Cost in Rs. | Earnest Money in Rs. | BOQ Document Fees in Rs. | Duration for Work |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 7 | PMC/07/ 04/2024-25 | Providing and Constructing of PCC Road work from Ragho Yadav House to Laxmi Paswan House to Rajendra Chouhan House, Hero Shop To Thakur House, Naveen Thakur House to Bangla Tak, Manoj Singh House to Karipani Main Road, Bijli Ghar to Varun Singh Office, Ganga Rajak House to Manoj Sharma House, Raju House to Chotu Shop, Main Road to Sarju Chouhan House, Back of New Qrtr to Shamshan Ghat upto 1700 M Length Under Nagar Parishad Phusro (Bokaro) | 1,00,51,483 | 2,01,100 | 10,000 | 06 Month |

1. Date of Publication of Tender on website (Online) - 25.07.2025 From 10:30 AM (Uploading of Bid Online Only)
2. Date of Downloading of Tender on website (Online) - 25.07.2025 From 10:30 AM (Downloading Bid Online Only)
3. Last Date and Time of Submitting of Bids (Online) - 31.07.2025 up to 05:00 PM (Submitting Bid Online Only)
4. Date and Time of Opening of Bid (Online Only) - 01.08.2025 From 10:30 AM (Opening of Bid Online Only)
5. Name of Online E-Tender Notice Inviting Officer - Mr. Rajeev Ranjan (Administrator, Phusro Nagar Parishad)
6. Name and Address of E-Tender Notice Inviting Office - Office of The Administrator, Phusro Nagar Parishad (Bokaro)
7. Contact No. of E-Procurement Officer - 06549-356303
8. Help Line No. of E-Procurement Office - 06549-356303
9. Only E-Tenders will be accepted. Further details can be seen on website http://jharkhandtenders.gov.in
10. The Executive Officer/Authority have reserves the right to reject/cancel/ postponed/extend of any one or all tender accepts at any stage without assigning any reasons and which can't be challenged in any court.
11. Estimated Cost/BOQ Quantity may be vary increase or decrease as per decision and direction by Technical Authority/Phusro Nagar Parishad, Bokaro and all term & conditions will be applicable as per given in NIT.

PR 357973 Urban Development(25-26).D

Administrator
Phusro Nagar Parishad,Bokaro

## ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ (ଇ-ୟୁଜିବି)
## ଡିମାଣ୍ଡ ନୋଟିସ୍

କ୍ଷେତ୍ରୀୟ କାର୍ଯ୍ୟାଳୟ-ବ୍ରହ୍ମପୁର, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଇ-ମେଲ: ro.berhampur@ukgb.in

ସିକ୍ୟୁରିଟାଇଜେସନ ଆଣ୍ଡ ରିକନଷ୍ଟ୍ରକ୍ସନ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ

| ଶାଖା / ଋଣଗ୍ରହୀତା / ଜାମିନଦାରଙ୍କ ନାମ ଓ ଠିକଣା | ନୋଟିସ୍ ତାରିଖ / ବକେୟା ପରିମାଣ | ସମ୍ପତ୍ତିଗୁଡ଼ିକର ବିବରଣୀ / ଋଣ ପ୍ରକାର |
|---|---|---|
| କୋଦଳା ଶାଖା / ... | ୦୪.୦୭.୨୦୨୫ | ... |
| କୋଦଳା ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ କୃଷ୍ଣ ପ୍ରଧାନ ... | ୦୪.୦୭.୨୦୨୫ | ଶ୍ରୀ କୃଷ୍ଣ ପ୍ରଧାନ ... |
| ନୁଆପେଣ୍ଠ ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତା: ସ୍ୱ ରାମ ଚନ୍ଦ୍ର ସାହୁ ... | ୨୭.୦୬.୨୦୨୫ | ସ୍ୱ ରାମ ଚନ୍ଦ୍ର ସାହୁ ... |

ସ୍ଥାନ: ବ୍ରହ୍ମପୁର
ତାରିଖ: ୨୩.୦୭.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ

# କୋହିନୂର୍ ଫେରାଇ ଆଣିବାକୁ ଆଇସିଜେରେ ଆବେଦନ

ଭୁବନେଶ୍ୱର,୨୩।୭(ସୌମ୍ୟରଞ୍ଜନ ରାଉତ)



ପିଟିଶନ ଦାଖଲ ସମ୍ପର୍କରେ ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ ସୂଚନା ଦେଉଛନ୍ତି।

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୋହିନୂର ହୀରା ଶ୍ରୀମନ୍ଦିରକୁ ଫେରାଇ ଆଣିବା ପାଇଁ ନେଦରଲାଣ୍ଡର ହେଗ୍‌ସ୍ଥିତ ଅନ୍ତର୍ଜାତୀୟ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ରେ ଗତ ଜୁଲାଇ ୧୪ରେ ଶ୍ରୀଜଗନ୍ନାଥ ସେନା ଆବାହକ ଆଇନଜୀବୀ ଡ. ପ୍ରିୟଦର୍ଶନ ପଟ୍ଟନାୟକ ଆବେଦନ କରିଛନ୍ତି। ବିଶ୍ୱର ୧୨୦ କୋଟି ଜଗନ୍ନାଥପ୍ରେମୀଙ୍କ ପକ୍ଷରୁ ସେ ଏହି ଆବେଦନ କରିଥିବା ଡ. ପଟ୍ଟନାୟକ ସୂଚନା ଦେଇଛନ୍ତି।

ଡ. ପଟ୍ଟନାୟକ ତାଙ୍କ ଆବେଦନପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କୋହିନୂର ବିଶ୍ୱର ମୂଲ୍ୟବାନ ହୀରା, ଯାହା ୧୦୫ କ୍ୟାରେଟ୍‌ର। ଏହି କ୍ୟାରେଟ୍‌ର ହୀରା ବିଶ୍ୱରେ ନାହିଁ। ତତ୍କାଳୀନ ପଞ୍ଜାବର ରାଜା ରଞ୍ଜିତ ସିଂ ୧୮୩୯ରେ କୋହିନୂର ହୀରାକୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରିଥିଲେ। ରାଜା ରଞ୍ଜିତ ସିଂ ତାଙ୍କ ୱିଲ ବା ଇଚ୍ଛାପତ୍ରରେ ଏହା ଉଲ୍ଲେଖ କରିଥିଲେ। ମହାରାଜା ରଞ୍ଜିତ ସିଂଙ୍କ ତୀର୍ଥଗୁରୁ ଶ୍ରୀମନ୍ଦିରର ପଣ୍ଡା ସେବକ ତଥା ଅବିଭକ୍ତ ପଞ୍ଜାବର ଯାତ୍ରୀପଣ୍ଡା ପୁରୀର କଳିଯୁଗ ପ୍ରତିହାରୀଙ୍କ ନିକଟରେ ସୁରକ୍ଷିତ ଭାବେ ରହିଛି। ପୂର୍ବରୁ କୋହିନୂର ଫେରାଇ ଆଣିବା ପାଇଁ ଇଂଲଣ୍ଡ ସରକାରଙ୍କ ନିକଟରେ ଦେଶ ପକ୍ଷରୁ ଆବେଦନ କରାଯାଇଥିଲା। ହେଲେ କୋହିନୂର ନ ଫେରାଇବା ପାଇଁ ଇଂଲଣ୍ଡ ସରକାର ଡିଭାଇଡିଂ ରୁଲ ଲାଗୁ କରିଥିଲେ। ଅର୍ଥାତ କୋହିନୂରର ଦାବିଦାର ଆଫଗାନସ୍ଥାନ, ବାଂଲାଦେଶ, ପାକିସ୍ତାନ, ଇରାନ ଓ ଭାରତ ବୋଲି କହି ଏହି ପ୍ରସଙ୍ଗକୁ ଅତି ଚତୁରତାର ସହ ଏଡ଼ାଇ ଯାଇଥିଲେ। ଯେହେତୁ ବିଭିନ୍ନ ଦେଶ ଏହାର ଦାବିଦାର ବୋଲି ଜିଦ୍ ଧରିଲେ ତେଣୁ ଏହି ପ୍ରସଙ୍ଗଟି ଗୋଳମାଳିଆ ହୋଇଗଲା ଏବଂ ବ୍ରିଟିଶ ସରକାର ନିଜ ଫାଇଦାରେ ରହିଲେ। କିନ୍ତୁ ଏହି ହୀରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବୋଲି ଶ୍ରୀଜଗନ୍ନାଥ ସେନା ନିବେଦନ କରିଛି। ତେଣୁ ମହାପ୍ରଭୁ ଶ୍ରୀଜଗନ୍ନାଥ ସେମାନଙ୍କର ବୋଲି ବାଂଲାଦେଶ, ଇରାନ କି ପାକିସ୍ତାନ କେହି କହିବେ ନାହିଁ। ଷ୍ଟେଟ୍ ଆର୍କାଇଭରୁ ଏକ ମିଲିଟାରି ଡକ୍ୟୁମେଣ୍ଟ ଶ୍ରୀଜଗନ୍ନାଥ ସେନାର ହସ୍ତଗତ ହୋଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ରଞ୍ଜିତ ସିଂହ ୧୮୩୯ରେ ଇରାନ୍‌ର ନାଦିର ଶାହାଙ୍କୁ ଯୁଦ୍ଧରେ ହରାଇ ତାଙ୍କଠାରୁ କୋହିନୂର ହୀରା ଆଣିଥିଲେ। ମହାରାଜା ରଞ୍ଜିତ ସିଂ ଯେତେବେଳେ ପଞ୍ଜାବ ଫେରୁଥିଲେ, ବାଟରେ ସେ ଦୃଷ୍ଟିଶକ୍ତି ହରାଇ ବସିଲେ। ଖାଇବରପାସ୍ (ଭାରତ-ପାକିସ୍ତାନ-ଆଫଗାନିସ୍ତାନ ସୀମାବର୍ତ୍ତୀ ଅଞ୍ଚଳ)ଠାରେ ତାଙ୍କର ଶେଷ ଇଚ୍ଛାପତ୍ରରେ ସେ ଉଲ୍ଲେଖ କରିଥିଲେ ଯେ, ତାଙ୍କର ଦୃଷ୍ଟିଶକ୍ତି କମୁଥିବାରୁ ସେ କୋହିନୂର ହୀରାକୁ ମହାପ୍ରଭୁଙ୍କୁ ଦାନ କରୁଛନ୍ତି। ଏହାଦ୍ୱାରା ସେ ଦୃଷ୍ଟିଶକ୍ତି ଫେରିପାଇବେ ବୋଲି ଚିନ୍ତାକରି ଏଭଳି ନିଷ୍ପତ୍ତି ନେଇଥିଲେ। ଏଥିସହ ଚାରିଧାମକୁ ୫୦ ହଜାର ଲେଖାଏ ସ୍ୱର୍ଣ୍ଣମୁଦ୍ରା ଦାନ ଦେଇଥିଲେ। କୋହିନୂରକୁ ପୁରୁଷ ପରିଧାନ କଲେ ଦୃଷ୍ଟିଶକ୍ତି ହରାଇ ବସିବେ ବୋଲି କୁହାଯାଏ। ବୁଧବାର ସୂଚନା ଭବନରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଆବାହକ ଡ. ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି।



ବୁଧବାର ଅପରାହ୍ନରେ ପ୍ରବଳ ବର୍ଷା ପରେ ରସୁଲଗଡ଼-କଳ୍ପନା ଛକ ରାସ୍ତାରେ ଟ୍ରାଫିକ୍ ଜାମ୍। (ଫଟୋ: ବିକାଶ ନାୟକ)

## ୨ ବାଇକ୍ ମୁହାଁମୁହିଁ ଧକ୍କା: ଜଣେ ମୃତ, ଜଣେ ଗୁରୁତର

ନିମାପଡ଼ା,୨୩।୭(ବିଚିତ୍ରାନନ୍ଦ ସାହୁ)

ପୁରୀ ଜିଲା ନିମାପଡ଼ା-ଗୋପ ରାସ୍ତାର ଝାମ୍ପୁଲାକୁଦ ବଡ଼ରିକୋଲ ଛକ ନିକଟରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ ୨ ବାଇକ୍ ଚାଳକଙ୍କୁ ଉଦ୍ଧାର କରି ନିମାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ଡାକ୍ତର ଜଣେ ବାଇକ୍ ଚାଳକଙ୍କୁ ମୃତ ଘୋଷଣା କରିଥିଲେ। ମୃତ ବାଇକ୍ ଚାଳକ ହେଲେ ବଳଙ୍ଗା ଥାନା ବରିମୁଣ୍ଡେଇ ଗ୍ରାମର ଦେବାଶିଷ ପଣ୍ଡା। ଅନ୍ୟଜଣେ ଗୁରୁତର ବାଇକ୍ ଚାଳକ ଚାରିଛକ ଥାନା ଅମରେଶ୍ୱର ଅଗର ଶାସନ ଗ୍ରାମର ତୋଫାନ କାଣ୍ଡିଙ୍କୁ କ୍ୟାପିଟାଲ ହସ୍ପିଟାଲ୍‌କୁ ସ୍ଥାନାନ୍ତର କରାଯାଇଛି। ଖବରପାଇ ନିମାପଡ଼ା ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ୨ ବାଇକ୍‌କୁ ଜବତ କରିଛି। ଆଇଆଇସି ବାମଦେବ ସ୍ୱାଇଁ, ଏସ୍ଆଇ ଦିଲୀପ ପଣ୍ଡା ମେଡିକାଲରେ ପହଞ୍ଚି ଘଟଣାର ତଦନ୍ତ ଚଳାଇଛନ୍ତି। ଦେବାଶିଷ ନିଜ ବାଇକ୍‌ରେ ନିମାପଡ଼ାରୁ ଗୋପ ଅଭିମୁଖେ ଯାଉଥିବା ବେଳେ ବିପରୀତ ଦିଗରୁ ତୋଫାନ କାଣ୍ଡି ତାଙ୍କ ବାଇକ୍‌ରେ ନିମାପଡ଼ା ଆସୁଥିଲେ।

## ଛାତ୍ରୀଙ୍କ ନିରାପତ୍ତା ସୁନିଶ୍ଚିତ କରାଯାଉ

### ଏଆଇଡିଏସ୍ଓର ବିକ୍ଷୋଭ, ଶୋଭାଯାତ୍ରା

ଭୁବନେଶ୍ୱର,୨୩।୭ (ସୁଚିସ୍ମିତା ସାହୁ)

ରାଜ୍ୟରେ ଛାତ୍ରୀଙ୍କ ଉପରେ ହେଉଥିବା ନିର୍ଯାତନା, ବଳାତ୍କାର ଆଦି ଘଟଣାରେ ଅଭିଯୁକ୍ତଙ୍କୁ କଠୋର ଦଣ୍ଡ ଦେବା, ଶିକ୍ଷାନୁଷ୍ଠାନ ବାହାରେ ଓ ଭିତରେ ଛାତ୍ରୀଙ୍କ ନିରାପତ୍ତାକୁ ସୁନିଶ୍ଚିତ କରାଯିବା ଆଦି ବିଭିନ୍ନ ଦାବି ନେଇ ଏଆଇଡିଏସ୍ଓ, ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ବୁଧବାର ସଚିବାଳୟ ସମ୍ମୁଖରେ ଛାତ୍ର ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟର ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ହଜାର ହଜାର ଛାତ୍ରୀଛାତ୍ର ସ୍ଲୋଗାନ ଦେଇ ଏକ ଶୋଭାଯାତ୍ରାରେ ରାଜମହଲ ଛକରୁ ଆସି ସଚିବାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ ।

ବିକ୍ଷୋଭସ୍ଥଳରେ ଏଆଇଡିଏସ୍ଓ ରାଜ୍ୟ ସମ୍ପାଦକ ସିଦ୍ଧାର୍ଥ ରଥଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିବାଦ ସଭାରେ ରାଜ୍ୟ ସଭାପତି ସୋମନାଥ ବେହେରା, କେନ୍ଦ୍ରୀୟ ପରିଷଦର ଯୁଗ୍ମସମ୍ପାଦକ ସମର ମହାତୋ, ବିଭିନ୍ନ ଶିକ୍ଷାନୁଷ୍ଠାନରୁ ଆସିଥିବା ଛାତ୍ରନେତାମାନେ ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ରାଜ୍ୟ ଉପସଭାନେତ୍ରୀ ନିରୁପମା ବେହେରା, କୋଷାଧ୍ୟକ୍ଷା ସପ୍ତର୍ଷିନୀ ରାଉଳ, ସମ୍ପାଦକ ମଣ୍ଡଳୀ ସଦସ୍ୟ ହରେକୃଷ୍ଣ ଦାସ, ମଧୁସୂଦନ ବାଗ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧି ମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ରାଜ୍ୟର ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପାଖରୁ ସଂଗୃହୀତ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିଥିଲେ।

## 'ସମସ୍ତ ଶାସ୍ତ୍ରର ନିର୍ଯାସ ହେଉଛି ବିଜ୍ଞାନ'



ପଦ୍ମିନୀ ରଥଙ୍କ ବାର୍ଷିକ ସ୍ମୃତି ସମାରୋହରେ ଶ୍ରୀଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବକ୍ତା ସତ୍ୟାନନ୍ଦ ଦାସ ମହାରାଜଙ୍କୁ ସମ୍ମାନିତ କରାଯାଉଛି।

### ପଦ୍ମିନୀ ରଥଙ୍କ ୧୦ମ ବାର୍ଷିକ ସ୍ମୃତି ସମାରୋହ

କଟକ,୨୩।୭(କାର୍ତ୍ତିକ ସାହୁ)

ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପକ୍ଷରୁ ମହୀୟସୀ ପଦ୍ମିନୀ ରଥଙ୍କ ୧୦ମ ଶ୍ରାଦ୍ଧବାର୍ଷିକୀ ସମାରୋହ 'ସ୍ମୃତିରେ ପଦ୍ମିନୀ ରଥ' ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟର ପଦ୍ମିନୀ ଅଡିଟୋରିୟମ୍‌ଠାରେ ଆୟୋଜିତ ସ୍ମୃତିଚାରଣ ସମାରୋହରେ ମୁଖ୍ୟ ପୁରୋଧା ଭାବେ ଶ୍ରୀଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରବକ୍ତା ସତ୍ୟାନନ୍ଦ ଦାସ ମହାରାଜ ଯୋଗଦେଇ କହିଲେ, ସଂସାରରେ ପିତାମାତା ହେଉଛନ୍ତି ଶ୍ରେଷ୍ଠ, ଯାହା ଶ୍ରୀଜଗନ୍ନାଥ ସଂସ୍କୃତିରେ ବିଶେଷ ପ୍ରତିଫଳିତ। ନିଜର କାର୍ଯ୍ୟ ଏଭଳି ହେବା ଦରକାର ମୃତ୍ୟୁ ପରେ ବି ମନୁଷ୍ୟ ଜନମାନସରେ ଅମର ହୋଇରହିବ। ଆଜିର ଜ୍ଞାନବିଜ୍ଞାନ ଯୁଗରେ ଆଧ୍ୟାତ୍ମିକତାର ଗୁରୁତ୍ୱ ସମ୍ପର୍କରେ ଉଲ୍ଲେଖ କରି ବାବା ସତ୍ୟାନନ୍ଦ କହିଲେ, ଯେଉଁଠି ବିଜ୍ଞାନ ନୀରବିଯାଏ, ସେହିଠାରୁ ଆଧ୍ୟାତ୍ମିକତାର ଆରମ୍ଭ। ଧର୍ମକୁ ଛାଡ଼ି ବିଜ୍ଞାନ ସ୍ଥିତି ନାହିଁ, ସେମିତି ସମସ୍ତ ଶାସ୍ତ୍ରର ନିର୍ଯାସ ହେଉଛି ବିଜ୍ଞାନ- ଏହାକୁ ପ୍ରତ୍ୟେକ ବୁଝିବା ଦରକାର। ପ୍ରାରମ୍ଭରେ ପଦ୍ମିନୀ ରଥଙ୍କ ପ୍ରତିକୃତି ନିକଟରେ ପ୍ରଦୀପ ପ୍ରଜ୍ୱଳନ ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ବିଶ୍ୱବିଦ୍ୟାଳୟ ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର ମୁଖ୍ୟଅତିଥିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଧନେଶ୍ୱର ରଥ ଫାଉଣ୍ଡେଶନ ଆବାହକ ନିରାକାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ନିମନ୍ତ୍ରିତ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପ୍ରଶାନ୍ତ କୁମାର ବେହେରା, କୁଳପତି ପ୍ରଫେସର ଡ. ପ୍ରକାଶ କୁମାର ହୋତା, ରେଜିଷ୍ଟ୍ରାର ଡ. ଭକ୍ତ ଚରଣ ପ୍ରଧାନ, ଓଡ଼ିଶା ଲୋକସେବା ଆୟୋଗର ପୂର୍ବତନ ଅଧ୍ୟକ୍ଷ ଡ. ସତ୍ୟଜିତ୍ ମହାନ୍ତି, ପ୍ରଫେସର ଡା. ବିରଞ୍ଚି ନାରାୟଣ ମହାପାତ୍ର, ଡ. ତିରୁପତି ପାଣିଗ୍ରାହୀ, ଡ. ଅଶୋକ କୁମାର ବାସା, ଶିଳ୍ପୋଦ୍ୟୋଗୀ ପଦ୍ମଲୋଚନ ପାତ୍ର, ଭାଳଚନ୍ଦ୍ର ମହାନ୍ତି, ଡ. ପ୍ରଭାକର ସ୍ୱାଇଁ, ଡ. ବିଜୟାନନ୍ଦ ସିଂ, ଭାସ୍କର୍ଯ୍ୟ ଶିଳ୍ପୀ ରବି ରଥ, ଚୌଧୁରୀ ହେମନ୍ତ କୁମାର ସାହୁ, ଏମ୍‌ପିଙ୍କ ପ୍ରତିନିଧି ପ୍ରଫୁଲ୍ଲ କୁମାର ସ୍ୱାଇଁ, ଅବସରପ୍ରାପ୍ତ ପ୍ରଶାସକ ପ୍ରଫୁଲ୍ଲ ଚନ୍ଦ୍ର ରଥ, ଇଂ ଲଳିତ ମୋହନ ମିଶ୍ର, ଡ. ରୁଦ୍ରନାରାୟଣ ମିଶ୍ର, ଅଖିଳ ମୋହନ ମହାପାତ୍ର, ଶାନ୍ତନୁ କୁମାର ଶତପଥୀ, ପ୍ରଫେସର ଡା. ଶକ୍ତି ପ୍ରସାଦ ଦାସ, ପ୍ରଫେସର ଡା. ଶିଶୁ ଶଙ୍କର ମିଶ୍ର, ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା, ଡା. ଶକ୍ତି ପ୍ରସାଦ ସାହୁ, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ସନ୍ତୋଷ କୁମାର ଧର, 'ପଦ୍ମିନୀ କେୟାର' ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡା. ଜ୍ୟୋତି ପ୍ରକାଶ ପରିଜା, ଉତ୍କଳ ରଞ୍ଜନ ଦାସ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ପ୍ରଶାନ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ସହ ଅଧ୍ୟକ୍ଷ ଇଂ ଦୁର୍ଗାପ୍ରସାଦ ରଥ, ଶିବ ପ୍ରସାଦ ରଥଙ୍କ ସମେତ ରଥ ପରିବାରର ସଦସ୍ୟ ପ୍ରମୁଖ ଯୋଗଦେଇଥିଲେ। ପଦ୍ମିନୀ କେୟାର ହସ୍ପିଟାଲ ପକ୍ଷରୁ ପଦ୍ମିନୀ ରଥଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା।

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ବିଜ୍ଞପ୍ତି ସଂ. MSM-TW-CERT-SBP-17-25

**କାର୍ଯ୍ୟର ନାମ :** ଦୁଇ ବର୍ଷ ଅବଧି ନିମନ୍ତେ ସମ୍ବଲପୁର ସଦର ଠାରେ 20 KG. CI ଟେଷ୍ଟ ୱେଟ୍ସର ଲୋଡ଼ିଙ୍ଗ / ଅନଲୋଡ଼ିଙ୍ଗ, ପେଣ୍ଟିଙ୍ଗ, ସମନ୍ୱୟ ଏବଂ ପରୀକ୍ଷଣ, ଓଜନ ଏବଂ ମାପ ଆଇନ୍ ଓ ନିୟମ ଅନୁଯାୟୀ ଷ୍ଟେଟ୍ ଲିଗାଲ୍ ମେଟ୍ରୋଲୋଜି ବିଭାଗ, ଓଡ଼ିଶା ଦ୍ୱାରା ଯାଞ୍ଚ ପ୍ରମାଣପତ୍ର ଜାରି କରିବା ସହିତ ପରୀକ୍ଷଣ ୱାଗନର କ୍ରମାଙ୍କନ ଏବଂ ମୋହର ମାରିବା (Calibration and Stamping) ନିମନ୍ତେ ଶ୍ରମିକ ପ୍ରଦାନ କରିବା ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 25,07,468/-, EMD : ₹ 50,200/-, କାର୍ଯ୍ୟ ଶେଷ ହେବା ଅବଧି: 24 ମାସ ।

(2) ଟେଣ୍ଡର ବିଜ୍ଞପ୍ତି ସଂ. MSM-HYDPNE-SBP-KBJ-18-25

**କାର୍ଯ୍ୟର ନାମ :** ତିନି ବର୍ଷ ନିମନ୍ତେ ସମ୍ବଲପୁର ଏବଂ କଣ୍ଟାବାଞ୍ଜିର 140T BD କ୍ରେନ୍‌ର ହାଇଡ୍ରୋଲିକ୍ ଏବଂ ନ୍ୟୁମେଟିକ୍ (Hydraulic and Pneumatic) ସିଷ୍ଟମ୍ (ମୁଖ୍ୟ ଇଞ୍ଜିନ୍ ଏବଂ SLI ସିଷ୍ଟମ ବ୍ୟତୀତ ସମସ୍ତ ସିଷ୍ଟମ)ର ରକ୍ଷଣାବେକ୍ଷଣ ନିମନ୍ତେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 40,35,968/-, EMD : ₹ 80,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,540/-, କାର୍ଯ୍ୟ ଶେଷ ହେବା ଅବଧି : 36 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** 06.08.2025, 1500 ଘଣ୍ଟିକା (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଡିଭିଜନାଲ ମେକାନିକାଲ ଇଂଜିନିୟର(Frt), ସମ୍ବଲପୁର
PR-390/Q/25-26

**NOTICE**

This is for information that K.P. Enterprisers, that was operating at its old office at Flat No. 4-B, Block-B, 4'Th Floor, Swastik Enclave, Buxi Bazar, Cuttack-753001, after a resolution between the partners on 21.07.2025 have resolved and registered a Notary with Sl. No. 2571, dt. 22.07.2025 that they shall now operate from "Plot No. 2078, 3'Rd Floor, Dhanawat Compound, Mahatab Road, Cuttack-753012". This is for general information and notice.

See Career Appointment on every Wednesday & Saturday

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**T.No.TPWODL/PJ/O/SU/2500001018 Date: 23.07.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**One Year RC for supply of Different types of LED Light.**

Interested bidders are to submit Tender Participation Fee and Authorization Letter through email on or before **2nd Aug 2025, 15:00Hrs.**, after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- Head- Contracts & Procurement

**Government of Jharkhand**
**Urban Development and Housing Department**
**PHUSRO NAGAR PARISHAD (BOKARO)**

**Very Short Term Notice Inviting Tender**
**Re-E-Tender Notice No. : - PMC/04/2024-25 (2nd Call)**

| Group No. | Tender Reference No. | Description | Estimated Cost in Rs. | Earnest Money in Rs. | BOQ Document Fees in Rs. | Duration for Work |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 7 | PMC/07/04/2024-25 | Providing and Constructing of PCC Road work from Ragho Yadav House to Laxmi Paswan House to Rajendra Chouhan House, Hero Shop To Thakur House, Naveen Thakur House to Bangla Tak, Manoj Singh House to Karipani Main Road, Bijli Ghar to Varun Singh Office, Ganga Rajak House to Manoj Sharma House, Raju House to Chotu Shop, Main Road to Sarju Chouhan House, Back of New Qrtr to Shamshan Ghat upto 1700 M Length Under Nagar Parishad Phusro (Bokaro) | 1,00,51,483 | 2,01,100 | 10,000 | 06 Month |

1. Date of Publication of Tender on website (Online) - 25.07.2025 From 10:30 AM (Uploading of Bid Online Only)
2. Date of Downloading of Tender on website (Online) - 25.07.2025 From 10:30 AM (Downloading Bid Online Only)
3. Last Date and Time of Submitting of Bids (Online) - 31.07.2025 up to 05:00 PM (Submitting Bid Online Only)
4. Date and Time of Opening of Bid (Online Only) – 01.08.2025 From 10:30 AM (Opening of Bid Online Only)
5. Name of Online E-Tender Notice Inviting Officer - Mr. Rajeev Ranjan (Administrator, Phusro Nagar Parishad)
6. Name and Address of E-Tender Notice Inviting Office - Office of The Administrator, Phusro Nagar Parishad (Bokaro)
7. Contact No. of E-Procurement Officer – 06549-356303
8. Help Line No. of E-Procurement Office - 06549-356303
9. Only E-Tenders will be accepted. Further details can be seen on website http://jharkhandtenders.gov.in
10. The Executive Officer/Authority have reserves the right to reject/cancel/ postponed/extend of any one or all tender accepts at any stage without assigning any reasons and which cann't be challenged in any court.
11. Estimated Cost/BOQ Quantity may be vary increase or decrease as per decision and direction by Technical Authority/PhusroNagar Parishad, Bokaro and all term & conditions will be applicable as per given in NIT .

PR 357973 Urban Development(25-26).D

Administrator
Phusro Nagar Parishad,Bokaro

# ଦୋଷୀଙ୍କୁ କଠୋର ଦଣ୍ଡ ଦିଆଯାଉ

ଭୁବନେଶ୍ୱର,୨୩।୭ (ସୁଚିସ୍ମିତା ସାହୁ)

### ସଚିବାଳୟ ସମ୍ମୁଖରେ ଏଆଇଏମ୍ଏସ୍ଏସ୍‌ର ବିକ୍ଷୋଭ

ଏଫ୍ଏମ୍ କଲେଜ ଛାତ୍ରୀ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟଣାରେ ସମ୍ପୃକ୍ତ ସମସ୍ତ ଦୋଷୀ ଏବଂ ବଳଙ୍ଗା ଛାତ୍ରୀ ପୋଡ଼ି ଘଟଣାର ଅଭିଯୁକ୍ତମାନଙ୍କୁ ଗିରଫ କରି କଠୋର ଦଣ୍ଡ ଦିଆଯାଉ। ରାଜ୍ୟରେ ପ୍ରତିଦିନ ଘଟୁଥିବା ବଳାତ୍କାର, ହତ୍ୟା, ଯୌନ ଶୋଷଣ ଓ ମାନସିକ ନିର୍ଯାତନା ଆଦି ଘଟଣାରେ ଅଭିଯୁକ୍ତମାନଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଅଲ୍‌ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ (ଏଆଇଏମ୍ଏସ୍ଏସ୍)ର ଓଡ଼ିଶା ଶାଖା ପକ୍ଷରୁ ଦାବି କରାଯାଇଛି। ଏ ନେଇ ବୁଧବାର ଏଆଇଏମ୍ଏସ୍ଏସ୍ ପକ୍ଷରୁ ରାଜ୍ୟ ସଚିବାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ସୌମ୍ୟାଶ୍ରୀଙ୍କ ମୃତ୍ୟୁର ଦଶ ଦିନ ବିତିଯାଇଥିଲେ ମଧ୍ୟ ସମସ୍ତ ଦୋଷୀଙ୍କୁ ଗିରଫ କରାଯାଇନାହିଁ । କେବଳ ତଦନ୍ତ କରାଯାଉଥିବା କହି ସମୟ ଗଡ଼ାଯାଉଛି। ଅନ୍ୟପକ୍ଷରେ ବଳଙ୍ଗା ଘଟଣା ସମେତ ବହୁ ଘଟଣା ପ୍ରତିଦିନ ଘଟିଚାଲିଛି, ଯାହାକି ରାଜ୍ୟବାସୀଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି। ସଙ୍ଗଠନର ରାଜ୍ୟ ସଭାନେତ୍ରୀ ସ୍ୱୟଂପ୍ରଭା ନାୟକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାବେଶରେ ସର୍ବଭାରତୀୟ ସାଧାରଣ ସମ୍ପାଦିକା ଛବି ମହାନ୍ତି ରାଜ୍ୟରେ ଛାତ୍ରୀ ଓ ମହିଳାଙ୍କ ନିରାପତ୍ତାବିହୀନ ସ୍ଥିତି ସମ୍ପର୍କରେ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ସମସ୍ୟା ବିରୋଧରେ ଲଢେଇ ଜୋରଦାର କରିବାକୁ ନାରୀ ସମାଜକୁ ସେ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ସମ୍ପାଦିକା ସରୋଜିନୀ ନାୟକ, ଲିଓନି ତିର୍କୀ, ସୁଲୋଚନା ପ୍ରଧାନ, ତରଙ୍ଗଣୀ ଦାସ, ବିଜୟଲକ୍ଷ୍ମୀ ପାତ୍ର, ମନ୍ଦୋଦରୀ ରାଉଳ, ମାଳବିକା ସାମଲ, ହୀରାମଣି ରାଉତ ଏବଂ ପ୍ରବାସିନୀ ରାଉଳ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଏକ ପ୍ରତିନିଧିମଣ୍ଡଳୀ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲେ।




ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଙ୍ଗଠନ (ଏଆଇଏମ୍ଏସ୍ଏସ୍)ର ଓଡ଼ିଶା ଶାଖା ପକ୍ଷରୁ ବୁଧବାର ଲୋୟର ପିଏମ୍‌ଜିରେ ବିକ୍ଷୋଭ। (ଫଟୋ- ମନୋରଞ୍ଜନ ମିଶ୍ର)

**ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ (ଇ-ୟୁଜିବି)**
କ୍ଷେତ୍ରୀୟ କାର୍ଯ୍ୟାଳୟ-ବ୍ରହ୍ମପୁର, ୨ୟ ଏବଂ ୩ୟ ମହଲା, ହର୍ଷ ଆର୍‌କେଡ୍, ସୁବା ରାଓ ସ୍କୋୟାର, ଜନାନା ହସ୍ପିଟାଲ ରୋଡ୍, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଇ-ମେଲ: ro.berhampur@ukgb.in

**ଡିମାଣ୍ଡ ନୋଟିସ୍**

**ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍**

ନିମ୍ନ ସ୍ୱାକ୍ଷରକାରୀ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ ୨୦୦୨ ର ରୁଲ୍ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ, ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କଥିତ ନୋଟିସ୍ ଅନୁଯାୟୀ ସେମାନଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ ଦେୟ ରାଶି ସହିତ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ ଆଦି ବ୍ୟାଙ୍କ / ସୁରକ୍ଷିତ ଋଣଦାତାଙ୍କୁ କଥିତ ନୋଟିସ୍‌ର ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଉକ୍ତ ନୋଟିସ୍‌କୁ ଏ.ଡି. ସହିତ ରେଜିଷ୍ଟ୍ରି ଡାକରେ ଋଣଗ୍ରହୀତାଙ୍କ ପାଖକୁ ପଠାଯାଇଥିଲା। କିନ୍ତୁ ତାହା ଡାକ ବିଭାଗ ପକ୍ଷରୁ ଅପ୍ରାପ୍ତି ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଫେରସ୍ତ ଆସିଛି। ବ୍ୟାଙ୍କ ଦ୍ୱାରା ବନ୍ଧକପ୍ରାପ୍ତ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ଏତଦ୍‌ଦ୍ୱାରା ପୁନଶ୍ଚ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏହି ନୋଟିସ୍ ପ୍ରକାଶିତ ହେବାର ୬୦ଦିନ ମଧ୍ୟରେ ସେମାନଙ୍କର ଆକାଉଣ୍ଟର ନିମ୍ନମତେ ଦର୍ଶିତ ବକେୟା ଦେୟରାଶି ସହିତ ପରବର୍ତ୍ତୀ ସୁଧ, ଦେୟ ଓ ଆଇନଗତ ଖର୍ଚ୍ଚ ପୈଠ କରିବାକୁ କୁହାଯାଇଛି। ଯଦି ସେମାନେ ବ୍ୟାଙ୍କକୁ ୬୦ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଦେୟ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ବିରୁଦ୍ଧରେ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ଏକ କିମ୍ବା ଏକାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ୍ୟ ହେବେ। କଥିତ ଆକ୍ଟର ଧାରା ୧୩(୧୩) ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ବ୍ୟାଙ୍କର ଅନୁମତି ବିନା ବିକ୍ରୟ, ଲିଜ୍ ଆଦି ମାଧ୍ୟମରେ ହସ୍ତାନ୍ତରିତ କିମ୍ବା ଦଖଲ କରିବା ପାଇଁ ସେମାନଙ୍କୁ ନିଷେଧ କରାଯାଉଅଛି। ବ୍ୟାଙ୍କ ଦ୍ୱାରା ପ୍ରଚଳିତ ବ୍ୟବସ୍ଥାରେ ବଳବତ୍ତର ଥିବା ଆଇନ ଅନୁଯାୟୀ ଆବଶ୍ୟକ ସ୍ଥଳେ ସଠିକ୍ ବିଚାର୍ଯ୍ୟ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ / ଆଇନଗତ ପ୍ରକ୍ରିୟା ଆରମ୍ଭ କରିବାର ଅଧିକାରକୁ ପ୍ରତିହତ ନକରି ଏହି ନୋଟିସ୍ ଜାରି କରାଯାଇଛି।

| ଶାଖା / ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ / ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ନୋଟିସ୍ ତାରିଖ / ବକେୟା ପରିମାଣ | ସମ୍ପତ୍ତିଗୁଡ଼ିକର ବିବରଣୀ / ଋଣ ପ୍ରକାର |
|---|---|---|
| କୋଦଳା ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ମହେଶ୍ୱର ରାଉତ, ପିତା: ସ୍ୱ ଧନୁ ରାଉତ, ସା: ବିରିବାଟିଆ, ପୋ: କେ. ବରିଡ଼ା, ଭାୟା: ବେଗୁନିଆପଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୩୧ / ଆକାଉଣ୍ଟ ନଂ.: ୮୪୦୬୦୩୪୪୫୮୨ | ୦୪.୦୬.୨୦୨୫ / ୦୪.୦୬.୨୦୨୫ ସୁଦ୍ଧା ଟ.୬,୧୮,୦୨୩.୦୦ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ଶ୍ରୀ ମହେଶ୍ୱର ରାଉତ, ପିତା: ଶ୍ରୀ ଧନୁ ରାଉତଙ୍କ ନାମରେ ରେକର୍ଡଭୁକ୍ତଥିବା ଜମି ଏବଂ ଗୃହ ଯାହାର ମୌଜା: ବିରିବାଟିଆ, ତହସିଲ: କୋଦଳା (୨୩୫), ଥାନା: କୋଦଳା (୨୩୫), ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୪୨୫/୧୮୬, ପ୍ଲଟ୍ ନଂ.: ୫୨୩/୩୨୪୫/୩୨୫୨, କ୍ଷେତ୍ର: ଏକର ୦.୦୧୩ ଡିସିମିଲି, ପ୍ଲଟ୍ ନଂ.: ୫୨୪/୩୨୪୬/୩୨୫୩, କ୍ଷେତ୍ର: ଏକର୦.୦୧୮ଡିସିମିଲି, ସମୁଦାୟ ୧ଟି ଖାତା, ୨ଟି ପ୍ଲଟ୍, ସମୁଦାୟ କ୍ଷେତ୍ର: ଏକର୦.୦୩୧ଡିସିମିଲି / ବନ୍ଧକ ଋଣ |
| କୋଦଳା ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଭ୍ରମର ପ୍ରଧାନ, ପିତା: ସ୍ୱ ଦିନ ପ୍ରଧାନ, ସା: ହରିଡ଼ାମୂଳ, ପୋ: ଶ୍ୟାମସୁନ୍ଦରପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୩୦ / ଆକାଉଣ୍ଟ ନଂ.: ୮୪୦୬୪୨୬୧୩୮୪ | ୦୪.୦୬.୨୦୨୫ / ୦୪.୦୬.୨୦୨୫ ସୁଦ୍ଧା ଟ.୯,୪୦,୯୩୩.୦୦ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ଶ୍ରୀ ଭ୍ରମର ପ୍ରଧାନ, ପିତା: ସ୍ୱ ଦିନ ପ୍ରଧାନଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହ ଯାହାର ମୌଜା: ହରିଡ଼ାମୂଳ, ତହସିଲ: ଖଲ୍ଲିକୋଟ (୨୬୩), ଥାନା: ଖଲ୍ଲିକୋଟ (୧୫୫), ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୩୮/୧୧୭, ପ୍ଲଟ୍ ନଂ.: ୩୯/୩୭୩, କ୍ଷେତ୍ର: ଏକର୦.୦୨୨ଡିସିମିଲି / ବନ୍ଧକ ଋଣ |
| ନୂଆପେଣ୍ଠ ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତା: ସ୍ୱ ରାମ ଚନ୍ଦ୍ର ସାହୁ, ପିତା: ସ୍ୱ ଭାଗିରଥି ସାହୁ, ସ୍ୱ ରାମ ଚନ୍ଦ୍ର ସାହୁଙ୍କୁ ପ୍ରତିନିଧିତ୍ୱ କରୁଥିବା ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ କୁନ୍ତି ସାହୁ, ସ୍ୱାମୀ: ସ୍ୱ ରାମ ଚନ୍ଦ୍ର ସାହୁ, ୨) ଶ୍ରୀ ସଞ୍ଜୟ ସାହୁ, ପିତା: ସ୍ୱ ରାମ ଚନ୍ଦ୍ର ସାହୁ, ୩) ଶ୍ରୀ | ୧୬.୧୦.୨୦୨୪ / ୧୬.୧୦.୨୦୨୪ ସୁଦ୍ଧା ଟ.୧୧,୮୫,୩୧୧.୦୦ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ସ୍ୱ ରାମ ଚନ୍ଦ୍ର ସାହୁ, ପିତା: ସ୍ୱ ଭାଗିରଥି ସାହୁଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହ ଯାହାର ମୌଜା: ଓଳପୁର, ଥାନା: ନୂଆଗାଁ, ତହସିଲ: ଚିକିଟି, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୩୯୧, ପ୍ଲଟ୍ ନଂ.: ୯୫୨, କ୍ଷେତ୍ର: ଏକର୦.୦୨୫ଡିସିମିଲି, କିସମ: ଘରବାରି/ ମିଆଦି ଋଣ |

ସନ୍ତୋଷ ସାହୁ, ପିତା: ସ୍ୱ ରାମ ଚନ୍ଦ୍ର ସାହୁ, ସମସ୍ତଙ୍କ ଠିକଣା ସା: ଓଳପୁର, ପୋ: ଚିକିଟିଗଡ଼, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦, ୪) ଶ୍ରୀମତୀ ସଞ୍ଜୁ ସାହୁ, ପିତା: ଶ୍ରୀ ରାମ ଚନ୍ଦ୍ର ସାହୁ, ସା: କାଳିଗାଁ, ପୋ: ଶ୍ରୀକାକୁଲମ, ଆନ୍ଧ୍ରପ୍ରଦେଶ, ପିନ୍-୫୩୨୩୧୨ / ଜାମିନ୍‌ଦାରମାନେ: ୧) ଶ୍ରୀ କୃଷ୍ଣ ଚନ୍ଦ୍ର ସାହୁ, ପିତା: ସ୍ୱ ଭାଗିରଥି ସାହୁ, ସା: ଧାନଘର, ପୋ: ଚିକିଟିଗଡ଼, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦, ୨) ଶ୍ରୀ ପ୍ରଭାକର ପଣ୍ଡା, ପିତା: ସ୍ୱ ରାମ ଚନ୍ଦ୍ର ପଣ୍ଡା, ସା: ତାଳପଡ଼ା, ପୋ: ଖାରିଆଗୁଡ଼ା, ଭାୟା: ସୁରଙ୍ଗୀ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦, ୩) ଶ୍ରୀ ଦେବରାଜ ସାହୁ, ପିତା: ସ୍ୱ ଭାଗିରଥି ସାହୁ, ସା: ଧାନଘର, ପୋ: ଚିକିଟିଗଡ଼, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦, ୪) ଶ୍ରୀ ଜଗନ୍ନାଥ ସାହୁ, ପିତା: ସ୍ୱ ଭାଗିରଥି ସାହୁ, ସା: ଓଳପୁର, ପୋ: ଚିକିଟିଗଡ଼, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦ / ଆକାଉଣ୍ଟ ନଂ.: ୧୩୫୩୫୪୪୪୧୭୧

ସ୍ଥାନ: ବ୍ରହ୍ମପୁର
ତାରିଖ: ୨୩.୦୭.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ

## ଆମ ବସ୍‌କୁ ଧକ୍କା ଦେଲା କାର୍

ବାରଙ୍ଗ,(ଲିଙ୍ଗରାଜ ରାଉତ): ସୁଭାଷ ସେତୁ ଉପରେ ବୁଧବାର ଆମ ବସ ପଛରେ ଏକ କାର୍ ଧକ୍କା ହୋଇଛି। ଆମ ବସ ନଂ. ଓଡି ୩୩ୟୁ ୭୩୬୧ କଟକରୁ ଭୁବନେଶ୍ୱର ଅଭିମୁଖେ ଆସୁଥିଲା। ସେତୁ ଉପରେ ଆସୁଥିବାବେଳେ ଏକ ବାଇକ୍ ଆଗରେ ରହିଥିବାରୁ ଆମବସ୍ ଅଟକି ଥିଲା। ଏହି ସମୟରେ ଦ୍ରୁତଗତିରେ ଆସୁଥିବା ଏକ କାର୍ ନଂ. ଓଡ଼ି ୪ବିଜି ୧୩୮୧ ଆମ ବସ୍ ପଛକୁ ଧକ୍କା ଦେଇଥିଲା। ଫଳରେ କାର୍ ସମ୍ମୁଖ ଭାଗ ନଷ୍ଟ ହୋଇଥିବାବେଳେ ଚାଳକ ଅଳ୍ପକେ ବର୍ତ୍ତି ଯାଇଥିଲେ। ଘଟଣାସ୍ଥଳରେ ଟ୍ରାଫିକ୍ ସମସ୍ୟା ଦେଖାଦେଇଥିଲା। ମର୍କତନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରାଫିକ୍ ସମସ୍ୟା ହଟାଇବା ସହ ଆମବସ୍ ଓ କାର୍‌କୁ ଜବତ କରି ଥାନାକୁ ଆଣିଛି।

## ସଂକ୍ଷେପରେ

### କଳାପଥର ସରକାରୀ ବିଦ୍ୟାଳୟ ନିକଟରୁ ନରକଙ୍କାଳ ଜବତ

ବାଙ୍କୀ, ୨୩।୭( ଶୁଭେନ୍ଦୁ ମହାପାତ୍ର) ବାଙ୍କୀ ଉପଖଣ୍ଡ ବୈଦ୍ୟେଶ୍ୱର ଥାନା ଅନ୍ତର୍ଗତ କଳାପଥର ସରକାରୀ ବିଦ୍ୟାଳୟ ନିକଟସ୍ଥ ପଡ଼ିଆରେ ଏକ ନରକଙ୍କାଳକୁ ପୋଲିସ ବୁଧବାର ଜବତ କରିଛି। ଉକ୍ତ ନରକଙ୍କାଳକୁ କିଏ କେଉଁ ଆଡୁ ଆଣି ପକାଇଛି, ନା କିଏ ମାରି ଏଠାରେ ପକାଇଛି ତାହାକୁ ନେଇ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି। ଖବରପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଜାରି ରଖିବା ସହ ନରକଙ୍କାଳକୁ ଜବତ କରିଥିଲା। ହେଲେ ବିଦ୍ୟାଳୟରେ ଶିକ୍ଷାଦାନ ଲାଗି ନରକଙ୍କାଳକୁ ରଖାଯାଇଥିଲା ବୋଲି ଶିକ୍ଷକମାନେ ଆସି ଘଟଣାସ୍ଥଳରେ ପହଞ୍ଚି ତାହାକୁ ଚିହ୍ନଟ କରିଥିଲେ। ବିଦ୍ୟାଳୟ ଗୃହ ସଫା ବେଳେ ଶ୍ରମିକମାନେ



ପୁରୁଣା ନରକଙ୍କାଳକୁ ଆଣି ବାହାରେ ଫୋପାଡ଼ି ଦେଇଥିଲେ। ଜବତ ଉକ୍ତ ନରକଙ୍କାଳକୁ ପୋଲିସ ବିଦ୍ୟାଳୟ ପ୍ରଧାନ ଶିକ୍ଷକଙ୍କ ଜିମା ଦେଇଥିବା ବାଙ୍କୀ ଥାନା ଅଧିକାରୀ ବିଜୟ କୁମାର ମର୍ଦ୍ଦରାଜ ଭୂୟାଁ ସୂଚନା ଦେଇଛନ୍ତି।

### ୨୪୦ ଲିଟର ରନ୍ଧାମଦ ଜବତ, ଜଣେ ଗିରଫ

ବାଙ୍କୀ, ୨୩।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)-କଟକ ଅବକାରୀ ଅଧୀକ୍ଷକ କରୁଣା ଶଙ୍କର ତିୱାରୀଙ୍କ ନିର୍ଦ୍ଦେଶକ୍ରମେ ଆଠଗଡ଼ ଅବକାରୀ ଉପ ଅଧୀକ୍ଷକ ସି.ଏଚ୍. ତିରୁପତିଙ୍କ ତତ୍ତ୍ୱାବଧାନରେ ବାଙ୍କୀ ଅବକାରୀ ଥାନା ଅଧିକାରୀ ସୌମ୍ୟରଞ୍ଜନ ମାଝୀଙ୍କ ନେତୃତ୍ୱରେ ବୁଧବାର ବାଙ୍କୀର ବିଭିନ୍ନ ଅଞ୍ଚଳ ଚଢ଼ାଉ ହୋଇଥିଲା। ଅବକାରୀ ଟିମ୍‌ର ଚଢ଼ାଉ ସମୟରେ ବାଆଁରା ନିକଟରେ ଖୋର୍ଦ୍ଧା ଜିଲା ହଳଦିଆ, ବ୍ରହ୍ମବେରେଣୀ ଗାଁର ଅଜୟ ସ୍ୱାଇଁ (୩୮) ଏକ ଅଟୋ ନଂ. ଓଡି ୦୨ବି ଏକ୍ସ ୧୭୮୪ ରେ ୨୪୦ ଲିଟର ରନ୍ଧା ମଦ ନେଇ ଯାଉଥିଲେ। ଏହି ସମୟରେ ଅବକାରୀ ବିଭାଗ ଟିମ୍ ହାତରେ ଧରାପଡ଼ିଥିଲେ। ଅବକାରୀ ଟିମ୍ ଅଜୟଙ୍କୁ ଗିରଫ କରିବା ସହ ମଦ ଓ ଗାଡିକୁ ଜବତ କରିଛି। ଚଢ଼ାଉ ଟିମ୍‌ରେ ଏସ୍‌ଆଇ ଉଦୀପ କୁମାର ଦଳାଇ, କନଷ୍ଟେବଲ ମନ୍ମଥ ସିଂ, ଲକ୍ଷ୍ମଣ ଗୁଡୁ, ମନୋଜ ଖାଲ୍‌କୋ ଯୋଗଦେଇଥିଲେ। ପ୍ରାଥମିକ ତଦନ୍ତରୁ ଜଣାଯାଇଛି, ଅଜୟ ଆଠଗଡ଼ କରଗାଁରୁ ଦେଶୀ ରନ୍ଧା ମଦ ଚନ୍ଦକା ଅଞ୍ଚଳକୁ ଚୋରା ଚାଲାଣ କରାଯାଉଥିଲା ବୋଲି ବାଙ୍କୀ ଅବକାରୀ ଅଧିକାରୀ ମାଝୀ ସୂଚନା ଦେଇଛନ୍ତି।

### ବଜ୍ରପାତରେ ମହିଳା ଗୁରୁତର

ବାଙ୍କୀ, ୨୩।୭ (ଜ୍ଞାନେନ୍ଦ୍ର ମୋହନ ମିଶ୍ର ) ବାଙ୍କୀ ଥାନା ରଗଡ଼ି ପଞ୍ଚାୟତ କୋର୍ଟଦ୍ୱାର ଗ୍ରାମର ବାସନ୍ତୀ ପାତ୍ର (୮୪) ବୁଧବାର ଧାନ ଜମିରେ ଥିଲାବେଳେ ବଜ୍ରପାତରେ ଗୁରୁତର ହୋଇପଡିଥିଲେ। ତାଙ୍କ ପେଟରେ ଆଘାତ ଲାଗି ମାଂସ ପିଣ୍ଡୁଳା ବାହାରକୁ ବାହାରି ପଡ଼ିଥିଲା। ତାଙ୍କୁ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା। ସେଠାରେ ତାଙ୍କର ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ହେବାରୁ କଟକ ବଡ ମେଡିକାଲ ଆମ୍ବୁଲାନ୍ସ ଯୋଗେ ପଠାଯାଇଛି।

# ରକ୍ଷଣାବେକ୍ଷଣ ଅଭାବରୁ ଗ୍ରାମୀଣ ପାର୍କ ଜରାଜୀର୍ଣ୍ଣ







ପାର୍କରେ ଲାଗିଥିବା ସୋଲାର ସିଷ୍ଟମ ଅଚଳ ହୋଇପଡ଼ିଛି। ବ୍ୟାୟାମ ଲାଗି ଥିବା ସାମଗ୍ରୀ ନଷ୍ଟ ହେବା ସହ ଗଛ ଲଟା ମାଡିଯାଇଛି।

ବାଙ୍କୀ, ୨୩।୭( ଶୁଭେନ୍ଦୁ ମହାପାତ୍ର):

ବାଙ୍କୀ-ଡମପଡ଼ା ବ୍ଲକ୍ ଅନ୍ତର୍ଗତ ବିଲିପଡ଼ା ପଞ୍ଚାୟତରେ ବହୁ ଟଙ୍କା ବିନିମୟରେ ଚକା ଗଛ ଗ୍ରାମୀଣ ପାର୍କ ନିର୍ମାଣ କରାଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ପାର୍କ ଜରାଜୀର୍ଣ୍ଣ ହୋଇଯାଇଛି। ଏବେ ଏହି ପାର୍କ କୃତ୍ରିମ ଜଙ୍ଗଲ ଓ ସରୀସୃପଙ୍କ ବାସସ୍ଥଳୀ ପାଲଟିଛି। ଏହି ପାର୍କର ରକ୍ଷଣାବେକ୍ଷଣ ଦିଗରେ ପଞ୍ଚାୟତ ଲୋକ ପ୍ରତିନିଧିଙ୍କଠାରୁ ଆରମ୍ଭକରି ବିଭାଗୀୟ ଅଧିକାରୀମାନଙ୍କ ଦୃଷ୍ଟିରେ ପଡୁ ନ ଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ୨୦୧୮-୧୯ ମସିହାରେ ଚକା ଗଛ ଗ୍ରାମୀଣ ପାର୍କ ନିର୍ମାଣ ହୋଇଥିଲା। ଛୋଟ ପିଲାଙ୍କଠାରୁ ଆରମ୍ଭ ବୃଦ୍ଧାବୃଦ୍ଧମାନଙ୍କ ଶାରୀରିକ ଏବଂ ଆମୋଦ ପ୍ରମୋଦ ନିମନ୍ତେ ଏହି ପାର୍କ ନିର୍ମାଣ କରାଯାଇଥିଲା। ସନ୍ଧ୍ୟା ସମୟରେ ପିଲାଙ୍କଠାରୁ ଆରମ୍ଭକରି ମହିଳାମାନେ ଆସି ବୁଲାବୁଲି କରିବା ସହ ପାର୍କରେ ବ୍ୟାୟାମ କରୁଥିଲେ। ପାର୍କକୁ ସୋଲାର ଲାଇଟ୍‌ରେ ଆଲୋକୀକରଣ କରାଯାଇଥିଲା। ଏହି ପାର୍କ ନିର୍ମାଣର କିଛି ମାସ ପର୍ଯ୍ୟନ୍ତ ରକ୍ଷଣାବେକ୍ଷଣ ଯୋଗୁ ସବୁ ଠିକ୍ ଚାଲିଥିଲା। କିନ୍ତୁ ପରିତାପର ବିଷୟ ପରବର୍ତ୍ତୀ ସମୟଠାରୁ ପଞ୍ଚାୟତ ଅଧିକାରୀ ଓ ବ୍ଲକ୍ କନିଷ୍ଠ ଯନ୍ତ୍ରୀଙ୍କ କାର୍ଯ୍ୟରେ ଅବହେଳା ଯୋଗୁ ସୌନ୍ଦର୍ଯ୍ୟପୂର୍ଣ୍ଣ ପାର୍କଟି ଏବେ କୃତ୍ରିମ ଜଙ୍ଗଲ ଓ ସରୀସୃପମାନଙ୍କ ବାସସ୍ଥଳୀ ପାଲଟିଛି। ସମୟରେ ଲଗାଯାଇଥିବା ଯନ୍ତ୍ରପାତି, ଖେଳକୁଦ ଯନ୍ତ୍ରାଂଶ ମଧ୍ୟ ଭାଙ୍ଗିରୁଜି ଗଲାଣି। ଏତଦ୍ ବ୍ୟତୀତ ପାର୍କ ଭିତରେ ଚଲାବୁଲା କରିବା ନିମନ୍ତେ ଏଫ୍‌ଡିଆର୍ ଯୋଜନାରେ ୨ ଲକ୍ଷ ୫୦ ହଜାର ଟଙ୍କା ବିନିମୟରେ ୨୦୨୦-୨୧ ମସିହାରେ ନିର୍ମାଣାଧୀନ ରାସ୍ତା ବି ନଷ୍ଟ ହେବାରେ ଲାଗିଛି। ଏହି ପାର୍କର ପୁନରୁଦ୍ଧାର କରାଗଲେ ପିଲାଙ୍କଠାରୁ ଆରମ୍ଭ କରି ମହିଳା, ବୟସ୍କ ଓ ଯାତ୍ରୀମାନେ ଉପକୃତ ହୋଇପାରିବେ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଡମପଡ଼ା ବିଡିଓ ଅଂଶୁମାନ ଦାଶଙ୍କୁ ପଚାରିବାରେ ଏଭଳି ଘଟଣା ସମ୍ପର୍କରେ ମୋ ପାଖରେ କୌଣସି ଅଭିଯୋଗ ଆସିନାହିଁ। ତଦନ୍ତକରି ପାର୍କର ପୁନରୁଦ୍ଧାର କାର୍ଯ୍ୟ ଯଥାଶୀଘ୍ର କରାଯିବ ବୋଲି ସେ କହିଛନ୍ତି।

# ହାତଲେଖା ପରିଚୟପତ୍ରକୁ ଡିଜିଟାଲ କରିବାକୁ ଭିଡ଼

ଆଠଗଡ଼, ୨୩।୭(ସତ୍ୟ ପ୍ରସାଦ ରଥ)

### ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଆଠଗଡ଼ ବ୍ଲକ୍ ଅନ୍ତର୍ଗତ ବିଜୁ ପଟ୍ଟନାୟକ କଲ୍ୟାଣମଣ୍ଡପରେ ବ୍ଲକ୍‌ସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବିଶେଷକରି ହାତଲେଖା ପରିଚୟପତ୍ରକୁ ଡିଜିଟାଲ ପ୍ରମାଣପତ୍ରରେ ପରିଣତ କରିବାକୁ ବେଶ୍ ଭିଡ଼ ଜମିଥିଲା। ଏଥିରେ ବିଭିନ୍ନ ବର୍ଗର ୩୬୪ଜଣ ଭିନ୍ନକ୍ଷମ ନାମ ପଞ୍ଜୀକରଣ କରି ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ବିଡିଓ ଆକାଶ କୁମାର ପଣ୍ଡା, ଏବିଡିଓ ବିଷ୍ଣୁପ୍ରିୟା ସାହୁ, ବିଓ ଅଧିକାରୀ ନବକୁମାର କଟକିଆ ଏବଂ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ପ୍ରିୟବ୍ରତ ପଣ୍ଡା ଶିବିରକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଛଗାଁ ଗ୍ରାମର ବାସିନ୍ଦା ସୁବାସ ମଙ୍ଗୁଆଳ, ରାସରସିକପୁର ଗାଁର ମୀରାଲୁ ଆଚାର୍ଯ୍ୟ, ବେଣ୍ଟାପଦା ଗ୍ରାମର ରାକେଶ ପଣ୍ଡାଙ୍କୁ ହୁଇଲ ଚେୟାର ଏବଂ କନ୍ତୋଲ ହରିଶରଣପୁର ବାସିନ୍ଦା ପୁଷ୍ପଲତା ନାୟକ, ଯୋରନ୍ଦା ବାସିନ୍ଦା ସନ୍ତୋଷ କୁମାର ପଞ୍ଚୁଆତି ଏବଂ ତରଡିଙ୍ଗ ବାସିନ୍ଦା ପ୍ରକାଶ ଚନ୍ଦ୍ର ବେହେରାଙ୍କୁ ବସ୍ ପାସ୍ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ସୁପରିଚାଳନାରେ ଅଧିକାରୀ ଓ କର୍ମଚାରୀମାନେ ସହାୟତା କରିଥିଲେ।



ଶିବିରରେ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ନାମ ପଞ୍ଜୀକରଣ ଲାଗି ଭିନ୍ନକ୍ଷମଙ୍କ ଭିଡ଼।

# ପବନ, ବର୍ଷାରେ କାନ୍ଥ ଭୁଶୁଡ଼ି ମା' ଝିଅ ଆହତ

ଟିଗିରିଆ,୨୩।୭(ଜାଫର ଖାଁ):

ଟିଗିରିଆ ଅଞ୍ଚଳରେ ବୁଧବାର ଅପରାହ୍ନରେ ବଜ୍ରପାତ ସହ ପବନ ବର୍ଷା ଯୋଗୁ ଗଦାଧରପୁର ପଞ୍ଚାୟତର କୋଇଲିକନ୍ଦା ଗାଁର ବିଦ୍ୟାଧର ମଲ୍ଲଙ୍କ ଚାଳଘରର କାନ୍ଥ ଭୁଶୁଡ଼ି ପଡିଥିଲା। ଫଳରେ ତାଙ୍କ ସ୍ତ୍ରୀ ପ୍ରତିମା (୩୫), ଝିଅ ପରିମିତା (୫) ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହାୟତା ଓ ଅଗ୍ନିଶମ ବିଭାଗ ଅଧିକାରୀ ପ୍ରତାପ ଚନ୍ଦ୍ର ବେହେରା ଏବଂ କର୍ମଚାରୀମାନେ ପହଞ୍ଚି ଉଭୟ ମା'ଝିଅଙ୍କୁ ଉଦ୍ଧାର କରିଥିଲେ। ସେମାନଙ୍କୁ ଚିକିତ୍ସା ପାଇଁ ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଉଭୟଙ୍କ



ପ୍ରାଥମିକ ଚିକିତ୍ସା ପ୍ରଦାନ କରାଯାଇଛି। ପ୍ରତିମାଙ୍କ ମୁଣ୍ଡ ଓ ହାତରେ ଆଘାତ ଲାଗିଥିବାବେଳେ ଝିଅ ପରିମିତାଙ୍କ ଆଖି, ମୁହଁ ଓ ଗୋଡ଼ରେ ଆଘାତ ଲାଗିଛି। ଖବରପାଇ ଗଦାଧରପୁର ପଞ୍ଚାୟତ ନିର୍ବାହୀ ଅଧିକାରୀ ପ୍ରଶାନ୍ତ ପ୍ରଧାନ, ସରପଞ୍ଚ ପୁଷ୍ପିତ ସ୍ୱାଇଁ ପହଞ୍ଚିଥିଲେ। ଅପରାହ୍ନରେ ପ୍ରତିମା ଓ ଝିଅ ପରିମିତା ନିଜ ଚାଳଘରେ ରହିଥିଲେ। ଏହି ସମୟରେ ପ୍ରତିମା ଭାତ ରାନ୍ଧୁଥିବାବେଳେ ବର୍ଷାରେ ମାଟି କାନ୍ଥ ଭୁଶୁଡ଼ି ପଡ଼ିଥିଲା। ଫଳରେ ଉଭୟ ମା' ଝିଅ ମାଟି ତଳେ ରହିଯାଇଥିଲେ। ଏହି ସମୟରେ ତାଙ୍କର ପୁଅ ଘର ବାହାରକୁ ଯାଇଥିବା ବେଳେ ସ୍ୱାମୀ ବିଦ୍ୟାଧର ରାୟଗଡ଼ା ଜିଲାରେ ରୋଷେୟା ଭାବେ କାର୍ଯ୍ୟ କରୁଥିବାରୁ ଘରେ ଅନୁପସ୍ଥିତ ଥିଲେ। ସରକାରୀ ସ୍ତରରେ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ପୂର୍ବ ଶତ୍ରୁତାରୁ ଆକ୍ରମଣ: ୨ ଆହତ, ପୋଲିସ ମୁତୟନ

ଟିଗିରିଆ,୨୩।୭(ଜାଫର ଖାଁ)

### ପୁଣି ଅଶାନ୍ତ ବେଲଅଣ୍ଟା ଗ୍ରାମ

ଟିଗିରିଆ ଥାନା ଅନ୍ତର୍ଗତ ଭୋଗଡା ପଞ୍ଚାୟତ ବେଲଅଣ୍ଟା ଗ୍ରାମରେ କିଛିଦିନ ଧରି ୨ଗୋଷ୍ଠୀ ମଧ୍ୟରେ ଚାଲିଥିବା ବିବାଦ ଶାନ୍ତ ପଡ଼ିଥିଲା। ମଙ୍ଗଳବାର ପୁଣି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଗୋଟିଏ ଗୋଷ୍ଠୀର ସଦସ୍ୟ ଅପରଗୋଷ୍ଠୀର ସଦସ୍ୟଙ୍କୁ ଆକ୍ରମଣ କରିବାରୁ ୨ଜଣ ଆହତ ହୋଇଛନ୍ତି। ଏହି ଘଟଣାରେ ଜଣେ କଟକ ବଡ଼ ମେଡିକାଲରେ ଚିକିତ୍ସିତ ହେଉଥିବା ଜଣାପଡିଛି। ଗ୍ରାମରେ ଉତ୍ତେଜନାମୂଳକ ପରିସ୍ଥିତି ଲାଗି ରହିଥିବାରୁ ପୋଲିସ ମୁତୟନ ହୋଇଛନ୍ତି।

ବେଲଅଣ୍ଟା ଗ୍ରାମର ନରେଶ ନାୟକ ଯିଏକି ନୂଆପାଟଣାସ୍ଥିତ ନିଉ ଅନ୍ତର୍ଯାମୀ ଅଳଙ୍କାର ଦୋକାନରେ ରାତ୍ର ଜଗୁଆଳି ଭାବେ କାର୍ଯ୍ୟ ସମ୍ପାଦନ କରନ୍ତି। ତାଙ୍କୁ ଜୁନ ୩ ତାରିଖ ବିଳମ୍ବିତ ରାତିରେ ବେଲଅଣ୍ଟା ଗ୍ରାମର କେତେଜଣ ବ୍ୟକ୍ତି ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ନରେଶ ଗୁରୁତର ଭାବେ ଆହତ ହୋଇଥିଲେ। ଏହି ଆକ୍ରମଣର ସିସିଟିଭି କ୍ୟାମେରାରେ ଥିବା ଦୃଶ୍ୟକୁ ଭିତ୍ତିକରି ପୋଲିସ ପକ୍ଷରୁ ୫ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ହେଲେ ଜଣେ ଅଭିଯୁକ୍ତ ଫେରାର ହୋଇଯାଇଥିଲେ। ଏହି ଘଟଣାରେ ଗିରଫ ହୋଇଥିବା ୫ ଜଣ ଅଭିଯୁକ୍ତଙ୍କ ମଧ୍ୟରୁ ମଙ୍ଗଳବାର ୪ ଜଣ ଜାମିନରେ ଜେଲରୁ ଫେରିଥିଲେ। ଜେଲରୁ ଗ୍ରାମକୁ ବାଇକ୍‌ରେ ଫେରୁଥିବାବେଳେ ପୂର୍ବରୁ



ବେଲଅଣ୍ଟା ଗାଁରେ ପୋଲିସ ମୁତୟନ ହୋଇଛନ୍ତି।

ପ୍ରସ୍ତୁତ ଥିବା ଅପରଗୋଷ୍ଠୀର ସଦସ୍ୟମାନେ ଗ୍ରାମ ରାସ୍ତାରେ ଉକ୍ତ ୪ ଜଣଙ୍କୁ ଲୁହା ଛଡ଼, ପାଇପ ଆଦିରେ ଆକ୍ରମଣ କରିଥିଲେ। ଏଥିରେ ୨ ଜଣ ସୁଶାନ୍ତ ରାଉତ ଓ ବର୍ଣ୍ଣି ବିଶେଷ ଭାବେ ଆହତ ହୋଇ ମଙ୍ଗଳବାର ରାତିରେ ଟିଗିରିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଯାଇଥିଲେ। ସ୍ୱାସ୍ଥ୍ୟକେନ୍ଦ୍ର ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ଛାଡି ଦିଆଯାଇଥିଲା। ବୁଧବାର ସୁଶାନ୍ତଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ପଠାଯାଇଥିବା ଜଣାପଡିଛି। ଏହି ଘଟଣାକୁ ନେଇ ବେଲଅଣ୍ଟା ଗ୍ରାମରେ ଉତ୍ତେଜନା ଦେଖାଦେଇଥିଲା। ପରିସ୍ଥିତି ନିୟନ୍ତ୍ରଣ ପାଇଁ ଥାନା ପକ୍ଷରୁ ଉକ୍ତ ଗ୍ରାମରେ ପୋଲିସ ଫୋର୍ସ ମୁତୟନ କରାଯାଇଥିବା ଆଇଆଇସି ସମରେନ୍ଦ୍ର ପାଇକରାୟ କହିଛନ୍ତି।

# ଦିନ ଦ୍ୱିପ୍ରହରରେ ଚାଲିଛି ଖଣି ଲୁଟ

### ସରକାରୀ ନିୟମକୁ ଖୋଲା ଚ୍ୟାଲେଞ୍ଜ

ବାଙ୍କୀ, ୨୩।୭( ଶୁଭେନ୍ଦୁ ମହାପାତ୍ର)



ମେଟାଲ ଚିପସକୁ ଗାଡିରେ ଲୋଡ କରାଯାଉଛି।

କଟକ ଜିଲା ବାଙ୍କୀରେ ପ୍ରଶାସନିକ ଅଧିକାରୀ ଓ ଜିଲା ଖଣି ବିଭାଗ ଅଧିକାରୀଙ୍କ ଅବହେଳା ହେଉ କି ତଦନ୍ତ ନ କରିବାରୁ ବୁଧବାର ପଥର ଖଣିରୁ ଦିନ ଦ୍ୱିପ୍ରହରରେ ଲୁଟ ଚାଲିଥିବା ଜଣାପଡ଼ିଛି। ବାଙ୍କୀ ତହସିଲ ଅନ୍ତର୍ଗତ ନରଗାଙ୍ଗ ସୁରକ୍ଷିତ ଜଙ୍ଗଲ ଭିତରୁ ବିନା ସରକାରୀ ଅନୁମତିରେ ମେଶିନ ଲଗାଇବା ଏବଂ ରାତିରେ ବ୍ଲାଷ୍ଟିଂକରି ବେନିୟମ ଭାବେ ମେଟାଲ, ଚିପ୍ସ, ବଜୁରି ଆଦି ଚାଲାଣ କରାଯାଉଛି। ଫଳରେ ସ୍ଥାନୀୟ ବାସିନ୍ଦା ଭୟଭୀତ ଅବସ୍ଥାରେ ରହୁଥିବା ଅଭିଯୋଗ ହେଉଛି। ଅନ୍ୟପକ୍ଷେ ଜଙ୍ଗଲୀ ଜନ୍ତୁ ଓ ପଶୁପକ୍ଷୀମାନେ ନିଜକୁ ଅସୁରକ୍ଷିତ ମଣୁଥିବା ପରିବେଶବିତ୍‌ମାନେ ପ୍ରକାଶ କରିଛନ୍ତି। ଏ ନେଇ ସ୍ଥାନୀୟ ଲୋକେ ଜିଲା ଖଣି ବିଭାଗକୁ ଅବଗତ କରାଇଥିଲେ ମଧ୍ୟ କୌଣସି ପ୍ରକାର ତଦନ୍ତ ନ ହେବା କାରଣରୁ ସାମାଜିକ କର୍ମୀ ଅର୍ଜୁନ ପ୍ରଧାନ, କାଳନ୍ଦୀ ବେହେରା ଓ ତାଙ୍କ ସହଯୋଗୀମାନେ କଟକ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିଥିବା କହିଛନ୍ତି। ଯଥାଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିବା ଅଜୟ କହିଛନ୍ତି। ଅନ୍ୟପକ୍ଷେ ବାଙ୍କୀରେ ଏହି ଖଣି ବ୍ୟବସାୟୀମାନଙ୍କୁ କିଏ ସୁରକ୍ଷା ଯୋଗାଉଛନ୍ତି ସରକାରୀ କର୍ମଚାରୀ ନା ରାଜନେତା ତାହା ଏବେ ଜନମାନସରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଜିଲା ଖଣି ବିଭାଗ ଅଧିକାରୀଙ୍କୁ ବାରମ୍ବାର ଫୋନ୍ ଯୋଗେ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ଭବ ହୋଇପାରି ନ ଥିଲା। ବାଙ୍କୀ ତହସିଲଦାର ଅଶେଷ କୁମାର ନାୟକଙ୍କୁ ପଚାରିବାରେ ଏ ସମ୍ପର୍କରେ କୌଣସି ଖବର ନାହିଁ, ତଦନ୍ତକରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।


**NOTICE**

This is for information that K.P. Enterprisers, that was operating at its old office at Flat No. 4-B, Block-B, 4'Th Floor, Swastik Enclave, Buxi Bazar, Cuttack-753001, after a resolution between the partners on 21.07.2025 have resolved and registered a Notary with Sl. No. 2571, dt. 22.07.2025 that they shall now operate from "Plot No. 2078, 3'Rd Floor, Dhanawat Compound, Mahatab Road, Cuttack-753012". This is for general information and notice.

See Career Appointment on every Wednesday & Saturday

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**T.No.TPWODL/PJ/O/SU/2500001018 Date: 23.07.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**One Year RC for supply of Different types of LED Light.**

Interested bidders are to submit Tender Participation Fee and Authorization Letter through email on or before **2nd Aug 2025, 15:00Hrs.**, after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- Head- Contracts & Procurement

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ବିଜ୍ଞପ୍ତି ସଂ. MSM-TW-CERT-SBP-17-25

କାର୍ଯ୍ୟର ନାମ : ଦୁଇ ବର୍ଷ ଅବଧି ନିମନ୍ତେ ସମ୍ବଲପୁର ସଦର ଠାରେ 20 KG. CI ଟେଷ୍ଟ ୱେଟ୍ସର ଲୋଡ଼ିଙ୍ଗ / ଅନଲୋଡ଼ିଙ୍ଗ, ପେଣ୍ଟିଙ୍ଗ, ସମନ୍ୱୟ ଏବଂ ପରୀକ୍ଷଣ, ଓଜନ ଏବଂ ମାପ ଆଇନ୍ ଓ ନିୟମ ଅନୁଯାୟୀ ଷ୍ଟେଟ୍ ଲିଗାଲ୍ ମେଟ୍ରୋଲୋଜି ବିଭାଗ, ଓଡ଼ିଶା ଦ୍ୱାରା ଯାଞ୍ଚ ପ୍ରମାଣପତ୍ର ଜାରି କରିବା ସହିତ ପରୀକ୍ଷଣ ୱାଗନର କ୍ରମାଙ୍କନ ଏବଂ ମୋହର ମାରିବା (Calibration and Stamping) ନିମନ୍ତେ ଶ୍ରମିକ ପ୍ରଦାନ କରିବା ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 25,07,468/-, EMD : ₹ 50,200/-, କାର୍ଯ୍ୟ ଶେଷ ହେବା ଅବଧି: 24 ମାସ ।

(2) ଟେଣ୍ଡର ବିଜ୍ଞପ୍ତି ସଂ. MSM-HYDPNE-SBP-KBJ-18-25

କାର୍ଯ୍ୟର ନାମ : ତିନି ବର୍ଷ ନିମନ୍ତେ ସମ୍ବଲପୁର ଏବଂ କଣ୍ଟାବାଞ୍ଜିର 140T BD କ୍ରେନ୍‌ର ହାଇଡ୍ରୋଲିକ୍ ଏବଂ ନ୍ୟୁମେଟିକ୍ (Hydraulic and Pneumatic) ସିଷ୍ଟମ୍ (ମୁଖ୍ୟ ଇଞ୍ଜିନ୍ ଏବଂ SLI ସିଷ୍ଟମ ବ୍ୟତୀତ ସମସ୍ତ ସିଷ୍ଟମ)ର ରକ୍ଷଣାବେକ୍ଷଣ ନିମନ୍ତେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି ।

କାର୍ଯ୍ୟର ଆନୁମାନିକ ମୂଲ୍ୟ : ₹ 40,35,968/-, EMD : ₹ 80,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,540/-, କାର୍ଯ୍ୟ ଶେଷ ହେବା ଅବଧି : 36 ମାସ ।

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ: 06.08.2025, 1500 ଘଟିକା (ଉଭୟ ଟେଣ୍ଡର ନିମନ୍ତେ) ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ ।

ଡିଭିଜନାଲ ମେକାନିକାଲ ଇଂଜିନିୟର(Frt), ସମ୍ବଲପୁର
PR-390/Q/25-26

**Government of Jharkhand**
**Urban Development and Housing Department**
**PHUSRO NAGAR PARISHAD (BOKARO)**

**Very Short Term Notice Inviting Tender**
**Re-E-Tender Notice No. : - PMC/04/2024-25 (2nd Call)**

| Group No. | Tender Reference No. | Description | Estimated Cost in Rs. | Earnest Money in Rs. | BOQ Document Fees in Rs. | Duration for Work |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 7 | PMC/07/04/2024-25 | Providing and Constructing of PCC Road work from Ragho Yadav House to Laxmi Paswan House to Rajendra Chouhan House, Hero Shop To Thakur House, Naveen Thakur House to Bangla Tak, Manoj Singh House to Karipani Main Road, Bijli Ghar to Varun Singh Office, Ganga Rajak House to Manoj Sharma House, Raju House to Chotu Shop, Main Road to Sarju Chouhan House, Back of New Qrtr to Shamshan Ghat upto 1700 M Length Under Nagar Parishad Phusro (Bokaro) | 1,00,51,483 | 2,01,100 | 10,000 | 06 Month |

1. Date of Publication of Tender on website (Online) - 25.07.2025 From 10:30 AM (Uploading of Bid Online Only)
2. Date of Downloading of Tender on website (Online) - 25.07.2025 From 10:30 AM (Downloading Bid Online Only)
3. Last Date and Time of Submitting of Bids (Online) - 31.07.2025 up to 05:00 PM (Submitting Bid Online Only)
4. Date and Time of Opening of Bid (Online Only) – 01.08.2025 From 10:30 AM (Opening of Bid Online Only)
5. Name of Online E-Tender Notice Inviting Officer - Mr. Rajeev Ranjan (Administrator, Phusro Nagar Parishad)
6. Name and Address of E-Tender Notice Inviting Office - Office of The Administrator, Phusro Nagar Parishad (Bokaro)
7. Contact No. of E-Procurement Officer – 06549-356303
8. Help Line No. of E-Procurement Office - 06549-356303
9. Only E-Tenders will be accepted. Further details can be seen on website http://jharkhandtenders.gov.in
10. The Executive Officer/Authority have reserves the right to reject/cancel/ postponed/extend of any one or all tender accepts at any stage without assigning any reasons and which cann't be challenged in any court.
11. Estimated Cost/BOQ Quantity may be vary increase or decrease as per decision and direction by Technical Authority/PhusroNagar Parishad, Bokaro and all term & conditions will be applicable as per given in NIT .

PR 357973 Urban Development(25-26).D

Administrator
Phusro Nagar Parishad,Bokaro

**ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ (ଇ-ୟୁଜିବି)**
**ଡିମାଣ୍ଡ ନୋଟିସ୍**
କ୍ଷେତ୍ରୀୟ କାର୍ଯ୍ୟାଳୟ-ବ୍ରହ୍ମପୁର, ୨ୟ ଏବଂ ୩ୟ ମହଲା, ହର୍ଷ ଆର୍‌କେଡ୍, ସୁବା ରାଓ ସ୍କୋୟାର, ଜନାନା ହସ୍ପିଟାଲ ରୋଡ୍, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଇ-ମେଲ: ro.berhampur@ukgb.in

ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ନିମ୍ନ ସ୍ୱାକ୍ଷରକାରୀ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରୀଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ ୨୦୦୨ ର ରୁଲ୍ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ, ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କଥିତ ନୋଟିସ୍ ଅନୁଯାୟୀ ସେମାନଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ ଦେୟ ରାଶି ସହିତ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ ଆଦି ବ୍ୟାଙ୍କ / ସୁରକ୍ଷିତ ଋଣଦାତାଙ୍କୁ କଥିତ ନୋଟିସ୍‌ର ୬୦ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଉକ୍ତ ନୋଟିସ୍‌କୁ ଏ.ଡି. ସହିତ ରେଜିଷ୍ଟ୍ରି ଡାକରେ ଋଣଗ୍ରହୀତାଙ୍କ ପାଖକୁ ପଠାଯାଇଥିଲା। କିନ୍ତୁ ତାହା ଡାକ ବିଭାଗ ପକ୍ଷରୁ ଅପ୍ରାପ୍ତି ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଫେରସ୍ତ ଆସିଛି। ବ୍ୟାଙ୍କ ଦ୍ୱାରା ବନ୍ଧକପ୍ରାପ୍ତ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ଏତଦ୍‌ଦ୍ୱାରା ପୁନଶ୍ଚ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏହି ନୋଟିସ୍ ପ୍ରକାଶିତ ହେବାର ୬୦ଦିନ ମଧ୍ୟରେ ସେମାନଙ୍କର ଆକାଉଣ୍ଟର ନିମ୍ନମତେ ଦର୍ଶିତ ବକେୟା ଦେୟରାଶି ସହିତ ପରବର୍ତ୍ତୀ ସୁଧ, ଦେୟ ଓ ଆଇନଗତ ଖର୍ଚ୍ଚ ପୈଠ କରିବାକୁ କୁହାଯାଇଛି। ଯଦି ସେମାନେ ବ୍ୟାଙ୍କକୁ ୬୦ଦିନ ମଧ୍ୟରେ ସମ୍ପୂର୍ଣ୍ଣ ଦେୟ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ବିରୁଦ୍ଧରେ ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ଏକ କିମ୍ବା ଏକାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବେ। କଥିତ ଆକ୍ଟର ଧାରା ୧୩(୧୩) ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ବ୍ୟାଙ୍କର ଅନୁମତି ବିନା ବିକ୍ରୟ, ଲିଜ୍ ଆଦି ମାଧ୍ୟମରେ ହସ୍ତାନ୍ତରିତ କିମ୍ବା ଦଖଲ କରିବା ପାଇଁ ସେମାନଙ୍କୁ ନିଷେଧ କରାଯାଉଅଛି। ବ୍ୟାଙ୍କ ଦ୍ୱାରା ପ୍ରଚଳିତ ବ୍ୟବସ୍ଥାରେ ବଳବତ୍ତର ଥିବା ଆଇନ ଅନୁଯାୟୀ ଆବଶ୍ୟକ ସ୍ଥଳେ ସଠିକ୍ ବିଚାର୍ଯ୍ୟ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ / ଆଇନଗତ ପ୍ରକ୍ରିୟା ଆରମ୍ଭ କରିବାର ଅଧିକାରକୁ ପ୍ରତିହତ ନକରି ଏହି ନୋଟିସ୍ ଜାରି କରାଯାଇଛି।

| ଶାଖା / ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ / ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ନୋଟିସ୍ ତାରିଖ / ବକେୟା ପରିମାଣ | ସମ୍ପତ୍ତିଗୁଡ଼ିକର ବିବରଣୀ / ଋଣ ପ୍ରକାର |
|---|---|---|
| କୋଦଳା ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ମହେଶ୍ୱର ରାଉତ, ପିତା: ୰ ଧନୁ ରାଉତ, ସା: ବିରିବାଟିଆ, ପୋ: କେ. ବରିଡ଼ା, ଭାୟା: ବେଗୁନିଆପଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୩୧ / ଆକାଉଣ୍ଟ ନଂ.: ୮୪୦୬୦୩୪୪୫୮୨ | ୦୪.୦୬.୨୦୨୫ / ୦୪.୦୬.୨୦୨୫ ସୁଦ୍ଧା ଟ.୬,୧୮,୦୨୩.୦୦ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ଶ୍ରୀ ମହେଶ୍ୱର ରାଉତ, ପିତା: ଶ୍ରୀ ଧନୁ ରାଉତଙ୍କ ନାମରେ ରେକର୍ଡଭୁକ୍ତଥିବା ଜମି ଏବଂ ଗୃହ ଯାହାର ମୌଜା: ବିରିବାଟିଆ, ତହସିଲ: କୋଦଳା (୨୩୫), ଥାନା: କୋଦଳା (୨୩୫), ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୪୨୫/୧୮୬, ପ୍ଲଟ୍ ନଂ.: ୫୨୩/୩୨୪୫/୩୨୫୨, କ୍ଷେତ୍ର: ଏକର ୦.୦୧୩ ଡିସିମିଲି, ପ୍ଲଟ୍ ନଂ.: ୫୨୪/୩୨୪୬/୩୨୫୩, କ୍ଷେତ୍ର: ଏକର୦.୦୧୮ଡିସିମିଲି, ସମୁଦାୟ ୧ଟି ଖାତା, ୨ଟି ପ୍ଲଟ୍, ସମୁଦାୟ କ୍ଷେତ୍ର: ଏକର୦.୦୩୧ଡିସିମିଲି / ବନ୍ଧକ ଋଣ |
| କୋଦଳା ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଭ୍ରମର ପ୍ରଧାନ, ପିତା: ୰ ଦିନ ପ୍ରଧାନ, ସା: ହରିଡ଼ାମୂଳ, ପୋ: ଶ୍ୟାମସୁନ୍ଦରପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୩୦ / ଆକାଉଣ୍ଟ ନଂ.: ୮୪୦୬୪୨୬୧୩୮୪ | ୦୪.୦୬.୨୦୨୫ / ୦୪.୦୬.୨୦୨୫ ସୁଦ୍ଧା ଟ.୯,୪୦,୯୩୩.୦୦ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ଶ୍ରୀ ଭ୍ରମର ପ୍ରଧାନ, ପିତା: ୰ ଦିନ ପ୍ରଧାନଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହ ଯାହାର ମୌଜା: ହରିଡ଼ାମୂଳ, ତହସିଲ: ଖଲ୍ଲିକୋଟ (୨୬୩), ଥାନା: ଖଲ୍ଲିକୋଟ (୧୫୫), ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୩୮/୧୧୭, ପ୍ଲଟ୍ ନଂ.: ୩୯/୩୭୩, କ୍ଷେତ୍ର: ଏକର୦.୦୨୨ଡିସିମିଲି / ବନ୍ଧକ ଋଣ |
| ନୂଆପେଣ୍ଠ ଶାଖା / ଋଣଗ୍ରହୀତା ଏବଂ ବନ୍ଧକଦାତା: ୰ ରାମ ଚନ୍ଦ୍ର ସାହୁ, ପିତା: ୰ ଭାଗିରଥି ସାହୁ, ୰ ରାମ ଚନ୍ଦ୍ର ସାହୁଙ୍କୁ ପ୍ରତିନିଧିତ୍ୱ କରୁଥିବା ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ କୁନ୍ତି ସାହୁ, ସ୍ୱାମୀ: ୰ ରାମ ଚନ୍ଦ୍ର ସାହୁ, ୨) ଶ୍ରୀ ସଞ୍ଜୟ ସାହୁ, ପିତା: ୰ ରାମ ଚନ୍ଦ୍ର ସାହୁ, ୩) ଶ୍ରୀ | ୧୬.୧୦.୨୦୨୪ / ୧୬.୧୦.୨୦୨୪ ସୁଦ୍ଧା ଟ.୧୧,୮୫,୩୧୧.୦୦ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | ୰ ରାମ ଚନ୍ଦ୍ର ସାହୁ, ପିତା: ୰ ଭାଗିରଥି ସାହୁଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହ ଯାହାର ମୌଜା: ଓଳପୁର, ଥାନା: ନୂଆଗାଁ, ତହସିଲ: ଚିକିଟି, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୩୯୧, ପ୍ଲଟ୍ ନଂ.: ୯୫୨, କ୍ଷେତ୍ର: ଏକର୦.୦୨୫ଡିସିମିଲି, କିସମ: ଘରବାରି/ ମିଆଦି ଋଣ |

ସନ୍ତୋଷ ସାହୁ, ପିତା: ୰ ରାମ ଚନ୍ଦ୍ର ସାହୁ, ସମସ୍ତଙ୍କ ଠିକଣା ସା: ଓଳପୁର, ପୋ: ଚିକିଟିଗଡ଼, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦, ୪) ଶ୍ରୀମତୀ ସଞ୍ଜୁ ସାହୁ, ପିତା: ଶ୍ରୀ ରାମ ଚନ୍ଦ୍ର ସାହୁ, ସା: କାଳିଗାଁ, ପୋ: ଶ୍ରୀକାକୁଲମ, ଆନ୍ଧ୍ରପ୍ରଦେଶ, ପିନ୍-୫୩୨୩୧୨ / ଜାମିନ୍‌ଦାରମାନେ: ୧) ଶ୍ରୀ କୃଷ୍ଣ ଚନ୍ଦ୍ର ସାହୁ, ପିତା: ୰ ଭାଗିରଥି ସାହୁ, ସା: ଧାନଘର, ପୋ: ଚିକିଟିଗଡ଼, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦, ୨) ଶ୍ରୀ ପ୍ରଭାକର ପଣ୍ଡା, ପିତା: ୰ ରାମ ଚନ୍ଦ୍ର ପଣ୍ଡା, ସା: ତାଳପଡ଼ା, ପୋ: ଖାରିଆଗୁଡ଼ା, ଭାୟା: ସୁରଙ୍ଗୀ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦, ୩) ଶ୍ରୀ ଦେବରାଜ ସାହୁ, ପିତା: ୰ ଭାଗିରଥି ସାହୁ, ସା: ଧାନଘର, ପୋ: ଚିକିଟିଗଡ଼, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦, ୪) ଶ୍ରୀ ଜଗନ୍ନାଥ ସାହୁ, ପିତା: ୰ ଭାଗିରଥି ସାହୁ, ସା: ଓଳପୁର, ପୋ: ଚିକିଟିଗଡ଼, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦ / ଆକାଉଣ୍ଟ ନଂ.: ୧୩୫୩୫୪୪୪୧୭୧

ସ୍ଥାନ: ବ୍ରହ୍ମପୁର
ତାରିଖ: ୨୩.୦୭.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ

**ବାଇକ୍-କାର୍ ଧକ୍କା; ଜଣେ ଗୁରୁତର**

**ବେଗୁନିଆ,(ସନ୍ଧ୍ୟାରାଣୀ ମିଶ୍ର):** ଖୋର୍ଦ୍ଧା-ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥର ବାମଡିହ-ବେଗୁନିଆ ମଧ୍ୟବର୍ତ୍ତୀ ସ୍ଥାନରେ ଥିବା ପେଟ୍ରୋଲ ପମ୍ପ ନିକଟରେ ବୁଧବାର ବାଇକ-କାର୍ ଧକ୍କା ହୋଇଛି। ଏଥିରେ ବାଇକ ଚାଳକ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ସୂଚନା ଅନୁଯାୟୀ, ବେଗୁନିଆ ଗ୍ରାମର ବାଉରବନ୍ଧୁ ସାହୁଙ୍କ ପୁଅ ଓମ୍‌ପ୍ରକାଶ ବାଇକ୍‌ରେ ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା କାର୍ ସହ ତାଙ୍କ ବାଇକ୍ ଧକ୍କା ହୋଇଯିବାରୁ ଓମପ୍ରକାଶ ଗୁରୁତର ଆହତ ହୋଇଥିଲେ।

# ‘ମାଛଚାଷରେ ଓଡ଼ିଶାକୁ ୧ ନମ୍ବର କରିବା ଲକ୍ଷ୍ୟ’

## ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟଚାଷୀ ପ୍ରଶିକ୍ଷଣ କେନ୍ଦ୍ରର ଭିତ୍ତିପ୍ରସ୍ତର

ଭୁବନେଶ୍ୱର, ୨୩।୭
(ଅନୁରାଧା ମହାରଣା)

କୌଶଲ୍ୟାଗଙ୍ଗ ସରକାରୀ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରଠାରେ ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟଚାଷୀ ତାଲିମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ବୁଧବାର ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରି କହିଛନ୍ତି, ମତ୍ସ୍ୟଚାଷୀ, ଉଦ୍ୟୋଗୀ ଏବଂ ମତ୍ସ୍ୟ ଅଧିକାରୀମାନଙ୍କୁ ଉନ୍ନତ ମତ୍ସ୍ୟ ପ୍ରଯୁକ୍ତିବିଦ୍ୟା ଓ ଆଧୁନିକ କୌଶଳ ବିଷୟରେ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯିବ। ଫଳରେ ମାଛ ଉତ୍ପାଦନ ବହୁଗୁଣିତ ହେବା ସହ ମତ୍ସ୍ୟଚାଷୀଙ୍କ ଜୀବନଜୀବିକା ଅଧିକ ସୁରକ୍ଷିତ ହୋଇପାରିବ। ମାଛଚାଷ କ୍ଷେତ୍ରରେ ଓଡ଼ିଶାକୁ ଏକ ନମ୍ବର ରାଜ୍ୟ ଭାବେ ପ୍ରତିପାଦିତ କରିବା ଲକ୍ଷ୍ୟ ନେଇ ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟଚାଷୀ ତାଲିମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିବା ସେ କହିଛନ୍ତି। ପ୍ରାୟ ୧୫ କୋଟି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଏହି ପ୍ରଶିକ୍ଷଣ କେନ୍ଦ୍ରର କାର୍ଯ୍ୟ ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଛି। ତିନିମହଲା ବିଶିଷ୍ଟ ଏହି ପ୍ରଶିକ୍ଷଣ ଭବନରେ ୧୨୦ କ୍ଷମତା ବିଶିଷ୍ଟ ସମ୍ମିଳନୀ କକ୍ଷ, ୪୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ପରୀକ୍ଷାଗାର, ପାଠାଗାର, କର୍ମଚାରୀ କକ୍ଷ, ଅତିଥି କକ୍ଷ, ଅଭ୍ୟର୍ଥନା କକ୍ଷ, ଭୋଜନାଳୟ, ଯାନ ରହଣି ସ୍ଥାନ ପାଇଁ ସୁବିଧା ରହିବ। ପ୍ରତି ବ୍ୟାଚ୍‌ରେ ୧୦୦ ଜଣ ପ୍ରଶିକ୍ଷାର୍ଥୀ ଏଠାରେ ପ୍ରଶିକ୍ଷଣ ନେଇପାରିବେ। ମତ୍ସ୍ୟଚାଷୀ, ଉଦ୍ୟୋଗୀ, ମତ୍ସ୍ୟ ଅଧିକାରୀମାନେ ଉନ୍ନତ ଆଧୁନିକ ମାଛଚାଷ ପଦ୍ଧତି ଏବଂ ଜ୍ଞାନକୌଶଳ ଉପରେ ପ୍ରଶିକ୍ଷଣ ପାଇବା ଫଳରେ ଆମର ମାଛ ଉତ୍ପାଦନ ବୃଦ୍ଧି ପାଇବ ଏବଂ ଚାଷୀଙ୍କ ଆୟ ବହୁଗୁଣିତ ହୋଇପାରିବ। ଚାଷୀଙ୍କ ଦକ୍ଷତା ବିକାଶ ଓ ଉନ୍ନତ ମାଛଚାଷ ମାଧ୍ୟମରେ ମତ୍ସ୍ୟଚାଷୀଙ୍କ ସଶକ୍ତୀକରଣ ଦିଗରେ ଏହା ସହାୟକ ହେବ ବୋଲି ମନ୍ତ୍ରୀ ମଲ୍ଲିକ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ ଆଲମ, ବିଭାଗୀୟ ଅଧିକାରୀ, ମତ୍ସ୍ୟ ଚାଷୀ ପ୍ରମୁଖ ଉପସ୍ଥିତ ଥିଲେ।



ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟଚାଷୀ ତାଲିମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କରୁଛନ୍ତି।

# ସେପ୍ଟେମ୍ବର ୩୦ରେ ପ୍ରକାଶ ପାଇବ ଚାଷୀ ତାଲିକା

## ଖରିଫ ଧାନ ସଂଗ୍ରହ ପାଇଁ ଚାଲିଛି ପଞ୍ଜୀକରଣ

ଖୋର୍ଦ୍ଧା, ୨୩।୭
(ପ୍ରଭାତ ପାଣିଗ୍ରାହୀ)

୨୦୨୫-୨୬ ଖରିଫ ଧାନ ସଂଗ୍ରହ ପାଇଁ ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି(ପ୍ୟାକ୍ସ) ଅଧୀନରେ ଥିବା ଚାଷୀଙ୍କ ପଞ୍ଜୀକରଣ ୧୯ ତାରିଖରୁ ଆରମ୍ଭ ହୋଇଛି। ଅଗଷ୍ଟ ୮ ପର୍ଯ୍ୟନ୍ତ ପଞ୍ଜୀକରଣ ଫର୍ମ ପଞ୍ଜୀକରଣ ସମ୍ପୂର୍ଣ୍ଣ ମାଗଣାରେ ହେବ। ଚାଷୀ ସୋସାଇଟି ସମ୍ପାଦକଙ୍କ ପାଖରେ ଆବଶ୍ୟକ କାଗଜପତ୍ର ସହ ଦାଖଲ କରିବେ। ଅଗଷ୍ଟ ୨୫ ପର୍ଯ୍ୟନ୍ତ ଚାଷୀଙ୍କ ନାମ ସୋସାଇଟି ସମ୍ପାଦକମାନେ ଅନ୍‌ଲାଇନରେ ଅପ୍‌ଲୋଡ କରିବେ। ସେପ୍ଟେମ୍ବର ୯ ସୁଦ୍ଧା କାଗଜପତ୍ର ଯାଞ୍ଚ ହେବ। ଜୁଲାଇ ୨୪ରୁ ସେପ୍ଟେମ୍ବର ୧୦ ତାରିଖ ସୁଦ୍ଧା ତଦନ୍ତ ରିପୋର୍ଟ ଦାୟିତ୍ୱରେ ଥିବା ଅଧିକାରୀମାନେ ଦାଖଲ କରିବେ। ସେପ୍ଟେମ୍ବର ୧୭ତାରିଖ ସୁଦ୍ଧା ସୋସାଇଟିରେ ଯୋଗ୍ୟ ଚାଷୀଙ୍କ ନାମ ପଞ୍ଜୀକରଣ ହେବ। ଯାଞ୍ଚ ପ୍ରକ୍ରିୟା ସମାପ୍ତି ପରେ ସେପ୍ଟେମ୍ବର ୩୦ସୁଦ୍ଧା ଚାଷୀଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ।

ଯେଉଁ ଚାଷୀଙ୍କ ସୋସାଇଟିରେ ଯେତିକି ଜମି ଅଛି, ସେ ସେତିକି ପଞ୍ଜୀକରଣ କରିବେ। ଭାଗ ଚାଷୀମାନେ ଜମି ମାଲିକଙ୍କଠାରୁ ଆଧାର କାର୍ଡ, ଫୋନ୍ ନମ୍ବର, ଚୁକ୍ତିନାମା ଆଣି ନାମ ପଞ୍ଜୀକରଣ କରିବେ। ଗତବର୍ଷ ଅଭାବୀ ବିକ୍ରି ସହ ଶତାଧିକ ଚାଷୀ ଧାନବିକ୍ରିରୁ ବଞ୍ଚିତ ହୋଇଥିଲେ। ଟାର୍ଗେଟ ଦେବାରେ ବିଳମ୍ବରୁ ଟୋକନ ଲାପ୍ସ କାରଣରୁ ଅନେକ ଚାଷୀ ଧାନ ବିକ୍ରି କରିନପାରି ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଆଗାମୀ ଖରିଫ ଋତୁରେ ଚାଷୀ କିଭଳି ମଣ୍ଡିରେ ସୁବିଧାରେ ଧାନ ବିକ୍ରି କରିପାରିବେ ସେଥିପ୍ରତି ଦୃଷ୍ଟି ଦେବାକୁ ବିଭିନ୍ନ ଚାଷୀ ସଙ୍ଗଠନ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

ଜିଲାରେ ମୋଟ ୧ଲକ୍ଷ ୨୪ ହଜାର ୭୬୮ ଚାଷୀ ରହିଛନ୍ତି। ସେଥିରୁ ୧ ହେକ୍ଟରୁ କମ୍ ପରିମାଣର ଚାଷ ଜମି ଥିବା ନାମମାତ୍ର ଚାଷୀଙ୍କ ସଂଖ୍ୟା ୬୫,୮୧୩, କ୍ଷୁଦ୍ର ଚାଷୀଙ୍କ ସଂଖ୍ୟା ୪୭,୧୯୪ ରହିଛି। ଗତ ବର୍ଷ ୪୬ହଜାର, ୨୦୨୩ରେ ୪୪ହଜାର, ୨୦୨୨ରେ ୪୬ହଜାର, ୨୦୨୧ରେ ୪୪ହଜାର ଏବଂ ୨୦୨୦ରେ ୪୩ହଜାର ଚାଷୀ ନାମ ପଞ୍ଜୀକୃତ କରିଥିଲେ। ଚାଷୀଙ୍କ ପଞ୍ଜୀକରଣ ୪୦ରୁ ୫୦ପ୍ରତିଶତ ମଧ୍ୟରେ ସୀମିତ। ଏହା ଏକ ଚିନ୍ତାଜନକ ବିଷୟ। ଯେତିକି ପରିମାଣ ଚାଷ ହେଉଛି, ତାହା ଠାରୁ କମ୍ ପ୍ରତିଶତ ଚାଷ ଧାନ ବିକ୍ରିକରୁଛନ୍ତି। ଧାନବିକ୍ରି ନେଇ ପ୍ରଶାସନିକ ଅବହେଳା ଯୋଗୁ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ପ୍ରତିବର୍ଷ ପ୍ରାୟ ଧାର୍ଯ୍ୟ ଲକ୍ଷ୍ୟଠାରୁ ପ୍ରାୟ ୬ରୁ ୭ହଜାର ଚାଷୀ ଧାନ ବିକ୍ରି କରି ନ ପାରି ରହିଯାଉଛନ୍ତି। ପ୍ରତିବର୍ଷ ଜିଲା ପାଇଁ ଆସୁଥିବା ଟାର୍ଗେଟ ସନ୍ତୋଷଜନକ ନୁହେଁ। ପୁଣି ପ୍ୟାକ୍ସକୁ ଟାର୍ଗେଟ ଆସି ନ ଥିବାବେଳେ ଟୋକନ ଅବଧି ଶେଷ ଯୋଗୁ ଚାଷୀ ଧାନ ବିକ୍ରି କରି ନ ପାରି ବାଧ ହୋଇ କମ୍ ଦାମରେ ବେପାରୀ ହାତକୁ ଟେକି ଦେଉଛନ୍ତି। ଧାନମଣ୍ଡିରେ ସ୍ୱଚ୍ଛତା ଅବଲମ୍ବନ ଏବଂ ଅଧିକରୁ ଅଧିକ ଚାଷୀଙ୍କ ପଞ୍ଜୀକରଣ ଉପରେ ଗୁରୁତ୍ୱ ଦେବାକୁ ବିଭିନ୍ନ ଚାଷୀ ସଙ୍ଗଠନ ଦାବି କରିଛନ୍ତି। ଏନେଇ ସମବାୟ ସମିତି ସମୂହ ସହକାରୀ ନିବନ୍ଧକ ଅଳକାନନ୍ଦା ଜେନାଙ୍କ କହିବା ହେଲା, ଚାଷୀଙ୍କ ନାମ ପଞ୍ଜୀକରଣ ପାଇଁ ସମସ୍ତ ପ୍ୟାକ୍ସ, ଡାଟା ଏଣ୍ଟ୍ରି ଅପରେଟରମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଚାଷୀଙ୍କ ପଞ୍ଜୀକରଣ ସମ୍ପୂର୍ଣ୍ଣ କରିବାକୁ ସମସ୍ତ ପ୍ୟାକ୍ସ ସମ୍ପାଦକମାନଙ୍କୁ ପରାମର୍ଶ ଦିଆଯାଇଛି ବୋଲି ଜେନା କହିଛନ୍ତି।

# କୋହିନୁର୍ ଫେରାଇ ଆଣିବାକୁ ଆଇସିଜେରେ ଆବେଦନ



ଆବେଦନ ସମ୍ପର୍କରେ ଶ୍ରୀଜଗନ୍ନାଥ ସେନା ଆବାହକ ଡ. ପ୍ରିୟଦର୍ଶନ ପଟ୍ଟନାୟକ ସୂଚନା ଦେଉଛନ୍ତି।

ଭୁବନେଶ୍ୱର, ୨୩।୭
(ସୌମ୍ୟରଞ୍ଜନ ରାଉତ)

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୋହିନୁର ହୀରା ଶ୍ରୀମନ୍ଦିରକୁ ଫେରାଇ ଆଣିବା ପାଇଁ ନେଦରଲାଣ୍ଡର ହେଗ୍‌ସ୍ଥିତ ଅନ୍ତର୍ଜାତୀୟ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ରେ ଗତ ଜୁଲାଇ ୧୪ରେ ଶ୍ରୀଜଗନ୍ନାଥ ସେନା ଆବାହକ ଆଇନଜୀବୀ ଡ. ପ୍ରିୟଦର୍ଶନ ପଟ୍ଟନାୟକ ଆବେଦନ କରିଛନ୍ତି। ବିଶ୍ୱର ୧୨୦ କୋଟି ଜଗନ୍ନାଥପ୍ରେମୀଙ୍କ ପକ୍ଷରୁ ସେ ଏହି ଆବେଦନ କରିଥିବା ଡ. ପଟ୍ଟନାୟକ ସୂଚନା ଦେଇଛନ୍ତି।

ଡ. ପଟ୍ଟନାୟକ ତାଙ୍କ ଆବେଦନପତ୍ରରେ ଉଲ୍ଲେଖ କରିଛନ୍ତି ଯେ, କୋହିନୂର ବିଶ୍ୱର ମୂଲ୍ୟବାନ ହୀରା, ଯାହା ୧୦୫ କ୍ୟାରେଟ୍‌ର। ଏହି କ୍ୟାରେଟ୍‌ର ହୀରା ବିଶ୍ୱରେ ନାହିଁ। ତତ୍କାଳୀନ ପଞ୍ଜାବର ରାଜା ରଞ୍ଜିତ ସିଂ ୧୮୩୯ରେ କୋହିନୂର ହୀରାକୁ ଶ୍ରୀଜଗନ୍ନାଥଙ୍କୁ ଅର୍ପଣ କରିଥିଲେ। ରାଜା ରଞ୍ଜିତ ସିଂ ତାଙ୍କ ୱିଲ ବା ଇଚ୍ଛାପତ୍ରରେ ଏହା ଉଲ୍ଲେଖ କରିଥିଲେ। ମହାରାଜା ରଞ୍ଜିତ ସିଂଙ୍କ ତୀର୍ଥଗୁରୁ ଶ୍ରୀମନ୍ଦିରର ପଣ୍ଡା ସେବକ ତଥା ଅବିଭକ୍ତ ପଞ୍ଜାବର ଯାତ୍ରୀପଣ୍ଡା ପୁରୀର କଳିଯୁଗ ପ୍ରତିହାରୀଙ୍କ ନିକଟରେ ସୁରକ୍ଷିତ ଭାବେ ରହିଛି। ପୂର୍ବରୁ କୋହିନୂର ଫେରାଇ ଆଣିବା ପାଇଁ ଇଂଲଣ୍ଡ ସରକାରଙ୍କ ନିକଟରେ ଦେଶ ପକ୍ଷରୁ ଆବେଦନ କରାଯାଇଥିଲା। ହେଲେ କୋହିନୂର ନ ଫେରାଇବା ପାଇଁ ଇଂଲଣ୍ଡ ସରକାର ଡିଭାଇଡିଂ ରୁଲ ଲାଗୁ କରିଥିଲେ। ଅର୍ଥାତ କୋହିନୁରର ଦାବିଦାର ଆଫଗାନସ୍ଥାନ, ବାଂଲାଦେଶ, ପାକିସ୍ତାନ, ଇରାନ ଓ ଭାରତ ବୋଲି କହି ଏହି ପ୍ରସଙ୍ଗକୁ ଅତି ଚତୁରତାର ସହ ଏଡ଼ାଇ ଯାଇଥିଲେ। ଯେହେତୁ ବିଭିନ୍ନ ଦେଶ ଏହାର ଦାବିଦାର ବୋଲି ଜିଦ୍ ଧରିଲେ ତେଣୁ ଏହି ପ୍ରସଙ୍ଗଟି ଗୋଲମାଳିଆ ହୋଇଗଲା ଏବଂ ବ୍ରିଟିଶ ସରକାର ନିଜ ଫାଇଦାରେ ରହିଲେ। କିନ୍ତୁ ଏହି ହୀରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ବୋଲି ଶ୍ରୀଜଗନ୍ନାଥ ସେନା ନିବେଦନ କରିଛି। ତେଣୁ ମହାପ୍ରଭୁ ଶ୍ରୀଜଗନ୍ନାଥ ସେମାନଙ୍କର ବୋଲି ବାଂଲାଦେଶ, ଇରାନ କି ପାକିସ୍ତାନ କେହି କହିବେ ନାହିଁ। ଷ୍ଟେଟ୍ ଆର୍କାଇଭରୁ ଏକ ମିଲିଟାରି ଡକ୍ୟୁମେଣ୍ଟ ଶ୍ରୀଜଗନ୍ନାଥ ସେନାର ହସ୍ତଗତ ହୋଇଛି। ଏଥିରେ ଉଲ୍ଲେଖ ରହିଛି ଯେ, ରଞ୍ଜିତ ସିଂହ ୧୮୩୯ରେ ଇରାନ୍‌ର ନାଦିର ଶାହାଙ୍କୁ ଯୁଦ୍ଧରେ ହରାଇ ତାଙ୍କଠାରୁ କୋହିନୁର ହୀରା ଆଣିଥିଲେ। ମହାରାଜା ରଞ୍ଜିତ ସିଂ ଯେତେବେଳେ ପଞ୍ଜାବ ଫେରୁଥିଲେ, ବାଟରେ ସେ ଦୃଷ୍ଟିଶକ୍ତି ହରାଇ ବସିଲେ। ଖାଇବରପାସ୍ (ଭାରତ-ପାକିସ୍ତାନ-ଆଫଗାନିସ୍ତାନ ସୀମାବର୍ତ୍ତୀ ଅଞ୍ଚଳ)ଠାରେ ତାଙ୍କର ଶେଷ ଇଚ୍ଛାପତ୍ରରେ ସେ ଉଲ୍ଲେଖ କରିଥିଲେ ଯେ, ତାଙ୍କର ଦୃଷ୍ଟିଶକ୍ତି କମୁଥିବାରୁ ସେ କୋହିନୁର ହୀରାକୁ ମହାପ୍ରଭୁଙ୍କୁ ଦାନ କରୁଛନ୍ତି। ଏହାଦ୍ୱାରା ସେ ଦୃଷ୍ଟିଶକ୍ତି ଫେରିପାଇବେ ବୋଲି ଚିନ୍ତାକରି ଏଭଳି ନିଷ୍ପତ୍ତି ନେଇଥିଲେ। ଏଥିସହ ଚାରିଧାମକୁ ୫୦ ହଜାର ଲେଖାଏ ସ୍ୱର୍ଣ୍ଣମୁଦ୍ରା ଦାନ ଦେଇଥିଲେ। କୋହିନୁରକୁ ପୁରୁଷ ପରିଧାନ କଲେ ଦୃଷ୍ଟିଶକ୍ତି ହରାଇ ବସିବେ ବୋଲି କୁହାଯାଏ। ବୁଧବାର ସୂଚନା ଭବନରେ ଶ୍ରୀଜଗନ୍ନାଥ ସେନା ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଆବାହକ ଡ. ପଟ୍ଟନାୟକ ଏହି ସୂଚନା ଦେଇଛନ୍ତି।

# ହୀରକ ଜୟନ୍ତୀ ପ୍ରସ୍ତୁତି ବୈଠକ

ବେଗୁନିଆ, ୨୩।୭
(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ କଣ୍ଟାବାଡ଼ ଗ୍ରାମସ୍ଥିତ ନୀଳକଣ୍ଠ ସରକାରୀ ଉଚ୍ଚ ବିଦ୍ୟାଳୟର ୬୦ତମ ପୂର୍ତ୍ତି ଉପଲକ୍ଷେ ହୀରକ ଜୟନ୍ତୀ ପାଳନ ନିମନ୍ତେ ବୁଧବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପୁରାତନ ଛାତ୍ର ସଂସଦର ସଭାପତି ଶିବ ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଉପେନ୍ଦ୍ର ଦାଶ ସଂଯୋଜନା କରିଥିଲେ। ଏହି ଅବସରରେ ପ୍ରଧାନଶିକ୍ଷକ ବିଜୟ କୁମାର ମହାପାତ୍ର, ସଦସ୍ୟ ଡ. ଅମରେନ୍ଦ୍ର ମହାପାତ୍ର, ଡ. ସର୍ବନାରାୟଣ ମିଶ୍ର, ଶିଶିର କୁମାର ଆଚାର୍ଯ୍ୟ, ଶିକ୍ଷାବିତ୍ କୈଳାସ ନାଥ ସୁବୁଦ୍ଧି, ଗଗନ ବିହାରୀ ବେହେରା, ବଂଶୀଧର ପାଣିଗ୍ରାହୀ, ମନୋ ରଞ୍ଜନ ପଣ୍ଡା, ସଦସ୍ୟ ହରିହର ସାହୁ, ଶ୍ରୀକାନ୍ତ କୁମାର ବାହିନୀପତି, ଦିଲୀପ କୁମାର ପାଣିଗ୍ରାହୀ ଓ ବିଦ୍ୟାଧର ମହାରଣା ପ୍ରମୁଖ ଯୋଗଦେଇ ହୀରକ ଜୟନ୍ତୀକୁ ସଫଳ କରିବା ପାଇଁ ମତାମତ ଉପସ୍ଥାପନ କରିଥିଲେ। ଏହି ପ୍ରସ୍ତୁତି ବୈଠକ ପୁନର୍ବାର ଅଗଷ୍ଟ ୧୭ ରବିବାର ହେବ ବୋଲି ନିଷ୍ପତ୍ତି ନିଆଯାଇଛି। ସଭା ପ୍ରାରମ୍ଭରେ ବିଦ୍ୟାଳୟର ପ୍ରତିଷ୍ଠାତା ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ନୀଳକଣ୍ଠ ମିଶ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ତାରା ରୋପଣ କରିଥିଲେ।

# ଆମ ବସ୍‌କୁ ଧକ୍କା ଦେଲା କାର୍

**ବାରଙ୍ଗ, ୨୩।୭ (ଲିଙ୍ଗରାଜ ରାଉତ):** ସୁଭାଷସେତୁ ଉପରେ ବୁଧବାର ଏକ ଦୁର୍ଘଟଣା ଘଟିଛି। ଆମ ବସ ପଛକୁ ଏକ କାର ଧକ୍କା ଦେଇଥିବା ବେଳେ କାର୍ ଚଳକ ଅଳ୍ପକେ ବର୍ତ୍ତିଯାଇଛନ୍ତି। ପୂର୍ବାହ୍ନ ୯ଟାରେ ଆମ ବସ (ନଂ-ଓଡି ୩୩ୟୁ ୭୩୬୧) କଟକରୁ ଭୁବନେଶ୍ୱର ଆସୁଥିଲା। ସୁଭାଷ ସେତୁ ଉପରେ ଏକ ବାଇକ୍ ଆଗରେ ରହିଯିବାରୁ ବସ୍ ଥିବାରୁ ଅଟକି ଯାଇଥିଲା। ଏହି ସମୟରେ ପଛରୁ ଆସୁଥିବା କାର୍ (ନଂ-ଡବ୍ଲୁ ୪ବିଜି ୧୩୮୧) ବସ୍ ପଛରେ ପିଟି ହୋଇଯାଇଥିଲା। ଘଟଣାସ୍ଥଳରେ ଟ୍ରାଫିକ ସମସ୍ୟା ଦେଖାଦେବାରୁ ମର୍କତନଗର ପୋଲିସ ପହଞ୍ଚି ଟ୍ରାଫିକ୍ ସମସ୍ୟା ହଟାଇବା ସହ ବସ୍ ଓ କାର୍‌କୁ ଜବତ କରିଥିଲା।

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ବିଜ୍ଞପ୍ତି ସଂ.
MSM-TW-CERT-SBP-17-25

**କାର୍ଯ୍ୟର ନାମ :** ଦୁଇ ବର୍ଷ ଅବଧି ନିମନ୍ତେ ସମ୍ବଲପୁର ସଦର ଠାରେ 20 KG. CI ଟେଷ୍ଟ ୱେଟ୍‌ସ୍‌ର ଲୋଡ଼ିଙ୍ଗ / ଅନଲୋଡ଼ିଙ୍ଗ, ପେଣ୍ଟିଙ୍ଗ, ସମନ୍ୱୟ ଏବଂ ପରୀକ୍ଷଣ, ଓଜନ ଏବଂ ମାପ ଆଇନ୍ ଓ ନିୟମ ଅନୁଯାୟୀ ଷ୍ଟେଟ୍ ଲିଗାଲ୍ ମେଟ୍ରୋଲୋଜି ବିଭାଗ, ଓଡ଼ିଶା ଦ୍ୱାରା ଯାଞ୍ଚ ପ୍ରମାଣପତ୍ର ଜାରି କରିବା ସହିତ ପରୀକ୍ଷଣ ୱାଗନର କ୍ରମାଙ୍କନ ଏବଂ ମୋହର ମାରିବା (Calibration and Stamping) ନିମନ୍ତେ ଶ୍ରମିକ ପ୍ରଦାନ କରିବା।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 25,07,468/-, **EMD :** ₹ 50,200/-, କାର୍ଯ୍ୟ ଶେଷ ହେବା ଅବଧି: 24 ମାସ।

(2) ଟେଣ୍ଡର ବିଜ୍ଞପ୍ତି ସଂ.
MSM-HYDPNE-SBP-KBJ-18-25

**କାର୍ଯ୍ୟର ନାମ :** ତିନି ବର୍ଷ ନିମନ୍ତେ ସମ୍ବଲପୁର ଏବଂ କଣ୍ଟାବାଞ୍ଜିର 140T BD କ୍ରେନ୍‌ର ହାଇଡ୍ରୋଲିକ୍ ଏବଂ ନ୍ୟୁମେଟିକ୍ (Hydraulic and Pneumatic) ସିଷ୍ଟମ୍ (ମୁଖ୍ୟ ଇଞ୍ଜିନ୍ ଏବଂ SLI ସିଷ୍ଟମ ବ୍ୟତୀତ ସମସ୍ତ ସିଷ୍ଟମ)ର ରକ୍ଷଣାବେକ୍ଷଣ ନିମନ୍ତେ ବାର୍ଷିକ ରକ୍ଷଣାବେକ୍ଷଣ ଚୁକ୍ତି।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 40,35,968/-, **EMD :** ₹ 80,700/-, ଟେଣ୍ଡର ନଥିପତ୍ରର ମୂଲ୍ୟ : ₹ 3,540/-, କାର୍ଯ୍ୟ ଶେଷ ହେବା ଅବଧି : 36 ମାସ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** 06.08.2025, 1500 ଘଣ୍ଟିକା (ଉଭୟ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଛେ।

ଡିଭିଜନାଲ ମେକାନିକାଲ ଇଂଜିନିୟର(Frt), ସମ୍ବଲପୁର
PR-390/Q/25-26

**NOTICE**

This is for information that K.P. Enterprisers, that was operating at its old office at Flat No. 4-B, Block-B, 4'Th Floor, Swastik Enclave, Buxi Bazar, Cuttack-753001, after a resolution between the partners on 21.07.2025 have resolved and registered a Notary with Sl. No. 2571, dt. 22.07.2025 that they shall now operate from "Plot No. 2078, 3'Rd Floor, Dhanawat Compound, Mahatab Road, Cuttack-753012". This is for general information and notice.

See Career Appointment on every **Wednesday & Saturday**

**TPWODL**
**TP WESTERN ODISHA DISTRIBUTION LIMITED**
(A Joint Venture of Tata Power and Government of Odisha)
Corporate Office : Burla, Dist.-Sambalpur (Odisha)-768017

**NOTICE INVITING TENDER**

**T.No.TPWODL/PJ/O/SU/2500001018 Date: 23.07.2025**

TP Western Odisha Distribution Limited, invites tender quotations (in 2part bidding) from eligible vendors for the following package :

**One Year RC for supply of Different types of LED Light.**

Interested bidders are to submit Tender Participation Fee and Authorization Letter through email on or before **2nd Aug 2025, 15:00Hrs.**, after which the link from e-Tender system shall be shared with them.

For detailed tender documents of the above-mentioned tender, please visit Tender section of **www.tpwesternodisha.com.** All details for participating in tender is given in the tender document.

All future correspondence regarding the tender, bid submission, date extension etc. will take place with the participating bidders only through E-Tender system.

Sd/- **Head- Contracts & Procurement**

**Government of Jharkhand**
**Urban Development and Housing Department**
**PHUSRO NAGAR PARISHAD (BOKARO)**

**Very Short Term Notice Inviting Tender**
**Re-E-Tender Notice No. : - PMC/04/2024-25 (2nd Call)**

| Group No. | Tender Reference No. | Description | Estimated Cost in Rs. | Earnest Money in Rs. | BOQ Document Fees in Rs. | Duration for Work |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 7 | PMC/07/04/2024-25 | Providing and Constructing of PCC Road work from Ragho Yadav House to Laxmi Paswan House to Rajendra Chouhan House, Hero Shop To Thakur House, Naveen Thakur House to Bangla Tak, Manoj Singh House to Karipani Main Road, Bijli Ghar to Varun Singh Office, Ganga Rajak House to Manoj Sharma House, Raju House to Chotu Shop, Main Road to Sarju Chouhan House, Back of New Qrtr to Shamshan Ghat upto 1700 M Length Under Nagar Parishad Phusro (Bokaro) | 1,00,51,483 | 2,01,100 | 10,000 | 06 Month |

1. Date of Publication of Tender on website (Online) - 25.07.2025 From 10:30 AM (Uploading of Bid Online Only)
2. Date of Downloading of Tender on website (Online) - 25.07.2025 From 10:30 AM (Downloading Bid Online Only)
3. Last Date and Time of Submitting of Bids (Online) - 31.07.2025 up to 05:00 PM (Submitting Bid Online Only)
4. Date and Time of Opening of Bid (Online Only) – 01.08.2025 From 10:30 AM (Opening of Bid Online Only)
5. Name of Online E-Tender Notice Inviting Officer - Mr. Rajeev Ranjan (Administrator, Phusro Nagar Parishad)
6. Name and Address of E-Tender Notice Inviting Office - Office of The Administrator, Phusro Nagar Parishad (Bokaro)
7. Contact No. of E-Procurement Officer – 06549-356303
8. Help Line No. of E-Procurement Office - 06549-356303
9. Only E-Tenders will be accepted. Further details can be seen on website http://jharkhandtenders.gov.in
10. The Executive Officer/Authority have reserves the right to reject/cancel/ postponed/extend of any one or all tender accepts at any stage without assigning any reasons and which cann't be challenged in any court.
11. Estimated Cost/BOQ Quantity may be vary increase or decrease as per decision and direction by Technical Authority/PhusroNagar Parishad, Bokaro and all term & conditions will be applicable as per given in NIT.

**Administrator**
**Phusro Nagar Parishad, Bokaro**

**PR 357973 Urban Development(25-26).D**

# ୪ର୍ଥ ଜିଲାସ୍ତରୀୟ ଇଜ୍‌ତମା ଉଦ୍‌ଯାପିତ




ଜିଲାସ୍ତରୀୟ ଇଜ୍‌ତମା ସମାରୋହରେ ଉପସ୍ଥିତ ମୌଲାନା ଏବଂ ଅନ୍ୟମାନେ।

ଖୋର୍ଦ୍ଧା, ୨୩।୭
(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ନିକଟସ୍ଥ କେରଙ୍ଗ ଗ୍ରାମରେ ଦୁଇଦିନ ଧରି ଚାଲିଥିବା ଖୁଦାମୁଲ ଓ ଅତ୍‌ଫାଲୁଲ ଅହମଦିୟା (ଯୁବ ଓ କିଶୋର ସଂଗଠନ)ର ଚତୁର୍ଥ ବାର୍ଷିକ ଜିଲାସ୍ତରୀୟ ଇଜ୍‌ତମା ସମାରୋହ ଅନୁଷ୍ଠିତ ହୋଇଯାଇଛି। ପ୍ରତ୍ୟୁଷରୁ ଏକ ଗଣଦୌଡ଼ ଦ୍ୱାରା ଏହାର ଶୁଭାରମ୍ଭ ହୋଇଥିଲା। ପବିତ୍ର କୋରାନ ଆବୃତ୍ତି ପରେ ଖୋର୍ଦ୍ଧା, ନୟାଗଡ଼ ଓ ପୁରୀ ଜିଲା ଅମୀର ଜନାବ ସୈଫୁର ଅହମଦ ସାହେବ ଯୁବସଂଘର ପତାକା ଉତ୍ତୋଳନ କରି ଏହି ସମାରୋହକୁ ଉଦ୍‌ଘାଟନ କରି ସଂଗଠନର ଆଭିମୁଖ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ଯୁବକମାନଙ୍କର ସୁଧାର ନ ହେବା ପର୍ଯ୍ୟନ୍ତ ଜାତିର ସୁଧାର ଅସମ୍ଭବ ବୋଲି କହିଥିଲେ। ମୌଲାନା ଶେଖ ଇଦ୍ରିସ ସାହେବ ମଞ୍ଚ ପରିଚାଳନା କରିଥିଲେ। ଏହି ଅବସରରେ ବିଭିନ୍ନ ଜ୍ଞାନ ଓ କ୍ରୀଡ଼ା ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଏହି ଇଜ୍‌ତମାରେ କେରଙ୍ଗ, ଖୋର୍ଦ୍ଧା, ଭୁବନେଶ୍ୱର, ଜଟଣୀ, ପୁରୀ ନୟାଗଡ଼, ମାଣିକାଗୋଡ଼ା, ଦଶପଲ୍ଲା, ଖଜୁରିପଡ଼ା ଓ ଥେରୁବାଲି ଇତ୍ୟାଦି ୧୧ ଗୋଟି ମଜ୍‌ଲିସରୁ ୧୦୫ ଜଣ ଖୁଦ୍ଦାମ ଓ ୬୫ ଜଣ ଅତ୍‌ଫାଲ ଅଂଶଗ୍ରହଣ କରିଥିଲେ। ଏଥିରେ ଫୁଟ୍‌ବଲ, ଭଲିବଲ, ଦଉଡି ଟଣା ଓ ବାଟୁଳି ଚାଳନା ଆଦି ଖେଳ ଅତି ଚିତ୍ତାକର୍ଷକ ହୋଇଥିଲା। ଏବର୍ଷ କେରଙ୍ଗ ଦଳଗତ ଚାମ୍ପିୟନ ହୋଇଥିବାବେଳେ ମହମୁଦାବାଦ ମଜଲିସ ରନର୍ସ ଅପ୍ ସିଲ୍ଡ ହାସଲ କରିଥିଲା। ଏହି ସମସ୍ତ କାର୍ଯ୍ୟକ୍ରମକୁ ସୋଲେମାନ ଅହମଦ ପରିଚାଳନା କରିଥିଲେ। ମୌ. ହଲିମ ଅହମଦ, ଇଂ. ରୌଶନ ଅହମଦ, ମୌ. ହଲିମ ଖାନ ତଥା ସମସ୍ତ ମଜଲିସରୁ ଧର୍ମଗୁରୁମାନେ ଯୋଗଦେଇ ବିଚାରପତି ଭାବେ କାର୍ଯ୍ୟନିର୍ବାହ କରିଥିଲେ।

**ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ (ଇ-ୟୁଜିବି)**
କ୍ଷେତ୍ରୀୟ କାର୍ଯ୍ୟାଳୟ-ବ୍ରହ୍ମପୁର, ୨ୟ ଏବଂ ୩ୟ ମହଲା, ହର୍ଷ ଆର୍‌କେଡ୍, ସୁବା ରାଓ ସ୍କୋୟାର, ଜନାନା ହସ୍ପିଟାଲ ରୋଡ୍, ବ୍ରହ୍ମପୁର-୭୬୦୦୦୧, ଜିଲ୍ଲା: ଗଞ୍ଜାମ, ଓଡ଼ିଶା, ଇ-ମେଲ: ro.berhampur@ukgb.in

**ଡିମାଣ୍ଡ ନୋଟିସ୍**

ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍

ନିମ୍ନ ସ୍ୱାକ୍ଷରକାରୀ ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ୍ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ ୨୦୦୨ ଏବଂ ଧାରା ୧୩(୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ ୨୦୦୨ ର ରୁଲ୍ ୯ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ, ନିମ୍ନଲିଖିତ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ନିମ୍ନଦର୍ଶିତ ତାରିଖରେ ଡିମାଣ୍ଡ ନୋଟିସ୍ ଜାରି କରାଯାଇଥିଲା। କଥିତ ନୋଟିସ୍ ଅନୁଯାୟୀ ସେମାନଙ୍କୁ ସେମାନଙ୍କର ସମ୍ପୂର୍ଣ୍ଣ ଦେୟ ରାଶି ସହିତ ଭବିଷ୍ୟତ ସୁଧ, ଆଇନଗତ ଖର୍ଚ୍ଚ ଏବଂ ଆନୁସଙ୍ଗିକ ଦେୟ ଆଦି ବ୍ୟାଙ୍କ / ସୁରକ୍ଷିତ ଋଣଦାତାଙ୍କୁ କଥିତ ନୋଟିସ୍‌ର **୬୦ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା। ଉକ୍ତ ନୋଟିସ୍‌କୁ ଏ.ଡି. ସହିତ ରେଜିଷ୍ଟ୍ରି ଡାକରେ ଋଣଗ୍ରହୀତାଙ୍କ ପାଖକୁ ପଠାଯାଇଥିଲା। କିନ୍ତୁ ତାହା ଡାକ ବିଭାଗ ପକ୍ଷରୁ ଅପ୍ରାପ୍ତି ଦର୍ଶାଇ ନିମ୍ନ ସ୍ୱାକ୍ଷରକାରୀଙ୍କ ନିକଟକୁ ଫେରସ୍ତ ଆସିଛି। ବ୍ୟାଙ୍କ ଦ୍ୱାରା ବନ୍ଧକପ୍ରାପ୍ତ ସୁରକ୍ଷିତ ସମ୍ପତ୍ତିର ସବିଶେଷ ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ଏତଦ୍‌ଦ୍ୱାରା ପୁନଶ୍ଚ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କୁ ଏହି ନୋଟିସ୍ ପ୍ରକାଶିତ ହେବାର **୬୦ଦିନ** ମଧ୍ୟରେ ସେମାନଙ୍କର ଆକାଉଣ୍ଟର ନିମ୍ନମତେ ଦର୍ଶିତ ବକେୟା ଦେୟରାଶି ସହିତ ପରବର୍ତ୍ତୀ ସୁଧ, ଦେୟ ଓ ଆଇନଗତ ଖର୍ଚ୍ଚ ପୈଠ କରିବାକୁ କୁହାଯାଇଛି। ଯଦି ସେମାନେ ବ୍ୟାଙ୍କକୁ **୬୦ଦିନ** ମଧ୍ୟରେ ସମ୍ପୂର୍ଣ୍ଣ ଦେୟ ପୈଠ କରିବାରେ ବିଫଳ ହୁଅନ୍ତି ତେବେ ନିମ୍ନସ୍ୱାକ୍ଷରକାରୀ ଋଣଗ୍ରହୀତା/ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ବିରୁଦ୍ଧରେ ସିକ୍ୟୁରିଟାଇଜେସନ୍ ଆଣ୍ଡ୍ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ୍ ଆଣ୍ଡ୍ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩(୪) ଅନୁଯାୟୀ ଏକ କିମ୍ବା ଏକାଧିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବାଧ ହେବେ। କଥିତ ଆକ୍ଟର ଧାରା ୧୩(୧୩) ଅନୁଯାୟୀ ନିମ୍ନବର୍ଣ୍ଣିତ ସମ୍ପତ୍ତିଗୁଡ଼ିକୁ ବ୍ୟାଙ୍କର ଅନୁମତି ବିନା ବିକ୍ରୟ, ଲିଜ୍ ଆଦି ମାଧ୍ୟମରେ ହସ୍ତାନ୍ତରିତ କିମ୍ବା ଦଖଲ କରିବା ପାଇଁ ସେମାନଙ୍କୁ ନିଷେଧ କରାଯାଉଅଛି। ବ୍ୟାଙ୍କ ଦ୍ୱାରା ପ୍ରଚଳିତ ବ୍ୟବସ୍ଥାରେ ବଳବତ୍ତର ଥିବା ଆଇନ ଅନୁଯାୟୀ ଆବଶ୍ୟକ ସ୍ଥଳେ ସଠିକ୍ ବିଚାର୍ଯ୍ୟ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ / ଆଇନଗତ ପ୍ରକ୍ରିୟା ଆରମ୍ଭ କରିବାର ଅଧିକାରକୁ ପ୍ରତିହତ ନକରି ଏହି ନୋଟିସ୍ ଜାରି କରାଯାଇଛି।

| ଶାଖା / ଋଣଗ୍ରହୀତା / ଆଇନଗତ ଉତ୍ତରାଧିକାରୀ / ଜାମିନ୍‌ଦାର/ବନ୍ଧକଦାତାମାନଙ୍କ ନାମ ଏବଂ ଠିକଣା/ଆକାଉଣ୍ଟ ନଂ. | ନୋଟିସ୍ ତାରିଖ / ବକେୟା ପରିମାଣ | ସମ୍ପତ୍ତିଗୁଡ଼ିକର ବିବରଣୀ / ଋଣ ପ୍ରକାର |
|---|---|---|
| କୋଦଳା ଶାଖା / **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ମହେଶ୍ୱର ରାଉତ,** ପିତା: ସ୍ୱ ଧନୁ ରାଉତ, ସା: ବିରିବାଟିଆ, ପୋ: କେ. ବରିଡ଼ା, ଭାୟା: ବେଗୁନିଆପଡ଼ା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୩୧ / **ଆକାଉଣ୍ଟ ନଂ.: ୮୪୦୬୦୩୪୪୫୮୨** | ୦୪.୦୬.୨୦୨୫ / ୦୪.୦୬.୨୦୨୫ ସୁଦ୍ଧା ଟ.୬,୧୮,୦୨୩.୦୦ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | **ଶ୍ରୀ ମହେଶ୍ୱର ରାଉତ,** ପିତା: ଶ୍ରୀ ଧନୁ ରାଉତଙ୍କ ନାମରେ ରେକର୍ଡଭୁକ୍ତଥିବା ଜମି ଏବଂ ଗୃହ ଯାହାର ମୌଜା: ବିରିବାଟିଆ, ତହସିଲ: କୋଦଳା (୨୩୫), ଥାନା: କୋଦଳା (୨୩୫), ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୪୨୫/୧୮୬, ପ୍ଲଟ୍ ନଂ.: ୫୨୩/୩୨୪୫/୩୨୫୨, କ୍ଷେତ୍ର: ଏକର ୦.୦୧୩ ଡିସିମିଲି, ପ୍ଲଟ୍ ନଂ.: ୫୨୪/୩୨୪୬/୩୨୫୩, କ୍ଷେତ୍ର: ଏକର୦.୦୧୮ଡିସିମିଲି, **ସମୁଦାୟ ୧ଟି ଖାତା, ୨ଟି ପ୍ଲଟ୍, ସମୁଦାୟ କ୍ଷେତ୍ର: ଏକର୦.୦୩୧ଡିସିମିଲି / ବନ୍ଧକ ଋଣ** |
| କୋଦଳା ଶାଖା / **ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଭ୍ରମର ପ୍ରଧାନ,** ପିତା: ସ୍ୱ ଦିନ ପ୍ରଧାନ, ସା: ହରିଡ଼ାମୂଳ, ପୋ: ଶ୍ୟାମସୁନ୍ଦରପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୩୦ / **ଆକାଉଣ୍ଟ ନଂ.: ୮୪୦୬୪୨୬୧୩୮୪** | ୦୪.୦୬.୨୦୨୫ / ୦୪.୦୬.୨୦୨୫ ସୁଦ୍ଧା ଟ.୯,୪୦,୯୩୩.୦୦ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | **ଶ୍ରୀ ଭ୍ରମର ପ୍ରଧାନ,** ପିତା: ସ୍ୱ ଦିନ ପ୍ରଧାନଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହ ଯାହାର ମୌଜା: ହରିଡ଼ାମୂଳ, ତହସିଲ: ଖଲ୍ଲିକୋଟ (୨୬୩), ଥାନା: ଖଲ୍ଲିକୋଟ (୧୫୫), ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୩୮/୧୧୭, ପ୍ଲଟ୍ ନଂ.: ୩୯/୩୭୩, କ୍ଷେତ୍ର: ଏକର୦.୦୨୨ଡିସିମିଲି / **ବନ୍ଧକ ଋଣ** |
| ନୂଆପେଣ୍ଠ ଶାଖା / **ଋଣଗ୍ରହୀତା ଏବଂ ବନ୍ଧକଦାତା: ସ୍ୱ ରାମ ଚନ୍ଦ୍ର ସାହୁ,** ପିତା: ସ୍ୱ ଭାଗିରଥି ସାହୁ, ସ୍ୱ ରାମ ଚନ୍ଦ୍ର ସାହୁଙ୍କୁ ପ୍ରତିନିଧିତ୍ୱ କରୁଥିବା **ଆଇନଗତ ଉତ୍ତରାଧିକାରୀମାନେ: ୧) ଶ୍ରୀମତୀ କୁନ୍ତି ସାହୁ,** ସ୍ୱାମୀ: ସ୍ୱ ରାମ ଚନ୍ଦ୍ର ସାହୁ, **୨) ଶ୍ରୀ ସଞ୍ଜୟ ସାହୁ,** ପିତା: ସ୍ୱ ରାମ ଚନ୍ଦ୍ର ସାହୁ, **୩) ଶ୍ରୀ ସନ୍ତୋଷ ସାହୁ,** ପିତା: ସ୍ୱ ରାମ ଚନ୍ଦ୍ର ସାହୁ, ସମସ୍ତଙ୍କ ଠିକଣା ସା: ଓଳପୁର, ପୋ: ଚିକିଟିଗଡ଼, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦, **୪) ଶ୍ରୀମତୀ ସଞ୍ଜୁ ସାହୁ,** ପିତା: ଶ୍ରୀ ରାମ ଚନ୍ଦ୍ର ସାହୁ, ସା: କାଳିଗାଁ, ପୋ: ଶ୍ରୀକାକୁଲମ, ଆନ୍ଧ୍ରପ୍ରଦେଶ, ପିନ୍-୫୩୨୩୧୨ / **ଜାମିନ୍‌ଦାରମାନେ: ୧) ଶ୍ରୀ କୃଷ୍ଣ ଚନ୍ଦ୍ର ସାହୁ,** ପିତା: ସ୍ୱ ଭାଗିରଥି ସାହୁ, ସା: ଧାନଘର, ପୋ: ଚିକିଟିଗଡ଼, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦, **୨) ଶ୍ରୀ ପ୍ରଭାକର ପଣ୍ଡା,** ପିତା: ସ୍ୱ ରାମ ଚନ୍ଦ୍ର ପଣ୍ଡା, ସା: ତାଳପଡ଼ା, ପୋ: ଖାରିଆଗୁଡ଼ା, ଭାୟା: ସୁରଙ୍ଗୀ, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦, **୩) ଶ୍ରୀ ଦେବରାଜ ସାହୁ,** ପିତା: ସ୍ୱ ଭାଗିରଥି ସାହୁ, ସା: ଧାନଘର, ପୋ: ଚିକିଟିଗଡ଼, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦, **୪) ଶ୍ରୀ ଜଗନ୍ନାଥ ସାହୁ,** ପିତା: ସ୍ୱ ଭାଗିରଥି ସାହୁ, ସା: ଓଳପୁର, ପୋ: ଚିକିଟିଗଡ଼, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୦ / **ଆକାଉଣ୍ଟ ନଂ.: ୧୩୫୩୫୪୪୪୧୭୧** | ୧୬.୧୦.୨୦୨୪ / ୧୬.୧୦.୨୦୨୪ ସୁଦ୍ଧା ଟ.୧୧,୮୫,୩୧୧.୦୦ + ସୁଧ, ଆଇନଗତ ଖର୍ଚ୍ଚ ଏବଂ ସେବାବଦ ଦେୟ | **ସ୍ୱ ରାମ ଚନ୍ଦ୍ର ସାହୁ,** ପିତା: ସ୍ୱ ଭାଗିରଥି ସାହୁଙ୍କ ନାମରେ ରେକର୍ଡଭୁକ୍ତ ଥିବା ଜମି ଏବଂ ଗୃହ ଯାହାର ମୌଜା: ଓଳପୁର, ଥାନା: ନୂଆଗାଁ, ତହସିଲ: ଚିକିଟି, ଜିଲ୍ଲା: ଗଞ୍ଜାମ, ଖାତା ନଂ.: ୩୯୧, ପ୍ଲଟ୍ ନଂ.: ୯୫୨, କ୍ଷେତ୍ର: ଏକର୦.୦୨୫ଡିସିମିଲି, କିସମ: ଘରବାରି/ **ମିଆଦି ଋଣ** |

ସ୍ଥାନ: ବ୍ରହ୍ମପୁର
ତାରିଖ: ୨୩.୦୭.୨୦୨୫

ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ,
ଓଡ଼ିଶା ଗ୍ରାମୀଣ ବ୍ୟାଙ୍କ

# ଭିଜିଲାନ୍ସ ଜାଲରେ କୋଟିପତି ବିଏମ୍‌ସି ନିର୍ବାହୀ ଯନ୍ତ୍ରୀ


ଜଗନ୍ନାଥଙ୍କ ବଡ଼ଗଡ଼ସ୍ଥିତ ୩ ମହଲା କୋଠା

**ଘରୁ ହରିଣ ଶିଙ୍ଗ, ଅଧ କେଜି ସୁନା, ଦେଶୀ ବନ୍ଧୁକ ଜବତ**

- ■ଭୁବନେଶ୍ୱର ଓ ରାୟଗଡ଼ାର ୪ ସ୍ଥାନରେ ଚଢ଼ାଉ
- ■ ୩ ବହୁତଳ ପ୍ରାସାଦ, ୩ ଫ୍ଲାଟ୍, ଫାର୍ମ ହାଉସ୍ ଠାବ
- ■ ଜମା ଓ ନିବେଶ ୮୦.୩୫ ଲକ୍ଷ


ଜଗନ୍ନାଥ ପଟ୍ଟନାୟକ

ଭୁବନେଶ୍ୱର,୨୩।୭(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) କୋଟିପତି ନିର୍ବାହୀ ଯନ୍ତ୍ରୀ(ଇଇ) ଜଗନ୍ନାଥ ପଟ୍ଟନାୟକ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଭିଜିଲାନ୍ସ ନିର୍ଦ୍ଦେଶାଳୟ ପକ୍ଷରୁ ବୁଧବାର ଜଗନ୍ନାଥଙ୍କ ଭୁବନେଶ୍ୱର ଓ ରାୟଗଡ଼ାର ୪ଟି ସ୍ଥାନରେ ଚଢ଼ାଉ କରାଯାଇଛି। ଯାଞ୍ଚ ଜାରି ରହିଥିବା ସ୍ଥାନ ମଧ୍ୟରେ ବଡ଼ଗଡ଼ସ୍ଥିତ ବାସଭବନ, ରାୟଗଡ଼ା ଜିଲା ଗୁଣପୁର ଜନଗମ୍ ଷ୍ଟ୍ରିଟ୍‌ସ୍ଥିତ ପୈତୃକ ଘର ଓ ବିଏମ୍‌ସି ଅଫିସସ୍ଥିତ ଚାମ୍ବର ଆଦି ରହିଛି। ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍‌ଙ୍କ ଦ୍ୱାରା ଜାରି ସର୍ଚ୍ଚ ୱାରେଣ୍ଟ ବଳରେ ଏହି ଯାଞ୍ଚ ଚାଲିଥିବାବେଳେ ଏଥିରେ ଭିଜିଲାନ୍ସର ୬ ଡିଏସ୍‌ପି, ୧୦ଜଣ ଇନ୍ସପେକ୍ଟର ଓ ଅନ୍ୟାନ୍ୟ ସହାୟକ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସନ୍ଧ୍ୟା ସୁଦ୍ଧା ଭିଜିଲାନ୍ସ ଟିମ୍ ଜଗନ୍ନାଥଙ୍କ ବହୁ ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ କରିଛି।

ଭିଜିଲାନ୍ସ ରିପୋର୍ଟ ଅନୁଯାୟୀ, ଜଗନ୍ନାଥଙ୍କ ଭୁବନେଶ୍ୱରସ୍ଥ ବଡ଼ଗଡ଼ରେ ୪,୫୬୦ ବର୍ଗଫୁଟ ଅଞ୍ଚଳ ପରିମିତ ପ୍ଲଟ୍ ନଂ.ଆର୍‌ପି-୧୨ରେ ଗୋଟିଏ ୩ ମହଲା କୋଠା ଠାବ ହୋଇଛି। ସେହିପରି ରାୟଗଡ଼ା ଜିଲା ଗୁଣପୁରରେ ୨ଟି ଦୁଇ ମହଲା କୋଠା ଓ ଭୁବନେଶ୍ୱରରେ ୩ଟି ବହୁମୂଲ୍ୟ ଫ୍ଲାଟ୍ ମଧ୍ୟ ଠାବ ହୋଇଛି। ଫ୍ଲାଟଗୁଡ଼ିକ ମଧ୍ୟରେ ଖଣ୍ଡଗିରିରେ ଗୋଟିଏ ଓ ବଡ଼ଗଡ଼ରେ ୨ଟି ରହିଛି। ଚଢ଼ାଉବେଳେ ଜଗନ୍ନାଥଙ୍କ ବାସଭବନରୁ ହଳେ ହରିଣ ଶିଙ୍ଗ ଓ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଛି। ସେହିପରି ଭୁବନେଶ୍ୱର ବାଲିଅନ୍ତା ତହସିଲ୍ ଅଧୀନ ରଣପୁର ମୌଜାରେ ଗୋଟିଏ ଫାର୍ମ ହାଉସ୍ ଠାବ ହୋଇଛି। ଏହି ଫାର୍ମ ହାଉସରେ ଗୋଟିଏ ଦୁଇମହଲା କୋଠା, ଆଉ ଏକ ଘର, ମାଛ ପୋଖରୀ ରହିଛି। ଏଥିସହ ନଡ଼ିଆ, କଦଳୀ, ଡ୍ରାଗନ୍ ଫଳ, ପିଜୁଳି, ଅଙ୍ଗୁର, ବ୍ଲାକବେରି, ଲେମ୍ବୁ, ଆମ୍ବ ଆଦି ଗଛ ଫାର୍ମରେ ଲଗାଯାଇଥିବାବେଳେ ଏକ କୁକୁଡ଼ା ଫାର୍ମ ରହିଛି। ସେହିପରି ତାଙ୍କ ଘରୁ ୪୬୦ ଗ୍ରାମର ସୁନା ଅଳଙ୍କାର ଠାବ ହୋଇଛି। ଜଗନ୍ନାଥଙ୍କ ବ୍ୟାଙ୍କ, ଜୀବନବୀମା ଜମା ଓ ମ୍ୟୁଚୁଆଲ ଫଣ୍ଡରେ ନିବେଶ ୮୦ ଲକ୍ଷ ୩୫ ହଜାର ୩୬୧ ଟଙ୍କା ରହିଥିବା ଜଣାପଡ଼ିଛି। ଏଥିସହ ଘରୁ ୭ଲକ୍ଷ ଟଙ୍କାର ଘରୋଇ ଉପକରଣ ଓ ନଗଦ ଟଙ୍କା ମିଳିଛି। ମିଳିଥିବା ବେଳେ ଗୋଟିଏ ଚାରିଚକିଆ ଯାନ (ମାରୁତି ଗ୍ରାଣ୍ଡ ଭିଟାରା) ଓ ଦୁଇଟି ଦୁଇଚକିଆ ଯାନ ଠାବ ହୋଇଛି।

## ୩୩ବର୍ଷର ଚାକିରି, ଜେଇରୁ ନିର୍ବାହୀ ଯନ୍ତ୍ରୀ

ଜଗନ୍ନାଥ ୧୯୯୨ ନଭେମ୍ବର ୨ରେ ସରକାରୀ ସେବାରେ ଯୋଗ ଦେଇ କନିଷ୍ଠ ଯନ୍ତ୍ରୀ (ଜେଇ) ଭାବେ ଗୁଣୁପୁର ଏନ୍‌ଏସିରେ କାମ କରିଥିଲେ। ୨୦୦୬ ପର୍ଯ୍ୟନ୍ତ ସେ ସେଠାରେ କାମ କରିଥିଲେ। ଉକ୍ତ ବର୍ଷ ସହକାରୀ ଯନ୍ତ୍ରୀ (ଏଇ) ଭାବେ ପଦୋନ୍ନତି ପାଇ ଜଗନ୍ନାଥ ବ୍ରହ୍ମପୁର ପୌରପାଳିକାରେ ନିଯୁକ୍ତି ପାଇଥିଲେ। ୨୦୧୧ରେ ସେ ଭୁବନେଶ୍ୱର ମହାନଗର ନିଗମକୁ ବଦଳି ହୋଇଥିଲେ। ୨୦୧୬ରେ ସହକାରୀ ନିର୍ବାହୀ ଯନ୍ତ୍ରୀ (ଏଇଇ) ଭାବେ ପଦୋନ୍ନତି ପାଇଥିଲେ। ୨୦୨୪ ଅକ୍ଟୋବରରେ ନିର୍ବାହୀ ଯନ୍ତ୍ରୀ ପାହ୍ୟାକୁ ପଦୋନ୍ନତି ପାଇ କାମ କରି ଆସୁଛନ୍ତି।

# ଯୁବକଙ୍କ ଗଳାକାଟି ଦେଲେ ପ୍ରେମିକା

କେନ୍ଦ୍ରାପଡ଼ା,୨୩।୭(ଜଗନ୍ନାଥ ଧଳ)

- ■ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି
- ■ଆକ୍ରମଣକାରୀ ଫେରାର, ପୋଲିସର ତଦନ୍ତ ଜାରି

କେନ୍ଦ୍ରାପଡ଼ା ଜିଲା ସଦର ଥାନା ଅଧୀନ ହଜାରୀ ଛକରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଜଣେ ଯୁବକଙ୍କ ଗଳାକୁ ତାଙ୍କ ପ୍ରେମିକା କାଟି ଦେଇ ଫେରାର ହୋଇଯାଇଛନ୍ତି। ରାସ୍ତା ପାର୍ଶ୍ୱରେ ପଡିଥିବା ସେହି ଯୁବକଙ୍କୁ ପୋଲିସ ଗୁରୁତର ଅବସ୍ଥାରେ ଉଦ୍ଧାର କରି କଟକ ବଡ଼ ମେଡିକାଲରେ ଭର୍ତ୍ତି କରିଛି। ସମ୍ପୃକ୍ତ ଯୁବକଙ୍କ ବୟାନକୁ ଆଧାର କରି ପୋଲିସ ଏକ ମାମଲା(ନଂ.୩୪୩/୨୫) ରୁଜୁ ତଦନ୍ତ ଚଳାଇଛି। ଏହି ତଦନ୍ତରେ ପୋଲିସ ଫରେନସିକ ଟିମ୍ ଓ ଡଗ୍ ସ୍କ୍ୱାର୍ଡକୁ ସାମିଲ କରିଛି। ତେବେ କେଉଁ କାରଣରୁ ଏପରି ଘଟଣା ଘଟିଲା ସେ ସମ୍ପର୍କରେ କିଛି ସ୍ପଷ୍ଟ ହୋଇନାହିଁ।

ଉକ୍ତ ଘଟଣା ସମ୍ପର୍କରେ ଏସ୍‌ଡିପିଓ ଜ୍ୟୋତିରଞ୍ଜନ ଗୌଡ କହିଛନ୍ତି, ଆହତ ଯୁବକ ଜଣକ ଜଗତସିଂହପୁର ଜିଲା କୁଜଙ୍ଗ ଥାନା ବାଘୁଆ ଠେଙ୍ଗ ଗ୍ରାମର ସତ୍ୟଜିତ ଷଡ଼ଙ୍ଗୀ। ମଙ୍ଗଳବାର ରାତି ପ୍ରାୟ ୯ଟା ସମୟରେ ମାର୍ଶାଘାଇ ଥାନା ପୋଲିସ ପାଟ୍ରୋଲିଂ କରୁଥିଲା। ଏଏସ୍‌ଆଇ ଲୋଭାବତୀ ସାହୁ ସତ୍ୟଜିତ୍‌ଙ୍କୁ ଗୁରୁତର ଅବସ୍ଥାରେ ହଜାରୀ ଛକ ସେତୁଠାରୁ ଅନତି ଦୂରରୁ ଉଦ୍ଧାର କରିଥିଲେ। ଜିଲା ମୁଖ୍ୟ ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କଟକ ବଡ଼ ମେଡିକାଲ ପଠାଯାଇଛି। ସତ୍ୟଜିତ କହିଛନ୍ତି, ଜଗତସିଂହପୁର ଜିଲା ତିର୍ତ୍ତୋଲ ଥାନା ଅଢ଼ାବତୀ ଗ୍ରାମର ଜଣେ ମହିଳାଙ୍କ ସହିତ ତାଙ୍କର ପ୍ରେମ ସମ୍ପର୍କ ଥିଲା। ଘଟଣାଦିନ ସମ୍ପୃକ୍ତ ମହିଳା ତାଙ୍କ ଗଳାକୁ କୌଣସି ଧାରୁଆ ଅସ୍ତ୍ରରେ କାଟି ସ୍କୁଟିରେ ଫେରାର ହୋଇଯାଇଥିଲେ। ଏହାକୁ ନେଇ ଜିଲା ପୋଲିସ ତନାଘନା ଚଳାଇଛି। ଖୁବ୍‌ଶୀଘ୍ର ଅପରାଧୀ ଧରାପଡିବେ ବୋଲି ଏସ୍‌ଡିପିଓ ଗୌଡ ସୂଚନା ଦେଇଛନ୍ତି।

# ଜମି ବ୍ୟବସାୟୀଙ୍କୁ ଗୁଳିମାଡ଼

କୁଆଁରମୁଣ୍ଡା,୨୩।୭(ମହେନ୍ଦ୍ର କୁମାର ସାହୁ)

ସୁନ୍ଦରଗଡ଼ ଜିଲା ବୀରମିତ୍ରପୁର ତହସିଲ ଅଫିସ ନିକଟରେ ବୁଧବାର ଜଣେ ଜମି ବ୍ୟବସାୟୀଙ୍କୁ ଗୁଳିମାଡ଼ ହୋଇଛି। ସେ ହେଲେ ଉତ୍ତମ କୁମାର ଘୋଷ। ଏହି ଖବର ପ୍ରଚାରିତ ହେବା ପରେ ବୀରମିତ୍ରପୁର ଆଇଆଇସି ରାମପ୍ରସାଦ ନାଗ ଓ ଏସ୍‌ଡିପିଓ ସୁଶାନ୍ତ ଦାସ ଘଟଣା ସ୍ଥଳରେ ପହଞ୍ଚି ତନାଘନା ଜାରି ରଖିଛନ୍ତି। ଏନେଇ ବୀରମିତ୍ରପୁର ଥାନାରେ ଏକ ମାମଲା ରୁଜୁ ହୋଇଛି। ଖବର ଲେଖାହେବା ପର୍ଯ୍ୟନ୍ତ ଦୁର୍ବୃତ୍ତ ଧରା ପଡ଼ିନାହାନ୍ତି।

ମିଳିଥିବା ସୂଚନା ଅନୁଯାୟୀ, ଉତ୍ତମ ତହସିଲ ଅଫିସ ନିକଟରେ କାର ଭିତରେ ଥିଲେ। ଏହି ସମୟରେ ଦୁର୍ବୃତ୍ତମାନେ ଆସି ୨ ରାଉଣ୍ଡ ଗୁଳି ଚାଳନା କରି ଫେରାର ହୋଇଯାଇଥିଲେ। ଗୁଳି ଉତ୍ତମଙ୍କ କାରରେ ବାଜିଥିଲା। ସେ କାର ଭିତରେ ଥିବାରୁ ସାମାନ୍ୟ ଆହତ ହୋଇ ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ତେବେ ଜମି ବେପାରକୁ ନେଇ ଏହି ଗୁଳିକାଣ୍ଡ ଘଟିଥାଇପାରେ ବୋଲି ଆଲୋଚନା ହେଉଛି।

# ଏସ୍‌ଟିଏଫ୍ ହାତରେ ଅଭ୍ୟାସଗତ ଅପରାଧୀ

ଭୁବନେଶ୍ୱର,୨୩।୭ (ସତ୍ୟଜିତ୍ ରାଉତ)

**୧୫ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ପାରାଦୀପ ଥାନାରେ ୧୭ ମାମଲା**

କ୍ରାଇମ୍‌ବ୍ରାଞ୍ଚର ସ୍ପେଶାଲ ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ବୁଧବାର ରାଜଧାନୀ ତମାଣ୍ଡୋ ଥାନା ଅଞ୍ଚଳର ୧୬ ନଂ. ଜାତୀୟ ରାଜପଥରେ ଚଢ଼ାଉ କରି ପୁରୀ ଜିଲା ଗଡ଼ିଷଗଡ଼ା ଥାନା ଅଞ୍ଚଳର ଲଳିତ ଭୁଜବଳ (୩୬)ଙ୍କୁ ଗିରଫ କରିଛି। ତାଙ୍କଠୁ ଏକ ଚାରିଚକିଆ ଯାନ (ଓଡି୦୫-ବିୟୁ-୧୮୧୩) ଓ ସେଥିରୁ ୭ଟି ଜରି ପେଟିରେ ଭର୍ତ୍ତି ୧ କୁଇଣ୍ଟାଲ ୪୭ କେଜି ଗଞ୍ଜେଇ ଜବତ କରାଯାଇଛି। ଏନେଇ ଏସ୍‌ଟିଏଫ୍ ପକ୍ଷରୁ ଏନ୍‌ଡିପିଏସ୍ ଆକ୍ଟରେ ଏକ ମାମଲା (ନଂ.୧୫/୨୦୨୫) ରୁଜୁ କରାଯାଇ ଅଭିଯୁକ୍ତ ଲଳିତଙ୍କୁ ଭୁବନେଶ୍ୱରସ୍ଥିତ ଖୋର୍ଦ୍ଧା ଜିଲା ଓ



ଦୌରାଜଜ୍‌ଙ୍କ ଅଦାଲତକୁ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଲଳିତ ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବାବେଳେ ତାଙ୍କ ନାମରେ ଆର୍ମସ ଆକ୍ଟ, ଇଣ୍ଡିଆନ୍ ଏକ୍ସପ୍ଲୋସିଭ୍ ଆକ୍ଟ ସହ ଆଇପିସିର ବିଭିନ୍ନ ଦଫାରେ ପାରାଦୀପ ଥାନାରେ ୧୭ଟି ମାମଲା ରହିଥିବା ଏସ୍‌ଟିଏଫ୍ ପକ୍ଷରୁ ସୂଚନା ଦିଆଯାଇଛି। ଲଳିତ ପୂର୍ବରୁ ବହୁତ ଥର ଜେଲ ଯିବା ପରେ ମଧ୍ୟ ଅପରାଧ ଘଟାଉଥିଲେ। ତେବେ ସେ ଏତେ ପରିମାଣର ଗଞ୍ଜେଇ କେଉଁଠୁ ଆଣିଲେ ସେନେଇ ଏସ୍‌ଟିଏଫ୍ ଅଧିକ ତଥ୍ୟ ସଂଗ୍ରହ କରୁଛି।

# ସୁନା କାରବାର ଆଳରେ ୧୨ କୋଟିରୁ ଊର୍ଦ୍ଧ୍ୱ ଠକେଇ

ଭୁବନେଶ୍ୱର,୨୩।୭ (ସତ୍ୟଜିତ୍ ରାଉତ)

**ଅଭିଯୁକ୍ତ ଗିରଫ, ଦାମୀ କାର୍ ଜବତ**

ସୁନା କାରବାର ଆଳରେ ବିଭିନ୍ନ ବ୍ୟବସାୟୀଙ୍କୁ ୧୨ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ମାମଲାରେ ଜଣେ ଅଭିଯୁକ୍ତଙ୍କୁ କମିଶନରେଟ୍ ପୋଲିସର ସ୍ପେଶାଲ କ୍ରାଇମ୍ ୟୁନିଟ (ଏସ୍‌ସିୟୁ) ଗିରଫ କରିଛି। ସେ ହେଲେ ଆଚାର୍ଯ୍ୟ ବିହାର ଅଞ୍ଚଳର ରମେଶ ଚନ୍ଦ୍ର ମାଝୀ। ତାଙ୍କଠୁ ଏକ ଦାମୀ କାର ଜବତ କରାଯାଇଛି। ଅଭିଯୁକ୍ତ ରମେଶଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବା ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଏହି ମାମଲାରେ ରମେଶଙ୍କ ସ୍ତ୍ରୀ ଅନିଶା ସୁବୁଦ୍ଧି ମଧ୍ୟ ସହ ଅଭିଯୁକ୍ତ ରହିଛନ୍ତି।

ପୋଲିସ ସୂଚନା ଅନୁଯାୟୀ, ଏମ୍/ଏସ୍ ଷ୍ଟାରୱେ ଗୋଲ୍ଡ ଆଣ୍ଡ୍ ଡାଇମଣ୍ଡ ପ୍ରାଇଭେଟ ଲିଃ ଓ ଷ୍ଟାରୱେ ଡେଭ୍‌ଲପର୍ସ ପିଭିଟି ଲିଃର ଏମ୍‌ଡି ଭୋଳାନାଥ ମହାନ୍ତି ରମେଶଙ୍କ ଦ୍ୱାରା ୫.୬ କୋଟି ଟଙ୍କା ଠକେଇର ଶିକାର ହୋଇଥିଲେ। ତାଙ୍କ ଏତଲା ଆଧାରରେ


ରମେଶ ଚନ୍ଦ୍ର ମାଝୀ

ମଙ୍ଗଳବାର ସ୍ପେଶାଲ କ୍ରାଇମ ୟୁନିଟ୍ ଏକ ମାମଲା (ନଂ.୫/୨୦୨୫) ରୁଜୁ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। କେବଳ ଭୋଳାନାଥ ନୁହନ୍ତି, ଅନ୍ୟ ୧୫ଜଣ ମଧ୍ୟ ରମେଶଙ୍କ ଦ୍ୱାରା ପ୍ରାୟ ୭କୋଟି ଟଙ୍କା ଠକେଇର ଶିକାର ହୋଇଛନ୍ତି। ତେବେ ୧୦ଜଣ ପୀଡ଼ିତ ନ୍ୟାୟ ପାଇବା ପାଇଁ ବୁଧବାର ପୋଲିସ କମିଶନର ଏସ୍. ଦେବଦତ୍ତ ସିଂଙ୍କୁ ଭେଟି ଅଭିଯୋଗ ମଧ୍ୟ କରିଛନ୍ତି। ରମେଶ ନିଜକୁ ବଡ଼ ସୁନା ଟ୍ରେଡର ବୋଲି ପରିଚୟ ଦେଉଥିଲେ। ନିଲାମ ସୁନା କିଣିବା ପରେ ବିକ୍ରି କଲେ ଅଧିକ ଲାଭ ମିଳିବା ଆଶା ଦେଇ ଲୋକଙ୍କୁ ଜାଲରେ ଫସାଉଥିଲେ। ରମେଶ କହୁଥିଲେ,ବିଭିନ୍ନ ବ୍ୟାଙ୍କରେ ସୁନା ନିଲାମ ହେବାବେଳେ ତାଙ୍କୁ ସେ ବିଲ୍ କରି ଆଣନ୍ତି। ଏହାପରେ ଉକ୍ତ ସୁନାକୁ ସେ ବ୍ୟବସାୟୀମାନଙ୍କୁ ବିକ୍ରି କରି ବହୁ ଲାଭ କରନ୍ତି। ଏଥିପାଇଁ ଆର୍‌ବିଆଇ ପକ୍ଷରୁ ଅନୁମୋଦନ ମିଳିଥିବା ରମେଶ ମିଛ କହୁଥିଲେ। ରମେଶ ୨୦୨୨ରୁ ୨୦୨୩ ମଧ୍ୟରେ ଅଭିଯୋଗକାରୀ ଭୋଳାନାଥଙ୍କଠାରୁ ୫.୬ କୋଟି ଟଙ୍କା ନେଇଥିଲେ। ସେ ଏହା ବଦଳରେ ଲାଭ ମିଶାଇ ୬.୭୨ କୋଟି ଦେବେ ବୋଲି କହିଥିଲେ। ହେଲେ ପରବର୍ତ୍ତୀ ସମୟରେ ରମେଶ ଟଙ୍କା ଫେରାଉ ନ ଥିଲେ କି ଧରାଛୁଆଁ ମଧ୍ୟ ଦେଉ ନ ଥିଲେ। ଏପରିକି ଘରକୁ ଗଲେ ବିଭିନ୍ନ ଉପାୟରେ ଧମକ ଦେଉଥିଲେ ବୋଲି ଭୋଳାନାଥ କହିଛନ୍ତି। ତେବେ ତଦନ୍ତ ଆଗେଇବା ପରେ ଠକେଇର ପରିମାଣ ଆଗକୁ ବଢ଼ିବ ବୋଲି ସନ୍ଦେହ କରାଯାଉଛି।

**ଫଟୋ ଭାଇରାଲ ପରେ ବିଷ ପିଇବା ଘଟଣା**

# ଗୁରୁତର ଯୁବତୀଙ୍କୁ ଏମ୍‌ସ ସ୍ଥାନାନ୍ତର

ଉମରକୋଟ, ୨୩।୭ (ସନ୍ତୋଷ ଶତପଥୀ)

**ଫଟୋ ଭାଇରାଲ କରିଥିବା ଯୁବକ ଗିରଫ**

ନବରଙ୍ଗପୁର ଜିଲା ରାଇଘର ଥାନା ଅଞ୍ଚଳର ଜଣେ ଯୁବତୀଙ୍କ କେତେକ ଫଟୋ ଭାଇରାଲ କରିଦେଲେ ତାଙ୍କୁ ଏକତରଫା ପ୍ରେମ କରୁଥିବା ଜଣେ ଯୁବକ। ତେବେ ଯୁବତୀ ଜଣକ ଲୋକଲଜ୍ଜା ଭୟରେ ବିଷ ପିଇଦେଲେ। ଏବେ ସେ ଗୁରୁତର ଅବସ୍ଥାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ଜିଲା ସ୍ୱାସ୍ଥ୍ୟକେନ୍ଦ୍ରରେ ପୀଡ଼ିତାଙ୍କୁ ଚିକିତ୍ସା କରାଯାଇଥିଲା। ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ଉନ୍ନତ ଚିକିତ୍ସା ଯୋଗାଇଦେବାକୁ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନ ପ୍ରଚେଷ୍ଟାରେ ବୁଧବାର ସନ୍ଧ୍ୟାରେ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇ ଥିବା ନେଇ ନବରଙ୍ଗପୁର ସିଡିଏମ୍‌ଓ ସନ୍ତୋଷ କୁମାର ପଣ୍ଡା ସୂଚନା ଦେଇଛନ୍ତି। ଫଟୋ ଭାଇରାଲ କରିଥିବା ଯୁବକଙ୍କୁ ନୟାଗଡ଼ରୁ ଗିରଫ କରାଯାଇଥିବାବେଳେ ତାଙ୍କ ବାପାଙ୍କୁ ଅଟକ ରଖାଯାଇଛି। ସେହିଭଳି ରାଇଘର ପୋଲିସର ଏକ ଟିମ୍ ଜୟପୁର ଯାଇ ଯୁବତୀଙ୍କ ପୁରୁଷ ବନ୍ଧୁଙ୍କୁ ଆଣି ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁଯାୟୀ, ରାଇଘର ଅଞ୍ଚଳର ଜଣେ ଯୁବତୀ ଜୟପୁରରେ ନର୍ସିଂ ଦ୍ୱିତୀୟ ବର୍ଷ ଛାତ୍ରୀ। ସେଠାରେ ସେ ହଷ୍ଟେଲରେ ରହି ପଢୁଥିଲେ। ପୀଡ଼ିତାଙ୍କୁ ଏକତରଫା ପ୍ରେମ କରୁଥିବା ପଡ଼ୋଶୀ ଗାଁର ସତ୍ୟଜିତ ସରକାର ଗତ ଜୁଲାଇ ୧୩ରେ ଜୟପୁର ଯାଇ ରାସ୍ତା ଉପରେ ଯୁବତୀଙ୍କୁ ମାରପିଟ କରିଥିଲେ। ସ୍ଥାନୀୟ ଲୋକେ ଜୟପୁର ପୋଲିସକୁ ଏନେଇ ଖବର ଦେଇଥିଲେ। ଜୟପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ଥାନାକୁ ନେଇଯାଇଥିଲେ। ଯୁବତୀ ଜଣକ ସତ୍ୟଜିତଙ୍କ ନାମରେ ଏତଲା ଦେଇଥିଲେ। ପୋଲିସ କେସ୍ ନଂ. ୨୪୭/୨୫ରେ ମାମଲା ରୁଜୁକରିବା ସହ ସତ୍ୟଜିତଙ୍କୁ ଗିରଫ କରିଥିଲା। ୧୪ ତାରିଖରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ତାଙ୍କ ଜାମିନ ମଞ୍ଜୁର ହୋଇଥିଲା। ୧୫ ତାରିଖରେ ପୀଡ଼ିତା ଅଭିଭାବକଙ୍କ ସହ ଘରକୁ ଫେରି ଆସିଥିଲେ। ୧୬ ତାରିଖରେ ସତ୍ୟଜିତ ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁଙ୍କ ଅନ୍ତରଙ୍ଗ ଫଟୋ ଭାଇରାଲ କରିଦେଇଥିଲେ। ପୀଡ଼ିତା ଲୋକାଲଜ୍ଜା ସହି ନ ପାରି ୧୭ରେ ଘରେ ଥିବା ଘାସମରା ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର, ଛତିଶଗଡ଼ କୋଣ୍ଡାଗାଁ ଜିଲା ସ୍ୱାସ୍ଥ୍ୟକେନ୍ଦ୍ର ଓ ଅବସ୍ଥା ଗୁରୁତର ହେବାରୁ ରାୟପୁର ନେଇଥିଲେ। କିନ୍ତୁ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ନ ହେବାରୁ ଡାକ୍ତରଙ୍କ ପରାମର୍ଶ କ୍ରମେ ୨୧ଜୁଲାଇରେ ପରିବାର ଲୋକେ ପୀଡ଼ିତାଙ୍କୁ ଘରକୁ ନେଇ ଆସିଥିଲେ। ମଙ୍ଗଳବାର ରାଇଘର ଥାନାରେ ପୀଡ଼ିତାଙ୍କ ଦାଦା ଏକ ଲିଖିତ ଅଭିଯୋଗ କରିଥିଲେ। ଜୟପୁର ପୋଲିସ ଉପଯୁକ୍ତ ତଦନ୍ତକରି କଠୋର କାର୍ଯ୍ୟାନୁଷ୍ଠାନ ନେଇଥିଲେ ଏପରି ସ୍ଥିତି ଉପୁଜି ନ ଥାନ୍ତା ବୋଲି ପୀଡ଼ିତାଙ୍କ ପରିବାର ଲୋକେ ଏତଲାରେ ଉଲ୍ଲେଖ କରିଛନ୍ତି। ଅଭିଯୋଗ ଆଧାରରେ ପୋଲିସ କେସ୍ ନଂ. ୧୬୦/୨୫ରେ ଏକ ମାମଲା ରୁଜୁ କରିଛି। ଘରକୁ ଯାଇ ପୋଲିସ ପୀଡ଼ିତାଙ୍କ ବୟାନ ରେକର୍ଡ କରିଥିବା ଥାନାଧିକାରୀ ରଘୁନାଥ ମାଝୀ ସୂଚନା ଦେଇଛନ୍ତି। ପୋଲିସ ଆମ୍ବୁଲାନ୍ସ ଯୋଗେ ପୀଡ଼ିତାଙ୍କୁ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲା। ସେଠାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ଆଇସିୟୁରେ ଭର୍ତ୍ତି କରାଯାଇଥିଲା। ଘଟଣା ସମ୍ପର୍କରେ ଖବରପାଇ ମାତୃ ଆଶ୍ରୟ ଆଶ୍ରମ ଅଧ୍ୟକ୍ଷା କାଦମ୍ବିନୀ ତ୍ରିପାଠୀ ସେଠାରେ ପହଞ୍ଚି ପୀଡ଼ିତାଙ୍କୁ ଭେଟିଛନ୍ତି। ନବରଙ୍ଗପୁର ଜିଲା କଂଗ୍ରେସ ସଭାପତି ଭୁଜବଳ ମାଝୀ, ପୂର୍ବତନ ସଭାପତି ମୁନା ତ୍ରିପାଠୀ ଓ ଦେବବ୍ରତ ପଣ୍ଡା, ଅବଦୁଲ ଫିରୋଜ, ଧନଞ୍ଜୟ ପୂଜାରୀ ଆଇସିୟୁ ବାହାରେ ଧାରଣାରେ ବସିଥିଲେ। ପୀଡ଼ିତାଙ୍କୁ ଏସ୍‌ସିବି କିମ୍ବା ଏମ୍ସ ସ୍ଥାନାନ୍ତର ଓ ଅଭିଯୁକ୍ତଙ୍କୁ ଧରିବା ଦାବି କରିଥିଲେ। ସେହିଭଳି ଉମରକୋଟ ବିଧାନସଭା ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ସନରାଜ ଗଣ୍ଡ ପୀଡ଼ିତାଙ୍କ ପରିବାରକୁ ଭେଟିଥିଲେ। ଅଭିଯୁକ୍ତଙ୍କୁ ଧରିବାକୁ ଏକ ଟିମ୍ ଗଠନ କରାଯାଇଛି। ବିଭିନ୍ନ ଦିଗକୁ ନେଇ ତଦନ୍ତ କରାଯାଉଛି। ଅତିଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ଏସ୍‌ଡିପିଓ ଶୁଭେନ୍ଦୁ ଶବର କହିଛନ୍ତି।

# ଦେଶୀ ମଦଭାଟି କର୍ମଚାରୀଙ୍କୁ ହତ୍ୟା ଅଭିଯୋଗ

ବଲାଙ୍ଗୀର, ୨୩।୭ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ସିନ୍‌ଖମନ ଗାଁରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି । ଦେଶୀ ମଦଭାଟିରେ କାର୍ଯ୍ୟରତ ଜଣେ କର୍ମଚାରୀଙ୍କୁ ହତ୍ୟା କରାଯାଇଥିବା ଥାନାରେ ଅଭିଯୋଗ ହୋଇଛି। ମୃତ କର୍ମଚାରୀ ଜଣକ ହେଲେ ବିହାର ପ୍ରଦେଶର ସାରଦା ଯାଦବ (୬୫) । ମିଳିଥିବା ସୂଚନା ଅନୁଯାୟୀ, ମଙ୍ଗଳବାର ରାତିରେ ଉକ୍ତ ଦେଶୀ ମଦଭାଟିର ୨ଜଣ କର୍ମଚାରୀ ସିନ୍‌ଖମନ ଗାଁକୁ ଯାଇଥିଲେ। ସେଠାରେ ୪-୫ ଜଣ ବ୍ୟକ୍ତି ୨ କର୍ମଚାରୀଙ୍କ ମଧ୍ୟରୁ ଜଣକୁ ଅଟକ ରଖି ଅନ୍ୟ ଜଣକୁ ଦେଶୀ ମଦଭାଟିକୁ ଯାଇ ଭାଟି ମ୍ୟାନେଜରଙ୍କୁ ଗାଁକୁ ପଠାଇବା ପାଇଁ କହିଥିଲେ। ତେବେ ମଦଭାଟି ମ୍ୟାନେଜର ସେଠାକୁ ଯାଇ ନ ଥିଲେ । ପରେ ସାରଦା ସିନ୍‌ଖମନ ଗାଁକୁ ଯାଇଥିବା ବେଳେ ସେଠାରେ ତାଙ୍କୁ ଆକ୍ରମଣ କରାଯାଇଥିଲା । ଆକ୍ରମଣରେ ସେ ଗୁରୁତର ଆହତ ହୋଇପଡିଥିଲେ। ପରେ ଆକ୍ରମଣକାରୀମାନେ ସେଠାରୁ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ଭାଟି କର୍ମଚାରୀ ସାରଦାଙ୍କୁ ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ସଦର ଥାନାରେ ଅଭିଯୋଗ ହେବା ପରେ ପୋଲିସ ମାମଲା ରୁଜୁକରି ତଦନ୍ତ ଚଳାଇଛି। ପୋଲିସ ଉକ୍ତ ଗାଁର ୪-୫ ଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିଥିବା ଜଣାଯାଇଛି।

# ବନ ବିଭାଗରେ ହାଜର ହେଲେ ଖଳନାୟକ

- ■ମଞ୍ଚରେ ଅଜଗର ସାପ ଧରି ଯାତ୍ରା ପରିବେଷଣ କରିବା ମହଙ୍ଗା ପଡ଼ିଲା
- ■ ଅଜଗର ନୁହେଁ, ସାଉଥ୍ ଆଫ୍ରିକାର ବଲ-ପାଇଥନ୍ ବୋଲି ଦର୍ଶାଇଲେ

ଚଣ୍ଡିଖୋଲ,୨୩।୭(ପ୍ରଦୀପ୍ତ କୁମାର ପୃଷ୍ଟି)

ମଞ୍ଚରେ ଅଜଗର ସାପ ଧରି ଯାତ୍ରା ପରିବେଷଣ କରିବା ତୁଳସୀ ଗଣନାଟ୍ୟର ଖଳନାୟକ ସାଜିଥିବା ଅଭିନେତା ସାଇ ସତ୍ୟଜିତ୍ ପଣ୍ଡାଙ୍କ ପାଇଁ ମହଙ୍ଗା ପଡ଼ିଛି। ବନ ବିଭାଗ ନୋଟିସ ଅନୁସାରେ ଖଳନାୟକ ସାଇ ସତ୍ୟଜିତ୍ ବୁଧବାର ଯାଜପୁର ଜିଲା ବୈରୀ ସ୍ଥିତ ବନ ବିଭାଗ କାର୍ଯ୍ୟାଳୟରେ ହାଜର ହୋଇଛନ୍ତି। ସେ ସେଠାରେ କହିଛନ୍ତି, ଯେଉଁ ସାପଟି ଧରି ମଞ୍ଚରେ ପ୍ରଦର୍ଶନ କରିଥିଲେ, ତାହା ଅଜଗର ନ ଥିଲା, ତାହା ସାଉଥ୍ ଆଫ୍ରିକାର ବଲ-ପାଇଥନ୍ ନାମକ ସାପ। ଏହା ବିଷଧର ନୁହେଁ। ଏହି ସାପ ଭାରତରେ ବିକ୍ରି କରାଯାଉଛି। ସାଇ ସତ୍ୟଜିତ୍ ଜିଏସ୍‌ଟି ସହିତ ସମ୍ପୂର୍ଣ୍ଣ ପଇସା ଦେଇ ସାପଟିକୁ କିଣିଛନ୍ତି। ଏହାକୁ ଘରେ


ଅଭିନେତା ସାଇ ସତ୍ୟଜିତ୍ ପଣ୍ଡା।

ରଖିଲେ କୌଣସି ଅସୁବିଧା ନାହିଁ। ଏପରିକି ଓଡ଼ିଶାରେ ବିଭିନ୍ନ ଲୋକ ଏହି ସାପକୁ କିଣି ଘରେ ରଖିଛନ୍ତି। କିନ୍ତୁ ଏହାକୁ ମଞ୍ଚରେ ପ୍ରଦର୍ଶନ କରାଯାଇପାରିବ କି ନାହିଁ ସେ ସମ୍ପର୍କରେ ସାଇ ସତ୍ୟଜିତ୍ ଜାଣିନାହାନ୍ତି ବୋଲି ବନ ବିଭାଗ ଅଧିକାରୀଙ୍କୁ କହିଛନ୍ତି। ଯଦି ବନ ବିଭାଗ ତରଫରୁ ମନା କରାଯାଏ ତେବେ ସେ ଆଉ ସାପ ଧରି ଅଭିନୟ କରିବେ ନାହିଁ ବୋଲି ପ୍ରକାଶ କରିଛନ୍ତି।

ଏ ସମ୍ପର୍କରେ ବୈରୀ ରେଞ୍ଜର ଆଦିତ୍ୟ ପ୍ରଧାନଙ୍କୁ ପଚାରିବାରେ ସେ କହିଛନ୍ତି, ଆମେ ନୋଟିସ ଦେବାପରେ ସେ କାଗଜପତ୍ର ଧରି ଏଠାରେ ପହଞ୍ଚିଥିଲେ। ଏହାର ଯାଞ୍ଚ କରାଯିବ। ଏହାପରେ ଆଇନ ଅନୁଯାୟୀ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ।

# ବରୀ ବିଧାୟକ, ବିଡିଓଙ୍କ ନାଁରେ ଥାନାରେ ଅଭିଯୋଗ

ବରୀ,୨୩।୭(ମହେନ୍ଦ୍ର ସ୍ୱାଇଁ)

**ବ୍ଲକ୍‌ରେ ବିଜେଡି କର୍ମୀଙ୍କ ଆତଙ୍କରାଜ, ମୁଖ୍ୟମନ୍ତ୍ରୀ ଓ ଭାଜପା ନେତାଙ୍କୁ ଗାଳିଗୁଲଜ**

ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଓ ବିଡିଓ ଅସିତ୍ କୁମାର ମହାନ୍ତିଙ୍କ ନାମରେ ବୁଧବାର ସନ୍ଧ୍ୟାରେ ବରୀ-ରାମଚନ୍ଦ୍ରପୁର ଥାନାରେ ବରୀ ବ୍ଲକ୍ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଲିଖିତ ଅଭିଯୋଗ ହୋଇଛି। ବ୍ଲକ୍‌ରେ ବିଜେଡି କର୍ମୀ ଆତଙ୍କରାଜ ସୃଷ୍ଟି କରିବା ସହ ମୁଖ୍ୟମନ୍ତ୍ରୀ ଓ ଭାଜପା ନେତାଙ୍କୁ ଗାଳିଗୁଲଜ କରିଛନ୍ତି। ଏଥିରେ ବିଧାୟକ ଓ ବିଡିଓଙ୍କ ପ୍ରମୁଖ ଭୂମିକା ରହିଥିବା ଅଭିଯୋଗରେ ଉଲ୍ଲେଖ କରାଯାଇଛି। ତେଣୁ ପୋଲିସ ଯଦି ଘଟଣାର ତଦନ୍ତକରି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରେ ତେବେ ଭାଜପା ଯୁବମୋର୍ଚ୍ଚା ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି।

ଅଭିଯୋଗରେ ଦର୍ଶାଯାଇଛି, ଗତ ମଙ୍ଗଳବାର ଭାଜପା ନେତା ଉମେଶ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡିଓଙ୍କ ସହିତ ବରୀ ଅଞ୍ଚଳର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିବାର ଥିଲା। ତେଣୁ ବିଡିଓଙ୍କୁ ଉପସ୍ଥିତ ରହିବାକୁ ପୂର୍ବରୁ ଅବଗତ କରାଯାଇଥିଲା। ମାତ୍ର ବିଧାୟକ ଏକଥା ଜାଣିବା ପରେ ତାଙ୍କ ନେତୃତ୍ୱରେ ବହୁ କର୍ମୀ ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ଆତଙ୍କରାଜ ସୃଷ୍ଟି କରିବା ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିଥିଲେ। ଏହି ଘଟଣା ପଛରେ ବିଡିଓଙ୍କ ପ୍ରମୁଖ ଭୂମିକା ରହିଥିଲା। ବ୍ଲକ କାର୍ଯ୍ୟାଳୟ ପରିସରରେ ବିଜେଡି କର୍ମୀ ହୋହଲ୍ଲା କରିବାରୁ ବିଭିନ୍ନ କାମରେ ଆସିଥିବା ଲୋକେ ନିରାଶ ହୋଇ ଫେରିଥିଲେ। ଭାଜପା ଯୁବମୋର୍ଚ୍ଚାର ଶ୍ରବଣ ଦାସ, ସୌଭାଗ୍ୟ ଦାସ, ସଞ୍ଜୟ ଘଡ଼େଇ, ଓମ୍ ବେହେରା, ଅଭିଜିତ ରାୟ, ଚିତ୍ତରଞ୍ଜନ ଜେନା, ନାରାୟଣ ସାହୁ, ନୃସିଂହ ବେହେରା, ସୌମ୍ୟଜିତ ସିଂ ଓ ସୁବାସ ଦାସ ପ୍ରମୁଖ ଥାନା ଅଧିକାରୀଙ୍କୁ ଭେଟି ଅଭିଯୋଗପତ୍ର ଦେଇଛନ୍ତି। ଏ ସମ୍ପର୍କରେ ବିଡିଓ ମହାନ୍ତିଙ୍କୁ ପଚାରିବାରେ ସେ କହିଛନ୍ତି, ତାଙ୍କ ବିରୋଧରେ କରାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ବିଧାୟକ ମଲ୍ଲିକଙ୍କୁ ପଚାରିବାରେ ସେ ଅଭିଯୋଗଗୁ ଭିତ୍ତିହୀନ ବୋଲି କହିବା ସହ ତାଙ୍କ ବିରୋଧୀ ଔଷଧ ଖାଆନ୍ତୁ ତାଚିଆ ନ କାମୁଡ଼ନ୍ତୁ ବୋଲି ପ୍ରକାଶ କରିଛନ୍ତି।


ଭାଜପା ଯୁବମୋର୍ଚ୍ଚା କର୍ମକର୍ତ୍ତା ଥାନା ଅଧିକାରୀଙ୍କୁ ଅଭିଯୋଗପତ୍ର ଦେଉଛନ୍ତି।

# କୋର୍ଟରେ ୨ ଛାତ୍ରୀଙ୍କ ବୟାନ ରେକର୍ଡ

ବାଲେଶ୍ୱର,୨୩।୭(ବାଞ୍ଛାନିଧି ଦେ)

**ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା**

ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ଇଣ୍ଟିଗ୍ରେଟେଡ୍ ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଘଟଣାରେ ବୁଧବାର କୋର୍ଟରେ ୨ ଜଣ ଛାତ୍ରୀଙ୍କ ବୟାନ ରେକର୍ଡ କରାଯାଇଛି। ଏସ୍‌ଡିଜେଏମ୍ କୋର୍ଟରେ ବିଏନ୍‌ଏସ୍‌ର ଧାରା ୧୮୩ରେ ଉଭୟ ଛାତ୍ରୀଙ୍କ ବୟାନ ରେକର୍ଡ ହୋଇଛି। ମାଜିଷ୍ଟ୍ରେଟ୍ ଛାତ୍ରୀ ଦ୍ୱୟଙ୍କଠାରୁ ଏହି ବୟାନ ରେକର୍ଡ କରିଛନ୍ତି। ତେବେ ଏହି ଛାତ୍ରୀ ଦ୍ୱୟ କିଏ ତାହା ସ୍ପଷ୍ଟ ହୋଇନି। ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୌମ୍ୟାଶ୍ରୀ ଆତ୍ମାହୁତି ଉଦ୍ୟମ କରିବା ସମୟରେ ଉଭୟ ଛାତ୍ରୀ ଉପସ୍ଥିତ ଥିବା ଆଲୋଚନା ହେଉଛି। ସୌମ୍ୟାଶ୍ରୀ ଆତ୍ମାହୁତି ମାମଲାର ପ୍ରକୃତ ରହସ୍ୟ ଉନ୍ମୋଚନ ପାଇଁ କ୍ରାଇମବ୍ରାଞ୍ଚ ପକ୍ଷରୁ ଖୋଳତାଡ଼ ଜାରି ରହିଛି। ଏହି ଟିମ୍ ଘଟଣାର ବିଭିନ୍ନ ଦିଗକୁ ନେଇ ତନାଘନା କରୁଛି। ଭାରପ୍ରାପ୍ତ ଅଧ୍ୟକ୍ଷ, ଆଇସିସି ସଦସ୍ୟ, ଷ୍ଟାଫ୍ ଓ ଛାତ୍ରୀଛାତ୍ରଙ୍କୁ ବାରମ୍ବାର ଘଟଣା ସମ୍ପର୍କରେ ପଚରାଉଚରା ଜାରି ରଖିଛି। କ୍ରାଇମବ୍ରାଞ୍ଚ ଟିମ୍ ପକ୍ଷରୁ ଉକ୍ତ ୨ଜଣ ଛାତ୍ରୀଙ୍କୁ କୋର୍ଟରେ ବୟାନ ରେକର୍ଡ ପାଇଁ ବୁଧବାର ହାଜର କରାଯାଇଥିଲା।

ସୂଚନା ଯୋଗ୍ୟ, ଛାତ୍ରୀ ସୌମ୍ୟାଶ୍ରୀ ଗତ ୧୨ ତାରିଖରେ କଲେଜ ପରିସରରେ ଆତ୍ମାହୁତି ଉଦ୍ୟମ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଭୁବନେଶ୍ୱର ଏମ୍‌ସରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଶରୀରର ୯୫ ପ୍ରତିଶତ ଅଂଶ ପୋଡ଼ି ଯାଇଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହୋଇଥିଲା। ଗତ ୧୪ତାରିଖ ରାତିରେ ତାଙ୍କର ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ଅଧ୍ୟକ୍ଷ ଦିଲ୍ଲୀପ ଘୋଷ ଓ ଏଚ୍‌ଓଡି ସମୀର ସାହୁଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଲମ୍ବିତ କରାଯାଇଥିଲା। ଏହାପରେ ପୋଲିସ ଉଭୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା।

## ଭାରତ ସହ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ପାକିସ୍ତାନ ଇଚ୍ଛୁକ: ଶେହବାଜ

ଇସ୍‌ଲାମାବାଦ୍, ୨୩।୭

ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ ପୁଣିଥରେ ଭାରତ ସହ ଆଲୋଚନା ପାଇଁ ନିଜ ଇଚ୍ଛା ଜାହିର କରିଛନ୍ତି। ସେ କହିଛନ୍ତି, ୨ ଦେଶ ମଧ୍ୟରେ ଥିବା ସମସ୍ତ ସମସ୍ୟାର ସମାଧାନ ଦିଗରେ ଭାରତ ସହ ଅର୍ଥପୂର୍ଣ୍ଣ ଆଲୋଚନା ପାଇଁ ପାକିସ୍ତାନ ସର୍ବଦା ପ୍ରସ୍ତୁତ। ଇସ୍‌ଲାମାବାଦସ୍ଥିତ ନିଜ ସରକାରୀ ବାସଭବନରେ ବ୍ରିଟିଶ ହାଇକମିଶନର ଜେନ୍ ମାରିଅଟଙ୍କ ସହ ଆଲୋଚନା ସମୟରେ ଶେହବାଜ ଏହି ମନ୍ତବ୍ୟ ଦେଇଛନ୍ତି। ଉଭୟଙ୍କ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ଏବଂ ଦକ୍ଷିଣ ଓ ପଶ୍ଚିମ ଏସିଆର ଆଞ୍ଚଳିକ ପରିସ୍ଥିତିକୁ ନେଇ ଆଲୋଚନା ହୋଇଥିଲା। ଏହି ଅବସରରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ହ୍ରାସ କରିବାରେ ବ୍ରିଟେନ୍‌ର ଭୂମିକାକୁ ସେ ପ୍ରଶଂସା କରିଥିଲେ।

## ବଜ୍ରପାତରୁ ନଷ୍ଟ ହେଉଛି ବାର୍ଷିକ ୩୨ କୋଟି ଗଛ

ମ୍ୟୁନିଚ୍, ୨୩।୭



ବଜ୍ରପାତ ଯୋଗୁ ସାରା ବିଶ୍ୱରେ ପ୍ରତିବର୍ଷ ୩୨ କୋଟି ଗଛ ନଷ୍ଟ ହେଉଛି। ଜର୍ମାନୀର ଟେକ୍ନିକାଲ ୟୁନିଭର୍ସିଟି ଅଫ୍ ମ୍ୟୁନିଚ୍‌ର ଗବେଷକଙ୍କ ଦ୍ୱାରା କରାଯାଇଥିବା ଏକ ଅଧ୍ୟୟନରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ବଜ୍ରପାତ ଯୋଗୁ ଗଛ ନଷ୍ଟ ହେବା କାରଣରୁ ବାର୍ଷିକ ୦.୭୭ରୁ ୧.୦୯ ବିଲିୟନ ଟନ୍ ଅଙ୍ଗାରକାମ୍ଳ ନିର୍ଗତ ହେଉଛି। ସେହିପରି ଜଙ୍ଗଲ ନିଆଁରେ ଗଛ ପୋଡ଼ି ହୋଇ ନଷ୍ଟ ହେବା ଯୋଗୁ ବାର୍ଷିକ ୧.୨୬ ବିଲିୟନ ଟନ୍ ଅଙ୍ଗାରକାମ୍ଳ ନିର୍ଗତ ହେଉଥିବା ଏହି ଅଧ୍ୟୟନରେ କୁହାଯାଇଛି। ଗ୍ଲୋବାଲ ଚେଞ୍ଜ ବାୟୋଲୋଜି ପତ୍ରିକାରେ ପ୍ରକାଶିତ ଏହି ଅଧ୍ୟୟନ ରିପୋର୍ଟରେ ବଜ୍ରପାତ ପ୍ରଭାବରେ ହେଉଥିବା ଜଙ୍ଗଲ ନିଆଁ ଘଟଣାରେ ନଷ୍ଟ ହେଉଥିବା ଗଛଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ରିପୋର୍ଟ ଅନୁଯାୟୀ, ପୃଥିବୀ ଉଷ୍ମ ହେବା ସହ ବଜ୍ରପାତ ଘଟଣା ସାଧାରଣ ହେବାରେ ଲାଗିଛି ଏବଂ ଆଗାମୀ ଦିନରେ ବଜ୍ରପାତ ସଂଖ୍ୟାରେ ଆହୁରି ବୃଦ୍ଧି ଘଟିବ। ବଜ୍ରପାତରେ ଗଛ ନଷ୍ଟ ହେଉଥିବା ପ୍ରସଙ୍ଗ ଉପରେ ସମ୍ପ୍ରତି ଅଧିକ ଧ୍ୟାନକେନ୍ଦ୍ରିତ କରିବାର ଆବଶ୍ୟକତା ରହିଛି ବୋଲି ଏହି ଅଧ୍ୟୟନର ମୁଖ୍ୟ ଗବେଷକ ଆଣ୍ଡ୍ରିଆସ୍ କ୍ରସ୍ କହିଛନ୍ତି। ସମ୍ପ୍ରତି ବଜ୍ରପାତଜନିତ ଗଛ ନଷ୍ଟ ହାର ଉଷ୍ମମଣ୍ଡଳୀୟ ଅଞ୍ଚଳରେ ସର୍ବାଧିକ ରହିଛି। ବଜ୍ରପାତର ପରିବେଶଗତ ପ୍ରଭାବକୁ ବୈଶ୍ୱିକ ସ୍ତରରେ ଅଣଦେଖା କରାଯାଇ ଆସୁଛି ବୋଲି ଉକ୍ତ ଅଧ୍ୟୟନରେ ଗବେଷକମାନେ କହିଛନ୍ତି। ବିଶ୍ୱବ୍ୟାପୀ ବିଭିନ୍ନ ଜଙ୍ଗଲରେ ବଜ୍ରପାତର ପ୍ରଭାବ ଉପରେ ଅଧିକ ଅଧ୍ୟୟନ ଏବଂ ଗବେଷଣାର ଆବଶ୍ୟକତା ରହିଛି। ବୈଶ୍ୱିକ ସ୍ତରରେ ବଜ୍ରପାତଜନିତ ଗଛ ନଷ୍ଟ ହାର ଏବଂ ଏହାର ପରିବେଶଗତ ପ୍ରଭାବ ଉପରେ ଏହା ହେଉଛି ପ୍ରଥମ ଅଧ୍ୟୟନ। ଆଗାମୀ ଦିନରେ ଏ ଦିଗରେ ଅଧିକ ଗବେଷଣାର ଆବଶ୍ୟକତା ରହିଥିବା ଆଣ୍ଡ୍ରିଆସ୍ କହିଛନ୍ତି।

## ଦିଲ୍ଲୀରେ ଦଳର ଏମ୍‌ପିଙ୍କ ସହ ମନମୋହନଙ୍କ ବୈଠକ



ଭୁବନେଶ୍ୱର, ୨୩।୭ (ସୁନିତ୍ ମିଶ୍ର)

ଭାଜପା ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଅଧ୍ୟକ୍ଷତାରେ ବୁଧବାର ଦିଲ୍ଲୀଠାରେ ଦଳର ରାଜ୍ୟ ସଭା ସଦସ୍ୟମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମନମୋହନଙ୍କ ସମେତ ଦଳର ରାଜ୍ୟ ପ୍ରଭାରୀ ବିଜୟପାଲ ସିଂ ତୋମାର, ସଙ୍ଗଠନ ମନ୍ତ୍ରୀ ମାନସ ମହାନ୍ତି ଏବଂ ୧୮ ଜଣ ଏମ୍‌ପି ଉପସ୍ଥିତ ଥିବା ଜଣାପଡ଼ିଛି। ତେବେ ନିର୍ଦ୍ଦିଷ୍ଟ ଭାବେ ଦଳ କେଉଁ ପ୍ରସଙ୍ଗକୁ ନେଇ ବୈଠକ କରିଛି ତାହା ଜଣାପଡିନାହିଁ। ମନମୋହନ ଦଳର କେନ୍ଦ୍ରୀୟ ନେତୃତ୍ୱଙ୍କୁ ଭେଟିବାକୁ ଥିବାବେଳେ ରାଜ୍ୟର କିଛି ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରିପାରନ୍ତି। ଏହା ପୂର୍ବରୁ ସେ ଏନେଇ ଦଳର ଏମ୍‌ପିମାନଙ୍କ ସହ ଆଲୋଚନା କରିଥିବା ବେଳେ ରାଜ୍ୟରେ ଦେଖାଦେଇଥିବା କେତେକ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଚର୍ଚ୍ଚା କରିପାରନ୍ତି ବୋଲି ଶୁଣିବାକୁ ମିଳୁଛି।

## ଟ୍ରମ୍ପଙ୍କ ଅସ୍ତ୍ରବିରତି ଦାବି, ମୋଦି ନୀରବ କାହିଁକି: ରାହୁଲ

ନୂଆଦିଲ୍ଲୀ, ୨୩।୭

ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି କରାଇଥିବା ନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ରମାଗତ ଭାବେ ଦାବି କରି ଆସୁଛନ୍ତି। ତେବେ ଏନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନୀରବ କାହିଁକି ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ବୁଧବାର ପ୍ରଶ୍ନ କରିଛନ୍ତି। ଏହା ବ୍ୟତୀତ ଚଳିତ ବର୍ଷ ବିହାରରେ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଭୋଟର ତାଲିକାରେ ବଡ଼ ଧରଣର ସଂଶୋଧନକୁ ନେଇ ରାହୁଲ କେନ୍ଦ୍ର ସରକାରଙ୍କୁ ନିନ୍ଦା କରିଛନ୍ତି। ସୋମବାରରୁ ପାର୍ଲାମେଣ୍ଟର ମୌସୁମୀ ଅଧିବେଶନ ଆରମ୍ଭ ହୋଇଥିବାବେଳେ ବିହାର ଭୋଟର ତାଲିକା ସଂଶୋଧନ ସମେତ ବିଭିନ୍ନ ପ୍ରସଙ୍ଗକୁ ନେଇ ପ୍ରଥମ ୩ ଦିନ ଗୃହ ଅଚଳ ରହିଛି।

## ଜାତୀୟ ମାଗାଜିନରେ ମାଲକାନଗିରି କେଜିବିଭି ଛାତ୍ରୀ ବିଭୂତି

ମାଲକାନଗିରି, ୨୩।୭
(ଦୁର୍ଯ୍ୟୋଧନ ପାତ୍ର)

ଏକ ଜାତୀୟସ୍ତରୀୟ ମାଗାଜିନରେ ସ୍ଥାନ ପାଇଛନ୍ତି ମାଲକାନଗିରି ଜିଲା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ(କେଜିବିଭି) ଛାତ୍ରୀ ବିଭୂତି ମୁଣ୍ଡାଗୁଡ଼ିଆ। ଜାତୀୟସ୍ତରର ହ୍ୟାଣ୍ଡବଲ୍ ଖେଳାଳି ବିଭୂତିଙ୍କ ସଫଳ କାହାଣୀ ଏଥିରେ ପ୍ରକାଶ ପାଇଛି। ସେ ସଦର ବ୍ଲକ ସିନ୍ଧ୍ରିମାଳ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ ୧୦ମ ଶ୍ରେଣୀ ଛାତ୍ରୀ। ହ୍ୟାଣ୍ଡବଲ ଖେଳ ପ୍ରତି ଥିବା ତାଙ୍କ ଆଗ୍ରହ ତାଙ୍କୁ ଆଜି ଜାତୀୟସ୍ତରରେ ପରିଚିତ କରାଇଛି। ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଆନୁକୂଲ୍ୟରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀଙ୍କ ସଫଳ କାହାଣୀକୁ ନେଇ ମାଗାଜିନ ପ୍ରସ୍ତୁତ କରାଯାଉଛି। ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରି ସେ ଭବିଷ୍ୟତରେ ଜଣେ ବଡ଼ ଅନ୍ତର୍ଜାତୀୟ ଖେଳାଳି ହେବା ପାଇଁ ସ୍ୱପ୍ନ ଦେଖୁଛନ୍ତି। ବାପା ମିସ୍ତ୍ରି କାମ କରୁଥିବାବେଳେ ମା' ଛତୁଚାଷ କରନ୍ତି। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ନ ଥିବା ସତ୍ତ୍ୱେ ଭଲ ପାଠପଢ଼ି ଖେଳକୁଦରେ ଉପରକୁ ଯିବା ତାଙ୍କର ଇଚ୍ଛା। ପାଠପଢ଼ା ସହ ଖେଳପ୍ରତି ରୁଚି ରଖୁଥିବା ବିଭୂତି ଜିଲା ଓ ରାଜ୍ୟସ୍ତରରେ ଅନେକ ପ୍ରତିଯୋଗିତାରେ ବିଜୟୀ ହେବା ପରେ ଜାତୀୟସ୍ତରରେ ଖେଳିବା ପାଇଁ ମନୋନୀତ ହୋଇଥିଲେ। ଜୁନିୟର ନ୍ୟାଶନାଲ ସ୍କୁଲ ସ୍ପୋର୍ଟସ୍ ହ୍ୟାଣ୍ଡବଲ ଚାମ୍ପିୟନଶିପ୍‌ରେ ସେ ଭାଗନେଇ ରାଜ୍ୟ ପାଇଁ ଗୌରବ ଆଣିଥିଲେ।



ବିଭୂତି ମୁଣ୍ଡାଗୁଡ଼ିଆ

ପ୍ରକାଶ ଯେ, ଅନୁସୂଚିତ ଜାତି ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆବର୍ଗ ବାଳିକାମାନଙ୍କୁ ଗୁଣାତ୍ମକ ଶିକ୍ଷା ଦେବା ନିମନ୍ତେ ୨୦୦୪ରେ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ ହୋଇଥିଲା।

## ନାରୀ ପାଇଁ ଲଢ଼ିବ ନାରୀ ନ୍ୟାୟ ବାହିନୀ




### ଉନ୍ମୋଚନ ହେଲା ନାରୀ ନ୍ୟାୟ ବାହିନୀ ଆପ୍

ଭୁବନେଶ୍ୱର, ୨୩।୭
(ରବିନାରାୟଣ ଜେନା)

ନାରୀ ନ୍ୟାୟ ନିମନ୍ତେ ଜନସାଧାରଣଙ୍କ ଭିତରେ ସଚେତନତା ସୃଷ୍ଟି କରାଯିବ। ନାରୀ ନ୍ୟାୟ ପାଇଁ ଲଢ଼ିବ ନାରୀ ନ୍ୟାୟ ବାହିନୀ। ଫଳରେ ସମାଜରେ ନାରୀ ଆଉ ଶୋଷିତ ହେବେନାହିଁ ବୋଲି କହିଛନ୍ତି ପିସିସି ସଭାପତି ଭକ୍ତ ଚରଣ ଦାସ। ବୁଧବାର ନାରୀ ନ୍ୟାୟ ବାହିନୀ ଆପ୍ ଉନ୍ମୋଚନ ଅବସରରେ ଭକ୍ତ କହିଛନ୍ତି, ଯୁଗ ଯୁଗରେ ନାରୀ ପ୍ରତି ଅତ୍ୟାଚାର ହୋଇଆସିଛି। ରାମାୟଣ ଯୁଗରୁ ମହାଭାରତ ଯୁଗ ପର୍ଯ୍ୟନ୍ତ ନାରୀ ନିର୍ଯାତିତ ହେଉଥିଲା। ଏବେ କଳିଯୁଗରେ ମଧ ବିଭିନ୍ନ ସ୍କୁଲ, କଲେଜ, ରାସ୍ତାଘାଟରେ ନାରୀ ପ୍ରତି ଅନ୍ୟାୟ ହେଉଛି। ସମାଜସେବୀ ରଞ୍ଜୁକ୍ତା କୁମାରୀ ବେହେରା ନାରୀ ନ୍ୟାୟ ବାହିନୀ ଆପ୍ ଉଦ୍‌ଘାଟନ କରି କହିଲେ, ଏବେ ବି ବହୁ ନାରୀ ନିର୍ଯାତନା ମାମଲା ଲୋକଲୋଚନକୁ ଆସିପାରୁନି। ଆମେ ବ୍ଲକସ୍ତରରେ ସଚେତନ କାର୍ଯ୍ୟକ୍ରମ କରିବୁ। ଗାଁକୁ ଯିବ ନାରୀ ନ୍ୟାୟ ବାହିନୀ। ଲୋକଙ୍କୁ ସଚେତନ କରାଇବ। ଓଡ଼ିଶାର ନାରୀମାନେ କିଭଳି ନ୍ୟାୟ ପାଇବେ, ସେନେଇ ଚେଷ୍ଟା ଜାରି ରହିବ ବୋଲି ବେହେରା କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଆଇନଜୀବୀ ସୂର୍ଯ୍ୟସ୍ମିତା ପଣ୍ଡା, ସମାଜସେବୀ ଶେଫାଳି ଶର୍ମା, ସୃଷ୍ଟି ସୋମେନ୍, ନିବେଦିତା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ୫ ବର୍ଷ ପରେ ଚାଇନା ନାଗରିକଙ୍କୁ ଭାରତର ପର୍ଯ୍ୟଟକ ଭିଜା

ବେଜିଂ, ୨୩।୭

ଦୀର୍ଘ ୫ ବର୍ଷର ଲମ୍ବା ବ୍ୟବଧାନ ପରେ ଭାରତ ପୁଣିଥରେ ଚାଇନା ନାଗରିକଙ୍କୁ ପର୍ଯ୍ୟଟକ ଭିଜା ପ୍ରଦାନ କରିବ ବୋଲି ଘୋଷଣା କରିଛି। ଚଳିତ ସପ୍ତାହରୁ ଚାଇନା ନାଗରିକଙ୍କ ପାଇଁ ଭାରତର ପର୍ଯ୍ୟଟକ ଭିଜା ଉପଲବ୍ଧ ହେବ। ୨ ଦେଶ ମଧ୍ୟରେ ସମ୍ପର୍କକୁ ସ୍ୱାଭାବିକ କରିବା ଦିଗରେ ଏହାକୁ ଏକ ବଡ଼ ପଦକ୍ଷେପ ଭାବେ ବିବେଚନା କରାଯାଉଛି। ୨୦୨୦ରେ କୋଭିଡ୍ ମହାମାରୀ ସମୟରେ ଭାରତ ଚାଇନା ସମେତ ଅନେକ ଦେଶର ନାଗରିକଙ୍କୁ ପର୍ଯ୍ୟଟକ ଭିଜା ଦେବା ବନ୍ଦ କରିଥିଲା। ତେବେ ମହାମାରୀର ପ୍ରକୋପ କମିବା ପରେ ଅନେକ ଦେଶ ଉପରୁ ଏହି ଭିଜା କଟକଣା ଉଠାଯାଇଥିଲେ ମଧ ଚାଇନା ପାଇଁ ଏହି କଟକଣା ବଳବତ୍ତର ରହିଥିଲା। ଲଦାଖର ପୂର୍ବ ଅଞ୍ଚଳରେ ଭାରତ ଏବଂ ଚାଇନା ମଧ୍ୟରେ ସାମରିକ ଉତ୍ତେଜନା କାରଣରୁ ଚାଇନା ଉପରୁ ଉକ୍ତ କଟକଣା ଉଠି ନ ଥିଲା। ଉଲ୍ଲେଖଯୋଗ୍ୟ, ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ଗତ ୧୪ ଏବଂ ୧୫ ତାରିଖରେ ବେଜିଂ ଗସ୍ତ କରି ନିଜ ଚାଇନା ପ୍ରତିପକ୍ଷ ୱାଙ୍ଗ୍ ୟିଙ୍କ ସହ ବିଭିନ୍ନ ପ୍ରସଙ୍ଗକୁ ନେଇ ବିସ୍ତୃତ ଆଲୋଚନା କରିଥିଲେ।

## ବିହାର ଭୋଟର ତାଲିକା ସଂଶୋଧନ: ଲକ୍ଷେ ମତଦାତାଙ୍କ ଖୋଜଖବର ନାହିଁ

ନୂଆଦିଲ୍ଲୀ, ୨୩।୭(ପି.ଟି.)

ବିହାରରେ ଭୋଟର ତାଲିକାର ସ୍ୱତନ୍ତ୍ର ସଂଶୋଧନ ପାଇଁ ୭.୧୭ କୋଟି ଲୋକ ଫର୍ମ ଭରିଥିବାବେଳେ ଲକ୍ଷେ ଭୋଟରଙ୍କ ପତ୍ତା ମିଳୁ ନ ଥିବା ନିର୍ବାଚନ କମିଶନ ବୁଧବାର କହିଛନ୍ତି। ବର୍ତ୍ତମାନ ସୁଦ୍ଧା ୨୦ ଲକ୍ଷ ଭୋଟରଙ୍କ ମୃତ୍ୟୁ ହୋଇଥିବାବେଳେ ୨୮ ଲକ୍ଷ ସ୍ଥାୟୀ ଭାବେ ଅନ୍ୟତ୍ର ସ୍ଥାନାନ୍ତର ହୋଇଛନ୍ତି। ୧୫ ଲକ୍ଷ ଭୋଟରଙ୍କ ଏନୁମେରେଶନ ଫର୍ମ ସ୍ଥାନୀୟ ନିର୍ବାଚନ ଅଧିକାରୀଙ୍କ ନିକଟକୁ ଫେରିନାହିଁ। ସ୍ୱତନ୍ତ୍ର ସଘନ ସଂଶୋଧନର ପ୍ରଥମ ପର୍ଯ୍ୟାୟ ଶେଷ ହେବା ପରେ ଅଗଷ୍ଟ ୧ରେ ଚିଠା ଭୋଟର ତାଲିକା ପ୍ରକାଶ ପାଇବ। କୌଣସି ତ୍ରୁଟି ଥିଲେ ମତଦାତା କିମ୍ବା ରାଜନୈତିକ ଦଳ ନିର୍ବାଚନ ପଞ୍ଜୀକରଣ ଅଧିକାରୀଙ୍କ ନିକଟରେ ପ୍ରତିବାଦ ଦାଏର କରିପାରିବେ। ତଦନୁଯାୟୀ ସଂଶୋଧନ କରାଯିବ ବୋଲି ନିର୍ବାଚନ କମିଶନ କହିଛନ୍ତି।

## ସତ୍ୟପାଠ ଦାଖଲ କରିବାକୁ ଓଡ଼ିଶା ସରକାରଙ୍କୁ କଲିକତା ହାଇକୋର୍ଟଙ୍କ ନିର୍ଦ୍ଦେଶ

### ପଶ୍ଚିମବଙ୍ଗ ଶ୍ରମିକ ଅଟକ ମାମଲା

କୋଲକାତା, ୨୩।୭ (ପି.ଟି.)

ପଶ୍ଚିମବଙ୍ଗର ୨ ଶ୍ରମିକଙ୍କୁ ଓଡ଼ିଶାରେ ବେଆଇନ ଭାବେ ଅଟକ ରଖାଯାଇଥିବା ନେଇ ହୋଇଥିବା ଏକ ହେବିଅସ୍ କର୍ପସ୍ ଆବେଦନର ଉପରେ ସତ୍ୟପାଠ ଦାଖଲ କରିବାକୁ ବୁଧବାର କଲିକତା ହାଇକୋର୍ଟ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଣାଣି ସମୟରେ ୨ ବେଙ୍ଗଲୀ ଶ୍ରମିକଙ୍କୁ ବେଆଇନ ଭାବେ ଓଡ଼ିଶାରେ ଅଟକ ରଖାଯାଇଥିବା ଅଭିଯୋଗକୁ ଓଡ଼ିଶା ସରକାର ଖଣ୍ଡନ କରିଛନ୍ତି। ୨ ପ୍ରବାସୀ ଶ୍ରମିକ ସୈନୁର ଇସ୍‌ଲାମ ଏବଂ ରକିବୁର ଇସ୍‌ଲାମ ସେମାନଙ୍କ ବାସଭବନକୁ ଫେରିସାରିଥିବା ଓଡ଼ିଶା ସରକାର କୋର୍ଟଙ୍କୁ ଜଣାଇଛନ୍ତି। ତେବେ ଉଭୟଙ୍କୁ ଓଡ଼ିଶାରେ ବେଆଇନ ଭାବେ ରଖାଯାଇଥିବାର ଅଭିଯୋଗ କରି ସେମାନେ କ୍ଷତିପୂରଣ ପାଇବାକୁ ହକ୍‌ଦାର ବୋଲି ଆବେଦନକାରୀଙ୍କ ଓକିଲ ଦାବି କରିଥିଲେ। ଏହି ଯୁକ୍ତିକୁ ଓଡ଼ିଶାର ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ ବିରୋଧ କରିଥିଲେ। ଆବେଦନକାରୀଙ୍କ ଯୁକ୍ତି ବିରୋଧରେ ଅଗଷ୍ଟ ୨୦ ସୁଦ୍ଧା ସତ୍ୟପାଠ ଦାଖଲ କରିବାକୁ ଜଷ୍ଟିସ୍ ତପବ୍ରତ ଚକ୍ରବର୍ତ୍ତୀଙ୍କ ଖଣ୍ଡପୀଠ ଓଡ଼ିଶା ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


**GOVERNMENT OF ODISHA**
**OFFICE OF THE CHIEF CONSTRUCTION ENGINEER, KEONJHAR (R&B) CIRCLE, KEONJHAR**
No.3447/Date.22.07.2025
INVITATIONS FOR BIDS (IFB)

No.B-338 — 1st Corrigendum to Bid Identification No. CCEKC - 05/2025-26

The following changes are made to the works invited vide Bid Identification No CCEKC - 05/2025-26 vide Letter No. 3170 dt. 08.07.2025.
1. The bid documents in the website www.tendersodisha.gov.in will be available in the website from 11.00 Hours of 17.07.2025 to 16.00 Hours of 06.08.2025 for online bidding. 2. Bids shall be received only on "online" on or before 16.00 Hours of 06.08.2025. 3. Bids received "on-line" shall be opened at 11.30 Hours on 07.08.2025 in the office of the Chief Construction Engineer, Keonjhar (R&B) Circle, Keonjhar. 4. If the office happens to be closed on the stipulated date of opening of Bids as specified, the bids will be opened on the next working day at the same time and venue.

| Sl. No. | Name of the Work | Sub Head | Sl. No. | Uploaded Specification | Modified Specification Now uploaded |
|---|---|---|---|---|---|
| 1 | 2 | 3 | 4 | 5 | 6 |
| 1 | Construction of Transit House for Judicial Officers at Rourkela Station, Rourkela in the district of Sundargarh | Percentage BOQ | BOQ item No. | Bid Identification No CCEKC - 05/2025-26 | Bid Identification No CCEKC-05/2025-26 |
| | | | 7 | Supplying steel i.e. Tor Steel / HYSD Bars conforming IS-1786 including straightening, cutting, bending, binding, welding and jointing if necessary and tying the grills and placing in position as required for R.C.C. Work and providing fan hooks as required, hoisting, lowering, laying including cost, conveyances, taxes tor steel and binding wires of 18 to 20 gauge and labour required for the work for bending, binding and tying the grills in all floors with labour cess etc. (Linear measurement will be taken and quantity will be calculated on standard weight of tor steel/HYSD bars for all heights) complete as per specification & direction of Engineer-in-charge. **Ground Floor** **Qty - 214.09, Unit - Qntl., Rate 8768.42, Amount - 1877231.04** | Supplying steel i.e. Tor Steel / HYSD Bars conforming IS-1786 including straightening, cutting, bending, binding, welding and jointing if necessary and tying the grills and placing in position as required for R.C.C. Work and providing fan hooks as required, hoisting, lowering, laying including cost, conveyances, taxes tor steel and binding wires of 18 to 20 gauge and labour required for the work for bending, binding and tying the grills in all floors with labour cess etc. (Linear measurement will be taken and quantity will be calculated on standard weight of tor steel/HYSD bars for all heights) complete as per specification & direction of Engineer-in-charge. **Ground Floor** **Qty - 220.09, Unit - Qntl. Rate 8768.42 Amount -1929841.56** |
| | | | 89 | Supply of AC with Indoor and Outdoor unit. Qty-1, Unit-Nos, Rate-52710.00, Amount-52710.00 | Supply of AC with Indoor and Outdoor unit |

All other terms & conditions remained unchanged.
OIPR-34033/11/0083/2526 — Sd./- Chief Construction Engineer, Keonjhar (R&B) Circle, Keonjhar

**OFFICE OF THE NOTIFIED AREA COUNCIL, KUCHINDA**
COMPETITIVE BIDDING THROUGH e-Procurement
NOTICE INVITING TENDER
No.1861/NAC, Date : 21.07.2025
Bid Reference No. KCDA/NAC-2/2025-26

No.C-733 : On behalf of the Kuchinda NAC, on-line e-tender **Rate Bids** under **two Bids system i.e. Technical Bid & Financial Bid** from intending experienced, financial sound registered & authorized Manpower Service Provider Agency/Firms/ Trust/NGOs having similarnature of work experience of at least **Ten (10) years (count of experience i.e valid PAN Card and Registration Certificate)** for outsourcing the service of manpower to Sanitation Works including collection of solid waste from Door to Door, Road sweeping, Drain Cleaning, Bush Cutting from Kuchinda NAC area on the terms & conditions mentioned in the tender document. Further details can also be seen from the Website i.e. https://tendersodisha.gov.in. In case of any addendum / corrigendum/ cancellation/ clarification/ extension regarding this tender, the same will be published in the above-mentioned official websites only.

1. Total No. of works for which Tenders invited: **01 No.**
2. Place of Execution: Kuchinda NAC
3. Estimated Cost of Individual Work:
4. Eligible Class of Contractors: Eligible Intending Registered & Financially Sound Manpower Service Provider Agency/Firms/ Trust/ N.G.Os having similar nature of work experience of at least Ten years and fulfilling the other criteria as given in the D.T.C.N.
5. Intending bidders have to participate through **"On-Line"** bidding only. The website for online bidding is www.tendersodisha.gov.in.
6. The bid documents will be available in the above website from **11.00 A.M** on **Dt. 24.07.2025** to 5.30 P.M on **07.08.2025** for online bidding.
7. Bids received online will be opened at 11.00 A .M on **08.08.2025.**
8. The bidder must possess valid and compatible **Digital Signature Certificate (DSC).**
9. The DTCN for 01 No. of works shall be available in the e-procurement portal www.tendersodisha.gov.in for on-line bidding.

Sd./- Executive Officer
OIPR-13121/11/0015/2526 — Notified Area Council, Kuchinda

**GOVERNMENT OF ODISHA** — No.A-422
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER**
**RENGALI LEFT BANK CANAL DIVISION**
At/P.O. - Kamakhyanagar, Dist. : Dhenkal, Odisha, PIN-759018
Ph. no. : 06769-270771, Email ID - eerlbcdivision@gmail.com
e-PROCUREMENT NOTICE No.RLBCD-P1-01/2025-26

| | | |
|---|---|---|
| 1 | Category of Work | "Civil Construction Works" |
| 2 | Total No. of Works | **02 (Two) Nos of work** |
| 3 | Estimated Cost | **Varies From Rs. 38.70 Lakhs to Rs. 38.63 Lakhs** |
| 4 | Period of Completion | **60 Days** |
| 5 | Class of Contractor | **"C" & "B"** or equivalent grade/class |
| 6 | Cost of Bid Document / Mode of Payment | **Rs. 6,000/-** (Non-Refundable) / Online through Electronic Payment Mode (Internet Banking/ NEFT/ RTGS of Designated Banks and their Aggregator Banks). |
| 7 | EMD / Bid Security Amount / Mode of Payment | **Varies From Rs. 38,700/- to Rs.38,630/-** Online through Electronic Payment Mode (Internet Banking/ NEFT/RTGS of Designated Banks and their Aggregator Banks) |
| 8 | Other details : | |
| | (i) Procurement Officer | Superintending Engineer, Rengali Left Bank Canal Division, Kamakhyanagar. |
| | (ii) Availability of Bid Documents for Online Bidding | **25.07.2025 from 10.00 Hours to 04.08.2025 up to 17.00 Hours.** |
| | (iii) Date, time & venue of Bid Opening (Online) | **On Dt.05.08.2025 at 11.00 Hours** in the O/o the Superintending Engineer, Rengali Left Bank Canal Division, Kamakhyanagar (through online). |
| | (iv) Date, time & venue of transparent lottery for finalization of bids, if required | **On Dt.13.08.2025 at 11.00 Hours** in the O/o the Superintending Engineer, Rengali Left Bank Canal Division, Kamakhyanagar. |

***Further details can be seen from the Government of Odisha website** https://tendersodisha.gov.in

Sd./- Superintending Engineer
R.L.B. Canal Division
OIPR-32298/11/0029/2526 — Kamakhyanagar

**OFFICE OF THE ENGINEER-IN-CHIEF, ELECTRICITY-CUM-PRINCIPAL CHIEF ELECTRICAL INSPECTOR (ODISHA)**
ଓଡ଼ିଶା ସରକାର
POWER HOUSE SQUARE, UNIT-V, BHUBANESWAR
TEL. NO. : 0674-2394873, Fax : 2391255/2391024
Email: sdaorissa@od.gov.in, eic-epcei@od.gov.in
**Indicative advertisement for the Engagement of EV Consultant on temporary basis in Energy Conservation Cell in the office of Engineer in Chief (Electricity)-cum-Principal Chief Electrical Inspector, Odisha, Bhubaneswar**
Advt. No.Tech-EC-1188/ 4427 / Date 22nd July 2025.

**No.AA-22** : Engineer-in-Chief (Electricity)-cum-Principal Chief Electrical Inspector, Odisha under the Department of Energy, Govt. of Odisha invites applications from eligible candidates for engagement of one number of EV consultant. The last date of receipt of completed applications is 07.08.2025, 05:00 PM.
For detailed advertisement and to download the application forms, please visit the website: https://eicelectricityodisha.nic.in. The authority reserves the right to accept / reject any application without assigning any reasons thereof.
**"Go Electric Go Green"**

Sd./-
OIPR-04066/11/0027/2526 — EIC(E)-cum-PCEI & SDA (0)

**GOVT. OF ODISHA**
**ST & SC DEVELOPMENT DEPARTMENT**
**INTEGRATED TRIBAL DEVELOPMENT AGENCY : KARANJIA**
**DIST. - MAYURBHANJ**
E-Procurement Notice
BID IDENTIFICATION NO. - 03/2025-26
e-mail : itdakja@nic.in / itdakaranjia@gmail.com
No.1250 — Dtd.21.07.2025

**No.CAD-1212** : Bid Documents consisting of Work, Estimated Costs, cost of Tender Papers, EMD, Time of completion, Class of Contractors and the set of terms and conditions of contract and other necessary documents can be seen/downloaded from Govt. website i.e. www.tendersorissa.gov.in

1. No. of works : 10 (Ten) Nos.
2. Estimated cost : Varies from 20.00 Lakh to 150.00 Lakh
3. Period of completion : Varies from 3 calendar months to 9 calendar months
4. Date & Time of availability of the Bid documents : From 10 A.M. of 25th July 2025 to 12th August 2025 upto 5 P.M.
5. Last date & time of receipt of bids in the portal : Dt.12th Day of August 2025 upto 5 P.M.
6. Last date & time of receipt of Bids through Tender Box : Dt.14th Day of August 2025 upto 11 A.M.
7. Bids received through Tender Box shall be opened on : Dt.14th Day of August, 2025-11.30 A.M. onwards
8. Name and address of the Officer inviting Bids : **Project Administrator, ITDA, Karanjia**

Further details can be seen / downloaded from the procurement portal i.e. www.tendersorissa.gov.in

Sd./- Project Administrator
OIPR-19007/11/0010/2526 — I.T.D.A, Karanjia

**ଜଳ ସମ୍ପଦ ବିଭାଗ** — No.A-430
**ଓଡ଼ିଶା ସରକାର**
ଇ-ସଂଗ୍ରହଣ ବିଜ୍ଞପ୍ତି ସଂଖ୍ୟା: ACEDC-CTC-04/2025-26
୧.କାର୍ଯ୍ୟର ନାମ: ମୋଟ ୦୪ (ଚାରି) ଗୋଟି ଜଳନିକାସ କାର୍ଯ୍ୟ ।
୨.ଅଟକଳ ମୂଲ୍ୟ: ୧୫୬.୦୮ ଲକ୍ଷ ଟଙ୍କାରୁ ୪୨୪.୬୧ ଲକ୍ଷ ଟଙ୍କା ଯାଏଁ ।
୩.କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଅବଧି: ୧୧ (ଏଗାର) ମାସରୁ ୧୮ (ଅଠର) ମାସ ।
୪.ପୋର୍ଟାଲରେ ନିଲାମ ଦସ୍ତାବେଜ ମିଳିବାର ଦିନ ଓ ସମୟ: ତା.୨୫.୦୭.୨୦୨୫ ର ୧୧.୦୦ ଘଣ୍ଟାରୁ ତା.୦୮.୦୮.୨୦୨୫ ର ୧୮.୦୦ ଘଣ୍ଟା ପର୍ଯ୍ୟନ୍ତ ।
୫.ପୋର୍ଟାଲରେ ନିଲାମ ଗ୍ରହଣ କରିବାର ଅନ୍ତିମ ଦିନ ଓ ସମୟ: ତା.୦୮.୦୮.୨୦୨୫ ର ୧୮.୦୦ ଘଣ୍ଟା ।
୬. ନିଲାମ ଡାକିଥିବା ଅଧିକାରୀଙ୍କ ନାମ ଓ ଠିକଣା : ଅତିରିକ୍ତ ମୁଖ୍ୟଯନ୍ତ୍ରୀ, ଜଳନିକାସ ମଣ୍ଡଳ, କଟକ, ଠିକଣା:ଗଣ୍ଡରପୁର, କଟକ-୭୫୩୦୦୩, ଇ-ମେଲ୍: sedrainagecirclectc@gmail.com
ଅଧିକ ବିବରଣୀ ପାଇଁ ଇ-ସଂଗ୍ରହଣ ପୋର୍ଟାଲ "https://tendersodisha.gov.in" ଦେଖାଯାଇପାରିବ । ଆବଶ୍ୟକ ସ୍ଥଳେ ଉକ୍ତ ଟେଣ୍ଡର ସମ୍ପର୍କିତ ସମସ୍ତ ବିଜ୍ଞପ୍ତି, ସୂଚନା, ଶୁଦ୍ଧିପତ୍ର, ନାକଚ ବିଜ୍ଞପ୍ତି ଆଦି ଏହି ୱେବସାଇଟ୍‌ରେ ପ୍ରକାଶ କରାଯିବ ।
ସ୍ୱା./-ଅତିରିକ୍ତ ମୁଖ୍ୟଯନ୍ତ୍ରୀ
OIPR-32174/11/0032/2526 — ଜଳନିକାସ ମଣ୍ଡଳ, କଟକ

See Career Appointment on every Wednesday & Saturday

**PANCHAYAT SAMITI OFFICE : PUINTALA**
E-mail ID : ori-puintala@nic.in
No.:02/PSPUINTALA/2025-26/1810 — Date : 22.07.2025
**NOTICE**
**No.i-237** : The Block Development Officer, Puintala on behalf of Governor of Odisha invites percentage rate bids in Single cover system to be received in online mode only for the following works as detailed in the table below.

| Sl. No. | Name of the work | Estimated Cost (in Rs.) | Cost of document (Rs.) | Class of Contractor | Period of Completion | Name & address of O.I.T. |
|---|---|---|---|---|---|---|
| 1 | Construction of Additional Class Room at Padiabahal Govt. NUPS, Chhatamakhna GP | 992996.51 | 4000 | D & C | 180 days | B.D.O., Puintala |
| 2 | Construction of Additional Class Room at Gadramunda Govt. Pry. School, GP-Patharla | 992996.51 | 4000 | D & C | 180 days | B.D.O., Puintala |
| 3 | Construction of 02 nos. of Additional Class Room at Talpali Govt. UP School, GP-Patharla | 1985531.11 | 6000 | D & C | 180 days | B.D.O., Puintala |
| 4 | Construction of GPLF Building with Market Complex at Bairasar GP | 2496976.46 | 6000 | C & B | 180 days | B.D.O., Puintala |
| 5 | Construction of GPLF Building with Market Complex at Bileisarda GP | 2496976.46 | 6000 | C & B | 180 days | B.D.O., Puintala |
| 6 | Construction of GPLF Building with Market Complex at Mahimunda GP | 2496976.46 | 6000 | C & B | 180 days | B.D.O., Puintala |
| 7 | Construction of GPLF Building with Market Complex at Randa GP | 2496976.46 | 6000 | C & B | 180 days | B.D.O., Puintala |
| 8 | Construction of GPLF Building with Market Complex at Pipirda GP | 2496976.46 | 6000 | C & B | 180 days | B.D.O., Puintala |
| 9 | Construction of GPLF Building with Market Complex at Kurul GP | 2496976.46 | 6000 | C & B | 180 days | B.D.O., Puintala |
| 10 | Construction of 50 MT Godown with Market Complex and Office Building at Chhatapipal | 2604425.21 | 6000 | C & B | 180 days | B.D.O., Puintala |

Period of availability of Tender on-line :
**17.00 Hrs. of Dt.25.07.2025 to 18.30 Hrs. of Dt.11.08.2025**
**Date of Opening Bids : Dt.13.08.2025, 11.00 A.M.**
**Further details can be seen from the website :** http://tenderodisha.gov.in
Sd./- Block Development Officer
OIPR-19160/11/0007/2526 — Puintala

**ODISHA CONSTRUCTION CORPORATION LIMITED**
**BHUBANESWAR, ODISHA**
PIN : 751012, Tel No.(0674) 2562020, e-Mail : theoccltd@odishaconstruction.com
No.CAD-1220 — GSTIN-21AAACO2571K2ZM
"e-Procurement Notice No-24/OCCL/2025-26 (On-line)
On-line percentage rate tenders are invited for the following works ;

| Sl. No. | Name of Work | Name of Division | Bid Identification No. | Approx value of work | Bid Security (through on-line transfer / as per DTCN (in Rs.) | Period of Completion | Availability & Submission of tender (on-line) |
|---|---|---|---|---|---|---|---|
| 01 | Improvement to Chandanpur branch canal left embankment road from Bidyadharpur to Parbatipur | Nimapara Irrigation Division | OCCL-HQP /07/2025-26 | Rs.2.28 Crore | Rs.2,28,000/- | 6 (Six) calendar Month | From 24.07.2025, 3.30 P.M. to 13.08.2025 5.30 P.M. |
| 02 | Construction of Trough wall in Chandanpur branch canal from RD 28.364 to 29.0 km & Rench sasan 2L minor from 0.3 km to 2.0 km. | | OCCL-HQP /08/2025-26 | Rs.1.54 Crore | Rs.1,54,000/- | 6 (Six) calendar Month | |
| 03 | Construction of Trough wall in Badatara Sub-minor and Hantasara minor | | OCCL-HQP /09/2025-26 | Rs.1.69 Crore | Rs.1,69,000/- | 6 (Six) calendar Month | |
| 04 | Improvement to Kundhei distributary left embankment road from Srikoili to Baidapada | | OCCL-HQP /10/2025-26 | Rs.2.23 Crore | Rs.2,23,000/- | 6 (Six) calendar Month | |
| 05 | Construction of Trough wall in Amaranga and Adhana Minor | | OCCL-HQP /11/2025-26 | Rs.1.62 Crore | Rs.1,62,000/- | 6 (Six) calendar Month | |

Procurement Officer : Managing Director, OCCL
Date of Opening of the Tender : **14.08.2025, 12.00 Noon onwards**
Further details can be seen from the e-Procurement portal : https://www.tendersodisha.gov.in
OIPR-34120/11/0044/2526 — Sd./- MANAGING DIRECTOR

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ସମ୍ଭବ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ବଜାରରେ ଅଲ୍ ନ୍ୟୁ ରେନୋ ଟ୍ରାଇବର

**ମୁମ୍ବାଇ,୨୩।୭**

ରେନୋ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ 'ଅଲ୍ ନ୍ୟୁ ରେନୋ ଟ୍ରାଇବର'ର ଅନାବରଣ ସର୍ବଭାରତୀୟସ୍ତରରେ ହୋଇଯାଇଛି। ବିଶେଷକରି ଏହା ଭାରତର ସବୁଠାରୁ ଅଭିନବ ଏବଂ ୭ ସିଟ୍ ବିଶିଷ୍ଟ ଏକ ଲମ୍ବା କାର୍ ହୋଇଥିଲାବେଳେ ନୂଆ ଟ୍ରାଇବରରେ ଏକ ନୂତନ ଏବଂ ଆଧୁନିକ ଡିଜାଇନ୍ ପରିଭାଷା ରହିଛି। ଏହା ଆରାମଦାୟକ ସୁବିଧା ସୁଯୋଗ ସହ ମଡ୍ୟୁଲାରିଟି, ରିଥିଙ୍କ୍ ସ୍ପେସ୍ ଦର୍ଶନର ଅନନ୍ୟ ଡିଏନ୍ଏକୁ ବଜାୟ ରଖିଛି। ନୂଆ ପିଢ଼ିର ଏହି ମଡେଲ ସବୁଠାରୁ ଅଭିନବ ଓ ପରିବାର ପାଇଁ ଉପଯୋଗୀ କାର୍ ଭାବେ ଏକ ସଂପୂର୍ଣ୍ଣ ନୂତନ ଡିଜାଇନ ସହ ଉନ୍ମୋଚିତ ହୋଇଛି। ଏଥିରେ ଏକ ନୂତନ ଗ୍ରିଲ୍, ସ୍କଲ୍ପଟେଡ ହୁଡ୍, ସତେଜ ବମ୍ପର, ସ୍ଲିକ୍ ଏଲଇଡି ପ୍ରୋଜେକ୍ଟର୍ ହେଡଲାମ୍ପ୍ ସହ ଏଲ୍ଇଡି ଡିଆର୍ଏଲ୍ ଏବଂ ନୂତନ ଏଲଇଡି ଫୋଗ୍ ଲାମ୍ପ୍ ରହିଛି।

ଏ ସମ୍ପର୍କରେ ରେନୋ ଇଣ୍ଡିଆର ଏମ୍ଡି ଭେଙ୍କଟରାମ୍ ମାମିଲ୍ଲାପିଲେ କହିଛନ୍ତି, ଭାରତ ରେନୋର ବିଶ୍ୱସ୍ତରୀୟ ରଣନୀତିର ଏକ ମୁଖ୍ୟ ଆଧାର ହୋଇରହିଛି। ତାହା ଏକ ଶକ୍ତିଶାଳୀ ଉତ୍ପାଦ ବର୍ଗମାଳା, ସମ୍ପ୍ରସାରିତ ରପ୍ତାନି ପରିଚାଳନା ଏବଂ ଗ୍ରାହକ ସନ୍ତୁଷ୍ଟି ଉପରେ ନୂତନ ଧ୍ୟାନ ସହିତ ପରିଚାଳିତ ହେଉଛି।



ଅଲ ନ୍ୟୁ ଟ୍ରାଇବର୍ର ଅନାବରଣ ଉତ୍ସବରେ ରେନୋ ଇଣ୍ଡିଆର ଏମ୍ଡି ଭେଙ୍କଟରାମ୍ ମାମିଲ୍ଲାପିଲେ (ବାମ) ଏବଂ ଉପସଭାପତି (ସେଲ୍ସ ଆଣ୍ଡ ମାର୍କେଟିଂ) ଫ୍ରାନ୍ସିସ୍କୋ ହିଡାଲଗୋ (ଡାହାଣ) ଉପସ୍ଥିତ ଅଛନ୍ତି।

ରେନୋ ଇଣ୍ଡିଆର ଉପ ସଭାପତି (ସେଲ୍ସ ଆଣ୍ଡ ମାର୍କେଟିଂ) ଫ୍ରାନ୍ସିସ୍କୋ ହିଡାଲଗୋ କହିଛନ୍ତି, ଟ୍ରାଇବର ସର୍ବଦା ଭାରତୀୟ ପରିବାରଙ୍କ ବିକଶିତ ଆବଶ୍ୟକତାକୁ ଆମର ଗଭୀର ବୁଝାମଣାକୁ ପ୍ରତିଫଳିତ କରିଆସିଛି। ଅଲ୍ ନ୍ୟୁ ଟ୍ରାଇବର୍ ସହ ଆମେ ଆମର 'ରିଥିଙ୍କ୍ ସ୍ପେସ୍' ଦର୍ଶନକୁ ଆଗକୁ ବଢ଼ାଇବ ସହ ଭାରତର ସବୁଠାରୁ ବଡ଼ ୪ ମିଟରରୁ ଊର୍ଦ୍ଧ୍ୱ କାର୍ ପ୍ରଦାନ କରୁଛୁ। ଏହା ବର୍ତ୍ତମାନ ସଂପୂର୍ଣ୍ଣ ନୂତନ ଡିଜାଇନ୍ ଏବଂ ସୁବିଧା ସହିତ ଉପଲବ୍ଧ। ସେହିଭଳି ନୂତନ ଟ୍ରାଇବର ବର୍ତ୍ତମାନ ୨୧ଟି ଷ୍ଟାଣ୍ଡାର୍ଡ୍ ସୁରକ୍ଷା ସୁବିଧା ସହ ଉପଲବ୍ଧ ରହିଛି। ନୂତନ ଟ୍ରାଇବର ବର୍ତ୍ତମାନ ୪ଟି ନୂତନ ଭାରିଆଣ୍ଟ ଯଥା ଅଥେଣ୍ଟିକ୍, ଇଭୋଲ୍ୟୁସନ୍, ଟେକନୋ ଏବଂ ଇମୋସନରେ ଉପଲବ୍ଧ। ଏହାର ପ୍ରାରମ୍ଭିକ ମୂଲ୍ୟ ୬.୨୯ଲକ୍ଷରୁ ୯.୧୬ ଲକ୍ଷ ଟଙ୍କା ମଧ୍ୟରେ ରହିଛି। ଏହାର ବୁକିଂ ଆଜିଠାରୁ ସମସ୍ତ ଡିଲରଶିପରେ ଆରମ୍ଭ ହୋଇଛି।


## ତ୍ରୟୋଦଶ ବାର୍ଷିକ ଜନ୍ମଦିନର ଶୁଭେଚ୍ଛା




**ଦର୍ଶନ ଆଚାର୍ଯ୍ୟ (ସମ୍ଭବ)**
ଜନ୍ମ ତାରିଖ- ତା୨୪।୦୭।୨୦୧୨
କୋହେନ୍ ଇଣ୍ଟରନ୍ୟାସନାଲ୍ ସ୍କୁଲ୍, ଜଟଣୀ, ଖୋରଧା
ତୋର ତ୍ରୟୋଦଶ ବାର୍ଷିକ ଜନ୍ମତିଥି ଅବସରରେ ଶ୍ରୀଜଗନ୍ନାଥ ଜୀଉଙ୍କ ନିକଟରେ ଏତିକି ପ୍ରାର୍ଥନା, ତୋର ଚଲାପଥ କୁସୁମିତ ତଥା ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ- ଜେଜେମା, ନନା, ବୋଉ, ଅଜା, ଆଇ, ମାମୁ, ମାଇଁ, ଭାଇନା, ନାନୀ, ପିଉସା, ପିଉସୀ ଓ ଶଶିପ୍ରଭା ଭାଉଜ
ଧ-୧୩୯୯


## ପଦାର୍ଥ ବିଜ୍ଞାନରେ ଡକ୍ଟରେଟ୍ ଲାଭ



ଗବେଷକ ଜିତ୍ ଅମ୍ରିତ୍ ପଟ୍ଟନାୟକ, ଭୁବନେଶ୍ୱରସ୍ଥିତ Siksha 'O' Anusandhan Deemed to be Universityରୁ ପଦାର୍ଥ ବିଜ୍ଞାନରେ ସମ୍ମାନଜନକ ଡକ୍ଟରେଟ୍ ଉପାଧି ଲାଭ କରିଛନ୍ତି। ସେ ଡ. ରବିନାରାୟଣ ପଣ୍ଡା ଓ ପ୍ରଫେସର ସୁରେଶ କୁମାର ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ "Surface Properties of Finite Nuclei at Local Density Approximation within Non-Relativistic and Relativistic Energy Density Functionals" ସନ୍ଦର୍ଭଟି ରଚନା କରିବା ସହ ନୂତନ ତଥ୍ୟ ଆବିଷ୍କାର କରିଛନ୍ତି। ତାଙ୍କ ଗବେଷଣାତ୍ମକ ସନ୍ଦର୍ଭଟିକୁ Tata Institute of Fundamental Research, Mumbaiର ପ୍ରଫେସର ରୁଦ୍ରଜ୍ୟୋତି ପାଲିତ୍ ଏବଂ University of Surrey Englandର ପ୍ରଫେସର ପଲ୍ ଷ୍ଟିଭେନସନ ମୂଲ୍ୟାୟନ କରି ତାଙ୍କ ଗବେଷଣାକୁ ଉଚ୍ଚ ଗୁଣବତ୍ତା ଓ ମୂଲ୍ୟବାନ ଅବଦାନ ବୋଲି ପ୍ରଶଂସା କରିଥିଲେ। ଡ. ପଟ୍ଟନାୟକ ବୌଦ୍ଧ ଜିଲ୍ଲାର ଶ୍ରୀମତୀ ଗୀତାଞ୍ଜଳି ଦଲାଲ୍ ଓ ଶ୍ରୀଯୁକ୍ତ ଜ୍ୟୋତି ରଞ୍ଜନ ପଟ୍ଟନାୟକଙ୍କ ଜ୍ୟେଷ୍ଠ ପୁତ୍ର ଅଟନ୍ତି। ସେ ତାଙ୍କର ଏହି ସଫଳତା ପାଇଁ ଈଶ୍ୱରଙ୍କୁ, ସମସ୍ତ ଗୁରୁମାନଙ୍କୁ, ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରାଧ୍ୟାପକ/ପ୍ରାଧ୍ୟାପିକା, ସମସ୍ତ ପରିବାରବର୍ଗ ବିଶେଷ କରି ବାପା, ମା, ଭାଇ ବିଶ୍ୱଜିତ୍ ଓ ଶିତିକଣ୍ଠ, ପିଉସା, ପିଉସୀ, ସମସ୍ତ ମିତ୍ର ଏବଂ ସହଯୋଗୀ-କମ୍-ମେଣ୍ଟର ଭାବରେ ଡ. ମୃତ୍ୟୁଞ୍ଜୟ ଭୂୟାନଙ୍କୁ ମଧ୍ୟ ସ୍ମରଣ କରି ତାଙ୍କ ସହଯୋଗ, ସ୍ନେହ ଓ ଆଶୀର୍ବାଦ ପ୍ରଦାନ କରିଥିବାରୁ ମଧ୍ୟ ହୃଦୟପୂର୍ଣ୍ଣ କୃତଜ୍ଞତା ଜଣାଇଛନ୍ତି।
ଧ-୧୪୦୬

# ଗ୍ୟାରେଣ୍ଟେଡ୍ ବଚତ୍ ପ୍ଲାନ୍

**ଭୁବନେଶ୍ୱର,୨୩।୭**

ଭାରତୀ ଆକ୍ସା ଲାଇଫ୍ ଇନ୍ସ୍ୟୁରାନ୍ସର ନୂତନ ଯୋଜନା ତଥା ଗ୍ୟାରେଣ୍ଟେଡ୍ ବଚତ୍ ପ୍ଲାନ୍ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ବିଶେଷକରି ନିଜ ପରିବାରର ସୁରକ୍ଷା ସହ ସଞ୍ଚୟ ଗଠନକରିବା ପାଇଁ ସରଳ ତଥା ଭରସାଯୋଗ୍ୟ ସମାଧାନ ଚାହୁଁଥିବା ମଧ୍ୟମ ଆୟ ବର୍ଗର ଭାରତୀୟମାନଙ୍କୁ ଦୃଷ୍ଟିରେ ରଖି ଏହି ପ୍ଲାନ୍କୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରାଯାଇଛି। ସେହିଭଳି 'ପ୍ରୋଟେକ୍ସନ ଭି, ବଚତ୍ ଭି'ର ଦୃଢ଼ ପ୍ରତିଶ୍ରୁତି ଉପରେ ଭାରତୀ ଆକ୍ସା ଗ୍ୟାରେଣ୍ଟେଡ୍ ବଚତ୍ ପ୍ଲାନ୍ ଗଠନ କରାଯାଇଛି। ଏପରିକି ଏହା ଗ୍ରାହକମାନଙ୍କୁ ସେମାନଙ୍କ ବାର୍ଷିକ ପ୍ରିମିୟମର ୩୦ଗୁଣା (ଏବଂ ରାଇଡର୍ର ୫୦ ଗୁଣା ପର୍ଯ୍ୟନ୍ତ) ବୀମା ସୁରକ୍ଷା ସହ ଗ୍ୟାରେଟିଂ ରିଟର୍ନ ପ୍ରଦାନ କରୁଛି। ଶୃଙ୍ଖଳିତ, ଚିନ୍ତାମୁକ୍ତ ଆର୍ଥିକ ଯୋଜନା ଚାହୁଁଥିବା ଗ୍ରାମୀଣ ଭାରତର ଯୁବ ପେସାଦାର, ବ୍ୟବସାୟ ମାଲିକ, ବେତନଭୋଗୀ ବ୍ୟକ୍ତି ଓ ପରିବାର ପାଇଁ ଏହି ପ୍ଲାନ୍ ବେଶ୍ ଉପଯୁକ୍ତ ରହିଛି। ଭାରତୀ ଆକ୍ସା ଗ୍ୟାରେଣ୍ଟି ବଚତ୍ ପ୍ଲାନ୍ରେ ବାର୍ଷିକ ପ୍ରିମିୟମ୍ର ୩୦ ଗୁଣା ପର୍ଯ୍ୟନ୍ତ ଜୀବନ ବୀମା ସୁରକ୍ଷା, ଗ୍ୟାରେଣ୍ଟି ରିଟର୍ନ, ଦେୟ ପ୍ରଦାନ ସୁବିଧା, ବିକଳ୍ପ ରାଇଡର୍ ଓ ଟିକସ ସୁବିଧା ଆଦି ରହିଛି। ବିକଳ୍ପ ରାଇଡର୍ରେ ଗ୍ରାହକମାନେ ଦୁର୍ଘଟଣାଜନିତ ମୃତ୍ୟୁ, ଜଟିଳ ଅସୁସ୍ଥତା, ହସ୍ପିଟାଲ୍ କ୍ୟାଶ୍ ଏବଂ ପ୍ରିମିୟମ୍ ଛାଡ଼ ଭଳି ରାଇଡର୍ ବିକଳ୍ପ ଚୟନ କରିପାରିବେ। ଏ ସମ୍ପର୍କରେ ଭାରତୀ ଆକ୍ସା ଲାଇଫ୍ ଇନ୍ସ୍ୟୁରାନ୍ସର ଚିଫ୍ ଗ୍ରୋଥ୍ ଅଫିସର ପ୍ରେରକ ପରମାର କହିଛନ୍ତି, ବୀମା ସରଳ, ଭରସାଯୋଗ୍ୟ ଏବଂ ପ୍ରତି ଭାରତୀୟଙ୍କ ପାଇଁ ପ୍ରସ୍ତୁତ ହେଉ ବୋଲି ଭାରତୀ ଆକ୍ସା ଲାଇଫ୍ରେ ଆମର ଲକ୍ଷ୍ୟ ରହିଛି।

# ଇସ୍ପାତ ଉତ୍ପାଦନକୁ ଗୁରୁତ୍ୱଦେବ ଜେଏସ୍ଏଲ୍

**ଭୁବନେଶ୍ୱର,୨୩।୭ (ଅଭୟ ଦାଶ)**



ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍ (ଜେଏସ୍ପିଏଲ୍)ର ନାମ ବଦଳି ୨୦୨୫ ଜୁଲାଇ ୨୨ରୁ ଜିନ୍ଦଲ ଷ୍ଟିଲ ଲିମିଟେଡ୍ (ଜେଏସ୍ଏଲ୍) ହୋଇଛି। ଭାରତ ସରକାରଙ୍କ କର୍ପୋରେଟ୍ ବ୍ୟାପାର ମନ୍ତ୍ରଣାଳୟର ରେଜିଷ୍ଟ୍ରାର ଅଫ୍ କମ୍ପାନିଜର ମଞ୍ଜୁରୀ ପରେ ଏହି ପରିବର୍ତ୍ତନ କାର୍ଯ୍ୟକାରୀ ହୋଇଛି। ଜେଏସ୍ପିଏଲ୍ର ନାମ ଜେଏସ୍ଏଲ୍କୁ ପରିବର୍ତ୍ତନକରିବା ପଛରେ ମୁଖ୍ୟ କାରଣ ହେଉଛି, କମ୍ପାନୀ କେବଳ ଏହାର ପ୍ରମୁଖ ବ୍ୟବସାୟ ଅର୍ଥାତ୍ ଇସ୍ପାତ ଉତ୍ପାଦନ ଉପରେ ଅଧିକ ଗୁରୁତ୍ୱ ଦେବ ଏବଂ ଭବିଷ୍ୟତରେ ଏକ ମଜଭୁତ ଇସ୍ପାତ କମ୍ପାନୀ ଭାବେ ଆଗକୁ ବଢ଼ିବ। ଏହି ନୂତନ ନାମ ଦେଶ ଓ ବିଦେଶରେ ପରିଚିତ ହେବା ସହ କମ୍ପାନୀ ତା'ର ପୂର୍ବ ମୂଲ୍ୟବୋଧକୁ ବଜାୟ ରଖିବ। ଅପରପକ୍ଷରେ ଏହି ନାମ ପରିବର୍ତ୍ତନ କମ୍ପାନୀ (ଇନ୍କର୍ପୋରେଶନ୍) ନିୟମ ୨୦୧୪ ର ନିୟମ ୨୯ ଅନୁଯାୟୀ କରାଯାଇଛି। ନୂତନ ନାମକୁ ପ୍ରତିଫଳିତ କରୁଥିବା ଇନ୍କର୍ପୋରେଶନ ପ୍ରମାଣପତ୍ର ରେଜିଷ୍ଟ୍ରାର ଅଫ୍ କମ୍ପାନିଜଙ୍କ ଦ୍ୱାରା ଜାରି କରାଯାଇଛି। କମ୍ପାନୀର କର୍ପୋରେଟ ଆଇଡେଣ୍ଟିଫିକେଶନ ନମ୍ବର (CIN: L27105 HR 1979 PLC009913) କିମ୍ବା ପଞ୍ଜୀକୃତ ଠିକଣାରେ (ଜିନ୍ଦଲ ଷ୍ଟିଲ ଲିମିଟେଡ୍, ଓ.ପି. ଜିନ୍ଦଲ ମାର୍ଗ, ହିସାର-୧୨୫୦୦୫, ହରିୟାଣା, ଭାରତ) କିଛି ପରିବର୍ତ୍ତନ ହୋଇନାହିଁ। ସେହିଭଳି କମ୍ପାନୀର ନାମ ପରିବର୍ତ୍ତନ ହୋଇଥିଲେ ମଧ୍ୟ ଜିନ୍ଦଲ ଷ୍ଟିଲ୍ ପୂର୍ବ ଭଳି ଏକ ପବ୍ଲିକ ଲିମିଟେଡ୍ କମ୍ପାନୀ ଭାବେ ପରିଚାଳିତ ହେବ, ଯାହାର ଶେୟାର ଲୋକେ କ୍ରୟ ବିକ୍ରୟ କରିପାରିବେ।

# ପିଏନ୍ବିର ଆର୍ଥିକ ସାକ୍ଷରତା ଶିବିର

**ଭୁବନେଶ୍ୱର,୨୩।୭**

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍ବି)ର ବହୁ ପ୍ରତୀକ୍ଷିତ କାର୍ଯ୍ୟକ୍ରମ ତଥା ଆର୍ଥିକ ସାକ୍ଷରତା ଶିବିର ଏବଂ ଜନସୁରକ୍ଷା ପରିପୂର୍ତ୍ତି ଅଭିଯାନ ବ୍ରହ୍ମପୁରର ଶେରଗଡ଼ ଓ ଆସ୍କା ଶାଖାଠାରେ ଅନୁଷ୍ଠିତ ହୋଇଯାଇଛି। ପିଏନ୍ବର ବ୍ରହ୍ମପୁର ମଣ୍ଡଳ କାର୍ଯ୍ୟାଳୟ ପକ୍ଷରୁ ଶେରଗଡ଼ ଶାଖାର ବାରୁମଣ୍ଡଳୀ ଗ୍ରାମପଞ୍ଚାୟତ ଅନ୍ତର୍ଗତ ପରମାନନ୍ଦ ଗ୍ରାମ ଏବଂ ଆସ୍କା ଶାଖାର ବାରଗାମ ଗ୍ରାମପଞ୍ଚାୟତଠାରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଶେରଗଡଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପିଏମ୍ଜେଡିୱାଇର ୧୦ଟି, ପିଏମ୍ଏସ୍ବିୱାଇର ୧୩ଟି, ପିଏମ୍ଜେଜେବିୱାଇର ୯ଟି, ଏପିୱାଇର ୨ଟି ଲିଡ୍ ମିଳିଥିଲା। ଏଥିରେ ପିଏନ୍ବି ଶେରଗଡ ଶାଖାର ଶାଖା ମୁଖ୍ୟ ଯୋଗଦେଇଥିଲେ। ଆସ୍କା ବ୍ଲକଠାରେ ଆୟୋଜିତ କାର୍ଯ୍ୟକ୍ରମରେ ପିଏମ୍ଜେଡିୱାଇର ୧୬ଟି, ପିଏମ୍ଏସ୍ବିୱାଇର ୧୦ଟି, ପିଏମ୍ଜେଜେବିୱାଇର ୧୧ଟି ଲିଡ୍ ମିଳିଛି ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ଏଫ୍ଏଲସି ସଂଯୋଜକ, ବ୍ଲକ ଅଧିକାରୀ, ଲିଡ୍ ବ୍ୟାଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଯୋଗ ଦେଇଥିଲେ।

# ଏବିଏସ୍ଏଲ୍ଏମ୍ଏଫ୍ର ନୂତନ ଉତ୍ପାଦ ରେଞ୍ଜ

**ଭୁବନେଶ୍ୱର,୨୩।୭**

ଆଦିତ୍ୟ ବିର୍ଲା ସନ ଲାଇଫ୍ ମ୍ୟୁଚୁଆଲ ଫଣ୍ଡ (ଏବିଏସ୍ଏଲ୍ଏମ୍ଏଫ୍) ର ନୂତନ ଉତ୍ପାଦ ରେଞ୍ଜ ତଥା ୨ଟି ଫାକ୍ଟର ବେସ୍ଡ ଇଣ୍ଡେକ୍ସ ଫଣ୍ଡ ' ଆଦିତ୍ୟ ବିର୍ଲା ସନ ଲାଇଫ୍ ବିଏସ୍ଇ୫୦୦ମୋମେଣ୍ଟମ ୫୦ ଇଣ୍ଡେକ୍ସ ଫଣ୍ଡ ଏବଂ ଆଦିତ୍ୟ ବିର୍ଲା ସନ ଲାଇଫ୍ ବିଏସ୍ଇ୫୦୦ କ୍ୱାଲିଟ ୫୦ ଇଣ୍ଡେକ୍ସ ଫଣ୍ଡ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏହି ନୂତନ ଫଣ୍ଡର ନ୍ୟୁ ଫଣ୍ଡ ଅଫର୍ସ (ଏନ୍ଏଫ୍ଓ) ନିକଟରେ ଆରମ୍ଭ ହୋଇଯାଇଥିଲାବେଳେ ଏହା ୨୦୨୫ ଅଗଷ୍ଟ ୪ରେ ବନ୍ଦ ହେବ। ଏ ସମ୍ପର୍କରେ ଆଦିତ୍ୟ ବିର୍ଲା ସନ ଲାଇଫ୍ ଏଏମ୍ସି ଲିମିଟେଡ୍ର ଏମ୍ଡି ତଥା ସିଇଓ ଏ ବାଲ୍ସୁବ୍ରମଣ୍ୟନ କହିଥିଲେ, ଆମେ ଆମର ଦୁଇଟି ନୂତନ ଇଣ୍ଡେକ୍ସ ଫଣ୍ଡର ଶୁଭାରମ୍ଭ କରି ବେଶ୍ ଉତ୍ସାହିତ ଅଛୁ। ଏହି ଫଣ୍ଡ ରେଞ୍ଜ ଉଭୟ ନିବେଶକ ଓ ଉପଭୋକ୍ତାଙ୍କୁ ଅଧିକ ସହାୟକ ହେବ ବୋଲି ସେ ବିସ୍ତୃତ ଭାବେ ମତପ୍ରକାଶ କରିଛନ୍ତି।

# ଶେୟାର ବଜାର କାରବାରରେ ଉତ୍ସାହ

**ମୁମ୍ବାଇ,୨୩।୭**

ଦିନକ ପରେ ପୁଣି ଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଚଳିତ ସପ୍ତାହର ତୃତୀୟ କାର୍ଯ୍ୟଦିବସ ଫଳାଫଳ ଅନୁଯାୟୀ ଶେୟାର ବଜାର କାରବାରରେ ଉତ୍ସାହ ସହ ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବୃଦ୍ଧି କରିଛନ୍ତି। ବିଶେଷକରି ବୁଧବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍ଇ)ର ସେନ୍ସେକ୍ସ ୫୪୦(୫୩୯.୮୩) ପଏଣ୍ଟ ବୃଦ୍ଧି ଘଟି ୮୨,୭୨୭ (୮୨,୭୨୬.୬୪) ଅଙ୍କରେ କାରବାର ବନ୍ଦ ହୋଇଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନ୍ଏସ୍ଇ) ର ନିଫ୍ଟି-୫୦ ରେ ମଧ୍ୟ ୧୫୯(୧୫୯.୦୦) ପଏଣ୍ଟ ବଢ଼ି ୨୫,୨୨୦ (୨୫,୨୧୯.୯୦) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସ୍ଇ ସେନ୍ସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡ଼ିକର ଇଣ୍ଡେକ୍ସ ସହିତ ଏନ୍ଏସ୍ଇ ନିଫ୍ଟି ମିଡକ୍ୟାପ, ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଓ ଆଇଟି ଶେୟାରଗୁଡ଼ିକର କାରବାରରେ ମଧ୍ୟ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ବୃଦ୍ଧି ଘଟିଛି।


# Classified Everyday
0674-2580101, 9692975378




**REAL ESTATE SALE**

ଭୁବନେଶ୍ୱର-ପିପିଲି ଟୋଲ୍ଗେଟ୍, ଉତ୍ତରାଛକ, ସୁନ୍ଦରପଦା, ଫୁଲନଖରାରେ ଘରବାଡ଼ି ପ୍ଲଟ୍ 2/3BHK flat, duplex ବିକ୍ରିହେବ। Diptimayee Pati-8763740343. D-76296

Ready to move 1/2BHK flat for sale @ 18/ 24 Lakh at Gudiapokhari Bhubaneswar. Call-9861642492. D-1376

କଟକ ମହାନଦୀବିହାରରେ 2/3 BHK flat ଗୋପାଳପୁର, ଫୁଲନଖରା ଛକ, ତ୍ରିନାଥବଜାରରେ 3BHK duplex readymade ଅଛି। 8327785834. D-76286

ଭୁବନେଶ୍ୱର ହଂସପାଳ ଭିଙ୍ଗାରପୁର ପାଖରେ 1300sqft. 5,80,000/- ପ୍ଲଟ୍ ବିକ୍ରିହେବ। 9114705579. D-76288




Newly open Jyoti SPA positively health benefits (expert therapist). 8458067955. D-76927

All types hair cutting Body Massage by Smart lady one hour 700/-, room Services Available contact- 7788888200 D-76301

**Full body massage experience, good looking therapist @999 (Bhubaneswar). 9078484455.** D-1325

Newly open SPA positively health benefits (expert therapist). Contact- 7327030529. D-76929




**Commercial space 4000sqft. and 2BHK flat for Office or Residence purpose at Ganesh Mandap Chhaka, Jharpada Jailroad, Bhubaneswar. Contact- 9040096747 / 9040096740.** D-75391

**3000sqft., 5500sqft. Godown & 25000sqft. open space with brickwall, Electricity & Water available at Manguli, Cuttack. Contact- 7978027615, 9871716662.** D-1392


**ପାଠକଙ୍କ ପାଇଁ ସୂଚନା**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before the Executive Magistrate, Muniguda on dated 22.07.2025, (SL No.-941/25), I Sunil Patakar of Village- Raikona, P.O./-Gumma, P.S.-Rayagada, Dist.- Rayagada declare that I have changed my name from Sujata Patakar to Sunil Patakar. Henceforth, I shall be known as Sunil Patakar for all purpose.
Sunil Patakar
D-1408

By virtue of an affidavit No.- 7360 sworn before Executive Magistrate, Bhadrak, dated 22.07.2025, I Benazir Khan, D/o-Anwar Hossain, Vill- Bada Sankarpur, P.O./P.S.- Purunabazar, Dist.- Bhadrak, PIN-756100, Odisha declare that I have changed my name from Banazeer Khatoon to Benazir Khan. Henceforth, she shall be known as Benazir Khan for all future purposes.
D-1409

I, Sharmistha Samantray, W/o- Late Satyajit Bata Samantray, resident of Plot No.- 1051, Gada Sahi, Nayapalli, P.O./P.S.- Nayapalli, Bhubaneswar- 751012, Dist.- Khurda, Odisha, declare by this affidavit No.- 12AA 758043, dtd- 13.05.2025. That now onwards I shall be known as Sharmistha S Samantray for all future purposes.
D-1404

By virtue of an affidavit sworn before the Executive Magistrate, Muniguda on dated 23.07.2025, (SL No.-942/25), I Sujata Pratakar of Village- Raikona, P.O./-Gumma, P.S.- Rayagada, Dist.- Rayagada declare that I have changed my name from Sunil Pratakar to Sujata Pratakar. Henceforth, I shall be known as Sujata Pratakar for all purpose.
Sujata Pratakar
D-1407

By virtue of an affidavit sworn before the Executive Magistrate, Muniguda on dated 22.07.2025, (SL No.-938 /25), I Nepal Patra of Village-Talabarangapadar, P.O./-Durgi, P.S.- Bissam Cuttack, Dist.- Rayagada declare that I have changed the name of my son from Thabindra Patra to Kanha Patra. Henceforth, he shall be known as Kanha Patra for all purpose.
D-1403

By virtue of an affidavit sworn before the Executive Magistrate, Darpan, dated 21.07.2025, I, Sahina Begum, Address-Gaharnagar, AT/ P.O.- Charinangal, P.S.- Balichandrapur, Dist.- Jajpur, Odisha-754292 declare that I have changed my name from Sai Begam to Sahina Begum. Henceforth, I shall be known as Sahina Begum for all purposes.
D-1400


## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**୰ବସନ୍ତ କୁମାରୀ ପଟ୍ଟନାୟକ**
ଆବିର୍ଭାବ: ୧୫।୦୮।୧୯୩୩
ତିରୋଧାନ: ୦୫।୦୮।୨୦୨୪
ପୁତ୍ର: ବିପିନ ବିହାରୀ ପଟ୍ଟନାୟକ
ପୁରୁଷୋତ୍ତମପୁର
ଆପଣଙ୍କ ସମସ୍ତଙ୍କ ପ୍ରତି ଥିବା ସ୍ନେହ, ଶ୍ରଦ୍ଧା ଆମ ପ୍ରେରଣାର ଉତ୍ସ ହେଉ। ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।
:ଶୋକସନ୍ତପ୍ତ:
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୬୧୯୭୭

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**ସ୍ୱର୍ଗତ ଭାସ୍କର ଚନ୍ଦ୍ର ରାଉତ**
ଯଶୋଟିକିରି, ଭଣ୍ଡାରିପୋଖରୀ, ଭଦ୍ରକ
ଚାହୁଁ ଚାହୁଁ ବର୍ଷେ ବିତିଗଲା। ଯେଉଁଠି ଥାଅ ଭଲରେ ଥାଅ। ଆପଣଙ୍କ ନୀତି, ଆଦର୍ଶ ଓ ଆଶୀର୍ବାଦ ସର୍ବଦା ଆମ ସହିତ ରହିଥାଉ।
ଶୋକସନ୍ତପ୍ତ: ପତ୍ନୀ: ଶାନ୍ତିଲତା, ପୁଅ: ବଦ୍ରୀନାରାୟଣ (୨୨ ନଂ. ଜୋନ୍ ଜିଲ୍ଲା ପରିଷଦ ସଭ୍ୟ) ବିରଞ୍ଚି ନାରାୟଣ (ବିଶିଷ୍ଟ ସମାଜସେବୀ ତଥା ଯୁବଉଦ୍ୟୋଗୀ) ଓ ପରିବାରବର୍ଗ
ଧ-୧୪୦୧

### ପ୍ରଥମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ



**୰ ଶାନ୍ତିଲତା ପ୍ରଧାନ**
ପ୍ଲଟ୍ ନଂ.: ଏନ୍୪/୩୧୯, ଆଇଆରସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର
ଆବିର୍ଭାବ: ୦୩.୦୪.୧୯୫୧
ତିରୋଧାନ: ୦୩.୦୮.୨୦୨୪
ଚାହୁଁ ଚାହୁଁ ଏକବର୍ଷ ଅତିବାହିତ ହୋଇଯାଇଛି। ଏମିତି ବି ଦିନ ଆସିନାହିଁ ଯେଉଁଦିନ ତୁମେ ଆମ ସ୍ମୃତିପଟଳରୁ ବିସ୍ମୃତ ହୋଇଯାଇଛ। ତୁମେ ହିଁ ଆମ ଜୀବନାଦର୍ଶ ଏବଂ ପ୍ରେରଣା ସ୍ରୋତ ହୋଇ ରହିବ। ନିଳାଦ୍ରୀଭୂଷଣ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଶ୍ରୀ ପଦ୍ମପାଦରେ ତୁମ ଅମର ଆତ୍ମା ଚିର ବିଶାନ୍ତି ପ୍ରାପ୍ତ ହେଉ, ଏତିକି ହୃଦୟବନ୍ତ ପ୍ରାର୍ଥନା।
ସ୍ମୃତି ଧାରକ
ବ୍ରଜ କିଶୋର ପ୍ରଧାନ ଓ ଶ୍ରଦ୍ଧା ବିଜଡିତ ପ୍ରଧାନ ପରିବାର
ଧ-୬୨୪୭୬

**ଧରିତ୍ରୀ DHARITRI**
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।



ପୂଜା ହେଗଡେ

## ରହସ୍ୟ ଖୋଲିଲେ ପୂଜା

ପୂଜା ହେଗଡେ ଇତିମଧ୍ୟରେ ଅନେକ ଦକ୍ଷିଣ ଭାରତୀୟ ସିନେମାରେ ଅଭିନୟ କରିସାରିଲେଣି। ତା'ସହ କେତୋଟି ହିନ୍ଦୀ ଫିଲ୍ମରେ ମଧ୍ୟ ତାଙ୍କୁ ଦେଖିବାକୁ ମିଳିଛି। କିନ୍ତୁ ଅଭିନୟକୁ କ୍ୟାରିୟର ଭାବରେ ଗ୍ରହଣ କରିନେବା ପୂର୍ବରୁ ସେ ମିସ୍ ଇଣ୍ଡିଆ ୨୦୦୯ ଏବଂ ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୧୦ରେ ଅଂଶଗ୍ରହଣ କରିଥିଲେ। ମିସ୍ ଇଣ୍ଡିଆରେ ପ୍ରତିଯୋଗିତା ଫାଇନାଲ ତାଲିକାରୁ ବାଦ୍ ପଡିଥିଲେ ମଧ୍ୟ ସେ 'ମିସ୍ ଇଣ୍ଡିଆ ଟ୍ୟାଲେଣ୍ଟେଡ-୨୦୦୯' ଟାଇଟଲ ଏବଂ ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୧୦ରେ ସେକେଣ୍ଡ ରନର ଅପ୍ ହୋଇଥିଲେ। ଯେତେବେଳେ ସେ ଅଭିନୟକୁ ଏଣ୍ଟ୍ରି କରିବାକୁ ଚାହିଁଲେ ସେତେବେଳେ ଟିକେ ଦୋଛକିରେ ପଡିଥିଲେ। ହଁ-ନାଁ ଭିତରେ ସେ ଏମିତି ଫସି ଯାଇଥିଲେ ଯେ ଦେଖୁଦେଖୁ ଅଯଥାରେ ତିନି ବର୍ଷ ଅତିକ୍ରମ କରିଯାଇଥିଲା। ଆଉ ଏଭଳି ସ୍ଥିତି ଯୋଗୁ ସେ ଏହି ସମୟ ଭିତରେ ବଡ ବଡ ବ୍ୟାନରରୁ ମିଳିଥିବା ଭଲ ଅଫରଗୁଡିକୁ ମଧ୍ୟ ହାତଛଡା କରିବାକୁ ବାଧ୍ୟ ହୋଇଥିଲେ। ଏଭଳି ସ୍ଥିତି ବିଷୟରେ ପୂଜା କହନ୍ତି, ''ସେତେବେଳେ ମୋର ନିଜ ଉପରେ ଭରସା ନ ଥିଲା। ଆଉ ତା'ଭିତରେ ତିନି ବର୍ଷ ଅତିକ୍ରାନ୍ତ ହୋଇଯାଇଥିଲା। ଶେଷରେ ମନୋବଳ ଦୃଢ଼ କରି ନିଷ୍ପତ୍ତି ନେଲି ଯେ ମୁଁ ଆକ୍ଟିଂକୁ କ୍ୟାରିୟର କରିବି। ଆଉ ଏବେ ଦର୍ଶକଙ୍କ ଭଲ ପାଇବା ଯୋଗୁ ମୁଁ ନିଜକୁ ଜଣେ ସଫଳ ଅଭିନେତ୍ରୀ ଭାବରେ ପରିଚିତ କରାଇ ପାରିଛି।'' ତାଙ୍କ ଅଭିନୀତ ପ୍ରଥମ ତାମିଲ ଫିଲ୍ମ ଥିଲା 'ମୁଗାମୋଡି'।

## ଭାଗ୍ୟର ଦୋଷ

ଚଙ୍କି ତନୟା ଅନନ୍ୟା ପାଣ୍ଡେ। ଏବେ ତାଙ୍କର ବଲିଉଡ୍ ଅବସ୍ଥାକୁ ଦେଖି ସେ କାହାକୁ ଦୋଷ ଦେଉଛନ୍ତି ଜାଣନ୍ତି? ନିଜ ଭାଗ୍ୟକୁ। କରନ୍ ଜୋହରଙ୍କ ଫିଲ୍ମ 'ଷ୍ଟୁଡେଣ୍ଟ ଅଫ ଦ ଇୟର ୨' (୨୦୧୯) ଥିଲା ତାଙ୍କର ପ୍ରଥମ ହିନ୍ଦୀ ସିନେମା। ଏହାଭିତରେ ସେ ମାତ୍ର ୧୨ଟି ସିନେମାରେ ଅଭିନୟ କରିଛନ୍ତି। ପୁଣି ଦୁଇଟି ସିନେମା ନିର୍ମାଣାଧୀନ ଅବସ୍ଥାରେ ଅଛି। ଏ ବିଷୟରେ ଅନନ୍ୟା କହନ୍ତି, ''କରନ୍ ସାରଙ୍କ ଫିଲ୍ମରେ ଅଭିନୟ କରିବା ପରେ ଜଣେ ଅଭିନେତ୍ରୀ ହେବାର ଆଶା ଦ୍ୱିଗୁଣିତ ହୋଇଯାଇଥିଲା। ଆଶା ରଖିଛି ଦିନେ ନା ଦିନେ ମୁଁ ନିଜକୁ ଜଣେ ଦକ୍ଷ ଅଭିନେତ୍ରୀ ଭାବରେ ପ୍ରମାଣିତ କରିବି। ଆଉ ସେଥିପାଇଁ ଏଣିକି ମାପିଚୁପି ଚାଲିବାକୁ ପଡିବ।'' ଅନନ୍ୟାଙ୍କ ସ୍ୱପ୍ନ କେତେ ସଫଳ ହେଉଛି ତାହା ଆଗାମୀ ସମୟ ହିଁ କହିବ।



ଅନନ୍ୟା



ଅତୀଶ

## ସତ ହେଲା ଅତୀଶଙ୍କ ପୂର୍ବାନୁମାନ

ବେଳେବେଳେ ପୂର୍ବାନୁମାନ ସତରେ ପରିଣତ ହୋଇଥାଏ। ପୁଣି ଆଶାତୀତ ସଫଳତା ଏହି ଖୁସିକୁ ଦ୍ୱିଗୁଣିତ କରିଦେଇଥାଏ। ଠିକ୍ ସେହିପରି ପ୍ରଯୋଜକ ଅତୀଶ କୁମାର ରାଉତଙ୍କ ଖୁସି ଏବେ କହିଲେ ନ ସରେ। କାରଣ ଏକ ଭିନ୍ନ ଧରଣର କାହାଣୀକୁ ନେଇ ସେ ନିକଟରେ ପ୍ରସ୍ତୁତ କରିଥିଲେ ମାତ୍ର ୩୭ମିନିଟ୍ ଅବଧି ବିଶିଷ୍ଟ କ୍ଷୁଦ୍ର ଚଳଚ୍ଚିତ୍ର 'ଚାରିକାନ୍ଧ'। ଆଉ ଇତିମଧ୍ୟରେ ଫିଲ୍ମଟି ଗୋଟିଏ ପରେ ଗୋଟିଏ ସଫଳତା ହାସଲ କରିବାରେ ସଫଳ ହୋଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ନିର୍ଦ୍ଦେଶକ ବିଶ୍ୱନାଥ ରଥ। ଏହାର କାହାଣୀ, ଉପସ୍ଥାପନା ଏବଂ କଳାକାରଙ୍କ ନିଖୁଣ ଅଭିନୟ ଯୋଗୁ ଚିତ୍ରଟି ବିଭିନ୍ନ ଚଳଚ୍ଚିତ୍ର ମହୋତ୍ସବରେ ପ୍ରଦର୍ଶିତ ହୋଇ ପୁରସ୍କୃତ ଏବଂ ପ୍ରଶଂସିତ ହୋଇଛି। ନିକଟରେ କୋଲକାତାର ଦୁର୍ଗାପୁର ଅନ୍ତର୍ଜାତୀୟ ଚଳଚ୍ଚିତ୍ର ମହୋତ୍ସବରେ ଶ୍ରେଷ୍ଠ କ୍ଷୁଦ୍ର ଚଳଚ୍ଚିତ୍ର (ବେଷ୍ଟ ଶର୍ଟ ଫିଲ୍ମ) ପୁରସ୍କାର ହାସଲ କରିଛି। ଏ ନେଇ ଅତୀଶ କହନ୍ତି, ''ଜଣେ ଯେତେବେଳେ ମରିଯାଆନ୍ତି ତାଙ୍କ ମୃତ ଶରୀରକୁ କୋକେଇରେ ମଶାଣି ପର୍ଯ୍ୟନ୍ତ ନେବାକୁ ପଡେ। ହେଲେ ଏବେ ଏମିତି ସମୟ ହେଲାଣି ଯେ ଏହି ସମୟରେ ଚାରିକାନ୍ଧ ମିଳିବା କଷ୍ଟକର ହୋଇଗଲାଣି, ଯାହାକୁ ବେଶ୍ ନିଖୁଣ ଭାବରେ ଏଥିରେ ଉପସ୍ଥାପନା କରାଯାଇଛି। ଯାହା ଅନୁମାନ କରିଥିଲି ତାହା ସତରେ ପରିଣତ ହୋଇଛି। ଅନ୍ତର୍ଜତୀୟ ସ୍ତରରେ ମୋ ସିନେମା ବେଶ୍ ପ୍ରଶଂସିତ ଏବଂ ପୁରସ୍କୃତ ହୋଇଛି।'' ଏହାର କାହାଣୀ ଏବଂ ସଂଳାପ ମଧ୍ୟ ରଚନା କରିଛନ୍ତି ବିଶ୍ୱନାଥ। ରିତୁପ୍ରିୟା ପ୍ରଡକ୍ସନସ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମରେ ଶକ୍ତି ବରାଳ, ସୁଶୀଲ ମିଶ୍ର, ଶତାବ୍ଦୀ ସୂର୍ଯ୍ୟସ୍ନାତା, ଗୌରବ ମହାନ୍ତି ଏବଂ ପ୍ରଭଞ୍ଜନ ମିଶ୍ର ପ୍ରମୁଖ ଅଭିନୟ କରିଛନ୍ତି।

## ମୋ କାଳିଆ ରେ...

ଜଲିଉଡ୍‌ର ଚର୍ଚ୍ଚିତ ୟଙ୍ଗ ବ୍ୟାଡ୍‌ମ୍ୟାନ୍ ପୀୟୁଷ ତ୍ରିପାଠୀଙ୍କୁ ଏବେ ଭଜନ ଆଲବମ୍‌ରେ ଦେଖିବାକୁ ମିଳିଛି। ଏହାର ଟାଇଟଲ ରହିଛି 'ମୋ କାଳିଆରେ'। କେବଳ ସେତିକି ନୁହେଁ, ଏଥିରେ ଓଲିଉଡ୍‌ର ଆଗଧାଡିର ପ୍ରଯୋଜକ ଶ୍ରୀଧର ମାର୍ଥା ମଧ୍ୟ ଅଭିନୟ କରିଛନ୍ତି। ନିର୍ଦ୍ଦେଶନା ଦେଇଛନ୍ତି ବାବୁ ବାବୁ। କଳାରେ କଳଙ୍କ ଲାଗିବା ପରେ ଜଗନ୍ନାଥଙ୍କର ଜଣେ ପରମ ଭକ୍ତ କିପରି ମନଧ୍ୟାନ ସହ ତାଙ୍କୁ ସ୍ମରଣ କରୁଛି ତାହା ଏଥିରେ ଦେଖିବାକୁ ମିଳିବ। ଏହି ଗୀତଟିକୁ ରଚନା କରିବା ସହ ସ୍ୱର ଦେଇଛନ୍ତି ଜଲି ସ୍ୱାଇଁ। ଖାସ୍ କଥା ହେଲା, ଯେତେବେଳେ ଏହାର ଦୃଶ୍ୟାୟନ କରାଯାଉଥିଲା ସେତେବେଳେ ପୀୟୂଷ ଭଜନରେ ଏତେ ତଲ୍ଲୀନ ହୋଇଯାଇଥିଲେ ତାଙ୍କ ଆଖି ଅଶ୍ରୁପ୍ଲାବିତ ହୋଇଯାଇଥିଲା। ଜେ.ବି. ମ୍ୟୁଜିକ ବ୍ୟାନରରେ ବିଶ୍ୱପ୍ରକାଶଙ୍କ ଦ୍ୱାରା ପ୍ରଯୋଜିତ ଉକ୍ତ ଭଜନ ଆଲବମ ପାଇଁ କଣ୍ଠଦାନ କରିଛନ୍ତି ସୌରଭ ଭରଦ୍ୱାଜ। ଅନ୍ୟପକ୍ଷରେ ପୀୟୂଷଙ୍କର ଏହା ହେଉଛି ପ୍ରଥମ ଭଜନ ଆଲବମ୍ ଏବଂ ଏହା ନିଶ୍ଚୟ ଶ୍ରୋତାଦୃତ ହେବ ବୋଲି ସେ ଦୃଢ଼ ଆଶା ରଖିଛନ୍ତି।



ପୀୟୂଷ ତ୍ରିପାଠୀ

## ନିଶାନ୍ତରୁ ଆୟୁଷ୍ମାନ୍

ବଲିଉଡ୍‌ରେ ଆୟୁଷ୍ମାନ ଖୁରାନା ନିଜ ଅଭିନୟ ଦକ୍ଷତା ବଳରେ ଦର୍ଶକଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି। ପିଲାଦିନେ ସେ ନିଶାନ୍ତ ନାମରେ ପରିଚିତ ଥିଲେ। ତାଙ୍କୁ ଯେତେବେଳେ ମାତ୍ର ତିନି ବର୍ଷ ବୟସ ହୋଇଥିଲା ସେତେବେଳେ ତାଙ୍କ ବାପା ଜଣେ ଜ୍ୟୋତିଷଙ୍କ ସହ ଆଲୋଚନା କରି ପୁଅ ନାମକୁ ପରିବର୍ତ୍ତନ କରି ଆୟୁଷ୍ମାନ ରଖିଥିଲେ। ଅଭିନୟ ଦୁନିଆରେ ପାଦ ଦେବା ପୂର୍ବରୁ ସେ ଜଣେ ରେଡିଓ ଜକି ଭାବରେ ବେଶ୍ ପ୍ରଶଂସା ସାଉଁଟିଥିଲେ। ତାଙ୍କ ଦ୍ୱାରା ସଞ୍ଚାଳିତ ରେଡିଓ କାର୍ଯ୍ୟକ୍ରମ 'ବିଗ୍ ଚାଇ', 'ମନ୍ ନା ମନ୍' ଏବଂ 'ମେଁ ତେରା ଆୟୁଷ୍ମାନ' ବେଶ୍ ଶ୍ରୋତାଦୃତ ହୋଇଥିଲା। ହେଲେ ବଡ ପରଦାକୁ ଆସିବା ପୂର୍ବରୁ ସେ ଥିଏଟର ସହ ଜଡିତ ଥିଲେ।

## ଭୁଲନ୍ତି ନାହିଁ ଆଲିୟା

ଆଲିୟା ଭଟ୍ଟଙ୍କ ବଡ଼ ପରଦା କ୍ୟାରିୟର ଆରମ୍ଭ ହୋଇଥିଲା ଜଣେ ଶିଶୁ କଳାକାର (ସଂଘର୍ଷ) ଭାବରେ। ଯେତେ ବିଳମ୍ବରେ ଶୋଇଲେ ମଧ୍ୟ ଆଲିୟା ୬ଟା ପୂର୍ବରୁ ବିଛଣା ଛାଡନ୍ତି। ପିଲାଟି ଦିନରୁ ଏହା ତାଙ୍କର ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। ଏ ନେଇ ସେ କହନ୍ତି, 'ପିଲାଦିନେ ପାଠ ପଢ଼ିବାକୁ ମୋତେ ପାପା ଏକ ଅଭ୍ୟାସରେ ପକାଇ ଦେଇଥିଲେ। ଭୋରରୁ ଉଠି ମୁଁ ପଢୁଥିଲି। ତେଣୁ ସେହି ସମୟରୁ ଏହା ମୋର ଏକ ଅଭ୍ୟାସରେ ପରିଣତ ହୋଇଯାଇଛି। ଏବେ ଯେତେ ବିଳମ୍ବରେ ଶୋଇଲେ ମଧ୍ୟ ମୁଁ ଭୋରରୁ ଉଠିଯାଏ। ଆଲିୟା କଦାପି ମଲ୍‌କୁ ଯାଇ ଶପିଂ କରି ନ ଥାନ୍ତି। ତାଙ୍କର ଆଉ ଏକ ଅଭ୍ୟାସ ରହିଛି। ତାହା ହେଲା ବହି ପଢ଼ିବା। ତେଣୁ ଏଥିପାଇଁ ସେ ଘରେ ଏକ ସ୍ୱତନ୍ତ୍ର ଲାଇବ୍ରେରି କରିଛନ୍ତି।



ଆୟୁଷ୍ମାନ



ଆଲିୟା

ଛୋଟ ପରଦା |

## ୧୦୦୦ ଏପିସୋଡ୍‌ରେ 'ସୁନା ଝିଅ'

ଅନ୍ୟତମ ଦର୍ଶକାଦୃତ ଓଡ଼ିଆ ଚ୍ୟାନେଲ ଜୀ-ସାର୍ଥକରେ ଗତ ତିନି ବର୍ଷ ଧରି ପ୍ରସାରିତ ହୋଇଆସୁଥିବା ମେଗା ଧାରାବାହିକ 'ସୁନାଝିଅ' (ସୋମବାର-ଶନିବାର, ପ୍ରସାରଣ ସମୟ-ସନ୍ଧ୍ୟା ୭.୩୦) ୧୦୦୦ତମ ଏପିସୋଡ୍‌ରେ ପ୍ରବେଶ କରିଛି। ଚଳିତ ମାସ ୧୮ ତାରିଖରେ ଏହା ଏଭଳି ସଫଳତା ହାସଲ କରିଛି। କାହାଣୀର ପ୍ରଥମ ସୋପାନ ଯେଉଁଥିରେ ଦର୍ଶକ ଦେଖିଥିଲେ ପ୍ରିୟା ଓ ବିଷ୍ଣୁଙ୍କ ସଫଳ ଦାମ୍ପତ୍ୟ ଜୀବନରେ ଆସିଥିଲେ ଦୁଇ ଝିଅ ଅଂଶୁ ଓ ବଂଶୁ। ଦ୍ୱିତୀୟ ସୋପାନରେ ବିଷ୍ଣୁଙ୍କ ମୃତ୍ୟୁ ହୋଇଥିବା ବେଳେ ନିଜ ଦୁଇ ଝିଅଙ୍କ ସହ ଆଗକୁ ବଢିଥିଲେ ପ୍ରିୟା। ଏବେ ତୃତୀୟ ସୋପାନରେ ନିଜ ଝିଅକୁ ଅସୁବିଧାରୁ ବଞ୍ଚାଇବାକୁ ପୁଣି ଆଗକୁ ଆସିଛନ୍ତି ପ୍ରିୟା। ଆଉ ଏଇଠୁ କାହାଣୀ ନୂଆ ମୋଡ ନେଉଛି। ଅକ୍ଷୟ କୁମାର ପରିଜାଙ୍କ ପ୍ରଯୋଜନାରେ ଏହାର ନିର୍ଦ୍ଦେଶନା ଦେଇଛନ୍ତି ଗୌରୀଶଙ୍କର ଦାସ। ସଂଳାପ ରଚନା କରିଛନ୍ତି ଶ୍ରୀହର୍ଷ କର। ସମ୍ଭବ ମାନସିଂ, ଅଙ୍କିତା ମିଶ୍ର ଏବଂ ଶ୍ୱେତା ଆଚାର୍ଯ୍ୟ ପ୍ରମୁଖ ଭୂମିକାରେ ଅଭିନୟ କରିଛନ୍ତି।



ସମ୍ଭବ-ଅନନ୍ୟା

ନୂଆ ସିନେମା

## ବିନ୍ଦୁସାଗର

ଆମ ରାଜ୍ୟର ପରମ୍ପରାରେ ଅନେକ ନୂଆ ନୂଆ କଥା ଲୁଚି ରହିଛି। ସେଭଳି କିଛି ବିଷୟକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'ବିନ୍ଦୁସାଗର'। ଏଥିରେ ଲଭ୍, ଇମୋଶନ ଏବଂ ଫ୍ୟାମିଲି ଡ୍ରାମା ମଧ୍ୟ ରହିଛି। ବଲିଉଡ ପ୍ରଯୋଜକ ଶିଳାଦିତ୍ୟ ଭୋରା ପ୍ରଥମ ଥର ପାଇଁ ଓଡ଼ିଆ ଫିଲ୍ମ ପ୍ରଯୋଜନା କରୁଛନ୍ତି। ଏ ବିଷୟରେ ସେ କହନ୍ତି, 'ଓଡ଼ିଶାରେ ଏଭଳି ବିଷୟ ରହିଛି ଯାହାକୁ ଆଧାର କରି ସୁନ୍ଦର ଓଡ଼ିଆ ସିନେମା ପ୍ରସ୍ତୁତ କରାଯାଇପାରିବ। ଓଡ଼ିଆ ସିନେମାକୁ କିପରି ଏକ ନୂଆ ସ୍ତରକୁ ନିଆଯାଇପାରିବ ସେନେଇ ମୋ ପକ୍ଷରୁ ସବୁ ପ୍ରକାର ଉଦ୍ୟମ କରିବି। ଏହି ଫିଲ୍ମଟିର କାହାଣୀରେ ଭିନ୍ନତା ଭରି ରହିଛି। ଓଡ଼ିଆ ସିନେମା କିପରି ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରରେ ଦର୍ଶକାଦୃତ ହୋଇପାରିବ ସେ ନେଇ ଚେଷ୍ଟା ଜାରି ରଖିବି।'' ପ୍ଲାଟୁନ୍ ୱାନ୍ ଫିଲ୍ମସ ବ୍ୟାନରରେ ପ୍ରସ୍ତୁତ ଏହି ଫିଲ୍ମଟିର ଶୁଟିଂ ଓଡିଶାର ବିଭିନ୍ନ ସ୍ଥାନ ଏବଂ ଲଣ୍ଡନରେ କରାଯାଇଛି। ଏହାର ନିର୍ଦ୍ଦେଶନା ଦେଇଛନ୍ତି ଅଭିଷେକ ସ୍ୱାଇଁ। ଉକ୍ତ ଚିତ୍ରର ଅନ୍ୟତମ ପ୍ରଯୋଜକ ବିଜୟ ରେଡ୍ଡି ଏବଂ ଶୁଭୋ ଶେଖର ଭଟ୍ଟାଚାର୍ଯ୍ୟ। ଫିଲ୍ମଟିର ମୁଖ୍ୟ ଭୂମିକାରେ ପ୍ରକୃତି ମିଶ୍ର ଏବଂ ଦୀପନ୍ୱିତ ମହାପାତ୍ର ଅଭିନୟ କରିଛନ୍ତି।



'ବିନ୍ଦୁସାଗର' ଫିଲ୍ମରେ ପ୍ରକୃତି-ଦୀପନ୍ୱିତ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଜୁଲାଇ ୨୪/୨୦୨୫ Bhubaneswar, Thursday, July 24/ 2025

# ସ୍ପୋର୍ଟ୍ସ ଇକୋସିଷ୍ଟମ ବଦଳାଇବାକୁ ଐତିହାସିକ ପଦକ୍ଷେପ

## ଲୋକ ସଭାରେ ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍ ଆଗତ

ନୂଆଦିଲ୍ଲୀ,୨୩।୭(ପି.ଟି.)

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନ୍‌ସୁଖ ମାଣ୍ଡବ୍ୟ ବୁଧବାର ଲୋକ ସଭାରେ ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍ ଆଗତ କରିଛନ୍ତି। ଏହା ଆଇନରେ ପରିଣତ ହେବାକୁ ସମୟ ଲାଗିବ। କିନ୍ତୁ ଭାରତୀୟ କ୍ରୀଡ଼ା ପ୍ରଶାସନକୁ ପୁନର୍ଗଠିତ ଓ ଅଧିକ ଉତ୍ତରଦାୟୀ କରିବା ଦିଗରେ ଏହା ଏକ ଐତିହାସିକ ପଦକ୍ଷେପ ହେବ।

୨୦୩୬ ସମର ଅଲିମ୍ପିକ୍ସ ଲାଗି ବିଡିଂ କରିବାକୁ ଦେଶ ପ୍ରସ୍ତୁତ ହେଉଥିବା ବେଳେ ପ୍ରମୁଖ ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଭଲ ଫଳାଫଳ ଓ ଆଥଲେଟ୍‌ଙ୍କ ଉନ୍ନତ ପ୍ରଦର୍ଶନ କରିବାରେ ସହାୟତା କରିବା ପାଇଁ କ୍ରୀଡ଼ା ପ୍ରଶାସନ ଦୃଶ୍ୟପଟରେ ଏକ ସକାରାତ୍ମକ ପରିବର୍ତ୍ତନ ଆଣିବା ଏହି ବିଲ୍‌ର ଉଦ୍ଦେଶ୍ୟ। କ୍ରୀଡ଼ାରେ ଭଲ ଫଳାଫଳ ପାଇବା ପାଇଁ କ୍ରୀଡ଼ା ସଂସ୍ଥାରେ ଦେଶର କ୍ରୀଡ଼ା ପ୍ରଶାସନିକ ସ୍ଥିତିରେ ବ୍ୟାପକ ସୁଧାର ଆଣିବା ସହିତ କ୍ରୀଡ଼ା ମହାସଂଘ ସହ ଜଡ଼ିତ ବିବାଦର ସଂଖ୍ୟାକୁ ହ୍ରାସ କରିବାର ଆବଶ୍ୟକତା ରହିଛି। ମହାସଂଘ ମଧ୍ୟରେ ଗୋଷ୍ଠୀବାଦ୍ ଓ ପ୍ରଶାସନିକ ହସ୍ତକ୍ଷେପ ଯୋଗୁ କ୍ରୀଡ଼ାରେ ଦେଶ ଓ ସମ୍ପର୍କିତ ଉନ୍ନତି ପ୍ରଭାବିତ ହେଉଛି। ଏଣୁ ଏହାକୁ ରୋକିବା ଏହି ବିଲ୍‌ର ଉଦ୍ଦେଶ୍ୟ ବୋଲି ଉଲ୍ଲେଖ କରାଯାଇଛି।

### ବୟସ ଓ କାର୍ଯ୍ୟକାଳ କ୍ୟାପ୍

ଏହିବିଲ୍‌ରେ କୌଣସିବ୍ୟକ୍ତିଲଗାତର ୩ଥର କ୍ରୀଡ଼ା ମହାସଂଘର ସଭାପତି, ସମ୍ପାଦକ ଓ କୋଷାଧ୍ୟକ୍ଷ ପଦବୀରେ ରହିପାରିବେ। ଅର୍ଥାତ୍ ସେମାନଙ୍କ କାର୍ଯ୍ୟକାଳକୁ ୧୨ ବର୍ଷରେ ସୀମିତ ରଖାଯାଇଛି। ୭୦ ବର୍ଷ ବୟସ କ୍ୟାପ୍ ରଖାଯାଇଛି, ଯାହାକୁ ୭୫କୁ ବୃଦ୍ଧି କରାଯାଇପାରିବ। କିନ୍ତୁ ଏଥିଲାଗି ଅନ୍ତର୍ଜାତୀୟ ସଂସ୍ଥାର ଅନୁମତି ଦରକାର। କାର୍ଯ୍ୟକାରୀ କମିଟିର ସଦସ୍ୟଙ୍କ ଲାଗି ୧୫ ବର୍ଷର କାର୍ଯ୍ୟକାଳ ଧାର୍ଯ୍ୟ କରାଯାଇଛି। କାର୍ଯ୍ୟକାରୀ କମିଟିରେ ଅତିକମ୍‌ରେ ଦୁଇବିଶିଷ୍ଟ ଆଥ୍‌ଲେଟ୍ ଓ ୪ ମହିଳା ରହିବା ବାଧ୍ୟତାମୂଳକ। କ୍ରୀଡ଼ା ପ୍ରଶାସନରେ ଲିଙ୍ଗଗତ ସମାନତାକୁ ନିଶ୍ଚିତ କରିବା ଏବଂ ନିଷ୍ପତ୍ତି ନିର୍ଦ୍ଧାରଣ ପ୍ରକ୍ରିୟାରେ ଆଥ୍‌ଲେଟଙ୍କୁ ସାମିଲ କରିବା ଏହାର ଉଦ୍ଦେଶ୍ୟ।

### ଜାତୀୟ କ୍ରୀଡ଼ା ବୋର୍ଡ

ଏହି ବିଲ୍‌ରେ ଏକ ଜାତୀୟ କ୍ରୀଡ଼ା ବୋର୍ଡ(ଏନ୍‌ଏସ୍‌ବି) ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦିଆଯାଇଛି, ଯାହା ନିୟମ ପ୍ରସ୍ତୁତ କରିବା ସହ ଜାତୀୟ ଫେଡେରେଶନ୍‌ର କାର୍ଯ୍ୟକଳାପକୁ ତଦାରଖ କରିବ। ଏଥିରେ ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ)କୁ ମଧ୍ୟ ସାମିଲ କରାଯାଇଛି। କେନ୍ଦ୍ର ସରକାରଙ୍କ ପାଣ୍ଠି ପାଇବା ପାଇଁ ଦେଶର ପ୍ରତ୍ୟେକ କ୍ରୀଡ଼ା ଫେଡେରେଶନକୁ ଏନ୍‌ଏସ୍‌ବିଠାରୁ ସ୍ୱୀକୃତି ନେବାକୁ ପଡ଼ିବ। ଏନ୍‌ଏସ୍‌ବିର ଉଦ୍ଦେଶ୍ୟ ହେଉଛି, ପ୍ରତ୍ୟେକ କ୍ରୀଡ଼ା ଫେଡେରେଶନ୍ ଲାଗି କଠୋର ଦାୟିତ୍ୱ ବ୍ୟବସ୍ଥା ତିଆରି କରିବା। ଯଦି କୌଣସି ମହାସଂଘ ଧାର୍ଯ୍ୟ ସମୟ ମଧ୍ୟରେ କାର୍ଯ୍ୟକାରୀ କମିଟିର ନିର୍ବାଚନ ଆୟୋଜନ କରିବାରେ ବିଫଳ ହୁଏ କିମ୍ବା ନିର୍ବାଚନ ପ୍ରକ୍ରିୟାରେ ଅନିୟମିତତା କ୍ଷେତ୍ରରେ ଏନ୍‌ଏସ୍‌ବି ଉକ୍ତ ମହାସଂଘର ସ୍ୱୀକୃତି ପ୍ରତ୍ୟାହାର କରିପାରିବ। ସେହିଭଳି ବାର୍ଷିକ ଅଡିଟ୍ ରିପୋର୍ଟ ପ୍ରକାଶ କରିବାରେ ବିଫଳତା କିମ୍ବା ପାଣ୍ଠିର ଦୁରୁପଯୋଗ କ୍ଷେତ୍ରରେ ମହାସଂଘ ବିରୋଧରେ ଏନ୍‌ଏସ୍‌ବି ଦ୍ୱାରା କାର୍ଯ୍ୟାନୁଷ୍ଠାନ ନିଆଯିବ। କିନ୍ତୁ ଏଥିଲାଗି ଉକ୍ତ କ୍ରୀଡ଼ାର ଅନ୍ତର୍ଜାତୀୟ ସଂସ୍ଥା ସହ ପରାମର୍ଶ କରିବାକୁ ପଡ଼ିବ।

ବ୍ୟକ୍ତିଙ୍କ ଦକ୍ଷତା ଓ ସଚ୍ଚୋଟତା ଆଧାରରେ କେନ୍ଦ୍ର ସରକାର ଏନ୍‌ଏସ୍‌ବିର ଚେୟାରମ୍ୟାନ୍ ଓ ଏହାର ସଦସ୍ୟଙ୍କୁ ନିଯୁକ୍ତ କରିବେ। ଏହି ନିଯୁକ୍ତି ସର୍ଚ୍ଚ-କମ୍-ସିଲେକ୍ସନ କମିଟିର ସୁପାରିସ୍ ଆଧାରରେ କରାଯିବ। ସିଲେକ୍ସନ କମିଟିରେ ଚେୟାରମ୍ୟାନ୍ ଭାବେ କ୍ୟାବିନେଟ ସଚିବ କିମ୍ବା କ୍ରୀଡ଼ା ସଚିବ ରହିବେ। ସଦସ୍ୟ ଭାବେ ଭାରତୀୟ କ୍ରୀଡ଼ା ପ୍ରାଧିକରଣ (ସାଇ)ର ନିର୍ଦ୍ଦେଶକ, ଯେକୌଣସି ଜାତୀୟ କ୍ରୀଡ଼ା ମହାସଂଘର ସଭାପତି କିମ୍ବା ସାଧାରଣ ସମ୍ପାଦକ ଭାବେ କାର୍ଯ୍ୟ କରିଥିବା ଦୁଇ କ୍ରୀଡ଼ା ପ୍ରଶାସକଙ୍କ ସହିତ ଦ୍ରୋଣାଚାର୍ଯ୍ୟ କିମ୍ବା ଖେଳରତ୍ନ କିମ୍ବା ଅର୍ଜୁନ ପୁରସ୍କାରପ୍ରାପ୍ତ ଜଣେ ବିଶିଷ୍ଟ କ୍ରୀଡ଼ାବିତ୍ ରହିବେ।



ବିଲ୍ ଉପସ୍ଥାପନ ଅବସରରେ କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ମନସୁଖ ମାଣ୍ଡବ୍ୟ।

### ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲ

କ୍ରୀଡ଼ା ମନ୍ତ୍ରଣାଳୟ ମୁତାବକ, ନିର୍ବାଚନଠାରୁ ଆରମ୍ଭକରି ଚୟନ ଭଳି ୩୫୦ରୁ ଅଧିକ ମାମଲା ଦେଶର ବିଭିନ୍ନ ଅଦାଲତରେ ଚାଲିଛି, ଯାହାକି ଆଥ୍‌ଲେଟ୍ ଓ ଜାତୀୟ କ୍ରୀଡ଼ା ମହାସଂଘର ଉନ୍ନତିରେ ବାଧକ ସାଜୁଛି। ଏଭଳି ସମସ୍ୟାର ସମାଧାନ ଲାଗି ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍‌ରେ ଜାତୀୟ କ୍ରୀଡ଼ା ଟ୍ରିବ୍ୟୁନାଲ(ଏନ୍‌ଏସ୍‌ଟି) ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ରହିଛି। ଏଥିରେ ଜଣେ ଚେୟାରମ୍ୟାନ୍ ଓ ଦୁଇ ସଦସ୍ୟ ରହିବେ। ଟ୍ରିବ୍ୟୁନାଲର ମୁଖ୍ୟ ସୁପ୍ରିମକୋର୍ଟ କିମ୍ବା ହାଇକୋର୍ଟର କାର୍ଯ୍ୟରତ କିମ୍ବା ଅବସରପ୍ରାପ୍ତ ମୁଖ୍ୟ ବିଚାରପତି ହେବେ। ଏନ୍‌ଏସ୍‌ଟି ନିକଟରେ ଏକ ଦେୱାନୀ ଅଦାଲତର କ୍ଷମତା ରହିଛି। ଏଥିସହିତ ଜାତୀୟ ଦଳ ଲାଗି ଖେଳାଳି ଚୟନରୁ ଫେଡେରେଶନର ନିର୍ବାଚନ ସହ ଜଡ଼ିତ ବିବାଦର ସମାଧାନ କରିବାର କ୍ଷମତା ଦିଆଯାଇଛି। ଏହି ଟ୍ରିବ୍ୟୁନାଲର ନିଷ୍ପତ୍ତିକୁ କେବଳ ସୁପ୍ରିମ୍‌କୋର୍ଟରେ ଚ୍ୟାଲେଞ୍ଜ କରାଯାଇ ପାରିବ।

### ଆରଟିଆଇ

ସମସ୍ତ ସ୍ୱୀକୃତିପ୍ରାପ୍ତ ଜାତୀୟ କ୍ରୀଡ଼ା ମହାସଂଘ ସୂଚନା ଅଧିକାର (ଆରଟିଆଇ) ଆଇନ ଅଧୀନରେ ରହିବେ। ସରକାରୀ ପାଣ୍ଠିର ଆବଶ୍ୟକତା ନ ଥିବାରୁ ବିସିସିଆଇ ଆରଟିଆଇ ଅଧୀନରେ ରହିବାକୁ ଦୀର୍ଘବର୍ଷ ହେଲା ବିରୋଧ କରିଆସୁଛି। ହେଲେ ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟ୍‌କୁ ସାମିଲ କରାଯାଇଥିବାରୁ ବିସିସିଆଇକୁ ମଧ୍ୟ ଜାତୀୟ କ୍ରୀଡ଼ା ପ୍ରଶାସନ ଆଇନ ଅଧୀନରେ ରହିବାକୁ ପଡ଼ିବ ଏବଂ ସମସ୍ତ ଆଇନ ପାଳନ କରିବାକୁ ହେବ।

### ଜାତୀୟ କ୍ରୀଡ଼ା ନିର୍ବାଚନ ପ୍ୟାନେଲ (ଏନ୍‌ଏସ୍‌ଇପି)

ଏହି ବିଲ୍‌ରେ ଏକ ଜାତୀୟ କ୍ରୀଡ଼ା ନିର୍ବାଚନ ପ୍ୟାନେଲ(ଏନ୍‌ଏସ୍‌ଇପି) ଗଠନ କରିବାକୁ ପ୍ରସ୍ତାବ ରହିଛି। ଏଥିରେ ଏନ୍‌ଏସ୍‌ବିର ସୁପାରିସ୍‌କ୍ରମେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ) କିମ୍ବା ରାଜ୍ୟ ନିର୍ବାଚନ କମିଶନର ପୂର୍ବତନ ସଦସ୍ୟ କିମ୍ବା ରାଜ୍ୟର ପୂର୍ବତନ ମୁଖ୍ୟ ନିର୍ବାଚନ ଅଧିକାରୀ କିମ୍ବା ଡେପୁଟି ଇଲେକ୍ସନ କମିଶନରଙ୍କୁ କେନ୍ଦ୍ର ସରକାର ନିଯୁକ୍ତ କରିବେ। ସେମାନେ ସମସ୍ତ ଜାତୀୟ ମହାସଂଘର କାର୍ଯ୍ୟକାରୀ ପରିଷଦ ଏବଂ ଜାତୀୟ କ୍ରୀଡ଼ାର ଆଥଲେଟ୍ କମିଟିର ମୁକ୍ତ ଓ ନିରପେକ୍ଷ ନିର୍ବାଚନ ପରିଚାଳନା କରିବେ।

### ସରକାରଙ୍କ ଇଚ୍ଛାଧୀନ କ୍ଷମତା

'ଇଣ୍ଡିଆ' କିମ୍ବା 'ଇଣ୍ଡିଆନ୍' କିମ୍ବା ନ୍ୟାଶନାଲ କିମ୍ବା କୌଣସି ଜାତୀୟ ପ୍ରତୀକ ବ୍ୟବହାର କରିବା ଲାଗି କ୍ରୀଡ଼ା ମହାସଂଘକୁ କେନ୍ଦ୍ର ସରକାରଙ୍କଠାରୁ ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ (ଏନ୍‌ଓସି) ନେବାକୁ ପଡ଼ିବ। କେନ୍ଦ୍ର ସରକାର ଯଦି ତାହାକୁ ସାଧାରଣ ସ୍ୱାର୍ଥ ପାଇଁ ଆବଶ୍ୟକ ବୋଲି ମନେକରନ୍ତି, ତେବେ ଏନ୍‌ଓସି ଦେବେ। ଯଦି ସରକାର ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍‌ରେ ପ୍ରସ୍ତାବିତ କୌଣସି ଅଧିନିୟମକୁ ବାଦ୍ ଦେବାକୁ ଚାହାନ୍ତି, ତେବେ ମଧ୍ୟ ଦେଇପାରିବେ। ଅସାଧାରଣ ପରିସ୍ଥିତିରେ କୌଣସି ଜାତୀୟ ଦଳର ଭାଗନେବା ଉପରେ କଟକଣା ଲଗାଇବା କ୍ଷମତା ସରକାରଙ୍କ ନିକଟରେ ରହିବ।

## ଜାତୀୟ ଡୋପିଂ ନିରୋଧୀ (ସଂଶୋଧିତ) ବିଲ୍ ଆଗତ

ୱାର୍ଲ୍ଡ ଆଣ୍ଟି-ଡୋପିଂ ଏଜେନ୍ସି(ୱାଡା) ସହ ପରାମର୍ଶ ପରେ ସଂଶୋଧନ କରାଯାଇଥିବା ଜାତୀୟ ଡୋପିଂ ନିରୋଧୀ ବିଲ୍‌କୁ କ୍ରୀଡ଼ାମନ୍ତ୍ରୀ ମାଣ୍ଡବ୍ୟ ବୁଧବାର ଲୋକ ସଭାରେ ଆଗତ କରିଛନ୍ତି। ଏହାର ଉଦ୍ଦେଶ୍ୟ ଦେଶର ଡୋପିଂ ନିରୋଧୀ ସଂସ୍ଥା(ନାଡା) କାର୍ଯ୍ୟକଳାପରେ ସରକାରଙ୍କ ହସ୍ତକ୍ଷେପକୁ ରୋକିବା। ଏହି ଆଇନକୁ ୨୦୨୨ରେ ପାରିତ କରାଯାଇଥିଲା। ହେଲେ ଏହାକୁ ୱାଡା ପକ୍ଷରୁ ବିରୋଧ କରାଯିବାରୁ ଏହାର କାର୍ଯ୍ୟକାରିତାକୁ ସ୍ଥଗିତ ରଖାଯାଇଛି। ସଂଶୋଧିତ ବିଲ୍‌ରେ ବୋର୍ଡକୁ ରଖାଯାଇଛି। କିନ୍ତୁ ଏହା ପାଖରେ ନାଡାର କାର୍ଯ୍ୟକଳାପ ତଦାରଖ କରିବା କ୍ଷମତା ରହିବ ନାହିଁ।

## କଳାହାଣ୍ଡି ପାଇଁ ଗୌରବ ଆଣିଲେ ତୀରନ୍ଦାଜ୍ କ୍ଷୀରୋଦ




କ୍ଷୀରୋଦ କୁମାର(ଡାହାଣ)।

ଭୁବନେଶ୍ୱର, ୨୩।୭(ତପନ ସ୍ୱାଇଁ)

ଭାରତର ସର୍ବବୃହତ୍ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ୍ ଲାଞ୍ଜିଗଡ଼ରେ ଏହାର ପ୍ରମୁଖ କ୍ରୀଡ଼ା ତାଲିମ ପଦକ୍ଷେପ ମାଧ୍ୟମରେ କଳାହାଣ୍ଡିର ଯୁବ ତୀରନ୍ଦାଜ୍‌ମାନଙ୍କୁ ସମର୍ଥନ କରିଆସୁଛି। ଏହି ଅଞ୍ଚଳର ଜଣେ ଯୁବ ତୀରନ୍ଦାଜ୍ କ୍ଷୀରୋଦ କୁମାର କୋଲ୍‌କାତାରେ ଅନୁଷ୍ଠିତ ସିବିଏସ୍‌ଇ ପୂର୍ବ ଜୋନାଲ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ୨ ସ୍ୱର୍ଣ୍ଣ ଓ ଗୋଟିଏ ବ୍ରୋଞ୍ଜ ପଦକ ଜିତିଛନ୍ତି। ୧୯ ବର୍ଷରୁ କମ୍ ଭାରତୀୟ ରାଉଣ୍ଡ ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରି କ୍ଷୀରୋଦ ଏକାଗ୍ରତା ପ୍ରଦର୍ଶନକରି ଶ୍ରେଷ୍ଠ ପ୍ରଦର୍ଶନକାରୀ ଭାବେ ଉଭା ହୋଇଛନ୍ତି। ସେ ପୂର୍ବରୁ ଜାତୀୟ ସ୍କୁଲ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ୫ ସ୍ୱର୍ଣ୍ଣ ପଦକ ହାସଲ କରିବା ସହ ଗତ ୩ ବର୍ଷ ଧରି ବେଦାନ୍ତର ତୀରନ୍ଦାଜ ତାଲିମ ପଦକ୍ଷେପ ଅଧୀନରେ ପ୍ରଶିକ୍ଷଣ ଗ୍ରହଣ କରୁଛନ୍ତି। ଏହି ଅବସରରେ ବେଦାନ୍ତ ଆଲୁମିନାର ସିଇଓ ପ୍ରଣବ କୁମାର ଭଟ୍ଟାଚାର୍ଯ୍ୟ କହିଛନ୍ତି, "କ୍ଷୀରୋଦଙ୍କ ସଫଳତା ଆମର ତୃଣମୂଳସ୍ତରରୁ ପରିବର୍ତ୍ତନକାରୀ ପ୍ରଭାବର ଏକ ବଳିଷ୍ଠ ପ୍ରମାଣ। ବେଦାନ୍ତରେ ଆମେ କ୍ରୀଡ଼ା ମାଧ୍ୟମରେ ଗ୍ରାମୀଣ ଯୁବପିଢ଼ିଙ୍କୁ ସଶକ୍ତ କରିବା, ଶୃଙ୍ଖଳା, ଆତ୍ମବିଶ୍ୱାସ ଏବଂ ଜାତୀୟ ଗର୍ବକୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବଦ୍ଧ। ଆମେ କ୍ଷୀରୋଦଙ୍କ ଉତ୍ସର୍ଗୀକୃତ ମନୋଭାବ ଏବଂ ପ୍ରତିଭା ପାଇଁ ଗର୍ବିତ। ଆଗାମୀ ଦିନରେ ଆମେ କଳାହାଣ୍ଡିରୁ ଏପରି ଆହୁରି ଅନେକ ଚାମ୍ପିୟନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ।"

# ଜୟସ୍ୱାଲ, ସୁଦର୍ଶନଙ୍କ ଅର୍ଦ୍ଧଶତକ

## ଚତୁର୍ଥ ଟେଷ୍ଟ

ମାଞ୍ଚେଷ୍ଟର, ୨୩।୭

ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ସିରିଜ୍‌ର ଚତୁର୍ଥ କ୍ରିକେଟ୍ ଟେଷ୍ଟ ବୁଧବାର ଓଲ୍ଡ ଟ୍ରାଫୋର୍ଡ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ପ୍ରଥମ ଦିବସ ଖେଳ ବେଳକୁ ୮୩ ଓଭରରେ ୪ ଉଇକେଟ ହରାଇ ୨୬୪ ରନ୍ ସଂଗ୍ରହ କରିଛି। କରୁଣ ନାୟାରଙ୍କ ସ୍ଥାନରେ ସୁଯୋଗ ପାଇଥିବା ସାଇ ସୁଦର୍ଶନ (୬୧) ଓ ଯୁବ ଓପନର ଯଶସ୍ୱୀ ଜୟସ୍ୱାଲ (୫୮) ଅର୍ଦ୍ଧଶତକ ହାସଲ କରି ଭାରତକୁ ସମ୍ମାନଜନକ ସ୍କୋରରେ ପହଞ୍ଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଲୋକେଶ ରାହୁଲ ୪୬ ରନକରି ଆଉଟ ହୋଇଥିବାବେଳେ ଓ ରିଷଭ ପନ୍ତ ୩୭ ରନକରି ରିଟାୟର୍ଡ ହର୍ଟ ହୋଇଛନ୍ତି। ଏହି ମ୍ୟାଚରେ ଭାରତ ପକ୍ଷରୁ ଅଂଶୁଲ କାମ୍ବୋଜ୍ ଡେବ୍ୟୁ କରିଥିବାବେଳେ ଦୀର୍ଘ ୮ ବର୍ଷ ପରେ ଓ ୧୦୨ ମ୍ୟାଚ ବ୍ୟବଧାନରେ ସ୍ପିନର ଲିଆମ୍ ଡସନ ଇଂଲଣ୍ଡ ଦଳକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଷ୍ଟମ୍ପ ବେଳକୁ ଦୁଇ ଅଲ୍‌ରାଉଣ୍ଡର ରବୀନ୍ଦ୍ର ଜାଡେଜା ଓ ଶାର୍ଦ୍ଦୁଳ ଠାକୁର ୧୯ ରନ ଲେଖାଏ କରି ଅପରାଜିତ ରହଛନ୍ତି। ଇଂଲଣ୍ଡ ପକ୍ଷର ବେନ୍ ଷ୍ଟୋକ୍ସ ୨ଟି ଏବଂ କ୍ରିସ୍ ୱୋକ୍ସ ଓ ଲିଆମ ଡସନ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

### ପନ୍ତ ରିଟାୟର୍ଡ ହର୍ଟ

୬୮ତମ ଓଭରରେ ବୋଲିଂ କରିଥିବା କ୍ରିସ୍ ୱୋକ୍ସଙ୍କ ଏକ ୟର୍କର ଲେନ୍ଥ ବଲ୍‌କୁ ରିଭର୍ସ ସୁଇପ୍ ଖେଳିବାକୁ ଯାଇ ରିଷଭ ପନ୍ତ ଗୁରୁତର ଆହତ ହୋଇଥିଲେ। ବଲ୍ ଖୁବ୍ ଜୋରରେ ବାଜିଥିବାରୁ ଡାହାଣ ଗୋଡ଼ ଗୋଡ଼ ଫୁଲି ଯାଇଥିଲା। କିଛି ରକ୍ତ ମଧ୍ୟ ବାହାରିଥିଲା। ଫିଜିଓ ଆସି ତାଙ୍କୁ ଚିକିତ୍ସା କରିଥିଲେ। ଫିଜିଓଙ୍କ କାନ୍ଧରେ ହାତରଖି ପନ୍ତ ଗୋଟିଏ ଗୋଡ଼ରେ ଡେଇଁଡେଇଁ ଯିବାକୁ ଚେଷ୍ଟା କରିଥିଲେ। ମାତ୍ର ସମ୍ଭବ ହୋଇ ନ ଥିଲା। ଫଳରେ ବ୍ୟାଟେରି ଗାଡ଼ିରେ ପଡ଼ିଆ ବାହାରକୁ ଆସିଥିଲେ। ସେ ୪୮ ବଲ୍‌ରୁ ୩୭ ରନକରି ରିଟାୟର୍ଡ ହର୍ଟ ହୋଇଥିଲେ।

### ସଂକ୍ଷିପ୍ତ ସ୍କୋର

ଭାରତ ପ୍ରଥମ ଇନିଂସ: ୨୬୪/୪ (ସାଇ ସୁଦର୍ଶନ-୬୧, ଯଶସ୍ୱୀ ଜୟସ୍ୱାଲ-୫୮, ଲୋକେଶ ରାହୁଲ-୪୬, ରିଷଭ ପନ୍ତ-୩୭ (ରିଟାୟର୍ଡ ହର୍ଟ), ବେନ୍ ଷ୍ଟୋକ୍ସ-୨/୪୭, କ୍ରିସ୍ ୱୋକ୍ସ-୧/୪୩, ଲିଆମ ଡସନ-୧/୪୫)।

### ଫାରୁଖ୍, ଲୟଡ ଷ୍ଟାଣ୍ଡ

ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମରେ ବୁଧବାର ଲଙ୍କାଶାୟାର କାଉଣ୍ଟି କ୍ରିକେଟ କ୍ଲବ ପକ୍ଷରୁ ପୂର୍ବତନ ଭାରତୀୟ ଉଇକେଟ୍‌କିପର ଫାରୁଖ୍ ଇଞ୍ଜିନିୟର ଓ କିମ୍ବଦନ୍ତୀ ୱେଷ୍ଟଇଣ୍ଡିଜ ଅଧିନାୟକ କ୍ଲାଇଭ୍ ଲୟଡଙ୍କ ନାମରେ ୨ଟି ଷ୍ଟାଣ୍ଡ ନାମିତ କରାଯାଇଛି। ଫାରୁଖ୍ ୧୯୬୮ରୁ ୧୯୭୬ ପର୍ଯ୍ୟନ୍ତ ଲଙ୍କାଶାୟାର ପକ୍ଷରୁ ପ୍ରତିନିଧିତ୍ୱ କରି ୧୭୫ଟି ମ୍ୟାଚ୍ ଖେଳିଛନ୍ତି। ଏହା ମଧ୍ୟରେ ସେ ୫,୯୪୨ ରନ୍ କରିବା ସହ ୪୨୯ଟି କ୍ୟାଚ୍ ନେଇଛନ୍ତି ଏବଂ ୩୫ଟି ଷ୍ଟମ୍ପିଂ କରିଛନ୍ତି। ତାଙ୍କ ଉପସ୍ଥିତିରେ କ୍ଲବ ଦୀର୍ଘ ୧୫ ବର୍ଷର ଟାଇଟଲ ଶୂନ୍ୟତାକୁ ପୂରଣ କରି ୧୯୭୦ରୁ ୧୯୭୫ ମଧ୍ୟରେ ୪ଥର ଜିଲେଟ କପ୍ ବିଜୟୀ ହୋଇଥିଲା।




ପ୍ରଥମ ଦିବସ ବ୍ୟାଟିଂ ଅବସରରେ ଯଶସ୍ୱୀ ଜୟସ୍ୱାଲଙ୍କ ବ୍ୟାଟ୍ ଭାଙ୍ଗିଥିବାବେଳେ ଅମ୍ପାୟର ରଡ୍ ଟୁକର ଚାହିଁ ରହିଛନ୍ତି।

## ଅଳ୍ପକେ ବର୍ତ୍ତିଲେ କବାଡ଼ି ଖେଳାଳି ହୁଡା

**ହରିଦ୍ୱାର,୨୩।୭(ପି.ଟି.):** ଭାରତୀୟ କବାଡ଼ି ଦଳର ପୂର୍ବତନ ଅଧିନାୟକ ତଥା ଅର୍ଜୁନ ପରସ୍କାରପ୍ରାପ୍ତ ଦୀପକ ହୁଡା ବୁଧବାର ଅଳ୍ପକେ ବର୍ତ୍ତିଯାଇଛନ୍ତି। ହରି କି ପାଉରିଠାରେ ଗଙ୍ଗାନଦୀରେ ଗାଧୋଉଥିବା ବେଳେ ନଦୀର ପ୍ରବଳ ସ୍ରୋତରେ ୩୧ ବର୍ଷୀୟ ହୁଡା ଭାସି ଯାଇଥିଲେ। ଘାଟରେ ଲୋକଙ୍କ ପାଟି ଶୁଣିବା ପରେ ଉତ୍ତରାଖଣ୍ଡ ୱାଟର ପୋଲିସର ସନ୍ତରଣକାରୀ ଦଳ ତୁରନ୍ତ ମୋଟର ବୋଟ୍ ସାହାଯ୍ୟରେ ତାଙ୍କୁ ଉଦ୍ଧାର କରିଥିଲା। ହୁଡା ତାଙ୍କ ବନ୍ଧୁମାନଙ୍କ ସହ ହରିଦ୍ୱାର ଆସିଥିଲେ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

## ସିନ୍ଧୁ, ସାତ୍ତ୍ୱିକ-ଚିରାଗ ବିଜୟୀ

**ଚାଙ୍ଗଝୁ, ୨୩।୭ (ପି.ଟି.):** ଚାଇନା ଓପନ୍ ସୁପର ୧୦୦୦ ବ୍ୟାଡ୍‌ମିଣ୍ଟନ ଇଭେଣ୍ଟର ରାଉଣ୍ଡ ଅଫ୍ ୧୬ରେ ପ୍ରବେଶ କରିଛନ୍ତି ପୂର୍ବତନ ବିଶ୍ୱ ଚାମ୍ପିୟନ ପି.ଭି. ସିନ୍ଧୁ। ବୁଧବାର ସେ ଜାପାନର ଟୋମୋକା ମିୟାଜାକିଙ୍କୁ ୨୧-୧୫, ୮-୨୧, ୨୧-୧୭ରେ ପରାସ୍ତ କରିଛନ୍ତି। ବିଶ୍ୱର ୧୫ ନମ୍ବର ଯୋଡ଼ି ଭାରତର ସାତ୍ତ୍ୱିକ ସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ଶେଟ୍ଟୀ ଭଲ ଆରମ୍ଭ କରିଛନ୍ତି। ସେମାନେ ଜାପାନର କେନ୍ୟା ମିତ୍‌ସୁହାଶି ଓ ହିରୋକି ଓକାମୁରାଙ୍କୁ ୨୧-୧୩, ୨୧-୯ରେ ହରାଇ ଦେଇଛନ୍ତି।

# ଫାଇନାଲରେ ଦିବ୍ୟା ଦେଶମୁଖ

ବାଟୁମି(ଜର୍ଜିଆ), ୨୩।୭

ଭାରତୀୟ ଅନ୍ତର୍ଜାତୀୟ ମାଷ୍ଟର ଦିବ୍ୟା ଦେଶମୁଖ ଫିଡେ ମହିଳା ଚେସ୍ ବିଶ୍ୱକପର ଫାଇନାଲରେ ପ୍ରବେଶ କରିଛନ୍ତି। ଏଥିସହ ସେ ୨୦୨୬ ମହିଳା କ୍ୟାଣ୍ଡିଡେଟ୍ସ ଚେସ୍ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପୂର୍ବତନ ବିଶ୍ୱ ଚାମ୍ପିୟନ ଟାନ୍ ଝୋନଗିଙ୍କ ବିପକ୍ଷ ପ୍ରଥମ ମ୍ୟାଚକୁ ଡ୍ର ରଖିଥିବା ଦିବ୍ୟା ଦ୍ୱିତୀୟ ମ୍ୟାଚରେ ବିଜୟୀ ହେବାରୁ ୧.୫-୦.୫ ଏଗ୍ରିଗେଟରେ ଫାଇନାଲରେ ସ୍ଥାନ ସୁରକ୍ଷିତ କରିଛନ୍ତି। ବିଶ୍ୱକପର ଟପ୍-୩ ଫିନିଶର କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ପାଇଁ ଯୋଗ୍ୟତା ପାଇଥାନ୍ତି। ଫାଇନାଲରେ ପ୍ରବେଶ କରିଥିବାରୁ ଦିବ୍ୟା ଅତିକମ୍‌ରେ ରୌପ୍ୟ ପଦକ ନିଶ୍ଚିତ କରିଛନ୍ତି। କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟ ବିଜେତା ମହିଳା ବିଶ୍ୱ ଚାମ୍ପିୟନ ଟାଇଟଲ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିଥାନ୍ତି। ନାଗପୁରର ୧୯ ବର୍ଷୀୟା ଦିବ୍ୟା କ୍ୟାରିୟରର ପ୍ରଥମ ଗ୍ରାଣ୍ଡମାଷ୍ଟର ନର୍ମ ମଧ୍ୟ ଏଠାରେ ହାସଲ କରିଛନ୍ତି। ସେ ଆଉ ୨ଟି ନର୍ମ ହାସଲ କଲେ କିମ୍ବା ମହିଳା ବିଶ୍ୱକପ ଜିତିଲେ ଗ୍ରାଣ୍ଡମାଷ୍ଟର ଟାଇଟଲ ହାସଲ କରିବେ।




# ସେମିରେ କଟକ, କୋରାପୁଟ, ସୁନ୍ଦରଗଡ଼

## ସାହାଣୀ କପ୍ ଫୁଟ୍‌ବଲ

ଭୁବନେଶ୍ୱର, ୨୩।୭(ତପନ ସ୍ୱାଇଁ)

ସାହାଣୀ କପ୍ ସିନିୟର ଆନ୍ତଃଜିଲା ଫୁଟ୍‌ବଲ ଟୁର୍ନାମେଣ୍ଟରେ ବୁଧବାର ରାଜ୍ୟର ୩ଟି ଜୋନ୍ କେନ୍ଦୁଝର, କେନ୍ଦ୍ରାପଡ଼ା ଓ ବ୍ରହ୍ମପୁରରେ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଜୟୀ ହୋଇ କଟକ, କୋରାପୁଟ ଓ ସୁନ୍ଦରଗଡ଼ ଦଳ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ବୌଦ୍ଧରେ ଅନୁଷ୍ଠିତ ୨ଟି ଲିଗ୍ ମ୍ୟାଚ୍‌ରେ ବରଗଡ଼ ଓ ଦେବଗଡ଼ ବିଜୟୀ ହୋଇଛନ୍ତି। ସେମିଫାଇନାଲ ଆସନ୍ତା ୨୬ ଓ ୨୭ ତାରିଖରେ ରାଜକନିକା ଓ ବ୍ରହ୍ମପୁର ଜୋନ୍‌ରେ ଅନୁଷ୍ଠିତ ହେବ। ୨ଟିଯାକ ସେମିଫାଇନାଲ ଅପରାହ୍ନ ୩ଟା ୩୦ରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ରହିଛି।

ବ୍ରହ୍ମପୁର ଜୋନ୍‌ରେ ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ କୋରାପୁଟ ୨-୧ ଗୋଲରେ ଭୁବନେଶ୍ୱରକୁ ପରାସ୍ତ କରିଛି। ସେହିପରି କେନ୍ଦ୍ରାପଡ଼ା ଜୋନ୍‌ରେ କଟକ ୫-୦ ଗୋଲରେ ଝାରସୁଗୁଡ଼ାକୁ ହରାଇ ଦେଇଛି। କେନ୍ଦୁଝର ଜୋନ୍‌ରେ ସୁନ୍ଦରଗଡ଼ ଓ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ନିର୍ଦ୍ଧାରିତ ସମୟରେ ଗୋଲଶୂନ୍ୟ ରହିବାରୁ ଫଳାଫଳ ପାଇଁ ଟାଇବ୍ରେକର ପଦ୍ଧତି ଅବଲମ୍ବନ କରାଯାଇଥିଲା। ଏଥିରେ ସୁନ୍ଦରଗଡ଼ ୩-୧ ଗୋଲରେ ବିଜୟୀ ହୋଇଛି। ବୌଦ୍ଧ ଜୋନ୍‌ରେ ଅନୁଷ୍ଠିତ ୨ଟି ଲିଗ୍ ମ୍ୟାଚ୍‌ରେ ବରଗଡ଼ ୫-୦ରେ ନୟାଗଡ଼କୁ ଏବଂ ଦେବଗଡ଼ ୧-୦ ଗୋଲରେ କଳାହାଣ୍ଡିକୁ ପରାସ୍ତ କରିଛି।

# ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସ: ଭାରତୀୟଙ୍କ ପ୍ରଭାବୀ ପ୍ରଦର୍ଶନ ଜାରି

ଭୁବନେଶ୍ୱର, ୨୩।୭(ତପନ ସ୍ୱାଇଁ)

ଜର୍ମାନୀର ରାଇନେ-ରୁହର୍‌ଠାରେ ଚାଲିଥିବା ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସର ବ୍ୟାଡ୍‌ମିଣ୍ଟନ, ସୁଇମିଂ, ଟାଏକୋଣ୍ଡୋ, ଆର୍ଚେରୀ ଓ ଆଥ୍‌ଲେଟିକ୍ସରେ ଭାରତୀୟ ଖେଳାଳିମାନେ ଭଲ ପ୍ରଦର୍ଶନ କରିଛନ୍ତି। ବ୍ୟାଡ୍‌ମିଣ୍ଟନର ଉଭୟ ସିଙ୍ଗଲ୍ସ ଓ ଡବଲ୍ସରେ ଭାରତୀୟ ଖେଳାଳି ବିଜୟ ହାସଲ କରିଛନ୍ତି। ମହିଳା ସିଙ୍ଗଲ୍ସରେ ଦେବିକା ସିହାଗ ନାଇଜେରିଆର ସି. ଓବାସାନ୍‌ମିଙ୍କୁ ହରାଇ ରାଉଣ୍ଡ ଅଫ୍ ୩୨ରେ ପହଞ୍ଚିଥିବାବେଳେ ଡବଲ୍ସରେ ସିହାଗ ଓ ଅଦିତି ଭଟ୍ଟ ନେପାଳ ପ୍ରତିଦ୍ୱନ୍ଦ୍ୱୀଙ୍କୁ ହରାଇ ରାଉଣ୍ଡ ଅଫ୍ ୬୪ରେ ପ୍ରବେଶ କରିଛନ୍ତି। ପୁରୁଷ ସିଙ୍ଗଲ୍ସରେ ଏ. ଆନନ୍ଦାସ ରାଜକୁମାର ଅଷ୍ଟ୍ରେଲିଆର ଏ. ଓଇଙ୍କୁ ପରାସ୍ତ କରିଛନ୍ତି। ଆର୍ଚେରୀରେ ପ୍ରଣୀତ କୌର ମହିଳା କମ୍ପାଉଣ୍ଡ ଇଭେଣ୍ଟର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ଟାଏକୋଣ୍ଡୋରେ ଭାରତୀୟ ମିକ୍ସଡ ଟିମ୍ ରୋମାନିଆ ଓ ଇକ୍ୱେଡରକୁ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଭାରତୀୟ ସୁଇମର ଶ୍ରୀହରି ନଟରାଜ ୩ଟି ଇଭେଣ୍ଟର ସେମିଫାଇନାଲରେ ପହଞ୍ଚିଛନ୍ତି। ସେହିପରି ରୋହିତ ବେନେଡିକ୍ସନ ମାନିକ୍‌ରାଜ ୫୦ ମିଟର ବଟରଫ୍ଲାଏରେ ନିଜ ଜାତୀୟ ରେକର୍ଡ ଭଙ୍ଗକରି ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ୨୦୦ ମିଟରରେ ଅନିମେଶ କୁଜୁର ସେମିଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରି ଭାରତର ପଦକ ଆଶା ଉଜ୍ଜୀବିତ ରଖିଛନ୍ତି।



ତୀରନ୍ଦାଜୀ ଇଭେଣ୍ଟ ଅବସରରେ ପ୍ରଣୀତ କୌର।

4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ